ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଜୁନିଅର ହକି କପ୍ତାନଙ୍କୁ ଉତ୍ସାହିତ କଲେ ଧୋନି | ୧୧



'ଜଲ୍ଲାଦ'ରୁ କ୍ୟାରିୟର ଆରମ୍ଭ କରିଥିଲେ ରମ୍ଭା | ୧୨


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୭୫ Vol. 20 No-75 6 JUNE 2023 TUESDAY BHUBANESWAR ମଙ୍ଗଳବାର, ୬ ଜୁନ୍ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ବାହାନଗା ଟ୍ରେନ୍ ଟ୍ରାଜେଡି

# ସେଫ୍ଟି କମିଶନଙ୍କ ତଦନ୍ତ ଆରମ୍ଭ



- ୨ ଲୋକୋ ପାଇଲଟଙ୍କ ବୟାନ ରେକର୍ଡ
- ଘଟଣାସ୍ଥଳରେ ସିବିଆଇର ଖୋଳତାଡ଼
- ଜିଆର୍‌ପି ଥାନାରେ ମାମଲା ରୁଜୁ
- ସ୍ଥାନୀୟ ଲୋକଙ୍କୁ ଏସ୍‌ଆର୍‌ସିଙ୍କ ପ୍ରଶଂସା
- ୧୭୦ ମୃତଦେହ ଚିହ୍ନଟ : ମୁଖ୍ୟ ସଚିବ
- ଡିଆରଏମ୍‌ଙ୍କ ଚାଞ୍ଚଲ୍ୟକର ବୟାନ

ଭୁବନେଶ୍ୱର/ବାଲେଶ୍ୱର,୫।୬ (ଭାସ୍କର ନ୍ୟୁଜ୍) : ଗତ ଶୁକ୍ରବାର ରାତିରେ ବାଲେଶ୍ୱର ଜିଲ୍ଲା ବାହାନଗା ଷ୍ଟେସନରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରେଲୱେ ସେଫ୍ଟି କମିଶନର ଶୈଳେଶ କୁମାର ପାଠକ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସେ କହିଛନ୍ତି ଏହି ତଦନ୍ତ ନିରପେକ୍ଷ ହେବ। ସୁରକ୍ଷାରେ କାହିଁକି ଅବହେଳା ହେଲା, କିଏ ଦାୟୀ, ଜାଣିଶୁଣି କୌଣସି କର୍ମଚାରୀ ଏପରି କରିଛନ୍ତି ନା ଏହା ବୈଷୟିକ ତ୍ରୁଟି ତାହା ଉପରେ ଟିକ୍‌ନିଖି ତଦନ୍ତ କରାଯିବ। ତଦନ୍ତ ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପାଠକ କହିଛନ୍ତି। ଅନ୍ୟପକ୍ଷରେ ଏହି ଭୟଙ୍କର ଟ୍ରେନ୍ ଦୁର୍ଘଟଣାକୁ ନେଇ ବାଲେଶ୍ୱର ଜିଆର୍‌ପି ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଜିଆର୍‌ପି ଥାନାର ଏସ୍‌ଆଇ ପପୁ ନାୟକଙ୍କ ପକ୍ଷରୁ ଏହି ଏତଲା ଦିଆଯିବା ପରେ ମାମଲା ରୁଜୁ ହୋଇଛି। ଏହି ଏତଲା ଉପରେ ଆଇପିସିର ଧାରା ୩୩୭, ୩୩୮, ୩୦୪(କ) ଓ ୩୪ଦଫାରେ ମାମଲା ରୁଜୁ କରାଯାଇଥିବା ବେଳେ ରେଲୱେ ଆକ୍ଟ ୧୫୩, ୧୫୪ ଓ ୧୭୫ ଧାରା ଲାଗୁ ହୋଇଛି। ଡିଏସ୍‌ପି ରଣଜିତ ନାୟକଙ୍କୁ ଏହି ମାମଲାର ତଦନ୍ତ ଦାୟିତ୍ୱ ଅର୍ପଣ କରାଯାଇଛି। ରେଳବାଇ ଦାୟିତ୍ୱହୀନତା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଏତଲାରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ବାହାନଗା ଟ୍ରେନ୍ ଟ୍ରାଜେଡିରେ ମୃତ୍ୟୁବରଣ କରିଥିବା ମୃତକଙ୍କ ମଧ୍ୟରୁ ୧୭୦ଜଣଙ୍କ ପରିଚୟ ମିଳିଛି। ଏନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ଶ୍ରୀ ଜେନା କହିଛନ୍ତି ଯେ, ପରିବାରକୁ ମୃତଦେହଗୁଡିକୁ ହସ୍ତାନ୍ତର ପାଇଁ ବ୍ୟବସ୍ଥା କରାଯାଉଛି। ସରକାରଙ୍କ ପକ୍ଷରୁ ମୃତଦେହ ପରିବାର ନିକଟରେ ପହଞ୍ଚାଇବା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି। ଚିହ୍ନଟ ମୃତଦେହଙ୍କ ସାର୍ଟିଫିକେଟ ଖୁବ୍ ଶୀଘ୍ର ପ୍ରଦାନ କରାଯିବ ବୋଲି ଶ୍ରୀ ଜେନା କହିଛନ୍ତି। ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୭୦ଯାତ୍ରୀଙ୍କ ପରିବାରକୁ ରେଳବାଇ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦିଆଯାଇଛି। ଏହି ସହାୟତା ପ୍ରଦାନ ଦିଆଯିବା ସମୟରେ ଦକ୍ଷିଣ ପୂର୍ବ ରେଳପଥର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ସେହିପରି ଏହି ଦୁର୍ଘଟଣାର ୫୦ଘଣ୍ଟା ପରେ ନଷ୍ଟ ହୋଇଥିବା ରେଳଧାରଣାର ମରାମତି କରାଯାଇ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି। ପରୀକ୍ଷାମୂଳକ ଭାବେ ପ୍ରଥମେ ମାଲବାହୀ ଟ୍ରେନ୍ ଚଳାଚଳ କରାଯାଇଥିଲା। ପରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଏହି ରାସ୍ତା ଦେଇ ଯାଇଥିଲା। ତେବେ ଏହାର ଗତି ଘଣ୍ଟାକୁ ୨୦ ରୁ ୩୦କିମି ରହିଥିଲା ବୋଲି ସୂଚନା ମିଳିଛି। ଉଭୟ ଅପ୍ ଓ ଡାଉନ୍ ଲାଇନ୍‌ରେ • ପୃଷ୍ଠା ୮ ଦେଖନ୍ତୁ

## ଆଉ ଏକ ଟ୍ରେନ୍ ଦୁର୍ଘଟଣା

# ମାଲ୍‌ବାହୀ ଟ୍ରେନ୍‌ର ୫ ବଗି ଲାଇନ୍‌ଚ୍ୟୁତ



ବରଗଡ,୫।୬(ଭାସ୍କର ନ୍ୟୁଜ) : ଗତ ଶୁକ୍ରବାର ରାତିରେ ବାଲେଶ୍ୱର ଜିଲ୍ଲା ବାହାନଗାରେ ଘଟିଥିବା ଭୟଙ୍କର ଟ୍ରେନ୍‌ର ଦୁର୍ଘଟଣାର କରାଳ ରୂପ ଲୋକଙ୍କ ମନରୁ ଲିଭି ନଥିବା ବେଳେ ସୋମବାର ବରଗଡ ଜିଲ୍ଲା ମେଣ୍ଢପାଲି ନିକଟରେ ଏକ ମାଲବାହୀ ଟ୍ରେନ୍ ଦୁର୍ଘଟଣା ଗସ୍ତ ହୋଇଛି। ଏହା ଲାଇନ୍‌ଚ୍ୟୁତ ହେବା ଫଳରେ ଏହାର ୫ଟି ବଗି ଓଲଟି ପଡିଛି। ତେବେ ଏଥିରେ କେହି ମୃତାହତ ହୋଇଥିବା ସୂଚନା ମିଳିନାହିଁ। ଏହି ଟ୍ରେନ୍‌ଟି ବରଗଡ ଜିଲ୍ଲା ଡୁଙ୍ଗୁରିରୁ ଚୂନପଥର ନେଇ ଏସ୍‌ସିସି ସିମେଣ୍ଟ କାରଖାନାକୁ ଯାଉଥିଲା। ତେବେ ଏହି ଦୁର୍ଘଟଣା ସହିତ ଭାରତୀୟ ରେଳର କୌଣସି ସଂପର୍କ ନାହିଁ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏହି ମାଲବାହୀ ଟ୍ରେନ୍‌ଟି ଏକ ଘରୋଇ ସିମେଣ୍ଟ କଂପାନୀର। ଏହାକୁ ଚଳାଇବା ପାଇଁ ଯାହାକିଛି ଭିତ୍ତିଭୂମିର ଆବଶ୍ୟକତା ରହିଛି ତାହା ଉକ୍ତ କଂପାନୀ ପକ୍ଷରୁ କରାଯାଇଛି। ସେହି କଂପାନି ଉକ୍ତ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ମଧ୍ୟ କରିଥାଏ। ଅନ୍ୟପକ୍ଷରେ ଗତ ଶୁକ୍ରବାର ବାହାନାଗାଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ୨୭୫ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧ହଜାରରୁ ଅଧିକ ଆହତ ହୋଇଛନ୍ତି। ୩୦୦ରୁ ଅଧିକ ଲୋକ ଏବେ ବି ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସେହିପରି ମୃତକଙ୍କ ମଧ୍ୟରୁ ଅନେକଙ୍କ ମୃତଦେହ ବର୍ତ୍ତମାନ ସୁଦ୍ଧା ଚିହ୍ନଟ କରାଯାଇପାରି ନାହିଁ। ଓଡ଼ିଶା ଇତିହାସରେ ଏହା ସବୁଠାରୁ ବଡ ଦୁର୍ଘଟଣା ବୋଲି କୁହାଯାଉଛି।

## ସଂକ୍ଷେପରେ...

### ରେଣ୍ଡୋ ମାଝୀଙ୍କ ନାମରେ ନାମିତ ହେଲା ଭବାନୀପାଟଣା ମେଡ଼ିକାଲ କଲେଜ

ଭବାନୀପାଟଣା,୫।୬(ଭାସ୍କର ନ୍ୟୁଜ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝୀଙ୍କ ନାମରେ ଭବାନୀପାଟଣା ମେଡ଼ିକାଲ କଲେଜ ନାମିତ ହୋଇଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ୪୮୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ମେଡ଼ିକାଲ କଲେଜରେ ଚଳିତ ଶିକ୍ଷାବର୍ଷରୁ ୧୦୦ ସିଟ୍‌ରେ ନାମ ଲେଖା ହେବ। • ପୃଷ୍ଠା ୮ ଦେଖନ୍ତୁ

### ପରଲୋକରେ ମହାଭାରତର ଶକୁନି



ମୁମ୍ବାଇ,୫।୬: ବି.ଆର. ଚୋପ୍ରାଙ୍କ ମହାଭାରତ ଧାରାବାହିକରେ ଶକୁନି ଭୂମିକାରେ ଅଭିନୟ କରୁଥିବା ଗୁଫି ପେଣ୍ଟାଲଙ୍କର ସୋମବାର ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟଜନିତ ତଥା ଉଚ୍ଚ ରକ୍ତଚାପ ଯୋଗୁ ସେ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହାଛଡ଼ା ତାଙ୍କର ହୃଦଘାତ ସମସ୍ୟା ମଧ୍ୟ ରହିଥିଲା। ତେବେ ଡାକ୍ତରଙ୍କ ଚେଷ୍ଟା ସତ୍ତ୍ୱେ • ପୃଷ୍ଠା ୮ ଦେଖନ୍ତୁ

### ବସ୍ ଧକ୍କାରେ ୩ ମୃତ

ପୁରୀ,୫।୬ (ଭାସ୍କର ନ୍ୟୁଜ): ବସ୍ ଧକ୍କାରେ ୩ ମୃତ । ପୁରୀ ଓଁକାରେଶ୍ୱର ମନ୍ଦିର ନିକଟରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁଘଟଣା। ମୃତକ ୩ ଜଣ ଗଞ୍ଜାମ ଜିଲ୍ଲାର ବୋଲି ଜଣାପଡିଛି। ମୃତକ ହେଉଛନ୍ତି • ପୃଷ୍ଠା ୮ ଦେଖନ୍ତୁ

ସେନ୍‌ସେକ୍ସ: ୬୨,୭୮୭.୪୭

ତାପମାତ୍ରା: ଭୁବନେଶ୍ୱର ସର୍ବାଧିକ: ୩୯.୪ ଡିଗ୍ରୀ ସର୍ବନିମ୍ନ: ୨୮ ଡିଗ୍ରୀ

### ୫।୬ର ମତାମତ

ବାହାନଗା ରେଳ ଟ୍ରାଜେଡିର ସିବିଆଇ ତଦନ୍ତ ଜରୁରି କି ?




### ଆଜିର ପ୍ରସଙ୍ଗ

ଟ୍ରେନ୍ ଦୁର୍ଘଟଣାକୁ ନେଇ ରାଜନୀତି କରାଯିବା ଗ୍ରହଣୀୟ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

# ସରିନି ଦାୟିତ୍ୱ, ନିଖୋଜଙ୍କୁ ଖୋଜିବୁ: ଅଶ୍ୱିନୀ



ଭୁବନେଶ୍ୱର,୫।୬(ଭାସ୍କର ନ୍ୟୁଜ): ବାହାନଗା ରେଳ ଦୁର୍ଘଟଣାରେ ମୋଟ ୨୭୫ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନେକ ଯାତ୍ରୀ ନିଖୋଜ ରହିଥିବା ସୂଚନା ମିଳିଛି। ସେ ନେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୫୧ ଘଣ୍ଟାର ସଂଘର୍ଷ ପରେ ଟ୍ରାକ୍‌ରେ ଟ୍ରେନ୍ ଗଡ଼ିବା ସମ୍ଭବପର ହୋଇପାରିଛି। ତେବେ ଆମ ଦାୟିତ୍ୱ ଏତିକିରେ ଶେଷ ହୋଇନାହିଁ। ରେଳ ଦୁର୍ଘଟଣାରେ ନିଖୋଜ ହୋଇଥିବା ଯାତ୍ରୀଙ୍କୁ ଖୋଜିବା ପାଇଁ ପ୍ରାଥମିକତା ଦିଆଯାଉଛି। ଏ କ୍ଷେତ୍ରରେ ରେଳ ବିଭାଗ ସହାୟତା ଯୋଗାଇ ଦେବ ବୋଲି ସେ କହିଥିଲେ। ସେହିପରି ସାମ୍ବାଦିକମାନେ ଦୁର୍ଘଟଣା ସଂପର୍କରେ ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରୁଥିବାବେଳେ ଶ୍ରୀ ବୈଷ୍ଣବ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଦୁର୍ଘଟଣାରେ ନିଖୋଜ ହୋଇଥିବା ଯାତ୍ରୀଙ୍କୁ ତାଙ୍କ ପରିବାର ଲୋକେ ଯେପରି ଶୀଘ୍ର ଖୋଜି ପାଇବେ ସେ ନେଇ ପ୍ରୟାସ ଆରମ୍ଭ ହୋଇଛି। ଏହି ଦୁର୍ଘଟଣା ଇଣ୍ଟରଲକିଂ ଓ ପଏଣ୍ଟ ମେସିନ୍ ପରିବର୍ତ୍ତନ ଯୋଗୁ ହୋଇଥିବାବେଳେ ଏଥିରେ ଟାମ୍ପରିଂ କରାଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସିଗ୍‌ନାଲ ମିଳିବା ପରେ କରମଣ୍ଡଳ ଏକ୍ସପ୍ରେସ୍‌କୁ ମେନ୍ ଲାଇନରେ ଛଡ଼ା ଯାଇଥିଲା। ମାତ୍ର ଟ୍ରେନ୍ ଲୁପ୍ ଲାଇନକୁ ପ୍ରବେଶ କରିଥିଲା ଏବଂ ମାଲଗାଡ଼ିକୁ ଧକ୍କା ଦେଇଥିଲା। ଯାହାଫଳରେ ଏତେବଡ଼ ଅଘଟଣ ଘଟିଗଲା ବୋଲି ସେ କହିଥିଲେ।

## ଅଣସର ଘରେ ଶ୍ରୀଜିଉ

# ଅଲାରନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



ପୁରୀ,୫।୬ (ଭାସ୍କର ନ୍ୟୁଜ୍) : ରବିବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ କମ୍ପୁଛନ୍ତି ଶ୍ରୀଜିଉ। ସୁସ୍ଥ ହେବା ପାଇଁ ଚାଲିଛି ଗୁପ୍ତ ଉପଚାର। ଶ୍ରୀମନ୍ଦିରରେ ସୋମବାରଠାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ଅଣସର ନୀତି। ପୂଜା ପାଉଛନ୍ତି ପଟି ଦିଅଁ। ଏହି ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ରହିଥିବାରୁ ବ୍ରହ୍ମଗିରିସ୍ଥିତ ଅଲାରନାଥ ପୀଠରେ ଲାଗିଛି ଶ୍ରଦ୍ଧାଳୁଙ୍କ ଭିଡ଼। ଅଲାରନାଥ ପୀଠରେ ଅଣସର ଦର୍ଶନ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ରାତି ସାଢ଼େ ୩ଟାରୁ ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତୀ, ତଡପ ଲାଗି ଓ ଅବକାଶ ବେଶ କରାଯାଇଛି। ସକାଳ ସାଢ଼େ ୫ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଛି। ଅଲାରନାଥଙ୍କୁ ଦର୍ଶନ କରିବା ପାଇଁ ସକାଳୁସକାଳୁ ଭକ୍ତଙ୍କ ଭିଡ ଲାଗି ରହିଥିବା ଦେଖିବାକୁ ମିଳିଥିଲା। ନିର୍ଦ୍ଧାରିତ ସମୟରେ ଅଲାରନାଥଙ୍କ ନୀତିକାନ୍ତି ଚାଲିଥିବା ସୂଚନା ମଧ୍ୟ ମିଳିଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଭିଡ ନିୟନ୍ତ୍ରଣ ପାଇଁ ବାରିକେଡ୍ କରାଯିବା ସହ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ବିଶ୍ୱାସ ରହିଛି ଯେ, ଅଣସର ସମୟରେ ଅଲାରନାଥଙ୍କ ଦର୍ଶନ କଲେ କୋଟି ପୁଣ୍ୟ ମିଳିଥାଏ। ଅନ୍ୟପକ୍ଷରେ ଅଣସର ଘରେ ମହାପ୍ରଭୁଙ୍କ ଗୁପ୍ତ ନୀତି ୧୫ଦିନ ଧରି ଚାଲିବ। ଏହି ୧୫ଦିନ ଶ୍ରୀମନ୍ଦିର ରତ୍ନ ସିଂହାସନରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେବେ ନାହିଁ। ଶ୍ରୀମନ୍ଦିରରେ ଏହି ସମୟରେ ପଟିଦିଅଁ ଦର୍ଶନ ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ପହଣ୍ଡି ନୀତି ଶେଷ ହେବା ପରେ ପଟି ଦିଅଁଙ୍କୁ ବିଜେ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ରବିବାର ମହାପ୍ରଭୁଙ୍କ ହାତୀ ବେଶ ଦେଖିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଶ୍ରୀକ୍ଷେତ୍ରରେ ଜମି ଥିଲା।

## ଆଜି କଟକ ଆସିବେ ମମତା



ଭୁବନେଶ୍ୱର,୫।୬(ଭାସ୍କର ନ୍ୟୁଜ): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର କଟକ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ପଶ୍ଚିମବଙ୍ଗର ୫୩ଜଣ ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପରେ ସେ ଭୁବନେଶ୍ୱର ଯିବେ। ମମତା କହିଛନ୍ତି ଯେ ବାହାନଗା ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପରିବାରବର୍ଗଙ୍କୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ଯୋଗାଇ • ପୃଷ୍ଠା ୮ ଦେଖନ୍ତୁ

## ବୃଦ୍ଧି ପାଉଛି ଆଲୋକ ପ୍ରଦୂଷଣ

# ଗାଏବ୍ ହୋଇଯିବେ ତାରା !

### ୨୦ବର୍ଷ ମଧ୍ୟରେ ଆଉ ଆଖିକୁ ଦେଖାଯିବେନି

### ପରବର୍ତ୍ତୀ ପିଢ଼ି ପାଇଁ ପାଲଟିବ ସପ୍ନ

### ପ୍ରତିବନ୍ଧକ ସାଜୁଛି ଏଲ୍‌ଇଡି, ଉଜ୍ଜ୍ୱଳ ଆଲୋକ

### ଆଲୋକୀକରଣରେ ପରିବର୍ତ୍ତନ ଜରୁରି



ନୂଆଦିଲ୍ଲୀ,୫।୬ : ରାତିରେ ସାଧାରଣତଃ ନିର୍ମଳ ଆକାଶରେ ତାରା ଦେଖିବା ଅନେକ ଲୋକଙ୍କୁ ଶାନ୍ତି ପ୍ରଦାନ କରିଥାଏ। କିନ୍ତୁ ଆଗାମୀ ଦିନରେ ଲୋକେ ଆଉ ଆକାଶରେ ତାରା ଦେଖିବାକୁ ପାଇବେନି। ବୃଦ୍ଧି ପାଉଥିବା ଆଲୋକ ପ୍ରଦୂଷଣ ଯୋଗୁଁ ଆସନ୍ତା ୨୦ବର୍ଷ ମଧ୍ୟରେ ଆକାଶରେ ଝଲମଲ ହେଉଥିବା ତାରା ଗାଏବ ହୋଇଯିବେ। ଫଳରେ ପରପିଢ଼ି ପାଇଁ ତାରା ଦେଖିବା ସ୍ୱପ୍ନ ପାଲଟିବ ବୋଲି ବୈଜ୍ଞାନିକମାନେ ଏବେଠାରୁ ଚେତାଇ ଦେଇଛନ୍ତି। ଗତ କିଛି ବର୍ଷ ହେବ ଦ୍ରୁତ ଗତିରେ ବଢ଼ି ଚାଲିଥିବା ଆଲୋକ ପ୍ରଦୂଷଣ ଏହାର ମୁଖ୍ୟ କାରଣ ବୋଲି ବ୍ରିଟେନର ବୈଜ୍ଞାନିକମାନେ ମତ ପୋଷଣ କରିଛନ୍ତି। ଏହି ବୈଜ୍ଞାନିକମାନେ କହିଛନ୍ତି ଯେ, ୨୦୧୬ ମସିହାରେ ଜ୍ୟୋତିର୍ବିଦମାନେ ପ୍ରସ୍ତୁତ କରିଥିବା ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଦୁନିଆର ପ୍ରାୟ ଏକତୃତୀୟାଂଶ ଲୋକଙ୍କ ପାଖରେ ମିଲ୍କି ୱେ ଗାଲାକ୍ସି ବା ଆକାଶ ଗଙ୍ଗାକୁ ଦେଖିବାର କ୍ଷମତା ଆଉ ନାହିଁ। ଏଲ୍‌ଇଡି ଏବଂ ଅନ୍ୟ ପ୍ରକାରର କୃତ୍ରିମ ଲାଇଟ ଯୋଗୁଁ ରାତିରେ ଆକାଶ ବହୁ ଅଧିକ ମାତ୍ରାରେ ଚମକୁଛି। ବଢୁଥିବା ଆଲୋକ ପ୍ରଦୂଷଣ ପ୍ରତିବର୍ଷ ରାତିର ଆକାଶକୁ ୧୦ପ୍ରତିଶତ ହାରରେ ଆଲୋକିତ କରୁଛି। ଫଳରେ ତାରା ଦେଖିବା ଆଉ ଅନେକଙ୍କ ପକ୍ଷେ ସମ୍ଭବପର ହୋଇପାରୁ ନାହିଁ। ରାତିର ଆକାଶ ଆମ ପରିବେଶର ଏକ ଅଂଶ ହୋଇଥିବା ବେଳେ ଯଦି ଆଗାମୀ ପିଢି ଆକାଶରେ ତାରା ନଦେଖି ପାରିବେ ତେବେ ସେମାନେ ଏଥିରୁ ବଂଚିତ ହେବେ ବୋଲି ସେମାନେ କହିଛନ୍ତି। ୨୫୦ ତାରା ଦୃଶ୍ୟମାନ ହେଉଥିବା ସ୍ଥାନରେ ଏବେ ଯେଉଁ ପିଲା ଜନ୍ମ ନେଉଛି ସେ ୧୮ବର୍ଷରେ ପହଞ୍ଚିବା ବେଳକୁ ମାତ୍ର ୧୦୦ଟି ତାରା ଦେଖି ପାରିବ ବୋଲି ଜର୍ମାନ ସେଣ୍ଟର ଫର୍ ଜିଓ ସାଇନ୍ସର ଜଣେ ବୈଜ୍ଞାନିକ କହିଛନ୍ତି। ସେ କହିଛନ୍ତି କିଛି ଦଶନ୍ଧି ପୂର୍ବରୁ ଲୋକେ ରାତିରେ ଆକାଶରେ ସ୍ପଷ୍ଟ ଭାବରେ ତାରା ଦେଖି ପାରୁଥିଲେ। ହେଲେ ଏବେ ସେ ଦୃଶ୍ୟ ସମସ୍ତଙ୍କ ପାଇଁ ଦୁର୍ଲଭ ପାଲଟିଛି। ତେବେ ଏଥିରେ କିଛି ସୁଧାର ଆଣିବା ନିମନ୍ତେ ପ୍ରସ୍ତାବ ମଧ୍ୟ ରଖାଯାଇଛି। ଆଲୋକୀକରଣରେ ପରିବର୍ତ୍ତନ ହେଲେ ଏହି ପ୍ରତିବନ୍ଧକକୁ ଦୂର କରାଯାଇ ପାରିବ। ବାହାରେ ଲାଗୁଥିବା ଲାଇଟ ଗୁଡିକୁ ତଳ ମୁହାଁ କରାଯିବା, ଲାଇଟର ଉଜ୍ଜ୍ୱଳତାକୁ ସୀମିତ ରଖିବା ତଥା ବ୍ଲୁ ଲାଇଟ ବଦଳରେ ହ୍ୱାଇଟ ଲାଇଟ ବ୍ୟବହାର କରିବା ସହ ଏଥିରେ ଲାଲ କିମ୍ବା • ପୃଷ୍ଠା ୮ ଦେଖନ୍ତୁ

## ଭାରତୀୟ ପାଣିପାଗ ବିଭାଗର ସୂଚନା

# ବିଳମ୍ବରେ ଆସିବ ମୌସୁମୀ



ନୂଆଦିଲ୍ଲୀ/ଭୁବନେଶ୍ୱର,୫।୬ (ବ୍ୟୁରୋ) : ଚଳିତବର୍ଷ ଜୁନ୍ ୪ତାରିଖରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବରୁ ସୂଚନା ଦେଇଥିଲା। ଏପରିକି ଜୁନ୍‌ରେ ନିଅଣ୍ଟିଆ ବର୍ଷା ହେବ ବୋଲି ମଧ୍ୟ କହିଥିଲା। ତେବେ ଆଇଏମ୍‌ଡି ପୁଣି କହିଛି ଯେ, ଚଳିତ ବର୍ଷ ବିଳମ୍ବରେ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବ। ଆରବ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଯୋଗୁଁ ମୌସୁମୀ କେରଳ ଛୁଇଁବାରେ ବିଳମ୍ବ ଘଟିବ। ଆରବ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣି ବଳୟ ୨୪ଘଣ୍ଟାରେ ଲଘୁଚାପରେ ପରିଣତ ହେବ। ଏହାପରେ ଏହା ଉତ୍ତର ଦିଗରେ ଗତି କରି ୪୮ଘଣ୍ଟା ମଧ୍ୟରେ ଅବପାତର ରୂପ ନେବା ସମ୍ଭାବନା ରହିଛି ବୋଲି ପାଣିପାଗ • ପୃଷ୍ଠା ୮ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



କଅଣ ମିଳିବ ନେତାଙ୍କ କଥାରୁ
ଶହେରୁ ସତୁରୀ ଗାଲୁ,
କିଛି ଭଦ୍ରମୁଖା ଚୋର କହୁଛନ୍ତି
ସିରସ୍ତା ଏମିତି ଚାଲୁ ।
ନ ଜଳିଲେ ହୁଲୁହୁଲୁ,
ଭୋଟର ବାପୁଡା କେଉଁ ଚେତିବେନି
ଚେତିବେ ତ ହୁଲୁସ୍ଥୁଲୁ !!

# ରାଜ୍ୟ ଖବର




କୋଣାର୍କ,(ଭାସ୍କର ନ୍ୟୁଜ): କୋଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ନୂଆଗାଁ ପରିସରରେ ବିଶ୍ୱପରିବେଶ ଦିବସ ମହାସମାରୋହରେ ସୋମବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଜାତୀୟ ସବୁଜ ବାହିନୀ, ଭାରତସ୍କାଉଟ ଆଣ୍ଡଗାଇଡ଼, ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ଭୈରବ ସାଧନା କେନ୍ଦ୍ରର ସି. ଆର.ସି.ସି ତଥା କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକା ଭାବେ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ ବ୍ୟାପକ ବୃକ୍ଷ ରୋପଣ ଉପରେ ଆଲୋକପାତ କରିଥିଲେ। ଇକୋ କ୍ଲବ ଅଧିକାରୀ ଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ବ୍ୟାପକ ଫଳ ଗଛ ରୋପଣ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ସମେତ ପ୍ରଧାନ ଶିକ୍ଷକ ବାଲୁକେଶ୍ୱର ବାରିକ,ଏନ. ସି.ସି. ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଶିକ୍ଷକମାନସ କୁମାର ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ।

## ବାମଦେଇପୁରରେ ଦୁଇ ବଖରା ପୋଡ଼ି ପାଉଁଶ



ଏରସମା (ଭାସ୍କର ନ୍ୟୁଜ୍): ଏରସମା ବ୍ଲକ ବାମଦେଇପୁର ପଞ୍ଚାୟତ ବାମଦେଇପୁର ଗାଁରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଜଳିଯାଇଛି। ଆଜି ଧୁ ଧୁ ଖରାବେଳେ ଦିନ ପ୍ରାୟ ୨ଟା ବେଳେ ଶତ୍ରୁଘନ ମହାନ୍ତିଙ୍କ ପୁଅ ରଞ୍ଜନ ମହାନ୍ତିଙ୍କ ଘରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଦକ୍ଷିଣା ପବନ ଯୋଗୁଁ ଚାହୁଁଚାହୁଁ ନିଆଁ ବ୍ୟାପିଯାଇ ତାଙ୍କର ଦୁଇ ବଖରା ପୋଡ଼ି ପାଉଁଶ ହୋଇଯାଇଥିଲା। ଏଥିସହ ଘରେ ଥିବା ଆସବାସପତ୍ର, ଧାନ ଚାଉଳ, ଲୁଗାପଟା ପଡିଯାଇଥିବା ଜଣାପଡିଛି। ଗ୍ରାମର ଲୋକ ସଙ୍କର ମହାନ୍ତି, ବିଚିତ୍ର ମହାପାତ୍ର , ବିମ୍ବାଧର ଦଳାଇ, ସୂର୍ଯ୍ୟକାନ୍ତ ମହାନ୍ତି, ବିଶ୍ୱନାଥ ମହାନ୍ତି, ସୌମ୍ୟରଞ୍ଜନ ଦଳାଇ, ଦେବାଶିଷ ମହାନ୍ତି, ଦେବେନ୍ଦ୍ର ଦଳାଇ, ବିଜୟ ମଲ୍ଲିକ ଓ ଉତ୍ତମ ମହାନ୍ତି ପ୍ରମୁଖ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ସୂଚନା ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ସେତେବେଳକୁ ସବୁ କିଛି ଶେଷ ହୋଇଯାଇଥିଲା। ବାମଦେଇପୁର ପଞ୍ଚାୟତ ସରପଞ୍ଚ ବୈଜୟନ୍ତୀ ମହାନ୍ତି, ସମିତି ସଭ୍ୟ ବିକ୍ରମ ମହାପାତ୍ର, ସମାଜସେବୀ ସୁଦର୍ଶନ ରାଉତ ପ୍ରମୁଖ ବିପନ୍ନଙ୍କ ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇବା ସହ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅଭାବୀ ପରିବାରକୁ ସରକାରୀ ଓ ବେସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀମାନେ ଅନୁରୋଧ କରିଛନ୍ତି।

## ଦାଦାବଟି ମାଗି ୩ ପୁଅ ସମେତ ବାପା ଗିରଫ

କୁକୁଡାଖଣ୍ଡି,(ଭାସ୍କର ନ୍ୟୁଜ୍):ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚାପଡା ଚୁଆବନ୍ଧ ନିକଟରେ ଜଣେ ଆଖୁରସ ବେପାରୀଙ୍କୁ ଦାଦାବଟି ମାଗିବା ସହ ମାଡ଼ ମାରିବା ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ତିନି ପୁଅ ସହ ବାପାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲୋଚାପଡା ଗଣେଶ ମାର୍ଗର ଭଜରାମ ମେହେର(୫୭) ଓ ତାଙ୍କ ତିନି ପୁଅ କାର୍ତ୍ତିକେଶ୍ୱର ମେହେର (୨୫), ସତ୍ୟନାରାୟଣ ମେହେର (୨୧), ଗୋପାଳ କ୍ରିଷ୍ଣା ମେହେର (୨୩) ବୋଲି ଜାଣିବାକୁ ମିଳିଛି। ତେବେ ଘଟଣା ଅନୁଯାୟୀ ଜାଣିବାକୁ ମିଳିଛିଯେ, ଲୋଚାପଡ଼ା ଚୁଆବନ୍ଧ ନିକଟରେ ଶୁଭଚନ୍ଦ୍ର ସେଠି ଆଖୁ ରସ ବିକ୍ରି କରୁଥିବା ସମୟରେ ମେ ୩୦ ତାରିଖ ଅପରାହ୍ଣରେ ଭଜରାମ ଓ ତାଙ୍କର ତିନି ପୁଅ ଆସି ଶୁଭଚନ୍ଦ୍ରଙ୍କ ଠାରୁ ଆଖୁରସ ପିଇଥିଲେ କିନ୍ତୁ ଟଙ୍କା ଦେଇନଥିଲେ। ଟଙ୍କା ମାଗିବାରୁ ସେମାନେ ଓଲଟି ଟଙ୍କା ନଦେଇ ସେଠାରେ ବିକ୍ରି କରୁଥିବା କାରଣରୁ ତାଙ୍କୁ ଦାଦା ବଟି ମାଗିଥିଲେ। ସେ ଦାଦାବଟି ଦେବା ପାଇଁ ମନା କରିବାରୁ ଏକ ଲାଠିରେ ଉକ୍ତ ବେପାରୀଙ୍କୁ ଆକ୍ରମଣ କରିଥିଲେ। ନିମଖଣ୍ଡି ପୋଲିସ ଥାନା କେସ ନଂ ୧୬୮/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି ।

## ଲୋହରା ସାଜିଛି ଭୋକିଲା ପେଟ



ଝରିଗାଁ, (ଭାସ୍କର ନ୍ୟୁଜ୍): ନଯୋଜନା ଏମିତି ଅନେକ ରହିଛି, କହିବାକୁ ଗଲେ ଯଦି ଏ ସବୁ ଯୋଜନା ସଠିକ କାର୍ଯ୍ୟକାରୀ ତଥା ରୂପାୟନ ହୋଇପାରିବ ତା'ହେଲେ କେହି ଗରିବ ହିଁ ରହିବେନି କିନ୍ତୁ ଯୋଜନାକୁ ସଠିକ କାର୍ଯ୍ୟକାରୀ କରିବା ଲାଗି ଦାୟିତ୍ୱ ବାନ ଅଧିକାରୀଙ୍କ ଅବହେଳା କିମ୍ବା ଅଣଦେଖା କାରଣରୁ ଯୋଜନା ଫେଲ ମରିବା ସାଙ୍ଗକୁ ଅନେକ ହିତାଧିକାରୀଙ୍କୁ ଏଥିରୁ ବଞ୍ଚିତ ରହି ବେଳେ ବେଳେ ଉପବାସରେ ରହିବାକୁ ପଡିଥାଏ। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତ ଅନ୍ତର୍ଗତ ରେଖାମାଳ ଗ୍ରାମରେ,ବୟସ ପାଖାପାଖି ଅଶି ଛୁଇଁବ, ହାତରେ ବାଡ଼ି ଟିଏ ନ ଧରିଲେ ପାହୁଣ୍ଡେ ଚାଲି ପାରୁନଥିବା। ଏହି ଅସହାୟ ବୃଦ୍ଧ ମଣିଷ ଟିଏ ଆଜି ସରକାରକୁ ଗୁହାରି କରି କରି ଥକି ପଡ଼ିଲାଣି ହେଲେ ଆଜି ବି ଏହି ଅସହାୟ ବୃଦ୍ଧ ଜଣଙ୍କୁ ସାଧାରଣ ଖାଦ୍ୟସୁରକ୍ଷା ଯୋଜନାରେ ସାମିଲ କରାଗଲା ନାହିଁକି ମାସିକ ବାର୍ଦ୍ଧକ୍ୟ ଭତ୍ତା ଟିକକ ବି ମିଳିଲା ନାହିଁ, ଆଉ କେତେଦିନ ସରକାରୀ ଦପ୍ତରକୁ ଯାଇ ଗୁହାରି କରିବେ, ଯିଏ ନିଜ ପାଦରେ ଚାଲିବା କଷ୍ଟକର ହୋଇପଡୁଛି। ସେ ପୁଣି କିଭଳି ବାରମ୍ବାର ବ୍ଲକ, ପଞ୍ଚାୟତକୁ ଯାଇ ଜୁହାର ହେଉଥିବେ, ଶେଷରେ ଏହି ଅସହାୟ ମଣିଷଟା ଥକି ପଡି ଏବେ ଭାଗ୍ୟକୁ ଆଦରି ନିରବ ହୋଇଯାଇଛି। ତେବେ କହିବାକୁ ଗଲେ ଧିକ ଏହି ବ୍ୟବସ୍ଥା ଆଉ ଧିକ ଏହି ଯୋଜନା, ଏଭଳି ଦୟନୀୟ ସ୍ଥିତିରେ ଜୀବନ ବିତାଉଥିବା ବୃଦ୍ଧ ଜଣକ ହେଲେ କୁଟ୍ରିଛାପର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗ୍ରାମର କେଶବ ଲୋହରା ତା ଦଦରା ଶରୀରରେ ଜୀବନଟା ଉହଳ ବିକଳ ହେଉଥିବା ବେଳେ ପେଟ ଚା'ଖଣ୍ଡକ ପାଇଁ ଲୋହରାଶାଳ ତାର ଏକ ମାତ୍ର ଭରସା ସାଜିଛି। ବର୍ତ୍ତମାନ ପରିବାରରେ ସ୍ୱାମୀ ସ୍ତ୍ରୀ ଦୁଇଜଣ ରହୁଥିବା ବେଳେ, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସ୍ତ୍ରୀଙ୍କୁ ମିଳୁଥିବା ପାଞ୍ଚ କେଜି ଚାଉଳକୁ ପେଟ ପୁରୁକି ନ ପୁରୁ ମୁଠାଏ ଲେଖାଏଁ ଖାଇଲେ ବି ଦଶଦିନ ମଧ୍ୟରେ ସେତକ ସରିଯାଇଥାଏ। ତେବେ ଗ୍ରାମବାସୀ କହନ୍ତି ଏମାନଙ୍କ ପରିସ୍ଥିତିକୁ ଦେଖି କିଏ କେତେବେଳେ ମୁଠାଏ ଖାଇବାକୁ ଦେଲେ ଏମାନେ ଚଳନ୍ତି। ଏପଟେ ସରକାର ନିଷ୍ପତି ନେଇଛନ୍ତି। କେହି କେବେ ଉପବାସରେ ରହିବେ ନାହିଁ ସେଥିପାଇଁ ମାସିକ ପ୍ରତି ଗରିବବର୍ଗର ପରିବାରର ସଦସ୍ୟଙ୍କୁ ମୁଣ୍ଡ ପିଛା ପାଞ୍ଚକେଜି ଚାଉଳ ଯୋଗେଇଦିଆଯିବ। ତେବେ ଏହି କେଶବ ଲୋହରା କେଉଁ ବର୍ଗର ଆଉ କାହିଁକି ତାକୁ ଆଜିଯାଏଁ ଅବହେଳା କରାଯାଇଛି ତେଣୁ ଗ୍ରାମବାସୀ ସରକାରଙ୍କୁ ଗୁହାରି କରିଛନ୍ତି କି କେଶବର ପରିସ୍ଥିତିକୁ ଅନୁଧ୍ୟାନ କରି ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବା ସହ ବାର୍ଦ୍ଧକ୍ୟ ଭତ୍ତା ଯୋଗେଇ ଦିଆଯାଉ। ତେବେ ଏ ସମ୍ପର୍କରେ ସ୍ଥାନୀୟ କୁଟ୍ରିଛାପର ସରପଞ୍ଚ ବୃନ୍ଦି ସାନ୍ତାଙ୍କୁ ପଚାରିବାରୁ ସେ ଅଧିକାରୀଙ୍କୁ ଅବଗତ କରେଇ ତୁରନ୍ତ ଆବଶ୍ୟକୀୟ ସୁବିଧା ଯୋଗେଇଦେବେ ବୋଲି କହିଛନ୍ତି।

## ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ ବନଖଣ୍ଡର ଓଡ଼ିଶା ଜଙ୍ଗଲ ଓ ପରିବେଶ ତଥା ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପରିଚାଳିତ ବିଶ୍ୱ ପରିବେଶ ଦିବସ ଆଜି ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆଜି କରଞ୍ଜିଆ ନଗର ବନ ପ୍ରକଳ୍ପ ମଧ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ଯୋଗେଶ୍ୱର ମହାନ୍ତ ଯୋଗଦେଇ ଏହି ଦିବସର ମହତ୍ତ୍ୱ ବିଷୟରେ ଆଲୋକପାତ କରିବା ସହ ପରିବେଶ ସୁରକ୍ଷିତ ରହିଲେ ମଣିଷ ସମାଜ ସୁରକ୍ଷିତ ରହିବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ମଧ୍ୟରେ ବୃକ୍ଷ ରୋପଣ କରାଯାଇଥିଲା। ସହକାରୀ ବନଖଣ୍ଡ ଅଧିକାରୀ ଫାଲଗୁନୀ ବେହେରା ଓ ମଦନମୋହନ ମହାନ୍ତ, କରଞ୍ଜିଆ ବନାଞ୍ଚଳ ଅଧିକାରୀ ପ୍ରବୀର କୁମାର ମୁର୍ମୁ,ଦୁଧିଆଣୀ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ପୃଷ୍ଟି, ବନପାଳ ସୁରମୋହନ ବେହେରା, ପ୍ରକଳ୍ପ ସଂଯୋଜକ ରାଜେନ୍ଦ୍ର କୁମାର ବେହେରା, ଅକ୍ଷୟ କୁମାର ମହାନ୍ତ ଏବଂ ତିଳୋତ୍ତମା ମହାନ୍ତଙ୍କ ସହ କରଞ୍ଜିଆ ଏବଂ ଦୁଧିଆଣୀ ବନାଞ୍ଚଳର ବନପାଳ ଏବଂ ବନରକ୍ଷୀ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ।

## ରେଳ ଦୁର୍ଘଟଣାରେ ମୃତକଙ୍କ ପାଇଁ ଶୋକପାଳନ ଓ ସମୂହ ଦୀପଦାନ



ରାଜନଗର,(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ବାହାନଗା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ଖାଲି ଓଡିଶା ନୁହେଁ, ଭାରତର ଅନ୍ତରାତ୍ମାକୁ ମଧ ସ୍ତବ୍ଧ ଚକିତ କରିଦେଇଛି। ଓଡ଼ିଶାର ସମସ୍ତ ଅଞ୍ଚଳ, ସହରବଜାର,ଗାଁ ଗହଳିରେ ଶୋକାକୁଳ ପରିବେଶ ମଧ୍ୟରେ ମୃତ ରେଳଯାତ୍ରୀମାନଙ୍କ ଅମର ଆତ୍ମାର ସଦ୍‌ଗତି ଓ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନାର ମର୍ମ ବିଦାରକ କରୁଣ ଦୃଶ୍ୟ ଦେଖିବାକୁ ମିଳୁଛି । ଏହି ଘଟଣାକ୍ରମେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ୍ ସଦର ମହକୁମା ଷ୍ଟେଟବ୍ୟାଙ୍କ ଛକ ନିକଟସ୍ଥ ବ୍ଲକ୍ ସାମ୍ବାଦିକ ସଂଘ, ରାଜନଗର କାର୍ଯ୍ୟାଳୟ ପରିସରରେ ଆଜି ଦିବା ୧୧ଟା ସମୟରେ ସାମ୍ବାଦିକ ସଂଘ ତରଫରୁ ଏହି ଦୁର୍ଘଟଣାରେ ମୃତ ରେଳଯାତ୍ରୀମାନଙ୍କ ଅମର ଆତ୍ମାର ସଦ୍ ଗତି ନିମନ୍ତେ ନୀରବ ପ୍ରାର୍ଥନା ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ଆହତ ବ୍ୟକ୍ତିମାନଙ୍କ ପାଇଁ ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ଏଥିରେ ସାମ୍ବାଦିକ ସଂଘର ସମସ୍ତ ସଦସ୍ୟ, ଶିକ୍ଷାବିତ, ଆଇନଜୀବୀ, ସ୍ୱେଚ୍ଛାସେବୀ ଓ ଗଜାନନ ମାର୍କେଟର ବ୍ୟବସାୟୀମାନେ ଯୋଗ ଦେଇଥିଲେ। ସେହିପରି ସନ୍ଧ୍ୟାରେ ରାଜନଗର ଜୟଦୁର୍ଗା ବଣିକସଂଘର ବ୍ୟବସାୟୀ ଭାଇମାନେ ଓ ଗୋପବନ୍ଧୁ ଜନସେବା ସଂଘ, ସାନବଡ ଗୋପାଳପୁରର ସମସ୍ତ ସ୍ୱେଚ୍ଛାସେବୀ ତ୍ରିନାଥ ବଜାର, ରାଜନଗର ବଜାର ପରିକ୍ରମା କରି ମୃତ ବ୍ୟକ୍ତିମାନଙ୍କ ସଦ୍‌ଗତି ଉଦ୍ଦେଶ୍ୟରେ ଜଗନ୍ନାଥ ମନ୍ଦିରରେ ସମୂହ ଦୀପଦାନ ଓ ନୀରବ ପ୍ରାର୍ଥନା କରିଥିଲେ। ରାଜନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧ ଏହି ମର୍ମନ୍ତୁଦ ଘଟଣାକୁ ନେଇ ଶୋକ ପ୍ରକାଶ ପାଇଛି।

## ରେଳ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

କରଞ୍ଜିଆ,(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ବାହାନଗା ଠାରେ ଗତ ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା ଭୟାବହ ରେଳ ଦୁର୍ଘଟଣାରେ ମୃତକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଆଜି ଅପରାହ୍ଣରେ କରଞ୍ଜିଆ ଏନ୍ ଏ ସି ପକ୍ଷରୁ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଏନ୍ ଏ ସି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପାଧକ୍ଷ ସ୍ୱରୁପ କୁମାର ପରିଜାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୃତକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଦୀପ ପ୍ରଜ୍ୱଳନ ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ବିଜେଡ଼ି ସହର ସଭାପତି ନିତ୍ୟାନନ୍ଦ ଦାସ, ରାଜ୍ୟ ବିଜୁ ସେତୁ ଯୋଜନା ଉପଦେଷ୍ଟା ଦିଲ୍ଲୀପ କୁମାର ସାହୁ, ବରିଷ୍ଠ ନେତା ଗିରିଧାରୀ ପୃଷ୍ଟି, ଏନ୍ ଏ ସି ଅଧକ୍ଷା ପପି ପୃଷ୍ଟି, କାଉନସିଲର ନମିତା ଘଣ୍ଟିଆଳି, ବିଜୟ ନାଏକ, ଟୁକୁ ମହାନ୍ତ, ଜିଲ୍ଲା ସମ୍ପାଦକ ମହେଶ୍ୱର ନାୟକ, ଜିଲ୍ଲା ଛାତ୍ର ସଭାପତି ଅନିଶ ମାନ୍ନା ତଥା ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ପରେ ସମସ୍ତ ସଦସ୍ୟ ପଦଯାତ୍ରାରେ ଆସି ପୁର୍ଣ୍ଣେଶ୍ୱର ମନ୍ଦିର ଠାରେ ମଧ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃମଣ୍ଡଳୀ ମୃତକଙ୍କ ପରିବାରକୁ ଭଗବାନ ସାନ୍ତ୍ୱନା ଦିଅନ୍ତୁ ଏବଂ ଆହାତଙ୍କ ଶିଘ୍ର ଆରୋଗ୍ୟ କାମନା କରିବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## ଜିଲ୍ଲାପାଳଙ୍କ ଜନଶୁଣାଣିରେ ବାରମ୍ବାର ଦେଖିବାକୁ ମିଳୁଛି ପୁରୁଣା ମୁହଁ




ରଘୁନାଥପୁର,(ଭାସ୍କର ନ୍ୟୁଜ): ସରକାରଙ୍କ କଡା ନିର୍ଦ୍ଦେଶାନୁଯାୟୀ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ରେ ୨/୩ମାସ ମଧ୍ୟରେ ଗୋଟିଏ ଥର ଜିଲ୍ଲାପାଳଙ୍କ ଜନ ସାଧାରଣଙ୍କ ଠାରୁ ସେମାନଙ୍କ ଅଭିଯୋଗର ଶୁଣାଣି କରାଯାଉଛି। ତେବେ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନଙ୍କ ଖାମଖିଆଲି ମନୋବୃତ୍ତି ଯୋଗୁ ସମାଧାନ ହୋଇପାରୁନାହିଁ ଅଭିଯୋଗକାରୀଙ୍କ ସମସ୍ୟା। ପ୍ରକାଶଥାଉକି, ଆଜି ସୋମବାର ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ଜ୍ୟୋତି ମହାସଂଘ ସଭାଗୃହରେ ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। କେତେକ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ରଘୁନାଥପୁର ବ୍ଲକସ୍ତରୀୟ ଅଧିକାରୀବୃନ୍ଦ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ଦିନକୁ ଦିନ ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗକାରୀଙ୍କ ସଂଖ୍ୟା କମିଚାଲିଛି। ଯାହାଙ୍କୁ ଦେଖିବାକୁ ମିଳୁଛି ସେହି ବ୍ୟକ୍ତି ବାରମ୍ବାର ବିଗତ ଦିନରେ ମଧ ନିର୍ଦ୍ଦିଷ୍ଟ ଅଭିଯୋଗ ପାଇଁ ଆସିଥିବା ଓ ଜିଲ୍ଲାପାଳଙ୍କ ଆଦେଶ ସତ୍ତ୍ୱେ ତାହା ସମାଧାନ ହୋଇନଥିବା ଦେଖିବାକୁ ମିଳିଛି। ଆଜିର ଏହି ଶିବିରରେ ୪୩ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଉକ୍ତ ଅଭିଯୋଗ ଗୁଡିକ ମଧ୍ୟରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବାୟୋମେଟ୍ରିକ ସିଷ୍ଟମ, ସିସିଟିଭି କ୍ୟାମେରା ଲଗାଯିବା, ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ରହିଥିବା କର୍ମଚାରୀଙ୍କ ବଦଳି, ବିଧବା ଭତ୍ତା, ଜମିଜମା ସଂକ୍ରାନ୍ତୀୟ ମାମଲା ଆଦି ସ୍ଥାନ ପାଇଥିଲା।

## ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଉତ୍ତର ଘୁମୁସର ବନଖଣ୍ଡ ଜଗନ୍ନାଥପ୍ରସାଦ ବନାଞ୍ଚଳରେ ଥିବା ଗେରେଡା ସେକସନର ସମ୍ବରବନ୍ଧ ସ୍ଥାୟୀ ନର୍ସରୀ ଠାରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବିଶ୍ୱ ପରିବେଶ ଦିବସର ଆୟୋଜନ କରାଯାଇଥିଲା। ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରାଙ୍କ ନିର୍ଦ୍ଦେଶ ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ଉମାକାନ୍ତ ଦାସଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଶୂଳପାଣି ଶତପଥୀ, ଲକ୍ଷ୍ମୀ କାନ୍ତ ରାଉତରାୟ, ଲୋକନାଥ ଆଚାର୍ଯ୍ୟ, ପ୍ରଫୁଲ୍ଲ ନାୟକ ଓ ନିରଞ୍ଜନ ନାଇକ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ 'ପ୍ଲାଷ୍ଟିକ କୁନା' ଓ 'ପରିବେଶ ଅନୁକୂଳ ଜୀବନ ଶୈଳି' ସମ୍ପର୍କିତରେ ଆଲୋଚନା ଚକ୍ର ଏବଂ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବନ ସୁରକ୍ଷା ସମିତିର ସଭ୍ୟସଭ୍ୟାମାନଙ୍କୁ ବୁଝାଇଥିଲେ ।

## ରେଳ ଦୁର୍ଘଟଣାରେ ମୃତକ ପରିବାରକୁ ଭେଟିଲେ ସାଂସଦ



ଧାମନଗର, (ଭାସ୍କର ନ୍ୟୁଜ୍): ବାହାନଗା ଠାରେ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ଧାମନଗର ବ୍ଲକ ଅନ୍ତର୍ଗତ ଖପରପଦା ପଞ୍ଚାୟତର ଅମୀୟ ବନ୍ଧ (୬୩)ଙ୍କ ମୃତ୍ୟୁ ହୋଇଥିବା ବେଳେ ଅର୍ଜୁନପୁର ପଞ୍ଚାୟତ ବାଲିପାଟଣା ଗ୍ରାମର ଅରୁଣ ନାୟକଙ୍କ ସାନପୁଅ ଆଲୋକ ନାୟକ (୨୬)ଙ୍କ ଅକାଳ ମୃତ୍ୟୁ ହୋଇଥିବା ବେଳେ ସେହି ପଞ୍ଚାୟତର ମନୋରଞ୍ଜନ ବିଶ୍ୱାଳଙ୍କ ପୁଅ ସ୍ୱାଧୀନ ବିଶ୍ୱାଳ (୨୯) ଗୁରୁତର ଆହତ ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅର୍ଜୁନ ପୁର ପଞ୍ଚାୟତ ବାଲିପାଟଣା ଗ୍ରାମର ମୃତକ ଓ ଆହତ ପରିବାରକୁ ଭଦ୍ରକ ସାଂସଦ ମଞ୍ଜୁ ଲତା ମଣ୍ଡଳ ଉଭୟ ପରିବାରକୁ ଭେଟି ସ୍ୱର୍ଗତ ଅଲୋକଙ୍କ ଫୋଟୋ ଚିତ୍ରରେ ପୁଷ୍ପ ଅର୍ପଣ ସହ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିବା ବେଳେ ଆହତ ସ୍ୱାଧୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ସାଂସଦଙ୍କ ସହିତ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧୁଷୁରୀ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ଉପସ୍ଥିତ ଥିଲେ। ସେହିପରି ଧୁଷୁରି ଠାରେ ମୃତକଙ୍କ ଆତ୍ମର ସଦ ଗତି ନିମନ୍ତେ କ୍ୟାଣ୍ଡଲ ଶୋଭାଯାତ୍ରା କରାଯାଇ ଥିଲା ଏଥିରେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଅଶୋକ ନାୟକ, ସମାଜସେବୀ ଡ଼ା, ସଞ୍ଜୟ ଦାସ, ଧୁଷୁରି ସେବା ସମବାୟ ସମିତି ସଭାପତି ସନ୍ଦୀପ ସ୍ୱାଇଁ, ଦଳାଙ୍ଗ ସେବା ସମବାୟ ସମିତି ସଭାପତି ସଞ୍ଜୟ ମହାପାତ୍ର , ବିଜେଡ଼ି ଯୁବ ସଭାପତି ଭାରତ ବିଜୟ ଦଳାଇ ସମେତ ଶତାଧିକ ବେକ୍ତି ଏହି କେଣ୍ଡଲ ଶୋଭା ଯାତ୍ରାରେ ସାମିଲି ହୋଇ ଥିଲେ। ସେହିପରି ଧାମନଗର ଠାରେ ବିଜୁ ଜନତାଦଳ ଓ ଧାମନଗର ନଗରର କାଉନ୍ସିଲରମାନଙ୍କ ପକ୍ଷରୁ ଲେଣ୍ଡଲ ଶୋଭାଯାତ୍ରା କରାଯାଇଥିଲା। ଧାମନଗରସ୍ଥିତ ଅବଦୁଲ କାଲାମଙ୍କ ପ୍ରତି ମୂର୍ତ୍ତୀ ଠାରୁ ସାନ ବଜାର ବିଜୁ ପଟ୍ଟନାୟକ ପ୍ରତି ମୂର୍ତ୍ତୀ ପର୍ଯ୍ୟନ୍ତ କେଣ୍ଡଲ ଶୋଭା ଯାତ୍ରା କରାଯାଇଥିଲା। ଏଥିରେରେ ବିଜେଡ଼ିର ପର୍ଯ୍ୟବେକ୍ଷକ ସରୋଜ ମହାପାତ୍ର, ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ଅଶୋକ ନାୟକ, ଏନ୍ଏସିର ଅଧକ୍ଷା ନିବେଦିତା ଜେନା, ଉପାଧକ୍ଷ ୱାସିମି ଏସ ଦାନି କାଦିରୀ, ସାଂସଦ ପ୍ରତିନିଧି ଜଗଦୀଶ ପାତ୍ର, ବିଜେଡ଼ି ନଗର ସଭାପତି ଶୁଶାନ୍ତ ରାଉତ, ନଗର ଯୁବ ସଭାପତି ସେକ ସୈଫୁଦ୍ଦିନି, ଛାତ୍ର ସଭାପତି ତୁଷାର ମହାପାତ୍ର ପ୍ରମୁଖ ଏହି କେଣ୍ଡଲ ଶୋଭାଯାତ୍ରାରେ ସାମିଲି ହୋଇ ଥିଲେ ।

## ଭକ୍ତ ଦାସିଆ ପୀଠରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ



ଡେଲାଙ୍ଗ,(ଭାସ୍କର ନ୍ୟୁଜ୍): ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ବାଲିଗାଁ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପରମ୍ପରା ଅନୁଯାୟୀ ରବିବାର ଦିନ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସକାଳେ ସ୍ନାନମଣ୍ଡପ ଶୋଧ କରାଯାଇ ପ୍ରତିଷ୍ଠା କରାଯାଇଥିଲା। ପରେ ମଙ୍ଗଳ ଆଳତି କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗୋଟି ପହଣ୍ଡି କରାଯାଇ ସ୍ନାନ ମଣ୍ଡପରେ ବିଜେ କରାଯାଇଥିଲା। ଏହି ସମୟରେ ତ୍ରାସ, ଛତ୍ରୀ, ଚାମର, ବିଞ୍ଚଣା, ଶଙ୍ଖ, କାହାଳି ସାଙ୍ଗକୁ ଘଣ୍ଟ, କୀର୍ତ୍ତନ ଧ୍ୱନିରେ ଚତୁଃପାର୍ଶ୍ୱ ପ୍ରକମ୍ପିତ ହୋଇ ଉଠିବା ସହ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିର ପରିସରରେ ଥିବା କୂଅରୁ ୧୦୮ ଗରା ସୁବାସିତ ଜଳ ଅଣାଯାଇ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ କରାଯିବା ପରେ ପ୍ରଭୁଙ୍କୁ ନୂତନ ବସ୍ତ୍ର ପରିଧାନ କରାଯାଇ ତୁଳସୀ ଓ ପଦ୍ମ ଫୁଲରେ ସୁସଜ୍ଜିତ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ପୂଜକ ଲକ୍ଷ୍ମୀଧର ପାଢ଼ୀ, ତପନ କୁମାର ପଣ୍ଡା, ପ୍ରେମାନନ୍ଦ ଷଡ଼ଙ୍ଗୀ, ସତ୍ୟଜିତ ପାଢ଼ୀ, ପ୍ରହଲ୍ଲାଦ ମିଶ୍ର, ଲକ୍ଷ୍ମୀଧର ଦୀକ୍ଷିତ ପ୍ରମୁଖ ପ୍ରଭୁଙ୍କ ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ଟ୍ରଷ୍ଟି ଚିତ୍ତରଞ୍ଜନ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ସବିତା ମିଶ୍ର କର୍ତ୍ତାକର୍ତ୍ତି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଭକ୍ତ ଦାସିଆ ସ୍ମୃତି କମିଟିର ସଭାପତି ଡ଼. ପ୍ରତିଭା ମହାରଥୀ, ଏମ୍ସ ହସ୍ପିଟାଲର ପୂର୍ବତନ ନିର୍ଦ୍ଦେଶକ ଡ଼ଃ ଅଶୋକ କୁମାର ମହାପାତ୍ର ନିଜ ଧର୍ମପତ୍ନୀ ସୁପ୍ରଭା ମହାପାତ୍ରଙ୍କ ସହ ଏହି ପର୍ବରେ ଯୋଗଦେଇ ପ୍ରଭୁ ଜଗନ୍ନାଥଙ୍କ କୃପା ଲାଭ କରିଥିଲେ। ଏହି ଧାର୍ମିକ କାର୍ଯ୍ୟକୁ ସଫଳ ଭାବେ ରୂପାୟନ ଦିଗରେ ବିବେକାନନ୍ଦ ମହାପାତ୍ର, ସୁଶାନ୍ତ କୁମାର ବେହେରା, ପଞ୍ଚାନନ ନାୟକ, ଧରଣୀଧର ସ୍ୱାଇଁ, ଜୟ ପ୍ରକାଶ ମିଶ୍ର, ବରିଷ୍ଠ ସଦସ୍ୟ ଅର୍ଜୁନ କୁମାର ସାମଲ, ଶ୍ରୀଧର ମହଲ, ଦିବାକର ପ୍ରଧାନ, ଦୁର୍ଗା ପ୍ରସାଦ ମିଶ୍ର, କୃଷ୍ଣ ଚନ୍ଦ୍ର ଲେଙ୍କା, ସ୍ୱୟଂ ପ୍ରକାଶ ପରିଡା ଓ ସପନ କୁମାର ଦାସଙ୍କ ସମେତ ବାଲିଗାଁ ଗ୍ରାମବାସୀମାନେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ

ପରଜଙ୍ଗ (ଭାସ୍କର ନ୍ୟୁଜ୍):ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ସମୁଖରେ ଗତ ଜୁନ ୧ ତାରିଖ ଠାରୁ ଜିଲ୍ଲା ମିଳିତ ମଞ୍ଚ ଆନୁକୂଲ୍ୟରେ ପରଜଙ୍ଗର ବିଭିର୍ନ ଅଫିସର ଅମଲାମାନେ ଆନ୍ଦୋଳନରେ ବସିଥିବା ଦେଖାଯାଇଛି। ଓଡିଶା ସରକାରଙ୍କର ବୈମାତୃକ ମନୋଭାବ ଓ ଟାଳଟୁଳା ନୀତି ପ୍ରତିବାଦରେ ଜିଲ୍ଲାସ୍ତରୀୟ ଅବହେଳିତ ଅମଲାମାନେ ସମୂହ ଛୁଟିରେରହି ସରକାରଙ୍କ ଉଦେଶ୍ୟରେ ଧାରଣାରେ ବସିଛନ୍ତି। ଓଡ଼ିଶାରେ କାର୍ଯ୍ୟରତ ଜିଲ୍ଲାସ୍ତରୀୟ ଅମଲାମାନଙ୍କ ଏକମାତ୍ର ଦାବି ଓଡ଼ିଶା ସରକାରଙ୍କ ୨୦୧୭ ନିୟମ ଅନୁଯାୟୀ ଲେବଲ ୯ ଏବଂ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହ କମ୍ପୁଟର ଜ୍ଞାନ ଭିତିରେ କନିଷ୍ଠ ଅମଲାଙ୍କ ଦରମା ନିର୍ଦ୍ଧାରଣ ଉପରେ ରଖିଥିଲେ। ଏହି ଧାରଣାରେ ବ୍ଲକ କାର୍ଯ୍ୟାଳୟର ଅମଲା ଦିଲୀପ କୁମାର ସିଂହ, ପରଜଙ୍ଗ ମହାବିଦ୍ୟାଳୟର କର୍ମଚାରୀ ଭବାନୀ ଶଙ୍କର ଦଳ ବେହେରା ତହସିଲ କାର୍ଯ୍ୟାଳୟର କର୍ମଚାରୀ କାମାକ୍ଷା ପ୍ରସାଦ ରାଉଳ, ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର କର୍ମଚାରୀ ଅକ୍ଷୟ ସାହୁଙ୍କ ସମେତ ୧୫ ଜଣରୁ ଉର୍ଦ୍ଧ୍ୱ ଅମଲା କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।

## ୟୁ ବି ହାଇସ୍କୁଲରେ ବିଶ୍ୱ ପରିବେଶ ଦିବସ




ଭଞ୍ଜନଗର ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ଠାରେ ବିଶ୍ୱ ପରିବେଶ ଦିବସର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୨ ଓଡ଼ିଶା ବାଟାଲିୟନ ଏନ୍ ସି ସି ଆର୍ମୀ ଅଫିସର ତଥା ଇକୋକ୍ଲବର ଆବାହକ ଶିକ୍ଷକ ଶ୍ୟାମା ପ୍ରସାଦ ମିଶ୍ର ଓ ଏଥିରେ ଯୋଗ ଦେଇଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ନାହାକ ଓ ଏନ୍ ସି ସି ଆର୍ମୀ କ୍ୟାଡେଟ ମାନେ ଇକୋକ୍ଲବର ଅଗ୍ରଗାମୀ ବାର୍ତ୍ତାବହ ଭାବରେ। କାର୍ଯ୍ୟକ୍ରମର ପ୍ରଥମଭାଗରେ ଏହି କାର୍ଯ୍ୟକ୍ରମର ପ୍ରଥମ ଚରଣରେ 'ପ୍ଲାଷ୍ଟିକ କୁନା' ଓ 'ପରିବେଶ ଅନୁକୂଳ ଜୀବନ ଶୈଳୀ' ସମ୍ପର୍କିତ ଏକ ସେମିନାର ( ଆଲୋଚନା ଚକ୍ର ) ଏବଂ ଦ୍ୱିତୀୟ ଚରଣରେ ସ୍ୱଚ୍ଛ ଭାରତ କାର୍ଯ୍ୟ କ୍ରମ ଅନ୍ତର୍ଗତ ବିଦ୍ୟାଳୟ ହତା ସଫେଇ ଏବଂ ସ୍ଲୋଗାନ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଓ ଆଲୋଚନା ଚକ୍ରରେ ପ୍ରଧାନ ଶିକ୍ଷକ ଉମାକାନ୍ତ ନାହାକ 'ପରିବେଶ ବଞ୍ଚିଲେ ଆମେ ବଞ୍ଚିବା ଓ ପ୍ଲାଷ୍ଟିକ ଡ୍ରଷ୍ଟିକ (ବିପଦ ପୂର୍ଣ୍ଣ )ଅଟେ 'ବୋଲି ମତ ଦେଇଥିଲେ। ଆଗାମୀ ଦିନରେ ଏହି ବିଦ୍ୟାଳୟକୁ ଏକ ପ୍ଲାଷ୍ଟିକ ମୁକ୍ତ ବିଦ୍ୟାଳୟରେ ପରିଣତ କରାଯିବକ୍ଷ ନିମନ୍ତେ ସଂକଳ୍ପ ଗ୍ରହଣ କରାଯାଇଥିଲା । ଇକୋକ୍ଲବ ମେମ୍ବର ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ସସ୍ମିତା ନାୟକ, ବିଳାସିନୀ ଜେନା, ସ୍ୱପ୍ନେଶ୍ୱରୀ ଦିଗାଲ, ଇକୋକ୍ଲବ ଉପଦେଷ୍ଟା ଶଙ୍କର ପ୍ରସାଦ ପଟନାୟକ, ସନ୍ତୋଷ ବେହେରା, ଅମିତ କୁମାର ବେହେରା, ଇପ୍ରିୟମ୍ ବଡରଇତ, ବିଷ୍ଣୁ ପ୍ରିୟା ସ୍ୱାଇଁ, ଜ୍ୟୋସ୍ନା ରାଣୀ ନାୟକ, ନମିତା କୁମାରୀ ବିଷୋୟୀ ପ୍ରମୁଖ। ଏହି କାର୍ଯ୍ୟ କ୍ରମରେ ସକ୍ରିୟ ସହଯୋଗ କରିବା ସହିତ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ଇକୋକ୍ଲବ ମେମ୍ବରମାନଙ୍କୁ ଶ୍ରୀ ମିଶ୍ର ସାଧୁବାଦ ଜ୍ଞାପନ କରିଥିଲେ।

# ମହାନଗର




କଟକ (ଭାସ୍କର ନ୍ୟୁଜ୍): ଟ୍ରେନ୍ ଦୁର୍ଘଟଣା ପୀଡିତମାନଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ବାଲେଶ୍ୱର, ବାହାନଗା ଠାରେ ଦୁର୍ଘଟଣା ଦିନଠାରୁ ଗତକାଲି ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ସେ ସେଠାରେ ଅବସ୍ଥାନ ପୂର୍ବକ ପୀଡିତମାନଙ୍କୁ ଏସସିବି ମେଡିକାଲକୁ ଚିକିତ୍ସା ନିମନ୍ତେ ପ୍ରେରଣ କରିବା କାର୍ଯ୍ୟକୁ ତଦାରଖ କରିବା ସହ ତ୍ୱରାନ୍ୱିତ କରିଥିଲେ। ଏସ୍‌ସିବିରେ ଚିକିତ୍ସିତ ହେଉଥିବା କୌଣସି ବ୍ୟକ୍ତି ଅଦ୍ୟାବଧି ପ୍ରାଣ ହରାଇନାହାଁନ୍ତି। ସମୁଦାୟ ୧୯୨ଜଣ ପୀଡିତ ଏସସିବିରେ ଚିକିତ୍ସା ପାଇଁ ଭର୍ତି ହୋଇଥିବା ବେଳେ ତନ୍ମଧ୍ୟରୁ ୫୨ଜଣ ରୋଗୀ ସାମୟିକ ଚିକିତ୍ସାପରେ ସ୍ୱଗୃହକୁ ପ୍ରତ୍ୟାବର୍ତନ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧୦ଜଣ ଆଇସିୟୁରେ ଥିଲେ ମଧ୍ୟ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଗଣମାଧ୍ୟମ ପ୍ରତିନିଧୀମାନଙ୍କ ପ୍ରଶ୍ନର ଉତର ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି ।



## ଜାତୀୟ କର୍କଟ ବିଜୟୀ ଦିବସ ପାଳିତ

କଟକ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଟାଉନହଲ୍‌ଠାରେ ଆଜି ଜାତୀୟ କର୍କଟ ବିଜୟୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା ପ୍ରତିଷ୍ଠାନର ଡିନ୍ ଡ. ପଦ୍ମାଳୟା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍କଟ ରୋଗର ବିଭିନ୍ନ କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା ପ୍ରତିଷ୍ଠାନର ଆସୋସିଏଟ୍ ପ୍ରଫେସର ଡାକ୍ତର ପ୍ରଶାନ୍ତ କୁମାର ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆରଟିଏନ୍ ଜୟଶ୍ରୀ ମହାନ୍ତ ଓ ଓଡ଼ିଆ ଚଳଚିତ୍ର ହାସ୍ୟ ଅଭିନେତା ପପୁ ପମପମ୍ ପ୍ରମୁଖ ଭର୍ଚୁଆଲ୍‌ନ ମୋଡ୍‌ରେ ଯୋଗଦେଇ କର୍କଟ ବିଜୟୀ ଯୋଦ୍ଧାଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ।

# 'ପରିବେଶ ସଂପର୍କିତ ସମସ୍ୟାର ମୁକାବିଲା ପାଇଁ କାର୍ଯ୍ୟ କରିବା ଆଜି ସମୟର ଆହ୍ୱାନ'

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଲୋକସେବା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ-୨୦୨୩ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି ଯେ 'ବିଟ୍ ପ୍ଲାଷ୍ଟିକ୍ ପଲ୍ୟୁସନ', ଅଭିଯାନ ଅଧିନରେ ଏ ବର୍ଷର ବିଷୟବସ୍ତୁ ହେଉଛି 'ପ୍ଲାଷ୍ଟିକ ପ୍ରଦୂଷଣର ସମାଧାନ'। ପରିବେଶ ସଂପର୍କିତ ସମସ୍ୟାର ମୁକାବିଲା ପାଇଁ କାର୍ଯ୍ୟ କରିବା ଆଜି ସମୟର ଆହ୍ୱାନ । ଆମର ଦୈନନ୍ଦିନ ଜୀବନରେ ପରିବର୍ତ୍ତନ ଆଣି ପ୍ଲାଷ୍ଟିକ ପ୍ରଦୂଷଣର ପ୍ରଭାବ ହ୍ରାସ କରିବା ପାଇଁ ଏ ବର୍ଷର ବିଷୟବସ୍ତୁ ଆମ ସମସ୍ତଙ୍କୁ ଆହ୍ୱାନ




କରୁଛି। ସ୍ୱାସ୍ଥ୍ୟ, ଅର୍ଥନୀତି ଏବଂ ପରିବେଶ ଉପରେ ଏହାର ହାନିକାରକ ପ୍ରଭାବକୁ ଅଣଦେଖା କରାଯାଇପାରିବ ନାହିଁ। ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ପାଇଁ ଆମ ସରକାର 'ଦ୍ୱିତୀୟ ରାଜ୍ୟ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟ ଯୋଜନା' ପ୍ରଣୟନ କରିଛନ୍ତି, ଯାହା ଆମର ସ୍ୱଚ୍ଛ ଏବଂ ସବୁଜ ରାଜ୍ୟ ପ୍ରତିବଦ୍ଧତାକୁ ଦୋହରାଉଛି। ମୋ ସରକାର ୨୦୧୮ ମସିହାରୁ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବନ୍ଦ କରିବା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେଇଛନ୍ତି। ପ୍ଲାଷ୍ଟିକ୍ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା ସହ ବ୍ୟାପକ ବୃକ୍ଷରୋପଣ କରାଯାଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପରିବେଶ ଅଧ୍ୟୟନ କେନ୍ଦ୍ର, ବିଦ୍ୟାଳୟର ଇକୋ କ୍ଲବ୍ ଏବଂ ସ୍ଥାନୀୟ ଗୋଷ୍ଠୀଙ୍କ ସହଯୋଗରେ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ହଟାଇବା ପାଇଁ କରୁଥିବା କାର୍ଯ୍ୟ ବାସ୍ତବରେ ପ୍ରଶଂସାଯୋଗ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ଉପରେ ନିଷେଧାଦେଶ ଲାଗୁ କରିବାକୁ ରାଜ୍ୟ ସରକାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ସିଏସଆଇଆର-ଆଇଏମଏମଟିରେ ବିଶ୍ୱ ପରିବେଶ ଦିବସ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସିଏସଆଇଆର-ଆଇଏମଏମଟି ଏହାର କ୍ୟାମ୍ପସରେ ବିଶ୍ୱ ପରିବେଶ ଦିବସ ପାଳନ କରିଛି। ଶିଶୁ ଉଦ୍ୟାନ, ବିଆଇଇଆର ହଷ୍ଟେଲ ଏବଂ ଲେଡିଜ୍ ହଷ୍ଟେଲରେ ଚାରା ରୋପଣ ସହିତ ଏହି ଉତ୍ସବ ଆରମ୍ଭ ହୋଇଥିଲା। ଏସଏସ ଭଟନାଗର ହଲରେ ଉତ୍ସବ ପାଳନ ଜାରି ରଖି ସମସ୍ତ ଛାତ୍ର, ଗବେଷକ, ବୈଜ୍ଞାନିକ, କର୍ମଚାରୀମାନେ ପରିବେଶ ଦିବସ ପ୍ରତିଶ୍ରୁତି ନେଇଥିଲେ । ଉତ୍ସବର ମୁଖ୍ୟ ଅତିଥି ଲୋକଶକ୍ତି ଅଭିଯାନର ମୁଖ୍ୟ ଏବଂ ପରିବେଶ କାର୍ଯ୍ୟକର୍ତ୍ତା ପ୍ରଫୁଲ୍ଲ ସାମନ୍ତରାୟ କହିଛନ୍ତି, ବିଶ୍ୱ ପରିବେଶ ଦିବସରେ ଏହି ଉଚସ୍ତରୀୟ ଅଧିବେଶନରେ ଆପଣଙ୍କ ମଧ୍ୟରେ ଉପସ୍ଥିତ ରହି ମୁଁ ଖୁବ ଆନନ୍ଦିତ। କିପରି ଖଣି ଖନନ, ଖଣି ଖନନ, ଅନୁସନ୍ଧାନ, ସବୁକିଛି ନିୟନ୍ତ୍ରଣ କରିବା ଭଲ କିନ୍ତୁ ଆମର ପ୍ରକୃତ ସମ୍ବଳ କିପରି ବ୍ୟବହାର କରାଯିବ ତାହା ଜାଣିବା ଉଚିତ୍ । ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସ୍ୱାଗତ କରି ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ, କହିଛନ୍ତି, ବିଶ୍ୱ ପରିବେଶ ଦିବସ ପାଳନ କରିବା ଏବଂ ସମାନ ପ୍ରସଙ୍ଗରେ ସେମାନଙ୍କ ଉଦବେଗ ପ୍ରକାଶ କରିବା କ୍ଷେତ୍ରରେ ସମସ୍ତଙ୍କ ମଧ୍ୟରେ ଏଭଳି ଉତ୍ସାହ ଦେଖି ମୁଁ ବହୁତ ଖୁସି। ସିଏସଆଇଆରଆମ ଶିକ୍ଷ ପାଇଁ ଏକ ଅମ୍ଳଜାନ । ଏହି ଅବସରରେ ଯୋଗ ଦେଇ ପରିବେଶ ଏବଂ ସସଟେନେବିଲିଟି ବିଭାଗୀୟ ମୁଖ୍ୟ ଡକ୍ଟର ଏନ କେ ଧଳ ପରିବେଶ ସୁରକ୍ଷା ସମ୍ବନ୍ଧରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ସମାଜ ପ୍ରତି ଅବଦାନ ପାଇଁ ଏହି ଅବସରରେ ପରିବେଶ ତଥା ନିରନ୍ତର ବିଭାଗର ବରିଷ୍ଠ ବୈଜ୍ଞାନିକ ଡକ୍ଟର ବି ଡି ନାୟକ ଏବଂ ଡକ୍ଟର ପି କେ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ଡକ୍ଟର ମନୀଷ କୁମାର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଇକୋଲାଇଜର ଭେଞ୍ଚର୍ସ ଏଲଏଲପି ର ପ୍ରତିଷ୍ଠାତା ତଥା ସିଇଓ ଶ୍ରୀ ସୌଭାଗ୍ୟ ଚନ୍ଦ୍ର ବିଶ୍ୱାଳ । ଓଡିଶା ଏବଂ ଭାରତରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଏକ ବାର୍ତ୍ତା ପ୍ରଦାନ କରିଥିଲେ । କର୍ମଚାରୀ, ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଜିଜ୍ଞାଶା ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ବିଜେତାମାନଙ୍କୁ ଗ୍ରୀନ୍ ଚାମ୍ପିଅନ୍ ପୁରସ୍କାର ଏବଂ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି ଉତ୍ସବରେ ଅଂଶଗ୍ରହଣ କରିଥିବାରୁ ସମସ୍ତ ଅତିଥି, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅଂଶଗ୍ରହଣକାରୀଙ୍କୁ ଡକ୍ଟର ସୋନି ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଷା ସୁରକ୍ଷାର ତୃତୀୟ ସଂଖ୍ୟା ଉନ୍ମୋଚିତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ବିଶିଷ୍ଟ ରାଜନେତା ତଥା ପୂର୍ବତନ ସାଂସଦ ସ୍ୱର୍ଗତଃ ବୈଷ୍ଣବ ଚରଣ ପରିଡ଼ାଙ୍କ ଦ୍ୱାରା ପ୍ରତିଷ୍ଠିତ ଭାଷା ସୁରକ୍ଷା ସମ୍ମିଳନୀର ମୁଖପତ୍ର 'ଭାଷା ସୁରକ୍ଷା'ର ତୃତୀୟ ସଂଖ୍ୟା ଉନ୍ମୋଚିତ ହୋଇଛି। ଏହି ଉପଲକ୍ଷେ ବୁଦ୍ଧ ମନ୍ଦିର ପରିସରରେ ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଭାଷାବିତ୍ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ତଥା 'ଓଡ଼ିଶା ଭାସ୍କର'ର ମୁଖ ସଂପାଦକ ପ୍ରଦୋଷ ପଟ୍ଟନାୟକ ଓ ଭାଷା ଗବେଷକ ଡ. ଦେବାଶିଷ ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଓଡ଼ିଶା ଭାଷା ଓ ସାହିତ୍ୟର ସୁରକ୍ଷା ତଥା ସମୃଦ୍ଧି ନିମନ୍ତେ ନିରନ୍ତର ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ସରକାରୀ ସ୍ତରରେ ଓଡ଼ିଆ ଭାଷା ପ୍ରଚଳନ ଓ ଏହାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ନିମନ୍ତେ ବୈଷ୍ଣବ ପରିଡ଼ାଙ୍କ ଅବଦାନକୁ ସ୍ମରଣ କରି ସେମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭାଷା ସୁରକ୍ଷା ସମ୍ମିଳନୀର ଉପସଭାପତି ଡ. ବାସୁଦେବ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ସଂପାଦକ ଅମିତାଭ ଖିଲାର ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ବର୍ଷିଆନ୍ ଗାନ୍ଧିବାଦୀ ନେତା ପଦ୍ମଚରଣ ନାୟକ ମଧ୍ୟ ଆଲୋଚନାରେ ଭାଗ ନେଇଥିଲେ। ପ୍ରାରମ୍ଭରେ ବାଲେଶ୍ୱର ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଭାଷା ସୁରକ୍ଷା ସମ୍ମିଳନୀର କୋଷାଧ୍ୟକ୍ଷ ବିଶ୍ୱନାଥ ବେହେରା ଧନ୍ୟବାଦ ଦେଇଥିଲେ। ଭାଷା ସୁରକ୍ଷାର ତୃତୀୟ ସୁରକ୍ଷାକୁ ଡ. ସ୍ୱର୍ଣ୍ଣଲତା ପରିଡ଼ା ସଂପାଦନ କରିଛନ୍ତି।

### ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଂ

## ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାର ୧୬ତମ ସ୍ଥାନରେ କିଟ୍

ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରତିବର୍ଷ ପ୍ରକାଶ ପାଉଥିବା ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସନାଲ୍ ର୍ୟାଙ୍କିଂ ଫ୍ରେମ୍ ୱାର୍କ (ଏନ୍‌ଆଇଆର୍‌ଏଫ୍) ସୋମବାର ପ୍ରକାଶ ପାଇଛି। ଏଥିରେ ଭାରତର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟକୁ ନେଇ ତାଲିକା ପ୍ରସ୍ତୁତ ହୋଇଥିବା ବେଳେ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାରେ କିଟ୍ ୪ଟି ସ୍ଥାନ ଉପରକୁ ଉଠି ୧୬ତମ ସ୍ଥାନରେ ରହିଛି। ଗତବର୍ଷ କିଟ୍ ଏହି ତାଲିକାର ୨୦ତମ ସ୍ଥାନରେ ଥିଲା। ଏହା ବ୍ୟତୀତ କିଟ୍‌ର ଅନ୍ୟ ସମସ୍ତ ବିଭାଗ ମଧ୍ୟ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ଉନ୍ନତି ପ୍ରଦର୍ଶନ କରିଛନ୍ତି। ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା କିଟ୍ ବିଶ୍ୱବିଦ୍ୟାଳୟ ଏହି ଗବେଷଣା ତାଲିକାର ୪୪ରେ ରହି ସମଗ୍ର ଦେଶର ରିସର୍ଚ୍ଚ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୫୦ ସ୍ଥାନରେ ରହି ପାରିଛି। ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, 'ଧିର ପାଣି ପଥର କାଟେ'। ପ୍ରତିବର୍ଷ ବିଭିନ୍ନ ବିଭାଗରେ କିଟ୍ ତାର ପ୍ରଦର୍ଶନରେ ଉନ୍ନତି ଆଣି ଏକ ଗୁଣାତ୍ମକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇସାରିଛି। ତେଣୁ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଂରେ କିଟ୍‌ର ସ୍ଥାନ ପ୍ରତିବର୍ଷ ଉପରକୁ ଉଠୁଛି। ଏଥିପାଇଁ କିଟ୍‌ର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଶ୍ରୀ ସାମନ୍ତ ଏହି ସଫଳତାର ଶ୍ରେୟ ପ୍ରଦାନ କରିଛନ୍ତି।




## ନେକ୍ସସ୍ ଏସ୍ପ୍ଲାନେଡ୍‌ରେ ବିଶ୍ୱ ମାସିକ ଋତୁସ୍ରାବ ଦିବସ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶ୍ୱ ମାସିକ ଋତୁସ୍ରାବ ଦିବସ ବୁଦ୍ଧନଗରର ବସ୍ତି ଅଞ୍ଚଳରେ ଥିବା ଭୁବନେଶ୍ୱରର ନେକ୍ସସ୍ ଏସ୍ପ୍ଲାନେଡ୍ ମଲ୍‌ରେ ଜୁନ୍ ୪ରେ ପାଳନ କରାଯାଇଥିଲା। କେବଳ ଋତୁସ୍ରାବ ସ୍ୱଚ୍ଛତା ଏବଂ ଗର୍ଭାଶୟ କର୍କଟ ଉପରେ ଆଲୋଚନା କରିବା ପାଇଁ ନୁହେଁ ବରଂ ଋତୁସ୍ରାବ ଏବଂ ମେନୋପୋଜ୍ ସମୟରେ ଯାନ୍ତ୍ରିକତା ଠାରୁ ବାସ୍ତବ ଜୀବନ ସମସ୍ୟା ପର୍ଯ୍ୟନ୍ତ ସମଗ୍ର ଅଧିବେଶନକୁ ପରିକଳ୍ପନା କରାଯାଇଥିଲା। ଏହି ପଦକ୍ଷେପ ମାଧ୍ୟମରେ ଆମକୁ ମାର୍ଗଦର୍ଶନ କରିବା ପାଇଁ ଆମେ କନେଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି, ଇଣ୍ଡିଆନ୍ ମହିଳା ନେଟ୍‌ୱର୍କ (ସିଆଇଆଇ ଆଇଡବ୍ଲୁଏନ)ଓଡ଼ିଶା ସହିତ ହାତ ମିଳାଇଛୁ। ଆଇଡବ୍ଲୁଏନ୍ ହେଉଛି ମହିଳା ସ୍ୱାସ୍ଥ୍ୟ, ନେତୃତ୍ୱ, ମେଣ୍ଟରସିପ୍ ଏବଂ ପଲିସି ଆଡଭୋକେସି ଉପରେ ଧ୍ୟାନ ଦେଇ ସିଆଇଆଇର ଏକ ମହିଳା ନେଟ୍‌ୱର୍କ ୱିଂ। ସ୍ୱଚ୍ଛତା ଏବଂ କର୍କଟ ସଚେତନତା ଅଧିବେଶନ: ଆମେ ୨୫୦ ମହିଳାଙ୍କ ପାଇଁ ସଚେତନତା ଅଧିବେଶନ କରିଥିଲୁ। ଆମର ମାସିକ ଋତୁସ୍ରାବ ସମୟରେ ଆମେ କିପରି ସ୍ୱଚ୍ଛତା, ଖାଦ୍ୟ ଏବଂ ପୁଷ୍ଟିକର ଯତ୍ନ ନେଇପାରିବା ସେ ବିଷୟରେ କଳିଙ୍ଗ ହସ୍ପିଟାଲର ଡ. କୁସୁମ ଏକ ବିସ୍ତୃତ ଆଲୋଚନା କରିଛନ୍ତି। ଗର୍ଭାଶୟ କର୍କଟ ଉପରେ ଥିବା ପଏଣ୍ଟ ଗୁଡ଼ିକ ଏବଂ ଏହାକୁ କିପରି ରୋକାଯାଇପାରିବ ସେହି ବିଷୟରେ ଅଧିବେଶନରେ ଆଲୋଚନା କରାଯାଇଥିଲା।







# ରାଜ୍ୟ ଖବର






ଜୟପୁର, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ତରଫରୁ ଗ୍ରାମ୍ୟାଞ୍ଚଳରେ ଗୃହ ସହାୟତା ନିମନ୍ତେ ମୋ ଘର ଯୋଜନାର ସଫଳ ରୂପାୟନ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ବିଡ଼ିଓ ରାଜୀବ ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରଶିକ୍ଷଣ ଓ ସଚେତନତା ବୈଠକ ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ହୋଇଛି। ବ୍ଲକ୍‌ର ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାର ମୋ ଘର ଯୋଜନାରେ ନୂତନ ଗୃହର ନିର୍ମାଣ, ସମ୍ପ୍ରସାରଣ, ସମ୍ପୂର୍ଣ୍ଣକରଣ ତଥା ଉନ୍ନତି କରଣ ନିମନ୍ତେ ଯେପରି ଅଧିକରୁ ଅଧିକ ଆବେଦନ କରି ଯୋଜନାର ଲାଭ ନେଇ ପାରିବେ ସେଥିପାଇଁ ବିଶେଷ ଯତ୍ନବାନ ହେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଯୋଜନାର ଶତ ପ୍ରତିଶତ ସଫଳତା ନିମନ୍ତେ ବ୍ଲକ୍‌ର ତୃଣମୂଳସ୍ତରରେ ପଞ୍ଚାୟତ ରାଜ ଜନ ପ୍ରତିନିଧି, ଗ୍ରାମ୍ୟସ୍ତରୀୟ ଅଧିକାରୀ, ଏସ୍‌ଏସ୍‌ଜି ସଦସ୍ୟ, ସ୍ଥାନୀୟ ଜନ ସାଧାରଣଙ୍କୁ ସାମିଲ କରି ପ୍ରତି ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମ ସଭା, ପିଲ୍ଲି ସଭା ଅନୁଷ୍ଠିତ କରିବା ପାଇ ସ୍ଥିର କରାଯାଇଛି। ବ୍ଲକ୍‌ର ଅଞ୍ଚଳରେ ଡାକବାଜୀ ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ବୈଠକରେ ବ୍ଲକ୍ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନିସା କେଏସ୍, ସହକାରୀ ନିବାହୀ ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର, ଜିପିଓ ପ୍ରଶାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ




ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ନିକଟସ୍ଥ ତାମ୍ପରା ଆଦ୍ରଭୂମୀଠାରେ ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରଶାନ୍ତ କୁମାର ମିଶ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜୁଲୋଜିକଲ୍ ସର୍ଭେ ଅଫ ଇଣ୍ଡିଆର ଗୋପାଳପୁର ଶାଖା ମୁଖ୍ୟ ତଥା ଗବେଷକ ଅନିଲ ମହାପାତ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିବେଶ ବିଭାଗର ଅଧ୍ୟାପକ ଅଞ୍ଜନ ପୃଷ୍ଟି, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ରବିନ୍ଦ୍ରନାଥ ସାହୁ, ଏସିଏଫ୍ ଡ.ରୁଦ୍ର ରଥ ମଞ୍ଚାସୀନ ଥିଲେ। ସେହିପରି ଚଳିତ ବର୍ଷ ସାରା ଦେଶରେ ରହିଥିବା ବିଭିନ୍ନ ଆଦ୍ରଭୂମିମାନଙ୍କରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି ଦିବସକୁ ପାଳନ କରାଯାଉଥିବା ବେଳେ ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ତାମ୍ପରାଠାରେ ଏହାକୁ ପାଳନ କରାଯାଇଛି। ଅନ୍ୟପଟେ ଆମ ପରିବେଶରୁ ପ୍ଲାଷ୍ଟିକକୁ ମୁକ୍ତ କରିବା ଚଳିତ ବର୍ଷର ଥିମ୍ ରହିଥିବା ବେଳେ ସମସ୍ତେ ଏହି ବାର୍ତ୍ତାକୁ ନେଇ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ପରିବେଶକୁ ସୁରକ୍ଷିତ କରିବା ଏବଂ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପ୍ରାଚୀନ ପଦ୍ଧତି କି ଅନୁସରଣ କରିବା ପୂର୍ବକ ସମସ୍ତେ ପୁଣି ମାଟି ପାତ୍ରକୁ ଗୁରୁତ୍ୱ ଦେବାକୁ ମୁଖ୍ୟ ଅତିଥି ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସେହିପରି ପ୍ଲାଷ୍ଟିକ ପରିବେଶ ଏବଂ ଆମମାନଙ୍କ ଉପରେ କେତେପ୍ରଭାବ ପକାଇ ଥାଏ ସେ ନେଇ ଅନ୍ୟ ଅତିଥିମାନେ ସଚେତନତା କରାଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ମୋମେଣ୍ଟୋ ଦେଇ ପୁରସ୍କୃତ କରାଯାଇଥିଲା। ଗଞ୍ଜାମ ଜିଲ୍ଲା ଇକୋ କ୍ଲବ ସଂଯୋଜକ ଡ.ଶଙ୍କର ନାରାୟଣ ବେଜ୍ ମଞ୍ଚ ପରିଚାଳନା କରିଥିବା ବେଳେ ଏସିଏଫ୍ ଡ.ରୁଦ୍ର ରଥ ଧନ୍ୟବାଦ୍ ଅର୍ପଣ କରିଥିଲେ। ସେହିପରି ଏସିଏଫ୍ ଏ ମାଧବୀ ଲତା, ଅବସରପ୍ରାପ୍ତ ଏସିଏଫ୍ ତ୍ରିନାଥ ପଟ୍ଟନାୟକ, ବ୍ରହ୍ମପୁର ବନାଞ୍ଚଳ ଅଧିକାରୀ ମନୋଜ ପାତ୍ର, ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ କାହ୍ନୁ ଚରଣ ପଟ୍ଟନାୟକ, ଖଲ୍ଲିକୋଟ ବନାଞ୍ଚଳ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ, ଛତ୍ରପୁର ବନାଞ୍ଚଳ ଅଧିକାରୀ ଗିରିଶ ରୟଙ୍କ ସମେତ ସମସ୍ତ ବନପାଳ, ବନରକ୍ଷୀ ଓ ପାରା ବନ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏନ୍‌ଟିପିସି ପାଳିଲା ୩୫ତମ ପ୍ରତିଷ୍ଠା ଦିବସ



କଣିହାଁ, (ଭାସ୍କର ନ୍ୟୁଜ୍): ଏନ୍‌ଟିପିସି, କଣିହାଁ ପ୍ଲାଣ୍ଟ ସ୍ଥିତ ପ୍ରଶାସନିକ ଅଫିସ ପରିସରରେ ପ୍ରକଳ୍ପ ପକ୍ଷରୁ ୩୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଏନ୍‌ଟିପିସି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେଏସ୍. ସୁନ୍ଦରମ୍ ମୁଖ୍ୟଅତିଥି ରୂପେ ଯୋଗଦେଇ ଏନ୍‌ଟିପିସି ପତାକା ଉତ୍ତୋଳନ କରିଥିଲେ। ପ୍ରକଳ୍ପର ସମସ୍ତ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ ଯୋଗୁ ଆଜି ଏନ୍‌ଟିପିସି, କଣିହାଁ ପ୍ରକଳ୍ପ ଦେଶର ସର୍ବୋଶ୍ରେଷ୍ଠ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଥିପାଇଁ ଇଞ୍ଜିନିୟର୍ସ, ଟେକ୍ନିସିଆନ, ଟିମ୍ ଲିଡର, ଓ୍ୱାର୍କର, ଠିକା ଶ୍ରମିକଙ୍କ ଆକ୍ଳାନ୍ତ ଶ୍ରମ ସହିତ ପ୍ରକଳ୍ପରେ କାର୍ଯ୍ୟରତ ଏଜେନ୍ସି ଯୋଗୁଁ ତାହା ସମ୍ଭବ ହୋଇଛି ବୋଲି ଏନ୍‌ଟିପିସି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁନ୍ଦରମ ମତବ୍ୟକ୍ତ କରି ଏହା କହିଥିଲେ। ଏନଟିପିସି ଓଆଣ୍ଡଏମ୍, ନିରାପତ୍ତା ପରିବେଶ ପରିଚାଳନା, ସିଏସ୍‌ଆର ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଧ୍ୟାନ ଦିଆଯାଇଥିବା ଉତ୍ତମ କାର୍ଯ୍ୟକୁ ବଜାୟ ରଖିବା ଉପରେ ଇଡି ସୁନ୍ଦରାମ କହିଥିଲେ। ଏନ୍‌ଟିପିସି ଓଆଣ୍ଡଏମ୍ ମହାପ୍ରବନ୍ଧକ ଏକେ ସେହଗଲ, ଅପରେସନ ବିଭାଗୀୟ ମହାପ୍ରବନ୍ଧକ ଏମ୍ ମୁରଲିକ୍ରିଷ୍ଣା, ଏନ୍‌ଟିପିସି ମାନବ ସମ୍ବଳ ଅତିରିକ୍ତ ମହାପ୍ରବନ୍ଧକ ବିକେ ପାଣ୍ଡେ, ସିଆଇଏସ୍‌ଏଫ ଡେପୁଟି କମାଣ୍ଡାଣ୍ଟ ବିଏମ୍ ସିଂ, ଏନ୍‌ଟିପିସି ଏକ୍‌ଜ୍ୟୁଟିଭ ଓ ଶ୍ରମିକ ସଂଘର କର୍ମକର୍ତ୍ତା, ପ୍ରତିନିଧି, ତଥା ବହୁସଂଖ୍ୟାରେ କର୍ମଚାରୀ ସାମିଲ ଥଲେ।

## ଅମଲା ସଂଘର ଗଣଧାରଣା

କନ୍ଧମାଳ, (ଭାସ୍କର ନ୍ୟୁଜ୍): ପକନ୍ଧମାଳ ଜିଲ୍ଲା ଓ ରାଜ୍ୟ ଅମଲା ସଂଘର ବିଭିନ୍ନ ଦାବି ପୂରଣକୁ ନେଇ ରାଜ୍ୟ ସରକାରଙ୍କୁ ବାରମ୍ବାର ଲିଖିତ ଓ କଳାବ୍ୟାଚ ପିନ୍ଧି ଅବଗତ କରିଥିଲେ ମଧ୍ୟ ଉଚିତ ଦାବିକୁ ପୂରଣ କରି ନ ଥିଲେ। ତେଣୁ ରାଜ୍ୟର ସମସ୍ତ ଅମଲା କର୍ମଚାରୀ ସଂଘ, ମଞ୍ଚମାନେ ମେ ୨୨ ତାରିଖରୁ କଳା ବ୍ୟାଚ୍ ପରିଧାନ କରି ଶାନ୍ତି ମୂଳକ ଭାବେ ପ୍ରତିବାଦ କରି ଓଡ଼ିଶା ସରକାରଙ୍କୁ ଜଣାଇଥିଲେ। କିନ୍ତୁ ଓଡ଼ିଶା ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ପୂର୍ବ ନିଷ୍ପତ୍ତି କ୍ରମେ ବାଧ୍ୟ ହୋଇ ଜିଲ୍ଲା ମିଳିତ ଅମଲା ସଂଘ, ମଞ୍ଚ ପକ୍ଷରୁ ଶତାଧିକ କର୍ମଚାରୀମାନେ ଛୁଟିରେ ରହିବା ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ କାର୍ଯ୍ୟ ଠପ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣାରେ ବସିଛନ୍ତି। ଓଡ଼ିଶା ସରକାର ଦାବିକୁ ନ ମାନିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କହିଛନ୍ତି ମଞ୍ଚର ଜିଲା ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ପାତ୍ର। ଏହା ସହିତ ଜିଲ୍ଲା ସଂଘ ଓ ମଞ୍ଚର ସୁବ୍ରତ କୁମାର ମହାନ୍ତି, ଅଶୋକ କୁମାର ଗଣ୍ଡା, ସରୋଜ କୁମାର ପାତ୍ର, ଗଣେଶ ନାୟକ, ବିଶ୍ୱନାଥ ବାରିକ ସମେତ ଶତାଧିକ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ଏହି ଅମଲା ସଂଘର କର୍ମଚାରୀମାନେ ଛୁଟିରେ ରହି କନ୍ଧମାଳ ଜିଲ୍ଲାର ପ୍ରତି ବ୍ଲକ ଓ ପଞ୍ଚାୟତର ଅଫିସ କାର୍ଯ୍ୟଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହା ଦ୍ୱାରା ଜନସାଧାରଣମାନେ ପଡା ସହିତ ବିଭିନ୍ନ ସରକାରୀ ଅସୁବିଧାର ଶିକାର ହୋଇ ନିରାଶ ହୋଇ ଫେରୁଛନ୍ତି। ଏହାର ପ୍ରଭାବ ସାଧାରଣ ନିର୍ବାଚନ ୨୦୨୪ ଉପରେ ପଡିବ ବୋଲି ଆଲୋଚନା ହେଉଛି।

### ପାଣି ପାଇଁ ତାତିଲେ ସାତଟି ୱାର୍ଡର ଶତାଧିକ ଲୋକ

## ଜଳ ଯୋଗାଣ କାର୍ଯ୍ୟାଳୟରେ ପକାଇଲେ ତାଲା



ବାଲିପାଟଣା, (ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ପାନୀୟ ଜଳ ସମସ୍ୟାରେ ଆଜି ଶହେରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏକ ଜଳ ଯୋଗାଣ ପ୍ରକଳ୍ପରେ ତାଲା ପକାଇଛନ୍ତି। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ବ୍ଲକ୍ କାର୍ଯ୍ୟାଳୟରେ। ସୂଚନା ଅନୁଯାୟୀ ବାଲିପାଟଣା ବ୍ଲକ୍ କାର୍ଯ୍ୟାଳୟ ନିକଟରେ ଥିବା ଗାରେଡିପାଞ୍ଚଣ ପଞ୍ଚାୟତ ଅନ୍ତର୍ଗତ ମୋଟ ସାତଟି ୱାର୍ଡର ବନ୍ଧମୁଳ ହରିଜନ ସାହି, ଡିହ ଭୋଇ ସାହି, ଖମାର ଭୋଇ ସାହି ଅଞ୍ଚଳରେ ପିଇବା ପାଣି ଦୀର୍ଘ ମାସ ହେବ ପହଞ୍ଚୁ ନଥିବା ଅଭିଯୋଗ କରି ଆଜି ଉଭୟ ମହିଳା ଏବଂ ପୁରୁଷମାନେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ଅଭିଯୋଗ କ୍ରମେ ସବୁ ଆଡେ ପାଣି ପାଇପ୍ ବିଛା ଯାଇଥିବା ବେଳେ ଦୀର୍ଘ ମାସ ହେବ ଘରକୁ ପାଣି ମିଳି ଆସୁନି। କିଛି ମହିଳା ଦୂରକୁ ଯାଇ ପାଣି ଆଣୁଛନ୍ତି। ପ୍ରଚଣ୍ଡ ଖରାକୁ ଭିଷଣ ଗୁଳୁଗୁଳିରେ ପାଣି ବିନା ଛଟପଟ ହେଉଛନ୍ତି ଏକ ନମ୍ବର୍ ୱାର୍ଡଠାରୁ ଆରମ୍ଭ କରି ଚାରି ନମ୍ବର୍ ଏବଂ ୮ ନମ୍ବର୍ ୱାର୍ଡ ଠାରୁ ୧୦ ନମ୍ବର୍ ୱାର୍ଡ ପର୍ଯ୍ୟନ୍ତ ମୋଟ ସାତଟି ୱାର୍ଡର ଲୋକମାନେ। ଏନେଇ କନିଷ୍ଠ ଯନ୍ତ୍ରୀ ସୁଚିତ୍ରା ସେନ୍‌ଙ୍କୁ ବହୁବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଓଲଟା ଉକ୍ତ ସ୍ଥାନରେ ଲୋକମାନେ ନିଜନିଜ ଘରେ ମଟର ଲଗାଇ ପାଣି ଉଠାଉଛନ୍ତି ବୋଲି ଏଭଳି ସମସ୍ୟା ଦେଖାଦେଇଛି ବୋଲି କହିଛନ୍ତି। ତେଣୁ ଆଜି ଶତାଧିକ ମହିଳା ଏବଂ ପୁରୁଷ ଏକତ୍ର ହୋଇ ଜଳ ଯୋଗାଣ ପ୍ରକଳ୍ପରେ ତାଲା ପକାଇବା ପରେ ବିଡିଓ ଆଦିକନ୍ଦ ବେହେରାଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ତୁରନ୍ତ ଏପରି ସମସ୍ୟାର ସମାଧାନ କରାଯିବା ନେଇ ବିଡିଓ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ ଏବେ ଗ୍ରୀଷ୍ମ ପ୍ରବାହ ସମୟରେ ଏପରି ଜଳ କଷ୍ଟରୁ ରକ୍ଷା ପାଇବା ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି ଜଣାଇଛନ୍ତି।

## 'ମୋ ଘର' ଯୋଜନାର କ୍ରିୟାନ୍ୱୟନ ବୈଠକ




ହିଞ୍ଜିଳିକାଟୁ, (ଭାସ୍କର ନ୍ୟୁଜ୍): ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ 'ମୋ ଘର' ଯୋଜନାର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋମବାର ହିଞ୍ଜିଳିକାଟୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ପରିସରରେ ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରସ୍ୱତୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ତହସିଲଦାର ପ୍ରଭାତ କୁମାର ପରିଡ଼ା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ଜେନା, ଅତିରିକ୍ତ ତହସିଲଦାର, ପଞ୍ଚାୟତ ସମିତି ଉପାଧ୍ୟକ୍ଷ, ସବ୍‌ରେଜିଷ୍ଟ୍ରାର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ବ୍ଲକ୍‌ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ସମସ୍ତ କନିଷ୍ଠ ଯନ୍ତ୍ରୀ, ରାଜସ୍ୱ ପର୍ଯ୍ୟବେକ୍ଷକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଜେନା ସରକାରଙ୍କ ଯୋଜନା ବାବଦରେ ବିସ୍ତୃତ ଭାବରେ ଆଲୋଚନା କରି ଅବଗତ କରାଇଥିଲେ।

## ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳିତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଏହି ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତର ଚିଙ୍ଗୁଡିପୁରସ୍ଥିତ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଷ୍ଣୁପୁର ପଞ୍ଚାୟତ ତଥା ଏହି ବିଦ୍ୟାଳୟରେ ଅଧ୍ୟୟନ କରିଥିବା ନିକଟସ୍ଥ ପଞ୍ଚାୟତର ବିଭିନ୍ନ ବ୍ୟକ୍ତିମାନେ ବୈଠକରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବାହାନଗାରେ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଦିବଂଗତ ଆତ୍ମାଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ର ନିର୍ମଳ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାରେ ମହେଶ୍ୱର ରାଉଳ, ସ୍ଥାନୀୟ ସରପଞ୍ଚ ତଥା ପୁରାତନ ଛାତ୍ର ଅମୂଲ୍ୟ ନାୟକ, ରାମଚନ୍ଦ୍ର ରାଉତ, ପ୍ରଫୁଲ୍ଲ କୁମାର ନାୟକ, ବିଜୟ ଖିଲାର, ସନ୍ତୋଷ ପଣ୍ଡା (ଗଦା), ନିରୋଦ ନାୟକ, ବିଜୟ କୁମାର ପାଣିଗ୍ରାହୀ, ବାସୁଦେବ ଗୋଛାୟତ, ରାଜକିଶୋର ନାୟକ, ମନୋରଂଜନ ପାତ୍ର, ଜୟକୃଷ୍ଣ ନାୟକ, ଶୁଶାନ୍ତ କୁମାର ପଣ୍ଡା, ଶାନ୍ତନୁ ମହାପାତ୍ର, ରଘୁନାଥ ଦାସ ଅଧିକାରୀ, ତ୍ରିଲୋଚନ ନାୟକ, ହରେକୃଷ୍ଣ ସେଠୀ, କୁଞ୍ଜବିହାରୀ ନାୟକ, ଗଣେଶ ଚନ୍ଦ୍ର ଯେନା ପ୍ରମୁଖ ଯୋଗ ଦେଇ ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ପୁରାତନ ଏବଂ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସହିତ ପୂର୍ବତନ ଶିକ୍ଷକଶିକ୍ଷୟିତ୍ରୀ, ଶୁଭେଚ୍ଛୁ, ପୃଷ୍ଠପୋଷକ, ପ୍ରତିଷ୍ଠାତା ସଦସ୍ୟ, ସହଯୋଗୀ ବ୍ୟକ୍ତିତ୍ୱ, ବର୍ତ୍ତମାନର ଶିକ୍ଷକଶିକ୍ଷୟିତ୍ରୀ, ପରିଚାଳନା କମିଟି ସଦସ୍ୟ ସର୍ବୋପରି ସମସ୍ତ ଅଞ୍ଚଳବାସୀ ତଥା ଅନୁଷ୍ଠାନ ପ୍ରେମୀଙ୍କୁ ସାମିଲ କରାଯିବ ବୋଲି ସମସ୍ତେ ମତ ଦେଇଥିଲେ। ପୁରାତନ ଛାତ୍ରମାନଙ୍କର ପରବର୍ତ୍ତୀ ତଥା ପୂର୍ଣ୍ଣାଙ୍ଗ ବୈଠକ ଆସନ୍ତା ୧୮ ତାରିଖ ଅପରାହ୍ଣ ୪ ଘଟିକାରେ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବା ସହ କର୍ମକର୍ତ୍ତା ଚୟନ ହେବ ବୋଲି ସ୍ଥିର କରାଯାଇଛି।

## ଗ୍ରୀଷ୍ମରେ ପାଖାପାଖି ମାସେ ଧରି ନଳକୂପ ଅଚଳ



ପଦ୍ମପୁର, (ଭାସ୍କର ନ୍ୟୁଜ୍): ରାୟଗଡ଼ ଜିଲ୍ଲା ପଦ୍ମପୁରରେ ସବୁ ଥାଇ କିଛି ନ ଥିବା ଭଳି ମନେ ହେଉଛି। ପ୍ରଚଣ୍ଡ ରୌଦ୍ରତାପ ଜାରି ରହିଥିବା ବେଳେ ଆଜକୁ ୨୫ ଦିନ ହେବ ଜୁମୁରୁଗୁଡ଼ା ତଳସାହିରେ ଥିବା ନଳକୂପ ଅକାମି ହୋଇ ପଡିରହିଛି। ଯାହା ଫଳରେ ୭୦ ପରିବାର ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ପାଣି ନ ପାଇ ନାହିଁ ନ ଥିବା ହଇରାଣର ସମୁଖିନ ହେଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପଦ୍ମପୁରରେ ପ୍ରତି ଘରକୁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି ସତ କିନ୍ତି ମୁନ୍ଦାଏ ପିଇବା ପାଣି ପାଇଁ ପ୍ରତିଦିନ ଏଠାରେ ସଂଘର୍ଷ କରିବାକୁ ପଡୁଛି କାରଣ ସରକାରଙ୍କ ପକ୍ଷରୁ ଦିଆ ଯାଇଥିବା ପାଇପ ପାଣି ପ୍ରତି ୫ରୁ ୭ ଦିନରେ ଆସେ। ତାହା ବି କିଛି ସମୟ ପାଇଁ ତାପରେ ପାଣି ବନ୍ଦ ହୋଇଯାଏ। ପଦ୍ମପୁରରେ ପାଣିର ସମସ୍ୟା ବହୁ ବର୍ଷ ପୂର୍ବରୁ ଲାଗି ରହିଥିଲେ ବି ପ୍ରଶାସନ ଏହି ବିଷୟରେ ଅବଗତ ଥାଇ ସୁଦ୍ଧା ପିଇବା ପାଣିର ସମାଧାନ ପାଇଁ କିଛି ଗୁରୁତ୍ୱ ଦେଉନି। ଏହି ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କିଛି କାର୍ଯ୍ୟ ହେଉ ନ ଥିବାର ଅଭିଯୋଗ କରୁଛନ୍ତି ସେହି ସାହି ଲୋକେ। ତେଣୁ ସେମାନେ ଅନ୍ୟ ସାହିକୁ ଯାଇ ବ୍ୟବହାର କରିବା ପାଇଁ ନଳକୂପରୁ ପାଣି ଆଣନ୍ତି। ଦେଖାଯାଉ ପ୍ରଶାସନ ର ନଜର କେବେ ଏହି ନଳକୂପ ଉପରେ ପଡିବ ଆଉ କେବେ ଲୋକେ ଉପକୃତ ହେବେ ତାହା ଦେଖିବାକୁ ବାକି ରହିଲା।

## ସବ୍ ଟ୍ରେଜେରୀ ଅଫିସ ସମ୍ମୁଖରେ ଅମଲା ସମୂହ ସଂଘର ଧାରଣା

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ଅଧିନସ୍ଥ କଣ୍ଟାବାଞ୍ଜି, ତୁରେକେଲା ଓ ବଙ୍ଗୋମୁଣ୍ଡା ବ୍ଲକ୍ ଅଞ୍ଚଳରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଳାମାନେ ଜୁନ୍ ୧ ତାରିଖରୁ ସମୂହ ଛୁଟି ନେଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି। କଣ୍ଟାବାଞ୍ଜିରେ ଥିବା ତହସିଲ କାର୍ଯ୍ୟାଳୟ, ପିଡବ୍ଲ୍ୟୁଡି ଡିଭିଜନ, ସ୍କୁଲ୍ କଲେଜ, ସବ୍ ଟ୍ରେଜେରୀ, ତୁରେକେଲା ଓ ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟାଳୟ, ବିଇଓ କାର୍ଯ୍ୟାଳୟ, ଆଇସିଡିଏସ୍ କାର୍ଯ୍ୟାଳୟ ସହ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟର ଅମଳାମାନେ ସାମିଲ ହୋଇ କଣ୍ଟାବାଞ୍ଜି ସବ୍ ଟ୍ରେଜେରୀ ଅଫିସ ସମ୍ମୁଖରେ ଶୁକ୍ରବାର ଦିନ ୫ ଘଣ୍ଟିଆ ଶାନ୍ତି ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଧର୍ମଘଟ କରିଛନ୍ତି। ଏହି ଶାନ୍ତିପୂର୍ଣ୍ଣ ଧର୍ମଘଟରେ ରବିନାରାୟଣ ତ୍ରିପାଠି, ଗୁପ୍ତେଶ୍ୱର ଛୁରା, ଭାରତୀ ସେଠ, ସୁଶାନ୍ତ ଭୋଇ ସହ ୫୦ରୁ ଉର୍ଦ୍ଧ୍ୱ ଅମଳା କର୍ମଚାରୀ ସାମିଲ ଥିଲେ।

## ବିଶ୍ୱ ପରିବେଶ ଦିବସ ପାଳିତ

ଗୁଣୁପୁର, (ଭାସ୍କର ନ୍ୟୁଜ୍): ଗୁଣୁପୁର ବନାଞ୍ଚଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ଉପଜିଲ୍ଲାପାଳ ଲଳିତ କୁମାର କଅଁର ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ପରିବେଶ ଯେଭଳି ଅସନ୍ତୁଳିତ ଆଡକୁ ଗତି କରୁଛି ସେଥିପାଇଁ ଆମକୁ ଅଧିକରୁ ଅଧିକ ବୃକ୍ଷ ରୋପଣ ସହ ସୁସ୍ଥ ପରିବେଶ ପାଇଁ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି କହିଥିଲେ। ଗୁଣପୁର ପୌର ନିର୍ବାହୀ ଅଧିକାରୀ ସତ୍ୟ ସମ୍ପୂର୍ଣ୍ଣା ରାଉତ ସୁସ୍ଥ ପରିବେଶ ପାଇଁ ସମସ୍ତେ ପଲିଥିନ ଓ ପ୍ଲାଷ୍ଟିକ ବର୍ଜନ ପାଇଁ ପରିବେଶ ଦିବସରେ ସଂପଦ ନେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଗୁଣୁପୁର ବିଡିଓ ପ୍ରଭାତୀ ଝୋଡିଆ, ତହସିଲଦାର ଶରତ ଚନ୍ଦ୍ର ନାୟକ, ଗୁଣୁପୁର ପୋର ଅଧ୍ୟକ୍ଷା ମମତା ଗୌଡ଼ ପୌର ଉପାଧ୍ୟକ୍ଷ, ଅତିରିକ୍ତ ବନଖଣ୍ଡ ଅଧିକାରୀ ନିଳମାଧବ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନଖଣ୍ଡ ଅଧିକାରୀ ଅଶୋକ କୁମାର ବେହେରା ବିଶ୍ୱ ପରିବେଶ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିବା ବେଳେ ବନ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଆମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ।

## ଜେଏମ୍‌ଏମ୍‌ର କର୍ମୀ ସମ୍ମିଳନୀ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ମୋରଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶୁଳିଆପଦା ବ୍ଲକ୍‌ରେ ଆଶାୟୀ ବିଧାୟକ ପ୍ରାର୍ଥି ଦୀପକ କୁମାର ମହାନ୍ତଙ୍କ ନେତୃତ୍ୱରେ ଶହଶହ କର୍ମୀଙ୍କୁ ନେଇ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି କରିବା, ଆବାସ ଯୋଜନା ସଠିକ ଭାବରେ କାର୍ଯ୍ୟକାରି କରିବା, ଧାନ କ୍ୱିଣ୍ଟାଲ ପ୍ରତି ତିନିହଜାର ଟଙ୍କାକୁ ବୃଦ୍ଧି କରିବା ପ୍ରଭୃତି ଆଞ୍ଚଳିକ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାର ରାଜ୍ୟ ସଭାପତି ଅଞ୍ଜଳୀ ସୋରେନ, ରାଜ୍ୟ ସମ୍ପାଦକ ଦୁବରାଜ ନାଗ, ରାଜ୍ୟ ପ୍ରଭାରୀ ଶିବାଜୀ ମଲ୍ଲିକ ଯୋଗ ଦେଇ ସଂଗଠନକୁ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ସନାତନ ସୋରେନ, ସମ୍ପାଦକ ରେନଟା ସୋରେନ, ବରିଷ୍ଠ ନେତା ପ୍ରଭାତ ମହାନ୍ତ, କରୁଣାକର ମହାନ୍ତ, ମହନ ମୁର୍ମୁ ତପନ ସିଂ ପ୍ରମୁଖ ଯୋଗ ଦେଇଥିଲେ।

## ରାସ୍ତା ଉପରେ ହାଇୱା, ଯାତାୟତ ବାଧାପ୍ରାପ୍ତ




ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ଥାନା ସମ୍ମୁଖ ପିଡିକେ ରାସ୍ତା ପାର୍ଶ୍ୱରେ ଆଜକୁ ପ୍ରାୟ ୧୫ଦିନ ଧରି ଦୁଇଟି ହାଇୱା ଟ୍ରକ୍ ପଡ଼ି ରହିବା ଯୋଗୁଁ ଗାଡ଼ି ମଟରଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ଚଳପ୍ରଚଳରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ସୂଚନା ଅନୁଯାୟୀ, କୌଣସି ବେଆଇନ୍ ଲଘୁଜାତ ଖଣିଜ ଦ୍ରବ୍ୟ ଚୋରା ଚାଲାଣରେ ଲିପ୍ତ ଥିବା ଓଡି ୦୨ଏଭି୮୫୯୬ ଏବଂ ଓଡି ୦୫ଆଇଭି୫୪୩୧ ନମ୍ବର ବିଶିଷ୍ଟ ଦୁଇଟି ହାଇୱା ଟ୍ରକକୁ ଆଜକୁ ପ୍ରାୟ ୧୫ଦିନ ପୂର୍ବରୁ ଡେଲାଙ୍ଗ ଥାନା ପୋଲିସ୍ ଜବତ କରିଥିଲା। ତେବେ ସେହିଦିନଠାରୁ ଏହି ଗାଡ଼ି ଦୁଇଟି ଥାନା ପାଚେରୀ ଅପରପାର୍ଶ୍ୱ ସଂକୀର୍ଣ୍ଣ ରାସ୍ତା ଉପରେ ପଡ଼ି ରହିଥିବାରୁ ଏହି ରାସ୍ତା ଦେଇ ସାଧାରଣ ପଥଚାରୀ, ସ୍କୁଲ୍ କଲେଜ୍ ଛାତ୍ରଛାତ୍ରୀ, ଗର୍ଭବତୀ ମହିଳା, ରୋଗୀ, ବରିଷ୍ଠ ନାଗରିକ, ବାଇକ୍ ଆରୋହୀ, ମଧ୍ୟମ ଓ ଭାରିଯାନ ଆଦି ଯାତାୟତ କରିବା ଦିଗରେ ବାଧା ସୃଷ୍ଟି ହେଉଛି। ଏ ସଂକ୍ରାନ୍ତରେ ଲୋକେ ବାରମ୍ବାର ଥାନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେବେ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦେଇ ଡେଲାଙ୍ଗ ଥାନାଧିକାରୀ ରାସ୍ତାରେ ପଡ଼ି ରହିଥିବା ଏହି ହାଇୱା ଟ୍ରକ୍ ଦୁଇଟିକୁ ତୁରନ୍ତ ରାସ୍ତାରୁ ଅପସାରଣ କରିବା ଦିଗରେ ପଦକ୍ଷେପ ନେବାକୁ ଯୁବ କଂଗ୍ରେସ୍ ନେତା ପ୍ରହଲ୍ଲାଦ ପ୍ରଧାନ, ବେରବୋଇ ପଞ୍ଚାୟତର କଂଗ୍ରେସ ନେତା ଜବାହରଲାଲ ବିଶ୍ୱାଳ, ଯୁବ କଂଗ୍ରେସ ନେତା ବିଶ୍ୱରଞ୍ଜନ ବଳବନ୍ତରାୟ, ଜୟମନ୍ୟୁ ସାମନ୍ତରାୟ, ଛାତ୍ର କଂଗ୍ରେସ ନେତା ସୌମ୍ୟରଞ୍ଜନ ବରାଳ, ଯୁବ କଂଗ୍ରେସ ସମ୍ପାଦକ ଜ୍ୟୋତି ପ୍ରକାଶ ସାହୁ, ଡେଲାଙ୍ଗ କୋଠବାଡ଼ ପଞ୍ଚାୟତ କଂଗ୍ରେସ କାର୍ମୀ ଲକ୍ଷ୍ମୀଧର ପ୍ରଧାନ ଓ ମାନସ ସ୍ୱାଇଁ ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




କୁକୁଡ଼ାଖଣ୍ଡି, (ଭାସ୍କର ନ୍ୟୁଜ୍): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଳପୁର ଗ୍ରାମର ଶିବ ମନ୍ଦିର କଲ୍ୟାଣମଣ୍ଡପ ଠାରେ ଜଗଦଳପୁର ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ତଥା ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସହଯୋଗ ଓ ଲାଇଫ କ୍ୟୁର୍ ପଥୋଲ୍ୟାବ୍ ସମର୍ଥନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି କେ.ସୁଦାମ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ କାନ୍ତି କୁମାରୀ ଦେବୀ, ସମିତି ସଭ୍ୟ ବି.ରବୀନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଭାରତୀ ନାୟକ, କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଓ ସ୍ୱେଚ୍ଛାସେବୀ ସୁବାଷ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଯାତ୍ରୀଙ୍କ ନିମନ୍ତେ ଦୁଇ ମିନଟ ନିରବ ପ୍ରାର୍ଥନା କରିଥିଲେ। କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଥିଲେ ଯେ ରକ୍ତଦାନଠାରୁ ଶ୍ରେଷ୍ଠ ଦାନ ଏ ଦୁନିଆରେ କିଛି ନାହିଁ। ରକ୍ତଦାନ କରି ଆମେ କେବଳ ପୁଣ୍ୟ କାମ କରୁନେ ଜଣଙ୍କୁ ଜୀବନ ଦାନ କାରୁଛେ। ରକ୍ତଦାନ ନେଇ ଲୋକଙ୍କ ମଧ୍ୟରେ ରହିଥିବା ଭ୍ରାନ୍ତ ଧାରଣା ଓ ଅନ୍ଧ ବିଶ୍ୱାସକୁ ଦୂର କରିବାକୁ ପଡ଼ିବ ବୋଲି କହିଥିଲେ। ସମାରୋହରେ ଆଜି ପର୍ଯ୍ୟନ୍ତ ୩୫ ଥର ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀ ସୁବାଷ ପ୍ରଧାନଙ୍କୁ ଅଙ୍ଗବସ୍ତ୍ର ଓ ମାନପତ୍ର ଦେଇ ସ୍ୱତନ୍ତ୍ର ଭାବେ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ରକ୍ତ ଭଣ୍ଡାର କର୍ମଚାରୀଙ୍କ ସହଯୋଗରେ ଏଠାରେ ୨୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ନିମଖଣ୍ଡି ଥାନାରେ କାର୍ଯ୍ୟରତ ଥିବା ଅଜିତ କୁମାର ସାହୁ, ଜ୍ୟୋତିରଞ୍ଜନ ମଲାଣ ଓ ପ୍ରଶାନ୍ତ କୁମାର ମଲାଣ ରକ୍ତ ଦାନ କରିଥିଲେ। କିନ୍ତୁ ଅନେକ ସ୍ୱେଚ୍ଛାସେବୀ ରକ୍ତଦାନ ପାଇଁ ଅପେକ୍ଷା କରିଥିବା ବେଳେ ବର୍ଷା ତତ୍‌ଜନିତ କରେଣ୍ଟର ବାରମ୍ବାର ବିଭ୍ରାଟ ଯୋଗୁଁ ନିରାଶ ହୋଇ ଫେରି ଯାଇଥିଲେ। ଏଥିରେ ଗ୍ରାମ୍ୟ କମିଟିର କାର୍ଯ୍ୟକର୍ତ୍ତା ଏମ୍ ଲାବଣ୍ୟ ପାତ୍ର, ବି.ସୁନିଲ ପାତ୍ର, ବିନୋଦ ପାତ୍ର, ଦଣ୍ଡପାଣି ପାତ୍ର, ସନ୍ତୋଷ ପାତ୍ର ଓ କାଳିଆ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲା ବେଳେ ସହର ତଳି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଯୁଗ୍ମ ସମ୍ପାଦକ ଟି.ସୁଦେଶ ପାତ୍ର, ସହ ସମ୍ପାଦକ ବିଭି ସାଗର, ସାଂଗଠନିକ ସମ୍ପାଦକ ଶ୍ରୀକାନ୍ତ ପଢ଼ିହାରୀ, ଅଜିତ ପଟ୍ଟନାୟକ, ଗଣେଶ ଦାସ ଓ ପ୍ରଦୀପ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ବରଗଡ, (ଭାସ୍କର ନ୍ୟୁଜ): ବରଗଡ଼ ସହରରୁ ନିୟମିତ ପ୍ରକାଶ ପାଇ ଆସୁଥିବା ଯୁଗୋପଯୋଗୀ ସୁବର୍ଣ୍ଣଦୀପ ପତ୍ରିକା ପକ୍ଷରୁ ବିଶ୍ୱ ପରିବେଶ ଦିବସ ଏ.ସି.ସି ସିମେଣ୍ଟ ସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନ ଠାରେ ପାଳିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନର ଅଧକ୍ଷ ସମରେନ୍ଦ୍ର ଲେଙ୍କା ଯୋଗଦାନ କରିଥିବାବେଳେ, ଆଶ୍ରମର ସହଯୋଗୀ ଭାଇ ଧ୍ରୁବେନ୍ଦ୍ର ଦାଶ ଯୋଗଦେଇ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃକ୍ଷ ରୋପଣ କରାଇଥିଲେ। ସୁବର୍ଣ୍ଣଦୀପର ସମ୍ପାଦକ ପ୍ରଦୀପ୍ତ ଭାନୁ ମହାନ୍ତି ଓ ଅଧକ୍ଷ ଶ୍ରୀ ଲେଙ୍କା ବୃକ୍ଷ ରୋପଣ ଉପକାରିତା ସହ ବିଶ୍ୱ ପରିବେଶ ସନ୍ତୁଳନ, ପରିବେଶ ସୁରକ୍ଷା ପାଇଁ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ମିଳିତ ଉଦ୍ୟମରେ ପ୍ରତିବର୍ଷ ଅଧିକରୁ ଅଧିକ ବୃକ୍ଷରୋପଣର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଲକ୍ଷ୍ମୀଧର ରାଉତ, ନିର୍ମଳା ଲେଙ୍କା, ଧରଣୀଧର ପଣ୍ଡାୟତ, ଆଦ୍ୟାଶା ନାଏକ, ଶ୍ରୁତି ପଧାନ, ଜ୍ୟୋତ୍ସ୍ନା ଦାଶ, ସ୍ନେହା ସ୍ୱାଇଁ, ଭାଗ୍ୟଶ୍ରୀ ସେଠ,ସତ୍ୟ କୁମାର ମହାନନ୍ଦ, ପ୍ରମୁଖ ସହଯୋଗ କରିଥିଲେ।

### ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର ମାନିଲା ଶାରିରୀକ ଅକ୍ଷମତା

# ସ୍ପେଶିଆଲ ଅଲିମ୍ପିକ୍ସ ପାଇଁ ବର୍ଲିନ ଗଲେ ବୈଷ୍ଣବ

ସଇଁନ୍ତଳା, (ଭାସ୍କର ନ୍ୟୁଜ୍): ଇଛା ଥିଲେ ସବୁ ସମ୍ଭବ। ଝାଟି ମାଟି ଘରେ ରହୁଥିବା ଭିନ୍ନକ୍ଷମ ପୁଅଙ୍କୁ ନେଇ ଏବେ ଚର୍ଚ୍ଚା। ଛୋଟ ବେଳରୁ ଭିନ୍ନକ୍ଷମ ହୋଇଥିବା ବେଳେ ଏବେ ଜିଲ୍ଲା ପାଇଁ ଗର୍ବ ଓ ଗୌରବ। ଛୋଟ ବେଳରେ ପରିବାର ଲୋକେ ମାନସୀକ ସ୍ତରରେ ଦୁର୍ବଳ ବୋଲି ବୈଷ୍ଣବଙ୍କୁ ସମ୍ଭାଳିବା କଷ୍ଟକର ହୋଇପଡିଥିଲା। ବୈଷ୍ଣବର ବାପା ଓ ମାଆ ତାଙ୍କୁ ଜଗିବେ ନାଁ ପରିବାର ପୋଷଣ କରିବା ପାଇଁ ଯିବେ ସବୁବେଳେ ଚିନ୍ତାରେ ରହି କାମ କରିବା ପାଇଁ ବାଧକ ଦେଖା ଦେଇଥିଲା।୧୧ ବର୍ଷର ସେବା ଓ ଯତ୍ନ ପରେ ୬ ବର୍ଷ ପୂର୍ବେ ବଲାଙ୍ଗିର ଜିଲ୍ଲା ସଇଁନ୍ତଳା ସ୍ଥିତ ରେଡ଼କ୍ରସ ଭିନ୍ନକ୍ଷମ ବିଦ୍ୟାଳୟରେ ବୈଷ୍ଣବଙ୍କୁ ପରିବାର ଲୋକେ ଛାଡି ଆସିଥିଲେ। ଏହି ସ୍କୁଲରେ ରହିବା ପରେ ବୈଷ୍ଣବ ଅନଗ୍ରସର ନୁହଁନ୍ତି ବରଂ ସେ ଯେ ବାସ୍ତବରେ ଭିନ୍ନକ୍ଷମ ଏକଥାକୁ ପ୍ରମାଣିତ କରିଛନ୍ତି। ବୈଷ୍ଣବ ଜଣେ ସଫଳ କ୍ରୀଡ଼ାବିତ ଭାବରେ ପରିସ୍ଫୁଟିତ ହୋଇ ଜର୍ମାନୀର ବର୍ଲିନ ଠାରେ ଆୟୋଜିତ ହେବାକୁ ଥିବା ସ୍ପେସିଆଲ ଅଲିମ୍ପିକ୍ସର ଭାଗ ନେବାପାଇଁ ମନୋନୀତ ହୋଇଥିବା ବେଳେ ଅଞ୍ଚଳରେ ବୈଷ୍ଣବଙ୍କୁ ନେଇ ବେଶ ଅନେକ ଚର୍ଚ୍ଚା ଜୋର ଧରିଛି। ଅଲିମ୍ପିକ୍ସର ଜାଭେଲିନ ଓ ସଟଫୁଟ ଇଭେଣ୍ଟ ପାଇଁ ସରକାରଙ୍କ ସ୍ପେସିଆଲ ଅଲିମ୍ପିକ୍ସ ଭାରତ ପକ୍ଷରୁ ତାଲିମ ପ୍ରଦାନ କରାଯାଉଛି। ସୂଚନା ମତେ ସଇଁନ୍ତଳା ବ୍ଲକ ଟିକ୍ରାପଡ଼ା ଗାଁର ଭବନେ ରାଜପଲିଆ ଓ କସ୍ତୁରୀଙ୍କ ପୁଅ ବୈଷ୍ଣବ। ସେ ୧୯.୩.୨୦୦୬ ମସିହାରେ ଜନ୍ମଗ୍ରହଣ କରିଛନ୍ତି। ବୈଷ୍ଣବ ୬ ଭାଇ ଭଉଣୀ ହୋଇଥିବା ବେଳେ ସମସ୍ତଙ୍କ ଠାରୁ ସାନ। ସେମାନଙ୍କ ମଧ୍ୟରୁ ୪ ଜଣ ଭଉଣୀ ବିବାହ କରି ସାରିଥିବା ବେଳେ ଜଣେ ବଡ ଭଉଣୀ ସମେତ ବୈଷ୍ଣବ ରହିଛନ୍ତି। ପରିବାର ଲୋକେ ବୈଷ୍ଣବଙ୍କୁ ମାନସିକ ସ୍ତରରେ ଭିନ୍ନକ୍ଷମ ବୋଲି ଜାଣିବା ପରେ ଭାଙ୍ଗି ପଡିବା ସହ ଅନେକ କଷ୍ଟରେ ତାର ଯତ୍ନ ନେଇ ପାଳି ପୋସି ବଡ଼ କରିଥିବା ପରିବାର ଲୋକେ କହିଛନ୍ତି। ୨୦୧୫ ମସିହାରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ସଇଁନ୍ତଳା ଠାରେ ଆୟୋଜିତ ଭୀମଭୋଇ ସାମର୍ଥ୍ୟ ଶିବିରରେ ବୈଷ୍ଣବ ଓ ତାଙ୍କ ବାପା ଯାଇଥିଲେ। ସେହି ସ୍ଥାନରେ ପ୍ରମାଣ ପତ୍ର ପ୍ରସ୍ତୁତ ସହ ବୈଷ୍ଣବଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି କୁହାଯିବାରୁ ତାଙ୍କ ବାପା ସେହି ସ୍ଥାନରେ ଛାଡି ଆସିଥିଲେ। ତେବେ ୨୦୧୬ ମସିହାରୁ ଏହି ସ୍କୁଲରେ ରହି ପାଠ ପଢା ଆରମ୍ଭ କରିଛନ୍ତି। ୨୦୧୭ ମସିହାରେ ବରଗଡ଼ ଜିଲ୍ଲା ବରପାଲି ଠାରେ ହୋଇଥିବା ରାଜ୍ୟସ୍ତରୀୟ ଭିନ୍ନକ୍ଷମ ପ୍ରତିଯୋଗିତାରେ ୧୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଡିସକସ ଥୋରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୨୦୧୮ ମସିହାରେ ବିହାରର ମୁଜାଫରପୁର ଠାରେ ହୋଇଥିବା କୋଚିଂ କ୍ୟାମ୍ପରେ ବୈଷ୍ଣବ



୧୦୦ ଓ ୨୦୦ ମିଟର ଦୌଡ଼ରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୨୦୨୧ ମସିହାରେ ଗୁଜୁରାଟର ଗାନ୍ଧିନଗର ଠାରେ ସ୍ପେସିଆଲ ଅଲିମ୍ପିକ ପ୍ରଶିକ୍ଷଣ ଓ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ସେହି ସ୍ଥାନରେ ମଧ୍ୟ ୧୦୦, ୨୦୦ ଓ ରିଲେ ରେସରେ ସ୍ୱର୍ଣ ପଦକ ହାସଲ କରିଛନ୍ତି। ଜାଭେଲିନ୍ ଓ ସଟ୍‌ଫୁଟରେ ମଧ୍ୟ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ତେବେ ଜେଭେଲୀନରେ ୧୫ ମିଟର ଏବଂ ସଟ୍‌ଫୁଟରେ ୧୧ ମିଟରର ରେକର୍ଡ କରି ସାରିଛନ୍ତି। ବୈଷ୍ଣବ ୧୬ରୁ ୧୮ ବର୍ଷ ବର୍ଗରେ ଯୋଗ ଦେବାକୁ ଥିବା ବେଳେ ତାଙ୍କୁ କୋଚ୍ ଉମାକାନ୍ତ ଷଡ଼ଙ୍ଗୀ ଦିନରାତି କଠିନ ପରିଶ୍ରମ କରି ପ୍ରସ୍ତୁତ କରାଇଁ ଥିବା ବେଳେ ଆଜି ଜର୍ମାନୀ ଅଭିମୁଖେ ବାହାରୀ ଥିବା ବେଳେ ବିଡ଼ିଓ ଚନ୍ଦ୍ରମଣି ନାଗ, ବ୍ଲକ ଅଧକ୍ଷା ମୋନିକା ସିଂ ଭୋଇ, ବ୍ଲକ ଉପାଧ୍ୟକ୍ଷ ଗୁଣ ସାଗର ମାଝୀ ସମେତ ଅଞ୍ଚଳ ବାସୀ ଫୁଲଗୁଚ୍ଛା ଦେଇ ସମ୍ବର୍ଦ୍ଧନା ଜଣାଇବା ସହ କିଭଳି ଭାବେ ଅଞ୍ଚଳର ନାଁ ରଖିବା ସହ ବିଜୟର ମୁକୁଟ ପିନ୍ଧିବ ସେନେଇ ଭଗବାନଙ୍କ ଠାରେ ପ୍ରାର୍ଥନା କରିଛନ୍ତି। ଏବଂ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ବୈଷ୍ଣବ ବିଦେଶ ଯିବେ ବୋଲି ପ୍ରଧାନ ଶିକ୍ଷକ ଦେବାନନ୍ଦ ସାହୁ ଇଂରାଜୀ ଭାଷାର ଶିକ୍ଷା ଦାନ ଦେଉଥିଲେ। ସଇଁନ୍ତଳା ବ୍ଲକ ଠାରେ ଥିବା ରେଡକ୍ରସ ଭିନ୍ନକ୍ଷମ ବିଦ୍ୟାଳୟର ଜଣେ ଛାତ୍ର ଚଳିତ ବର୍ଷ ବର୍ଲିନ ଠାରେ ଜୁନ ୧୬ ରୁ ୨୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସ୍ୱନ୍ତ୍ରତ ଅଲମ୍ପିକ୍ସ କ୍ରୀଡ଼ାରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ଟିଟିଲାଗଡ ଠାରୁ ଟ୍ରେନ ଯୋଗେ ଭୁବନେଶ୍ୱର ଯିବେ। ସେଠାରୁ ୭ ତାରିଖ ଦିନ ଦିଲ୍ଲୀ ଅଭିମୁଖେ ଯାତ୍ରା କରି ଦିଲ୍ଲୀରୁ ୧୨ ତାରିଖ ରେ ବର୍ଲିନ ଯିବେ। ଖବର ଜଣାଯିବା ପରେ ବିଡିଓ ଚନ୍ଦ୍ରମଣି ନାଗଙ୍କ ଅଧକ୍ଷତାରେ ବ୍ଲକ କର୍ଯ୍ୟାଳୟ ପରିସରରେ ପ୍ରଶାସନ ତରଫରୁ ରାଜପଲିଆଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧନା ଜ୍ଞାପନ ସମୟରେ ବ୍ଲକ ଅଧକ୍ଷା ମୋନିକା ସିଂ ଭୋଇ, ଉପାଧ୍ୟକ୍ଷ ଗୁଣ ସାଗର ମାଝୀ, କେରମେଲି ସରପଞ୍ଚ ଅଶୋକ ସାହୁ, ସିସକେଲା ସମିତି ସଭ୍ୟ ଉମାକାନ୍ତ ରଣା, ଡେଙ୍ଗ ସରପଞ୍ଚ ଇତିଶ୍ରୀ ସାହୁ, ରେଡକ୍ରସ ଭିନ୍ନକ୍ଷମ ବିଦ୍ୟାଳୟର ଶିକ୍ଷକ ଦେବାନନ୍ଦ ସାହୁ ଓ ଉମାକାନ୍ତ ଷଡ଼ଙ୍ଗୀଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହା ପୂର୍ବରୁ ବଲାଙ୍ଗୀର ଜିଲ୍ଲାପାଳ ଚଞ୍ଚଳ ରାଣା ରାଜପଲିଆଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଟିକ୍ରାପଡ଼ା ଠାରେ ସାମ୍ବାଦିକ ରମାକାନ୍ତ ରାଜପଲିଆ, ବିଡିଓ ଚନ୍ଦ୍ରମଣି ନାଗ, ଉମାକାନ୍ତ ଷଡ଼ଙ୍ଗୀ, ଭିନ୍ନକ୍ଷମ ବିଦ୍ୟାଳୟର ଅଧକ୍ଷ ଦେବାନନ୍ଦ ସାହୁ, କରୁଣାକର ଧରୁଆ, ଆନନ୍ଦ ପାତ୍ର ଓ ସରପଞ୍ଚ ନରେନ୍ଦ୍ର କଲେତ ସମ୍ବର୍ଦ୍ଧନା ଜ୍ଞାପନ କରିଥିବା ବେଳେ ଶିଶୁ ସୈନିକ ବିଦ୍ୟାଳୟ, କେଶବି କମ୍ପ୍ଲେକ୍ସ, ଯାଦବ ମହାସଭା ଓ ଭାରତୀୟ କିସାନ ସଂଘ ବୈଷ୍ଣବଙ୍କୁ ଆର୍ଥିକ ସହଯୋଗ କରିଥିଲେ। ବଡ଼ମାଳ ବିସ୍ଥାପିତ କମିଟି, ରେଙ୍ଗାଲି ଯୁବକ ସଂଘ, ଅରବିନ୍ଦ ଯୁବକ ସଂଘ ଘୁନସର ସମେତ ଅନେକ ସାମାଜିକ ସଂଗଠକ ରାଜପଲିଆଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

### ଅଭୟାରଣ୍ୟରେ ମହାବଳ ବାଘ ଶିକାର

# ୬ ଶିକାରୀ ଅଟକ



ନୂଆପଡ଼ା,(ଭାସ୍କର ନ୍ୟୁଜ୍): ଓଡ଼ିଶା ଓ ଛତିଶଗଡ଼ ସୀମାନ୍ତ ସୁନାବେଡ଼ା ଓ ଉଦନ୍ତୀ ଅଭୟାରଣ୍ୟରେ ମହାବଳ ବାଘ ଶିକାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଛତିଶଗଡ଼ ବନ ବିଭାଗ ନୂଆପଡ଼ା ଜିଲ୍ଲାର ୬ ଜଣ ଶିକାରୀଙ୍କୁ ଉଠାଇ ନେଇଛି। ଏ ସମ୍ପର୍କରେ ନୂଆପଡ଼ା ବନ ବିଭାଗ ପାଖରେ କୌଣସ ଖବର ନଥିବା ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ମତେ, ଉଦନ୍ତୀ ଅଭୟାରଣ୍ୟରେ ଛତିଶଗଡ଼ ବନ ବିଭାଗ ଟ୍ରାକ୍ କ୍ୟାମେରା ଲଗାଇଥିଲା। କ୍ୟାମେରାରେ ମହାବଳ ବାଘ ଚଳପ୍ରଚଳ କରୁଥିବା ଚିତ୍ର କଏଦ ହୋଇଥିଲା। ହେଲେ, କିଛିଦିନ ହେବ କ୍ୟାମେରାରେ ବାଘର ଚିତ୍ର ନଆସିବାରୁ ବନ ବିଭାଗ ଚିନ୍ତା ପ୍ରକଟ କରିଥିଲା। ବାଘର ସ୍ଥିତି ସଂପର୍କରେ ତଦନ୍ତ ଆରମ୍ଭ କରାଯାଇଥିଲା। ଶନିବାରଠାରୁ ଉଦନ୍ତୀ ଅଭୟାରଣ୍ୟରେ ଡିଏଫ୍‌ଓ ଅନୁଜ ଜେନଙ୍କ ନେତୃତ୍ୱରେ ଏସିଏଫ୍, ରେଞ୍ଜର, ଫରେଷ୍ଟର ମିଶି ୨୦ ଜଣିଆ ଟିମ୍ ତଦନ୍ତ ଆରମ୍ଭ କରିଥିଲେ। ତେବେ ବାଘକୁ ମାରି ଦିଆଯାଇଥିବା ସନ୍ଦେହ କରି ରବିବାର ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରେଞ୍ଜ ବୋଡ଼େନ ଥାନା ଖଡୁପାଣି ଗାଁର ଜଣେ ବ୍ୟକ୍ତିଙ୍କ ଘରେ ଉକ୍ତ ଟିମ୍ ଚଢ଼ଉ କରିଥିଲେ। ସେଠାରୁ ଏକ ଫୁଟ୍ ଲମ୍ବର ମହାବଳ ବାଘର ଛାଲ ସହ ଫାଶ, ଦେଶୀ ବନ୍ଧୁକ ଓ ବନ୍ୟପ୍ରାଣୀ ଶିକାର ପାଇଁ ବ୍ୟବହୃତ ସାମଗ୍ରୀ ଜବତ କରିଥିଲେ। ଏହାପରେ ଛତିଶଗଡ଼ ବନ ବିଭାଗ ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ଅଞ୍ଚଳର ୬ ଜଣଙ୍କୁ ଉଠାଇ ନେଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ନୂଆପଡ଼ା ବନ ବିଭାଗ ଡିଏଫ୍‌ଓ ସୁଶୀଳ ତ୍ରିପାଠୀଙ୍କୁ ପଚାରିବାରୁ ଛତିଶଗଡ଼ ବନ ବିଭାଗ ଆସି ଚଢ଼ଉ କରିଥିବା ସୂଚନା ମିଳିଛି, ହେଲେ ତାଙ୍କ ପାଖରେ ବର୍ତ୍ତମାନ ସୁଦ୍ଧା କୌଣସି ଖବର ନାହିଁ ବୋଲି ସେ ପ୍ରକାଶ କରିଥିଲେ।

## ଛବିଲ ମଧୁ ବର୍ଣ୍ଣବୋଧ ବଣ୍ଟନ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): ଗ୍ରୀନ୍ ଇଣ୍ଡିଆ ଗ୍ରୁପ ତରଫରୁ କୋରାପୁଟ ଜିଲ୍ଲା ସିମାନ୍ତରେ ଥିବା ରାୟଗଡା ଜିଲ୍ଲା କାଶିପୁର ବ୍ଲକ ପୋଡାପାଡି ପଞ୍ଚାୟତର ଦିସାରିଗୁଡା, କୁଚେଇପଦର ପଞ୍ଚାୟତର ଖଜୁରିଗୁଡା, ଡାବୁଗୁଡା, ପୁକେସ୍, ଇରିପୁଟ୍, ବିଲାପୁଟ ଆଦି ଗ୍ରାମ ଗୁଡିକରେ ରହୁଥିବ ପ୍ରଥମରୁ ପଞ୍ଚମ ଶ୍ରେଣି ପଢୁଥିବା ୧୮୫ ଗରିବ ଛାତ୍ର ଛାତ୍ରୀ ମାନଙ୍କୁ ଖାତା, ପେନସିଲ୍, ରବର୍ ଓ ଛବିଲ ମଧୁ ବର୍ଣ୍ଣବୋଧ ଓ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୧୦ଜଣ ଛାତ୍ର ଛାତ୍ରୀ ମାନଙ୍କୁ ଖାତା,ପେନସିଲ୍ ଓ ରବର ବଣ୍ଟନ କରା ଜାଇଥିଲା। ଗ୍ରୁପର ମୁଖ୍ୟ ଗୋପେଶ୍ୱର ଗରଡା ଏହି କାର୍ଯ୍ୟ ଦିର୍ଘ ଦିନ ହେଲାଣି ଚଳାଇ ଆସୁଥିବା ବେଳେ ଆଜିର ଏହି ବଣ୍ଟନରେ କୌଶଲ୍ୟା ମାଝି,ଦୁର୍ଯ୍ୟ ମିଣିଆକା, ସୁବାସ ମାଝି ସହଯୋଗ କରିଥିଲେ।

## ଶାବର ଶ୍ରୀକ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ

କୋରାପୁଟ, (ଭାସ୍କର ନ୍ୟୁଜ): ଶାବର ଶ୍ରୀକ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମା ପାଳତି ହୋଇଯାଇଛି । ପ୍ରଭୁ ଜଗନ୍ନାଥ, ବଡଭାଇ ବଳଭଦ୍ର ଓ ଦେବୀ ଶୁଭଦ୍ରା ଭକ୍ତଜନଙ୍କ ଗ୍ରହଣରେ ସୁବାଷିତ ଜଳରେ ସ୍ନାନ କରିଛନ୍ତି । ଏହାପରେ ଠାକୁର ଅସୁସ୍ଥ ହୋଇପଡିବାରୁ ଶ୍ରୀ ଜୀଉଙ୍କୁ ଅଣସର ଘରେ ରଖି ଗୁପ୍ତ ସେବା ଆରମ୍ଭ ହୋଇଛି । କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମା ପାଇଁ ଚଳଚଞ୍ଚଳ ହୋଇ ଉଠିଥିଲା । ପୂର୍ବାହ୍ନରୁ ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ହଜାର ହଜାର ଶ୍ରଦ୍ଧାଳୁ ଶାବର ଶ୍ରୀକ୍ଷେତ୍ରରେ ପହଞ୍ଚି ପ୍ରଭୁ ଜଗନ୍ନାଥଙ୍କ ଗଜାନନ ବେଶ ଦର୍ଶନ କରିଥିଲେ । ଏଥିପାଇଁ ସକାଳୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ରୀତିକାନ୍ତ ଶେଷ ହେବା ପରେ ପୂର୍ବାହ୍ନ ୯ଟାରୁ ୯.୪୫ ମିନିଟରେ ମହାପ୍ରଭୁଙ୍କ ସ୍ନାନ ପାଇଁ ଜଳ ସଂଗ୍ରହ କରାଯାଇଥିଲା । ୯.୫୦ ରୁ ୧୧.୨୦ ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନମଣ୍ଡପକୁ ପହଣ୍ଡି ବିଜେ କରାଯାଇଥିଲା । ମଧ୍ୟାହ୍ନ ୧୨ଟାରୁ ୧୦ରୁ ୧ଟା ୪୦ ମଧ୍ୟରେ ଠାକୁରଙ୍କ ସ୍ନାନ ଓ ଗଜାନନ ବେଶ ସମାପନ ହୋଇଥିଲା । ରାତି ପର୍ଯ୍ୟନ୍ତ ହଜାରହଜାର ଲୋକ ଠାକରୁଙ୍କୁ ଏହି ବିରଳ ବେଶରେ ଦର୍ଶନ କରିବାକୁ ଭିଡ ଜମାଇଥିଲେ । ବିଳମ୍ବିତ ରାତିରେ ତିନି ଠାକୁର ସ୍ନାନ ମଣ୍ଡପରୁ ଅଣସର ଘରକୁ ବିଜେ ହୋଇଥିଲେ । ସ୍ନାନ କାରଣରୁ ଠାକୁର ଅସୁସ୍ଥ ହୋଇପଡିବାରୁ ଏବେ ଅଣସର ଘରେ ଗୁପ୍ତସେବା ଆରମ୍ଭ ହୋଇଛି । ଅଣସର ଘରେ ଗୁପ୍ତନୀତି ପରେ ମହାପ୍ରଭୁ ନବଯୌବନ ବେଶରେ ଦର୍ଶନ ଦେବା ସହ ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହରକୁ ବାହାରିବେ ।

## ଆଇସ୍ କ୍ରିମ୍ ଖାଇ ୧୫୦ରୁ ଉର୍ଦ୍ଧ୍ୱ ଗୁରୁତର

କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଦୁଧାରି ପଞ୍ଚାୟତରେ ୧୫୦ରୁ ଉର୍ଦ୍ଧ୍ୱ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ଗାଁକୁ ବିକ୍ରି ପାଇଁ ଆସିଥିବା ଆଇସ୍ କ୍ରିମ୍ ଖାଇବା ପରେ ସମସ୍ତେ ଅସୁସ୍ଥ ହୋଇଥିବା ସୂଚନା ମିଳିଛି । ଅସୁସ୍ଥଙ୍କ ମଧ୍ୟରେ ଅଧିକାଂଶ ଶିଶୁ ବୋଲି ସୂଚନା ମିଳିଛି । ସୂଚନା ଅନୁଯାଇ, ବଦଳିଗୁଡା, ଘାଟଗୁଡା, ଶୁଣ୍ଡିପୁଟ ଓ ଦୁଧାରି ଗାଁରେ ରାଜ୍ୟ ବାହାର ଜଣେ ବ୍ୟବାସାୟୀ ବୁଲିବୁଲି ଆଇସ୍ କ୍ରମି ବିକ୍ରି କରିଥିଲେ । ଉପରୋକ୍ତ ଗାଁର ପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ଉକ୍ତ ବ୍ୟବସାୟୀଙ୍କ ଠାରୁ ଆଇସ୍ କ୍ରିମ୍ କିଣି ଖାଇଥିଲେ । କିଛି ଘଣ୍ଟା ପରେ ଶିଶୁମାନେ ପ୍ରଥମେ ଅସୁସ୍ଥ ଅନୁଭବ କରିଥିଲେ । ବାରମ୍ବାର ଝାଡା ସହ ବାନ୍ତି ହେବାରୁ ଅତ୍ୟନ୍ତ ଦୁର୍ବଳ ହୋଇଯାଇଥିଲେ । ଏହାପରେ ବୟସ୍କମାନେ ଅସୁସ୍ଥ ହୋଇଥିଲେ । ସ୍ଥିତି ବିଗିଡିବାରୁ ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୦ଜଣ ଏବଂ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୫ଜଣ ଭର୍ତ୍ତି କରାଯାଇଥିଲା । ଏନେଇ ଖବର ପାଇ ଗୋଟିଏ ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ପରୀକ୍ଷା କରି ପ୍ରାଥମିକ ଚିକିତ୍ସା କରିଥିଲା । ଅଧିକାଂଶ ଅସୁସ୍ଥଙ୍କ ସ୍ୱାସ୍ଥ୍ୟସ୍ଥିର ରହିଥିବା ସୂଚନା ମିଳିଚା ଅସୁସ୍ଥଙ୍କ ମଧ୍ୟରେ ୨ରୁ ୩ବର୍ଷ ଶିଶୁ ମଧ ରହିଛନ୍ତି । ଅନ୍ୟପକ୍ଷରେ ଏହି ଖବର ପାଇ ସେମିଳିଗୁଡା ଥାନ ପୋଲିସ ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅସୁସ୍ଥଙ୍କୁ ପଚରାଉଚୁରା କରିଛି । ପଟାଙ୍ଗି ବିଧାୟକ ପୀତମ ପାଢି ଡାକ୍ତରଖାନରେ ପହଞ୍ଚି ଅସୁସ୍ଥଙ୍କ ଭେଟିଛନ୍ତି ।

## ଅଟୋ ଓଲଟି ଜଣେ ମୃତ

ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଗାରିଡି ଗ୍ରାମ ପାଖରେ ଏକ ଅଟୋ ଓଲଟି ପଡି ଜଣକର ମୃତ୍ୟୁ ହୋଇଛି । ମୃତକ ଜଣକ ଗରିବ ପରିବାରର ହେଇଥିବାରୁ ସରକାରୀ ସାହାଯ୍ୟ ପାଇଁ ପରିବାର ଲୋକେ ନିବେଦନ କରିଛନ୍ତି । ଘଟଣାରୁ ପ୍ରକାଶ ଗାରିଡି ଉପ ଡାକ ଘରର ଜଣେ ଚତୁର୍ଥ ଶ୍ରେଣି କର୍ମଚାରୀ ହଲଧର କଙ୍କଡା ନିଜ ଜମୀରେ ଚାଷ କରିଥିବା ପନିପରିବା ନିଜର ଅଟୋ ଗାଡିରେ ନେଇ କୁମ୍ଭାରିପୁଟ ହାଟକୁ ଯାଇଥିଲେ । ବେପାର ସରିବା ପରେ ଆଉ ଅଧିକ ପଇସା କମାଇବା ଲୋଭରେ କିଛି ପାସେଞ୍ଜରଙ୍କୁ ଧରି ବନ୍ଧୁଗାଁ ଯାଇଥିଲେ । ସେଠାରେ ଗାରିଡି ଗ୍ରାମର ଥବିର ଟାକିରିଙ୍କ ସହ ମିଶି ଦୁହେଁ ମଦ୍ୟପାନ କରି ନିଜ ଗ୍ରାମ ଗାରିଡିକୁ ଫେରୁଥିବା ବେଳେ ଗ୍ରାମ ପାଖରେ ଥିବା ସ୍କୁଲ ନିକଟରେ ଭାରସାମ୍ୟ ହରାଇ ଅଟୋ ଗାଡିଟି ଓଲଟି ପଡିଥିଲା । ଫଳରେ ଅଟୋ ଭିତରେ ବସିଥିବା ଥବିର ଟାକିରିଙ୍କର ଘଟଣା ସ୍ଥଳରେହିଁ ମୃତ୍ୟୁ ଘଟିଥିଲା । ଅପର ପଟେ ଦୋଷି ଅଟୋ ଚାଳକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ବନ୍ଧୁଗାଁ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ପୋଲିସ ସବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ବେନିୟମ ଭାବେ ସରକାରଙ୍କ ଜମି ଅକ୍ତିଆରରେ ସ୍କୁଲ କଲେଜ, ଦୃଢ଼ ପଦକ୍ଷେପ କେବେ ?

କନ୍ଧମାଳ,(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲାରେ ୧୨ ଗୋଟି ବ୍ଲକ ରହିଛି । ଜିଲ୍ଲା ପ୍ରଶାସନ, ତହସିଲଦାର ଓ ଓଡ଼ିଶା ସରକାରଙ୍କ ଦୃଢ ପଦକ୍ଷେପ ଶୂନ୍ୟ ହେବା ଫଳରେ ଏହିସବୁ ବ୍ଲକ ମାନଙ୍କରେ ଛତୁ ଫୁଟିଲା ପରି ଯିଏ ପାଇଲେ ସିଏ ଗୋଟିଏ ଗୋଟିଏ ସ୍କୁଲ, କଲେଜର ମାଲିକ ହୋଇ ପ୍ରଶାସନ କୁ କାହାକୁ ଖାତିରି ନ କରି ଛୋଟ, ବଡ ପ୍ରାଇଭେଟ ସ୍କୁଲ, କଲେଜ ମାନ ସରକାର ଜମିକୁ ବେନିୟମ ଭାବେ ମାଡି ବସି ଧୀରେ ଧୀରେ ଛୋଟ ଘର କରି ଭିତରେ ଭିତରେ କୋଠାଘର ଗଡି ତଲୁଛନ୍ତି । ପିଲାମାନଙ୍କୁ ପାଠ ପଢ଼ାଇବା, ସମସ୍ତ ସୁବିଧା ବାହାନାରେ ସ୍କୁଲ, କଲେଜକୁ ଦେଖାଇ ସରକାରଙ୍କ ଜମି, ଫରେଷ୍ଟ ଜଙ୍ଗଲ, ଗୋଚର ଜମିକୁ କାବୁ କରି ସାରିଲେଣି ଏହି ସ୍କୁଲ କଲେଜର ମାଫିଆମାନେ । କିଛି ବର୍ଷ ତଳେ କନ୍ଧମାଳ ଜିଲ୍ଲାରେ ଗଢିଉଠିଥିବା ବେନିୟମ ଭାବେ ସରକାର ଜମି ଅକ୍ତିଆର କରି ସ୍କୁଲ, କଲେଜ କୋଠା ଗୁଡିକୁ ଭଙ୍ଗାଯାଇ ସେଠାରେ ଓଡ଼ିଶା ସରକାରଙ୍କ ବୋର୍ଡ଼ ଲଗାଯାଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଏହି ବୋର୍ଡ଼କୁ ଉଠାଇ ସେଠାରେ ସ୍କୁଲ କଲେଜ କରି ପାଠପଢ଼ାଯାଉଛି । ଫୁଲବାଣୀ ଶିକ୍ଷାଞ୍ଚଳରେ ଥିବା କଲେଜକୁ ଭଙ୍ଗା ଯାଇଥିଲା । ପରବର୍ତ୍ତୀ ସେହି ସ୍ଥାନରେ କଲେଜ କାର୍ଯ୍ୟ କରୁଛି । ସେହିପରି ଅଧିକାଂଶ ବ୍ଲକ,ଫୁଲବାଣୀରେ ରହିଛି । ଏଥିରୁ ଜଣାପଡେ ଭଗବାନଙ୍କ ମାୟା କିଏ ଜାଣି ନ ଥାନ୍ତି । ଏହି ପରି ଜିଲ୍ଲା ପ୍ରଶାସନ, ତହସିଲଦାରଙ୍କ ମାୟା କିଏ ଜାଣିନ ଥାଆନ୍ତି । ତେଣୁ କନ୍ଧମାଳ ଜିଲ୍ଲାରେ ବେନିୟମ ଭାବେ ସରକାରଙ୍କ ଜମିକୁ ଧୀରେ ଧୀରେ ମାଡି ବସି ନିଜର କାୟା ବିସ୍ତାର କରି ପ୍ରାଇଭେଟ ସ୍କୁଲ, କଲେଜମାନ ଗଢି ମାସକୁ ମାସ କୋଟି କୋଟି ବିଭିନ୍ନ ଉପାୟରେ ଆଦାୟ କରି ସ୍କୁଲ ମାଲିକମାନେ କୋଟି କୋଟି ଟଙ୍କାର ମାଲିକ ହୋଇଛନ୍ତି । କିନ୍ତୁ ସରକାରଙ୍କୁ ଟିକସ ଫାକିବାରେ ଓସ୍ତାଦ ହୋଇପଡିଛି । ଏହା ସହିତ ମଧ ବିଭିନ୍ନ ବ୍ଲକରେ ପ୍ରାଇଭେଟ ଆଶ୍ରମ ଅନୁଷ୍ଠାନ କରି ବିଦେଶୀରୁ ଟଙ୍କା ଆଣି ବେନିୟମ ଭାବେ ସଂସ୍ଥା କରାଯାଇଛି । ଏହାର ମଧ ପ୍ରଶାସନ ପାଖରେ କିଛି କାଗଜପତ୍ର ନଥିବାର ଚର୍ଚ୍ଚା ଜୋରଧରିବାକୁ ବସିଲାଣି । ଏହା ସହିତ ମଧ ବିଭିନ ବ୍ଲକ ପ୍ରଶାସନ ଅଧିକାରୀ ଜାଣି ତାଙ୍କ ସହିତ ଭିତିରି ସଲାସୁତରା କରି କୌଣସି ଦୃଢ଼ ପଦକ୍ଷେପ ନାହାନ୍ତି । ବେନିୟମ ଭାବେ ସରକାର ଜମିକୁ ଅକ୍ତିଆର କରି ସ୍କୁଲ, କଲେଜ, ଆଶ୍ରମ ମାଲିକ ପ୍ରତି ଜିଲ୍ଲା ପାଳ,ଓଡିଶା ସରକାର,୫ଟି ଏହାରି ଉପରେ ତଦନ୍ତ କରି ଦୃଢ଼ ପଦକ୍ଷେପ ନେଲେ ସରକାର ଜମି ସରକାରଙ୍କ ହୋଇ ରହିବ ନ ହେଲେ ଧୀରେ ଧୀରେ ସରକାର ଜମିଗୁଡିକ ଜମି ମାଫିଆ ,ସ୍କୁଲ, କଲେଜ, ଆଶ୍ରମ ମାଲିକ ମାଫିଆ ମାନେ ମାଲିକ ହୋଇଯିବେ । ତେଣୁ ଏହାରି ଉପରେ ଦୃଢ଼ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ଜନସାଧାରଣମାନେ ଦାବି କରୁଛନ୍ତି ।

## ଶୀତଳ ପାନୀୟ ଜଳ ଲୋକାର୍ପିତ

ଟିଟିଲାଗଡ଼, (ଭାସ୍କର ନ୍ୟୁଜ୍): ଟିଟିଲାଗଡ଼ ଜେସି ଆଇ ସାମାଜିକ ସଂଗଠନ ତରଫରୁ ସ୍ଥାନୀୟ ଆଇ ଲଭ ଟିଟିଲାଗଡ଼ ପାର୍କ ପରିସରରେ ଏକ ଶୀତଳ ପାନୀୟ ଜଳ ପ୍ରକଳ୍ପକୁ ପୌରପରିଷଦ ଅଧକ୍ଷା ମମତା ଦେବି ଜୈନ,ବରଗଡ଼ ଅତିରିକ୍ତ ତହସିଲଦାର ସରିତା ଗୁପ୍ତାଙ୍କ ଦ୍ୱାରା ଲୋକାର୍ପିତ କରିଛନ୍ତି । ଜେସି ଆଇ ସଭାପତି ଅତୁଲ ଜୈନଙ୍କ ଦ୍ୱାରା ପରିଚାଳିତ ଏକ ଲୋକାର୍ପିତ ସଭାରେ ଅତିଥି ଦ୍ୱୟଙ୍କ ସହ ଅନୁଷ୍ଠାନର ସମ୍ପାଦକ ତ୍ରିଲୋକନାଥ ଜୈନ ଏବଂ କୋଷାଧ୍ୟକ୍ଷ ସଞ୍ଜୟ ସୋନି ଙ୍କ ସହିତ ଜେସିଆଇର ସଂସ୍ଥାପକ ସଭାପତି ଗୋପାଳ ପ୍ରସାଦ ଜୈନ, ପୂର୍ବତନ ସଭାପତି ମଣିଷ ଗୁପ୍ତା, ଅମନ ଅଗ୍ରୱାଲ, ଗୌତମ ଅଗ୍ରୱାଲ, ବିନୟ ମରଡ଼ିଆ, ବିକାଶ ଜୈନ ପ୍ରମୁଖ ରହିଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ଏହି ପ୍ରକଳ୍ପକୁ ଲୋକାର୍ପିତ କରି ପାର୍କକୁ ଆସୁଥିବା ଲୋକେ ବେଶ ପାନୀୟଜଳ ବ୍ୟବହାର କରିପାରିବେ ନେଇ ଅତୁଳ ଜୈନ ସୂଚନା ଦେଇଛନ୍ତି । ଆଗକୁ ସହରର ଆହୁରି ଅନେକ ଉନ୍ନୟନ ଯୋଜନା ରେ ଅନୁଷ୍ଠାନ ତାର ପ୍ରୟାସ ଜାରି ରଖିଥିବା କହିଛି ଜେ ସି ଆଇ । ବିକାଶ ଜୈନ ଏବଂ ତ୍ରିଲୋକନାଥ ଜୈନ ପ୍ରମୁଖ ସହଯୋଗ କରିଥିଲେ ।

## ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ଶାନ୍ତିନଗର ସାହିବାସୀ



ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଆର.ଉଦୟଗିରି ବ୍ଲକ୍ ମହେନ୍ଦ୍ରଗଡ଼ ପଞ୍ଚାୟତ ଅନ୍ତର୍ଗତ ରଣାଲାଇ ଗ୍ରାମର ଶାନ୍ତିନଗର ସାହି, ୱାର୍ଡ ନମ୍ବର ଚାରିର ବାସିନ୍ଦା ନିତିଦିନ ବ୍ୟବହାର ପାଇ ପାଣି ପାଇବା ନିମନ୍ତେ ହଇରାଣ ହେଉଛନ୍ତି । ଏ ବିଷୟରେ ସ୍ଥାନୀୟ ଅଧିକାରୀଙ୍କୁ ସାହି ବାସୀ କହି କହି ଥକି ଗଲେଣି । ସୁଚନା କ୍ରମେ ଶାନ୍ତିନଗର ସାହିଟି ଗ୍ରାମର ଶେଷ ଭାଗରେ ଅବସ୍ଥିତ ତେଣୁ ସପ୍ଲାଏ ପାଣି ପାଇପି ଜରିଆରେ ଛଡା ଯାଉଛି ତାହା କେବଳ ଅଧଘଣ୍ଟା ପାଇ ସେଇଠି ତିନୋଟି ପାଇପିରେ ୨୧ ଟି ପାରିବାର ନିର୍ଭର କରନ୍ତି । ପାଣି ବି ପାଇପିରେ ବହୁତ ଧିରେ ଆସୁଛି ଯାହା ଫଳରେ ଲୋକେ ନିତିଦିନ ବ୍ୟବହାର ପାଇ ପାଣି ନିଅଣ୍ଟ ହେଉଛି ବେଳେ ବେଳେ କିଛି ପରିବାର ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଭାରତୀୟ ମାନବାଧିକାର ଆୟୋଗର ବିଏଚ୍‌ଆର୍‌ସି ଇଣ୍ଡିଆର ରାଜ୍ୟ ସଭାପତି ପ୍ରସନ କୁମାର ଗୁରୁ ଓ ଗଜପତି ଜିଲ୍ଲା ସଭାପତି ସୁଶାନ୍ତ ପ୍ରଧାନଙ୍କୁ ଅବଗତ କରାଇଛନ୍ତି ଏବଂ ଗଣ ମାଧମ ଜରିଆରେ ସ୍ଥାନୀୟ ସରକାରୀ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି । ସ୍ଥାନୀୟ ସରକାରୀ ଅଧିକାରୀ ପାଣି ସମସ୍ୟା ସମାଧାନ କଲେ ସ୍ଥାନୀୟ ଅଧିବାସୀମାନେ ପାଣିର ସମସ୍ୟା ଦୂର ହେବ ବୋଲି ଆଶା କରୁଛନ୍ତି ।

## ବିଜେପି ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ

ବାମରା,(ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା ବାମରା ମଣ୍ଡଳ ଜୋନ-୧ ବିଜେପି ପକ୍ଷର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ନରେଶ ସିଂ ଠାକୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ମଣ୍ଡଳ ପ୍ରଭାରୀ ପଦ୍ମ ଚରଣ ଗୁରୁ ପରିଚାଳନା କରିଥିଲେ। ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ କୁଚିଣ୍ଡା ବିଧାୟକ ରବିନାରାୟଣ ନାଏକ ଯୋଗ ଦେଇଥିଲେ। ସେ କେନ୍ଦ୍ରରେ ପରିଚାଳିତ ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ଚାଲିଥିବା ମହା ସମ୍ପର୍କ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ଏହି ବୈଠକରେ ମଣ୍ଡଳ ସମ୍ପାଦକ ବିଷ୍ଣୁ ଅଗ୍ରୱାଲ, ଦେଓକରଣ ଲୁହା, ଜୈତି କୁମାର ଲାଠ୍ , ସୁରୁଲାଲ ନାୟକ,ଗନ୍ଦେ ମାଝୀ, ଯୁଗେଶ୍ୱର ସେଠ , ରାଜ କୁମାର ଶର୍ମା, ପ୍ରଫୁଲ୍ଲ ନାୟକ, କିଶୋର ମେହେର ପ୍ରମୁଖ ଯୋଗଦେଇ ନିଜ ନିଜ ମତାମତ ରଖିଥିଲେ। ଏଥିରେ ଗୋବିନ୍ଦପୁର, ବାଉଁଶଲଗା, ଉଜ୍ଜକାପାଟ, କୁଟାରୀମାଲ ପଞ୍ଚାୟତର କର୍ମୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାଲେଶ୍ୱରର ବାହାନଗା ନିକଟରେ ହୋଇଥିବା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ରେଳଯାତ୍ରୀ ଓ ବାମରାର ବରିଷ୍ଠ କର୍ମୀ ସ୍ୱର୍ଗତ ନାରାୟଣ ଦାସ କେଶରବାନୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ସହ ନିରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦ୍ ଗତି କାମନା କରାଯାଇଥିଲା ।

# ଜାତୀୟ କର୍କଟ ବିଜୟୀ ଦିବସ ପାଳିତ

ବରଗଡ଼,(ଭାସ୍କର ନ୍ୟୁଜ):ଆଜି ସାରା ଦେଶରେ କେନ୍ସର ସରଭାଇବରଡ଼େ ବା ଜାତୀୟ କର୍କଟ ବିଜୟୀ ଦିବସ ପାଳନ କରାଯାଉଥିବା ବେଳେ ବରଗଡରେ ଏହି ଦିବସଟିକୁ ଫାଇଟର୍ସ ଗ୍ରୁପ୍ ପକ୍ଷରୁ ଏକ ନିଆରା ଢଙ୍ଗରେ ପାଳନ କରାଯାଇଛି । କ୍ୟାନ୍ସର ରୋଗ ସହିତ ଲଢେଇ କରି ବିଜୟୀ ହୋଇଥିବା ସରଭାଇଭରମାନେ ନିଜେ ସମାଜରେ ଅସହାୟ ଅବସ୍ଥାରେ ଜୀବନଯାପନ କରୁଥିବା ଅନ୍ୟ ମାନଙ୍କୁ ଖୁସିରେ ଜୀବନ ବଞ୍ଚିବାର ରାହା ଦେଖାଇଛନ୍ତି। ନିଜ ଦୁଃଖ, ନିଜ କଷ୍ଟକୁ ଜୀବନ ପଥରେ ଦୃଢ ମନୋବଳ ଏବଂ ଆତ୍ମ ବିଶ୍ୱାସ ସହିତ ସାମନା କରି ଆଜିର ଦିନକୁ ବେଶ ଖୁଶିର ସହିତ ଉତ୍ସବଭାବେ ପାଳନ କରିଥିଲେ। ଯାହାକୁ ଦେଖି ବୃଦ୍ଧାଶ୍ରମରେ ରହୁଥିବା ଅନେକ ଅସହାୟ ବୃଦ୍ଧ ଓ ବୃଦ୍ଧା ନୂତନ ପ୍ରେରଣା ସ୍ରୋତରେ ଉତ୍ସାହିତ ହୋଇ ବାକିତକ ଜୀବନ କ୍ୟାନ୍ସର ସରଭାଇବରମାନଙ୍କ ପରି ଆନନ୍ଦରେ ବିତାଇବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। କେନ୍ସର ରୋଗ ସହିତ ଲଢେଇ କରି ବିଜୟୀ ହୋଇଥିବା ବରଗଡର ଫାଇଟର୍ସ ଗ୍ରୁପ୍ ଦ୍ୱାରା କ୍ୟାନ୍ସର ରୋଗୀଙ୍କ ମନୋବଳ ସୁଦୃଢ କରିବା ତଥା କ୍ୟାନ୍ସର ରୋଗ ସହିତ ଲଢି ଖୁସିରେ ଜୀବନ ବଞ୍ଚିବାର କଳା ଶିଖାଇବା ଉଦ୍ଦେଶ୍ୟରେ ଆଜି ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନହଲ ଠାରେ ଏକ ନିଆରା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କ୍ୟାନ୍ସର ରୋଗରେ ଆର୍ଥିକ ଓ ମାନସିକ ଭାରସାମ୍ୟ ହରାଇ ବସିଥିବା ରୋଗୀ ଓ ପରିବାର ବର୍ଗର କେତେଜେ ଅସହ୍ୟ ଦୁଃଖ ତାହା କେବଳ କେନ୍ସର ସରଭାଇବରମାନେ ହିଁ ନିଜର ଅନୁଭୂତିରୁ ବୁଝିପାରିଛନ୍ତି । ତେଣୁ କ୍ୟାନ୍ସର ରୋଗ ପ୍ରତି ଥିବା ଭୟ ମେଣ୍ଟାଇବା ଏବଂ ରୋଗୀଙ୍କ ମୁହଁରେ ହସ ଫୁଟାଇବା ପାଇଁ ଗୋଟିଏ ମଞ୍ଚରେ କ୍ୟାନ୍ସର ଫାଇଟର୍ସ, କେନ୍ସର ରୋଗୀ, ପାର୍ବତୀଗିରି ବୃଦ୍ଧାଶ୍ରମରୁ ଆସିଥିବା ଅସହାୟ ବୃଦ୍ଧବୃଦ୍ଧା, ମାତୃ ଛାୟାର ଅନ୍ତେବାସୀ ଓ ସାମାଜିକ ସଂଗଠନର ସଦସ୍ୟ ମାନେ ସମସ୍ତେ ମିଶି ଗୀତ ଓ ବାଦ୍ୟର ତାଳେ ତାଳେ ଆନନ୍ଦର ସହିତ ନାଚିଉଠିଥିଲେ। ଏହି ନାଚରେ ବରଗଡ଼ର ସମସ୍ତ ବର୍ଗର ଲୋକେ ସାମିଲ ହୋଇ କ୍ୟାନ୍ସର ରୋଗୀଙ୍କ ମନୋବଳ ବଢାଇଥିଲେ ଓ ଜାତୀୟ କର୍କଟ ବିଜୟୀ ଦିବସ ପାଳନ କରିଥିଲେ। ତେବେ ଦୁଇ ଗୋଟି ପର୍ଯ୍ୟାୟରେ ଆଜିର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ, ରାଜ୍ୟ ପନ୍ୟାଗାର ଅଧକ୍ଷ ମହେନ୍ଦ୍ର କୁମାର ବଢ଼େଇ, ସମ୍ବଲପୁରୀ ବସ୍ତ୍ରାଳୟ ଚେୟାରମ୍ୟାନ ସମ୍ବିତ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ବକ୍ତା ଭାବରେ ଉମିଦେ ଭୁବନେଶ୍ୱରର ନିତାଇ ପାଣିଗ୍ରାହୀ ଯୋଗ ଦେଇଥିଲେ। ଫାଇଟରସ ଗ୍ରୁପ୍‌ର ସଦସ୍ୟ ରାଜଗୋପାଳ ଦାସ କାର୍ଯ୍ୟକ୍ରମର ଉଦ୍ଦ୍ୟେଶ ଜ୍ଞାପନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ତେବେ ସମ୍ବିତ ଆଚାର୍ଯ୍ୟ କହିଥିଲେ ଯେ, ୪୫ ବର୍ଷ ପୂର୍ବେ ତାଙ୍କ ପରିବାରରେ ମଧ କ୍ୟାନ୍ସର ରୋଗରେ ଜଣେ ପୀଡିତ ଥିଲେ ଏବଂ ୧୨ ବର୍ଷ ଧରି ପୁରା ପରିବାର କଷ୍ଟ ଭୋଗ କରିଥିଲେ। ତେବେ ସେତେବେଳେ କ୍ୟାନ୍ସର ରୋଗର ଚିହ୍ନଟ ଏବଂ ବର୍ତ୍ତମାନ ପରି ଚିକିତ୍ସା ଉପଲବ୍ଧ ନଥିଲା ମାତ୍ର ବର୍ତ୍ତମାନ ସବୁ ପ୍ରକାରର ସୁବିଧା ଥାଇ ମଧ ସମାଜରେ ଲୋକଙ୍କ ଅବହେଳା ଯୋଗୁଁ ଯେପରିକି ବହୁ ମାତ୍ରାରେ କୀଟନାଶକ ବ୍ୟବହାର, ତମ୍ବାଖୁ ଓ ଗୁଟଖା ସେବନ କାରଣରୁ ଜିଲ୍ଲାରେ କେନ୍ସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ତେଣୁ ସମାଜରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ କ୍ୟାନ୍ସର ପ୍ରତି ସଚେତନତା ଅବଲମ୍ବନ କରିବା ପ୍ରାଥମିକ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ପନ୍ୟାଗାର ଅଧକ୍ଷ ମହେନ୍ଦ୍ର କୁମାର ବଢ଼େଇ ଫାଇଟର୍ସ ଗ୍ରୁପର ପ୍ରତ୍ୟେକ ସଦସ୍ୟଙ୍କ ଅସୀମ ସାହସ ଓ ଆତ୍ମବିଶ୍ୱାସକୁ ପ୍ରଣାମ କରିବା ସହିତ କୌଣସି ମଧ କ୍ୟାନ୍ସର ରୋଗୀଙ୍କ ଯଥା ସମ୍ଭବ ସହାୟତା କରିବା ପାଇଁ ଫାଇଟର୍ସ ଗ୍ରୁପ୍‌କୁ ପ୍ରତିଶ୍ରୁତି ଦେଇଥିଲେ । ସେ ନିଜର ପ୍ରଚେଷ୍ଟାରେ ବିଭିନ୍ନ କ୍ୟାନ୍ସର ହସ୍ପିଟାଲରେ କ୍ୟାନ୍ସର ରୋଗୀଙ୍କ ଚିକିତ୍ସା ସୁବିଧା ନିମନ୍ତେ ଜଣେ ଲେଖାଏ ବ୍ୟକ୍ତି ନିଯୋଜିତ କରିଥିବା ଜଣାଇଥିଲେ। ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ କହିଥିଲେ ଯେ, ଫାଇଟର୍ସ ଗ୍ରୁପର ଅନୁରୋଧକ୍ରମେ ସେ ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ କରାଇ ବରଗଡରେ କ୍ୟାନ୍ସର ହସ୍ପିଟାଲ ନିର୍ମାଣ ପାଇଁ ପ୍ରଚେଷ୍ଟା କରିଥିଲେ। ଫଳ ସ୍ୱରୂପ ବରଗଡରେ କ୍ୟାନ୍ସର ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ସମାଜରେ କ୍ୟାନ୍ସର ପରି ଦୁରାରୋଗ୍ୟରୁ ରକ୍ଷା ଏବଂ ସଚେତନତା ପାଇଁ ତଳ ସ୍ତରରୁ ଆଙ୍ଗନବାଡ଼ି , ଆଶାକର୍ମୀ, ସ୍ୱାସ୍ଥ୍ୟ ବିଭାଗ ସହିତ ଜଡିତ ବିଭିନ୍ନ ସଂଗଠନର ସଦସ୍ୟଙ୍କୁ ଆଗାମୀ ଦିନରେ ସଚେତନତା ପାଇଁ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ପ୍ରାଥମିକ ସ୍ତରରେ ରୋଗର ଲକ୍ଷଣକୁ ଚିହ୍ନଟ କରି ଉଚିତ ଚିକିତ୍ସା ଯୋଗେଇଦେବା ଦ୍ୱାରା ରୋଗୀର ଜୀବନ ବଞ୍ଚିବ ବୋଲି କହିଥିଲେ। ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ଚରଣ ନେପାକ କହିଥିଲେ ଯେ, କେଉଁ କାରଣରୁ ବରଗଡ ଏକ କ୍ୟାନ୍ସର ପ୍ରବଣ ଜିଲ୍ଲା ପାଲଟିଛି ତାହା ଉପରେ ଏକ ବିଶେଷ ବୈଜ୍ଞାନିକ ଦଳ ଦ୍ୱାରା ଗବେଷଣା କରାଯିବା ଆବଶ୍ୟକ। ତେବେ କେନ୍ସର ରୋଗ ଜଳ ଦ୍ୱାରା ନାଁ ବାୟୁ ମଣ୍ଡଳର ପ୍ରଦୂଷଣ ଦ୍ୱାରା ନାଁ ଅଧିକ ମାତ୍ରାରେ କୀଟନାଶକ ବ୍ୟବହାର ଦ୍ୱାରା ବ୍ୟାପୁଛି ତାହା ଗବେଷଣାରେ ଜଣାପଡିଲେ ତାହାର ନିରାକରଣ କରାଯାଇପାରନ୍ତା ବୋଲି କହିଥିଲେ। ଉମିଦେ ଭୁବନେଶ୍ୱରର ନିତାଇ ପାଣିଗ୍ରାହୀ କହିଥିଲେ ଯେ, କ୍ୟାନ୍ସର ରୋଗୀଙ୍କ ଚିକିତ୍ସା ସୁବିଧା କେବଳ ପରିବାରର ଦାୟିତ୍ୱ ନୁହେ ବରଂ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ଦାୟିତ୍ୱ ହେବା ଉଚିତ। କ୍ୟାନ୍ସର ରୋଗୀଙ୍କୁ ନିଜ ପରିବାରର ଭାବି ସମସ୍ତେ ସାହାଯ୍ୟ ପାଇଁ ଆଗେଇ ଆସିବା ଉଚିତ। କ୍ୟାନ୍ସର ରୋଗୀ ଓ ତାଙ୍କ ପରିବାର ଏହି ଦୁରାରୋଗ୍ୟକୁ ଭୟ ନକରି ମାନସିକ ସ୍ତରରେ ଦୃଢତାର ସହିତ ପରିସ୍ଥିତିକୁ କିପରି ସାମନା କରିବେ ସାହସ ଯୋଗେଇବା ମଧ ସମାଜର ଦାୟିତ୍ୱ ଅଟେ ବୋଲି କହିଥିଲେ। ତେବେ ସର୍ବୋପରି ଡାକ୍ତରୀ ଚିକିତ୍ସା, ସ୍ନେହ ଓ ପ୍ରେମ ଦ୍ୱାରା କ୍ୟାନ୍ସରକୁ ଜିଣି ପାରିବା ବୋଲି ମତ ପ୍ରକାଶ କରିଥିଲେ। ସେହିପରି ଆଜିର ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ରାଇପୁରରୁ ଆସିଥିବା ମହିଳା ଅଙ୍କୋଲୋଜିଷ୍ଟ ଡାକ୍ତର ମହିଳାମାନଙ୍କ ମଧ୍ୟରେ ସାଧାରଣ ତଃ ଦୁଇଟି କ୍ୟାନ୍ସର ଅଧିକ ଦେଖାଯାଇଥାଏ ବୋଲି ଜଣାଇଥିଲେ। ପ୍ରଥମଟି ସ୍ତନ କ୍ୟାନ୍ସର ଓ ଦ୍ୱିତୀୟଟି ଗର୍ଭାଶୟ କେନ୍ସର ହୋଇଥିବାବେଳେ ଡ଼ ମୋଟ ଏହାର ଲକ୍ଷଣ, କାରଣ, ନିରାକରଣ ଓ ଚିକିତ୍ସା ବ୍ୟବସ୍ଥା ଉପରେ ବିଶେଷ ଆଲୋକପାତ କରିଥିଲେ। ଗର୍ଭାଶୟ କ୍ୟାନ୍ସରରୁ ରକ୍ଷା ପାଇବାପାଇଁ ଝିଅମାନଙ୍କ ପାଇଁ ୯ ରୁ ୧୫ ବର୍ଷ ମଧ୍ୟରେ ୨ ଗୋଟି ଟୀକା ନେବା ଜରୁରୀ ଏବଂ ୧୫ ରୁ ୨୬ ବର୍ଷ ମଧ୍ୟରେ ୩ ଗୋଟି ଟୀକା ନେଲେ ଗର୍ଭାଶୟ କ୍ୟାନ୍ସରକୁ ରୋକାଯାଇପାରିବ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। କ୍ୟାନ୍ସର ବିଶେଷଜ୍ଞ ଡାକ୍ତର ମାଉ ରୟେ, ଡାକ୍ତର ଆଲୋକ କୁମାର ସ୍ୱାଇଁ ଏହି ଆଲୋଚନା ଚକ୍ରରେ ଯୋଗଦାନ କରି ଜନସାଧାରଣଙ୍କୁ କ୍ୟାନ୍ସର ରୋଗର କାରଣ, ଲକ୍ଷଣ ଓ ଏହାର ନିରାକରଣ ଉପରେ ସଚେତନ କରାଇଥିଲେ। ଉପସ୍ଥିତ ବହୁ କ୍ୟାନ୍ସର ରୋଗୀ ଓ ଜନସାଧାରଣ ଡାକ୍ତରଙ୍କୁ ପ୍ରଶ୍ନ କରି ନିଜନିଜର ପରାମର୍ଶ ନେଇ ଉପକୃତ ହୋଇଥିଲେ। ତେବେ ଆଜିର ଏହି କାର୍ଯ୍ୟକ୍ରମରେ ବରଗଡର ଫାଇଟର୍ସ ଗ୍ରୁପ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଅସହାୟଲୋକଙ୍କ ସହଯୋଗରେ ଆସିଥିବା ବରଗଡର ଯୁବ ଶିକ୍ଷକ ଦିବସ କୁମାର ସାହୁଙ୍କୁ ଫାଇଟର୍ସ ସ୍ୱର୍ଗତ ବିନ୍ଧ୍ୟବାସିନୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଡାକ୍ତର ରାଜେଶ ତ୍ରିପାଠୀ, ଡାକ୍ତର ସସ୍ମିତା ଦାଶ, ଜଳନ୍ଧର ପଟେଲ, ଦେବବ୍ରତ ତ୍ରିପାଠୀ, ଡାକ୍ତର ଅଶ୍ୱିନୀ ଭୋଇ, ଗୁଲସନ ଦାଶ, ମିନତୀ ସାହୁ, ତାରିଣି ସାହୁ, ମୁକ୍ତା ଦାଶଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।



"ସେହି ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରେ, ଯିଏ କୌଣସି ପଦାର୍ଥ ଦ୍ୱାରା ବିଚଳିତ ହୁଅନ୍ତି ନାହିଁ।"

- ସ୍ୱାମୀ ବିବେକାନନ୍ଦ



"ଯଦି ତୁମେ ଭଗବାନଙ୍କୁ ପ୍ରାର୍ଥନା କରୁନାହଁ, ତାହା ତାଙ୍କ ପାଇଁ କ'ଣ ଏହା କେବଳ ତୁମର ଦୁର୍ଭାଗ୍ୟ।"

-ସାରଦା ଦେବୀ



### ଟ୍ରେନ୍ ଦୁର୍ଘଟଣା କ'ଣ ମନୁଷ୍ୟକୃତ ?

# ଯାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଅ

ବାଲେଶ୍ୱର ନିକଟବର୍ତ୍ତୀ ବାହାନଗା ଠାରେ ଘଟିଥିବା ଚଳିତ ଶତାବ୍ଦୀର ଭୟଙ୍କର ଟ୍ରେନ୍ ଦୁର୍ଘଟଣା କେଉଁ କାରଣରୁ ଘଟିଲା, ଏଥିପାଇଁ କିଏ ଦାୟୀ, ଦୁର୍ଘଟଣାରେ ପ୍ରକୃତ ମୃତ୍ୟୁସଂଖ୍ୟା କେତେ, ସେହି ବିଷୟକୁ ନେଇ ତର୍କବିତର୍କ ଆରମ୍ଭ ହୋଇଯାଇଛି। ଏଥିନେଇ ରାଜନୈତିକ ବାତାବରଣ ମଧ୍ୟ ବେଶ୍ ସରଗରମ ହୋଇଥିବାବେଳେ କେହି କେହି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଇସ୍ତଫା ଦାବି କରିଛନ୍ତି। ଅତୀତରେ କେତେକ ବଡ ବଡ ଟ୍ରେନ୍ ଦୁର୍ଘଟଣା ପରେ ସେହି ସମୟର ରେଳମନ୍ତ୍ରୀ ଯଥା- ଲାଲ ବାହାଦୂର ଶାସ୍ତ୍ରୀ, ନୀତିଶ କୁମାର, ମମତା ବାନାର୍ଜୀ ଓ ସୁରେଶ ପ୍ରଭୁ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଥିବାରୁ ସେମାନଙ୍କ ପଦାଙ୍କ ଅନୁସରଣ କରି ଅଶ୍ୱିନୀ ବୈଷ୍ଣବ ମଧ୍ୟ ଇସ୍ତଫା ଦେବାକୁ ବିରୋଧୀ ଦଳ ଯୁକ୍ତି ବାଢୁଛନ୍ତି। ତେବେ ଏହି ଦୁର୍ଘଟଣାର ଭୟାବହତା ଦୃଷ୍ଟିରୁ ମୃତାହତଙ୍କୁ ଉଦ୍ଧାର ଓ ସାହାଯ୍ୟ ବଡ ଆହ୍ୱାନ ହୋଇଥିବାରୁ ଏଥିରେ ରାଜନୀତିର ସ୍ଥାନ ରହିନପାରେ। ବିଭୀଷିକାର ମୁକାବିଲା ନିମନ୍ତେ ମାନବିକ ଦୃଷ୍ଟିକୋଣରୁ ଐକ୍ୟବଦ୍ଧ ପ୍ରୟାସର ଜରୁରୀ ଆବଶ୍ୟକତା ରହିଛି। ଏହା ଭିତରେ ବାହାନଗା ଠାରେ ଘଟିଥିବା ଲୋମହର୍ଷଣକାରୀ ଟ୍ରେନ୍ ଦୁର୍ଘଟଣାର ସିବିଆଇ ତଦନ୍ତ କରାଯିବାକୁ ସୁପାରିଶ କରାଯାଇଛି। ରେଳବାଇ ବୋର୍ଡ ଆଭ୍ୟନ୍ତରୀଣ ତଦନ୍ତ ରିପୋର୍ଟକୁ ତର୍ଜମା କରିବା ପରେ ସିବିଆଇ ତଦନ୍ତ ପାଇଁ ସୁପାରିଶ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସମୟରେ ଦୋଷୀଙ୍କୁ କଦାପି ଛଡାଯିବ ନାହିଁ ବୋଲି ସୂଚନା ଦେଇଥିଲେ। ବାହାନଗା ଠାରେ ଘଟିଥିବା ଦୁର୍ଘଟଣାରେ ତିନୋଟି ଟ୍ରେନ୍ର ସଂପୃକ୍ତି ରହିଥିବାରୁ ଏହା ଅଧିକ ବିଭୀଷିକାପୂର୍ଣ୍ଣ ଥିଲା ଏବଂ ଧ୍ୱସ୍ତବିଧ୍ୱସ୍ତ ରେଳଡବା ଭିତରୁ ମୃତାହତଙ୍କୁ ଉଦ୍ଧାର କରିବା କଷ୍ଟକର ହୋଇଥିଲା। ମାତ୍ର ଓଡ଼ିଶା ପ୍ରଶାସନ ଏ କ୍ଷେତ୍ରରେ ଖୁବ୍ ତତ୍ପରତାର ସହ ପଦକ୍ଷେପ ନେବାରୁ ଅନେକ ଜୀବନ ରକ୍ଷା ପାଇଯାଇଥିବାର ଜଣାପଡିଛି। ଖୋଦ୍ ପ୍ରଧାନମନ୍ତ୍ରୀ ମୋଦି ଏଥିପାଇଁ ଓଡ଼ିଶା ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହାଛଡା ସେହି କାଳରାତ୍ରିରେ ଆଖପାଖ ଅଞ୍ଚଳର ଜନସାଧାରଣ ଯେପରି ମୃତାହତ ଯାତ୍ରୀଙ୍କୁ ଉଦ୍ଧାର, ସାହାଯ୍ୟ ଓ ସେବା ଯୋଗାଇଦେବାକୁ ଅଣ୍ଟା ଭିଡି ଆଗେଇ ଆସିଲେ ଏବଂ ଆହତଙ୍କ ପାଇଁ ରକ୍ତଦାନ କରିବାକୁ ବିଭିନ୍ନ ଡାକ୍ତରଖାନାରେ ଭିଡ ଜମାଇଲେ, ତାକୁ ମଧ୍ୟ ସବୁ ମହଲରୁ ପ୍ରଶଂସା କରାଯାଇଛି। ଯଦିଓ ସରକାରୀ ଭାବରେ ମୃତ୍ୟୁ ସଂଖ୍ୟା ୨୭୫ କୁହାଯାଉଛି, ତଥାପି ବାସ୍ତବ କ୍ଷେତ୍ରରେ ଏହି ସଂଖ୍ୟା ଯଥେଷ୍ଟ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଅନେକ ମୃତଦେହର ପରିଚୟ ଏ ଯାଏଁ ମିଳିନଥିବାବେଳେ ଆଉ କେତେଜଣ ନିଖୋଜ ଅଛନ୍ତି। ସହସ୍ରାଧିକ ଆହତ ବ୍ୟକ୍ତିଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଏବେ ବି ସଂକଟାପନ୍ନ ରହିଛି। କେନ୍ଦ୍ର ସରକାର ବୁଲେଟ ଟ୍ରେନ୍ ଓ ବନ୍ଦେ ଭାରତ ଏକ୍ସପ୍ରେସ୍ ଭଳି ଅତି ଦ୍ରୁତଗାମୀ ଟ୍ରେନ୍ ଚଳାଚଳ ଉପରେ ଅଧିକ ଗୁରୁତ୍ୱ ଦେଉଥିବାବେଳେ ସେହି ଅନୁପାତରେ ଯାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରତି ଦୃଷ୍ଟି ଦେଉନଥିବାର ଅଭିଯୋଗ ହେଉଛି। ଅନେକ ସ୍ଥାନରେ ପୁରୁଣା ଟ୍ରାକ୍ ମରାମତି ନହୋଇ ତା' ଉପରେ ଟ୍ରେନ୍ ଚଳାଚଳ କରୁଥିବାବେଳେ ସିଗ୍ନାଲ ବ୍ୟବସ୍ଥାରେ ତ୍ରୁଟି ରହୁଛି। ଉପଯୁକ୍ତ ତାଲିମପ୍ରାପ୍ତ କର୍ମଚାରୀଙ୍କ ଅଭାବ ଥିବାରୁ ଟ୍ରାକ୍ ମରାମତି ଓ ରକ୍ଷଣାବେକ୍ଷଣ ସମ୍ଭବ ହେଉନାହିଁ। ରେଳ ଦୁର୍ଘଟଣା ରୋକିବାକୁ ମନ୍ତ୍ରଣାଳୟ ପକ୍ଷରୁ 'କବଚ' ବ୍ୟବସ୍ଥା ପ୍ରଚଳନ ପାଇଁ ଘୋଷଣା କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ ତାହା ସବୁଠାରେ କାର୍ଯ୍ୟକାରୀ ହୋଇପାରିଲାନାହିଁ। ବାହାନଗା ଟ୍ରେନ୍ ଦୁର୍ଘଟଣାର କାରଣ ବିଶ୍ଳେଷଣ କଲେ ତାହା ଏକ ମନୁଷ୍ୟକୃତ ବିପର୍ଯ୍ୟୟ ହୋଇଥାଇପାରେ ବୋଲି ଜଣାପଡୁଛି। ମାତ୍ର ତଦନ୍ତ ଶେଷ ହେବା ପରେ ହିଁ ପ୍ରକୃତ କାରଣ ସ୍ପଷ୍ଟ ହେବ। ରେଳଯାତ୍ରୀଙ୍କ ଶତପ୍ରତିଶତ ନିରାପତ୍ତା ଆଜି ଏହି ମନ୍ତ୍ରଣାଳୟ ଆଗରେ ବଡ ଆହ୍ୱାନ ହୋଇଛି।

# ଶ୍ରୀମନ୍ଦିରରେ ଅଣସର ନୀତି



ଶ୍ରୀ ବ୍ରଜକିଶୋର ଦାଶ
ମୋ : ୯୪୩୭୬୩୩୯୨୨

ସ୍ନାନପୂର୍ଣ୍ଣମୀ ଦିନ ସ୍ନାନବେଦୀରୁ ଠାକୁରମାନେ ବାହୁଡିବା ଠାରୁ ଆଷାଢ଼ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ ଅନବସର ବା ଅଣସର କୁହାଯାଏ। ଏହି ପନ୍ଦର ଦିନ ଶ୍ରୀବିଗ୍ରହମାନଙ୍କର ଦର୍ଶନ ନିଷେଧ। ଠାକୁରମାନେ ସ୍ନାନବେଦୀରେ ବିଜେ କଲା ପରେ ରାଘବଦାସ ମଠ, ଅଣସର ପିଣ୍ଡିରେ ଗୋଟିଏ କାଠର କନକ ମୁଣ୍ଡି ଓ ପ୍ରଭା ପ୍ରସ୍ତୁତ କରିଥାନ୍ତି। ସ୍ନାନମଣ୍ଡପରୁ ବାହୁଡି ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ସୁଭଦ୍ରା ଏଠାରେ ବିଜେ ହୁଅନ୍ତି। ଏହି ସମୟରେ ମହାପ୍ରଭୁ ଅବସ୍ଥାନ କରୁଥିବା ସ୍ଥଳକୁ ଅନବସର ଗୃହ (ଅଣସର ଗୃହ) ଓ ସେହି ସମୟକୁ ବା କାଳକୁ ଅନବସର କାଳ ବୋଲି କୁହାଯାଏ। ଏହାପରେ ଦଇତାପତିମାନେ ତିନିବାଡରେ ଲାଗି ହୋଇଥିବା ରାହୁରେଖା, ଶ୍ରୀଜଗନ୍ନାଥଙ୍କ ହୀରା ଚିତା, ଶ୍ରୀବଳଭଦ୍ରଙ୍କର ନୀଳା ଚିତା ଓ ଶ୍ରୀସୁଭଦ୍ରାଙ୍କର ମାଣିକ୍ୟ ଚିତା ବାହାର କରିଦେଇଥାନ୍ତି। ଋଙ୍ଗଡା ମେକାପ ଦେଇଥିବା ଶ୍ରୀକାପାଡାରେ ତାକୁ ଭଲଭାବରେ ବାନ୍ଧି ମଦନମୋହନ ମୁଦରେ ମୁଦଦେଇ ଭଣ୍ଡାର ମେକାପକୁ ଦେଲେ ସେ ଭଣ୍ଡାରଘରେ ନେଇ ରଖିଥାନ୍ତି।

କୋଠସୁଆଁସିଆମାନେ ଅଣସରପିଣ୍ଡି ଋରିପାଖେ ବାଉଁଶ ତାଟି ବେଢାଇ ଭିତର ପରି ତିଆରି କରି ଧୁକୁଡିଦ୍ୱାର ପାଖରେ ସେବକମାନଙ୍କ ଯିବାଆସିବା ପାଇଁ ଗୋଟିଏ ଋେରାବାଟ ରଖନ୍ତି। ଜଗମୋହନରେ ଥିବା ବଡ ଖଟ ସୁଆଁସିଆମାନେ ତାଟି ବାହାର ପଟକୁ ପକାନ୍ତି ଓ ଖଟର ଋରିପାଖରେ ମାଟିର ବନ୍ଧ ଦିଆଯାଏ। ଏଥିପୂର୍ବରୁ ଘଣ୍ଟ, ଛତା ଓ କାହାଳୀ ସହ ତିନିବାଡର ପଟିଠାକୁର, ବଡଠାକୁରଙ୍କ ବାଡର ବାସୁଦେବ, ମଝିବାଡର ଭୁବନେଶ୍ୱରୀ, ଜଗନ୍ନାଥଙ୍କ ବାଡର ନାରାୟଣପଟି ଆଣି ଜୟବିଜୟ ଦ୍ୱାର ପାଖରେ ରଖାଯାଇଥାଏ। ମହାଜନ ସେବକ ଦକ୍ଷିଣିଘରୁ ସାତମୂର୍ତ୍ତି, ଯଥା ବଡବାଡର ଦୋଳଗୋବିନ୍ଦ, ରାମ ଓ ନୃସିଂହ, ମଝିବାଡର ଲକ୍ଷ୍ମୀ ଓ ସରସ୍ୱତୀ ଏବଂ ଜଗନ୍ନାଥଙ୍କ ବାଡର ମଦନମୋହନ ଓ କୃଷ୍ଣ ଏମିତି ସାତ ଦେବପ୍ରତିମାଙ୍କୁ ଆଣି ଖଟ ଉପରେ ବିଜେ କରାଇଲା ପରେ ତିନୋଟି ପଟିଦିଅଁ ବା ଚିତ୍ର ପ୍ରତିମା ତାଟି ଦେହରେ ରୁନ୍ଧା ହୁଅନ୍ତି। ଖଟ ଉପରେ ବିଜେଥିବା ସାତମୂର୍ତ୍ତି ଦେବପ୍ରତିମା ଏବଂ ତାଟିରେ ରୁନ୍ଧାଥିବା ତିନିମୂର୍ତ୍ତି ପଟିଦିଅଁଙ୍କୁ ଦଶାବତାର ଠାକୁର କୁହାଯାଏ। ସମସ୍ତେ ବିଜେ ହେବାପରେ ପୂଜାପଣ୍ଡା ପଞ୍ଚାମୃତରେ ସ୍ନାନ କରାନ୍ତି। ବଲ୍ଲଭ ସର୍ପମଣୋହି ହୋଇ ଦଶାବତାର ଠାକୁରଙ୍କ ଆଗରେ ସମସ୍ତ ଦୈନିକ ନୀତି ଓ ଭୋଗ ହୋଇଥାଏ। ଏହି ସମୟରେ ସୁବାସିତ ଶୁକ୍ଳପୁଷ୍ପ ବ୍ୟତୀତ ଅନ୍ୟକିଛି ଫୁଲ ଲାଗି ହୁଅନ୍ତି ନାହି। ସାଧାରଣ ଦିନମାନଙ୍କ ପରି ଏହି ଦିନମାନଙ୍କରେ ଠାକୁରଙ୍କୁ ଭୋଗ ପରେ ମଇଲମ ହୁଏ ନାହିଁ। ସକାଳେ ଥରେ ଓ ରାତ୍ରରେ ଥରେ ମଇଲମ ହୋଇଥାଏ। ମେକାପ ପ୍ରସ୍ତୁତ କରିଥିବା ଦୁଧସର, କର୍ପୁର, ଚନ୍ଦନ, ଯାଇଫଳ ଓ ନବାତ ମିଶା ୧୪ ବଡ ଓଳି ଓ ୧୪ ଛୋଟ ଓଳି ପ୍ରତ୍ୟହ ଦୁଇଥର ଭୋଗ ହୁଏ। ଅଣସର ଭିତରେ ହୋଇଥିବା ଭୋଗ ଓ ଲାଗି ହୋଇଥିବା ଫୁଲ କିମ୍ବା ଅନ୍ୟକିଛି ତାଟି ଫିଟିଲା ପର୍ଯ୍ୟନ୍ତ ବାହାରକୁ ଆସେ ନାହିଁ। ଦଶାବତାର ଠାକୁରଙ୍କର ରାତ୍ର ସିଂହାର ପରେ ଓ ପହୁଡ ପୂର୍ବରୁ ଠାକୁରମାନଙ୍କୁ ଦଇତାପତି ନିଯୋଗ ଯୋଗାଇଥିବା ଚକଟା ଭୋଗ ହୁଏ। ଏହି ଚକଟା ଭୋଗ ଆସି, ମୁକ୍ତିମଣ୍ଡପ ନିକଟରେ ଥିବା ନୃସିଂହ ମନ୍ଦିରରେ ରଖାଯାଇଥାଏ। ରାଘବଦାସ ମଠରୁ ଧୂଆଁମୁଗ ଓ ପଣସ ଠାକୁରଙ୍କୁ ଲାଗିହୁଏ। ଦଇତାପତିମାନେ ପାନୀୟ ଓ ଭୋଗ ପ୍ରସ୍ତୁତ କରି ପତି ମହାପାତ୍ରଙ୍କୁ ପୂଜା ପାଇଁ ଡାକନ୍ତି। ପତି ମହାପାତ୍ର ପୂଜା କରିବା ସମୟରେ ଦଇତାମାନେ ଭିତରେ ରହନ୍ତି ନାହିଁ। ପୂଜାପରେ ନୈବେଦ୍ୟକୁ ଦଇତାପତି ଓ ପତି ମହାପାତ୍ର ମାନେ ସେବନ କରିଥାନ୍ତି। ଭିତର ସର୍ବଦା ଅନ୍ଧକାର ରଖାଯାଏ। ମଇଲମ ଓ ଅନ୍ୟାନ୍ୟ ନୀତି ସମୟରେ ସଂପୃକ୍ତ ସେବକ ବଇଠା ଦଳାଇ ଆଲୋକିତ କଲେ ସେଥିରେ ନୀତି ଋଲେ।

ଶ୍ରୀମନ୍ଦିରରେ, ପଞ୍ଚମୀଠାରୁ ସପ୍ତମୀ ପର୍ଯ୍ୟନ୍ତ ଫୁଲୁରି ଲାଗି, ଅଷ୍ଟମୀରେ ଚକାବିଜେ, ଏକାଦଶରେ ଚନ୍ଦନଲାଗି, ଦ୍ୱାଦଶୀରେ ଘଣାପାଟ, ତ୍ରୟୋଦଶୀରେ ଖଡିଲାଗି, ଚତୁର୍ଦ୍ଦଶୀରେ ଚକାଅପସର ଇତ୍ୟାଦି ଅଣସର ନୀତି ଅନୁଷ୍ଠିତ ହୋଇଥାଏ। ଆଷାଢ଼ ଶୁକ୍ଳ ପଞ୍ଚମୀଦିନ ଦଇତାପତିମାନେ ପିଙ୍ଗଣ ଓ ପରଖରେ ରାଶିତେଲ, ଚୁଆ ଓ କର୍ପୁର ବିଜେ କରାଇ ଅନବସର ଠାକୁରମାନଙ୍କୁ ଲାଗି କରାନ୍ତି ଯାହାକୁ ଫୁଲୁରୀ ଲାଗି କୁହାଯାଏ। ଏ ତେଲ ପରଶ ଓ ଜଙ୍ଗଣ ମିଶା ତେଲ ଏହାକୁ ବଡଓଡିଆ ମଠ ତରଫରୁ ଯୋଗାଇ ଦିଆଯାଇଥାଏ।





ଅଷ୍ଟମୀଦିନ ଠାକୁରଙ୍କୁ ପଟ୍ଟବସ୍ତ୍ର ପିନ୍ଧାଯାଏ, ଏହାକୁ ଶ୍ରୀକପଡା ଲାଗି କୁହାଯାଏ। ନବମୀ ଦିନ ରାଶିତେଲ ଓ ଝୁଣା ଲେପନ କରାଯାଏ। ଏହାକୁ ମସୃଣ ଲେପନ କୁହାଯାଏ। ଦଶମୀଦିନ ଦଇତାପତିମାନେ ଧୁକୁଡିଦ୍ୱାର ପାଖରେ ଥିବା ତିନିଗୋଟି ଚକାକୁ ଗଡାଇ କରି ନେଇ ଅଣସର ପିଣ୍ଡିରେ ପକାଇ ତିନିଠାକୁରଙ୍କୁ ସେଥିରେ ବିଜେ କରାନ୍ତି। ଏହାକୁ ଚକା ବିଜେ କୁହାଯାଏ। ଏକାଦଶୀ ଦିନ ଅଣବସର ଗୃହରେ ୧୫ ସେର ଚନ୍ଦନକାଠରୁ ପ୍ରସ୍ତୁତ ଘୋରା ଚନ୍ଦନ, କର୍ପୁର ଓ କେଶର ମିଶ୍ରିତହୋଇ ଦଇତାପତି ଓ ପତି ପହାପାତ୍ରଙ୍କ ଦ୍ୱାର ଅଣସର ଠାକୁରଙ୍କୁ ଲାଗି କରାଯାଏ। ଏହି ଚନ୍ଦନକାଠ ଶ୍ରୀମନ୍ଦିର ପ୍ରଶାସନ ଓ ରାଘବଦାସ ମଠ ତରଫରୁ ଯୋଗାଇ ଦିଆଯାଇଥାଏ। ଯାହା ଋରିଦିନ ଆଗରୁ ଘୋରା ଋଲିଥାଏ। ଭଣ୍ଡାରଘରୁ ଶିଳ ଆଣି ଦକ୍ଷିଣି ଘରେ କର୍ପୁର କେଶର ବଟାଯାଇ ଏସବୁ ତଡଉକରଣ ଓ ଦେଉଳ କରଣଙ୍କ ଉପସ୍ଥିତିରେ ମିଶାଯାଇ ଦଶାବତାର ଠାକୁରଙ୍କୁ ଲାଗି ହୁଏ। ଚନ୍ଦନ ଲାଗି ସମୟରେ ଘଣ୍ଟ, କାହାଳି ଓ ବାଜା ବାଜିଥାଏ।

ଆଷାଢକୃଷ୍ଣ ଦ୍ୱାଦଶୀଦିନ ଭୋଗମଣ୍ଡପ ସରିଲେ ରାଜପରିବାରର ଯେତେ ସଦସ୍ୟ ଥିବେ ଭଣ୍ଡାରଘରୁ ସେତେଟା ରୂପାଥାଳି ଅଣାଯାଇ ଦକ୍ଷିଣଦ୍ୱାର ଲଣ୍ଡାବର୍ଦ୍ଧିଠାରେ ପାହାଡା ଉପରେ ଗଣ୍ଠିଲୁଗା ରଖାଯାଏ। ଋଙ୍ଗଡାମେକାପ ପ୍ରତିଥାଳିରେ ଖଣ୍ଡିଏ ଲେଖାଏଁ ପାଟକନା ରଖି ଅଣସର ପିଣ୍ଡିକୁ ସେ ଥାଳିସବୁ ନିଅନ୍ତି। ସେଥିରେ ରାଜପ୍ରାସାଦ (ଶ୍ରୀଅଙ୍ଗ ଚନ୍ଦନ ଓ କରାଳ ଚନ୍ଦନ) ରଖି ପାହାଡା ଉପରକୁ ଆଣନ୍ତି। ତିନୋଟି ପିତଳ ବଟାରେ ତିନିଦ୍ୱାର ମହାବୀରଙ୍କ ପାଇଁ ଭଣ୍ଡାରମେକାପ ମାରଫତ୍ରେ ରଖାଯାଏ। ଭିତର ଦ୍ୱାର ବନ୍ଦ ହୁଏ। ତଳିଛ ମହାପାତ୍ର ଏବଂ ପ୍ରଧାନୀ ହାତପୈଠ ହୋଇ ଘଣ୍ଟା ଛତା କାହାଳୀ ସହ ଦଇତାପତି ଓ ପତି ମହାପାତ୍ରମାନେ ସିଂହଦ୍ୱାର ବଡଦାଣ୍ଡ ଦେଇ ଶ୍ରୀନଅରକୁ ଯାଆନ୍ତି। ସେଠାରେ ପାହାଡା ଉପରେ ରାଜପ୍ରସାଦ ବାଡ ବାଡ କରି ବିଜେ କରାଯାଏ ଓ ରାଜାଙ୍କ ଛୁଆଁ ଶାଢୀମାନ ସେବାୟତଙ୍କୁ ମିଳିଥାଏ।

ତ୍ରୟୋଦଶୀ ଦିନ ଘଣାଲାଗି ଓ ଶ୍ରୀପୟର ପୂଜା ହୁଏ। ଅର୍ଥାତ୍ ଅଣସର ଠାକୁରମାନେ ପାଟଡୋର, ଖଳିପ୍ରସାଦ ଓ ଖଡିପ୍ରସାଦ ଲାଗି ହୁଅନ୍ତି। ଏହି ଲାଗି ସୁଭଦ୍ରାଙ୍କର ପ୍ରତ୍ୟେକ ବର୍ଷ ହେଉଥିଲେ ହେଁ, ବଡଠାକୁରଙ୍କର ବର୍ଷେ ହେଲେ ଜଗନ୍ନାଥଙ୍କର ଅନ୍ୟ ବର୍ଷ ହୋଇଥାଏ। ଘଣାଲାଗି ପରେ ଖଳି ଲାଗି ହେଲେ ଖଡିଲାଗି ହୋଇଥାଏ। ଭୋଗମଣ୍ଡପ ପରେ ନିର୍ଦ୍ଦିଷ୍ଟ ସେବକମାନେ ଭିତରୁ ଖଡିମହାପ୍ରସାଦ ଓ ମାଳାଫୁଲ ଧରି ଶ୍ରୀନଅରକୁ ଯାଆନ୍ତି ଏବଂ ସେଠାରୁ ଶାଢୀ ପାଆନ୍ତି। ଏଦିନ ଶ୍ରୀମୁଖ ଓଲାଗି ହୁଏ ଓ ପାହାନ୍ତିଆରୁ ଅଣସର ପିଣ୍ଡିରେ ଅଳିଆସବୁ ସଫା କରାଯାଏ। ଏହି ଖଳିମହାପ୍ରସାଦ ଲାଗି ନିମନ୍ତେ ଦୁଇ ମହଣ ଗହମ ଚୁରା ହୋଇ ଚଲା ଯାଇ କନାରେ ଛଣା ଯିବାପରେ ଖଳିଲାଗି ପ୍ରସ୍ତୁତ ହୋଇଥାଏ।

ଚତୁର୍ଦ୍ଦଶୀଦିନ ବଡସିଂହାର ଭୋଗପରେ ଓ ଭିତରପଣା ଚକଟା ଭୋଗ ପରେ ବନକଲାଗି କରାଯାଏ। ନୀତି ବଢିଲେ ଚକା ଅପସର ଲାଗି ହୁଏ। ନୂଆ କନାପଡି ଏଗୁଡିକ ତୟାର ହୋଇଥାଏ। ପରେ ପରେ ଦଶାବତାର ମଙ୍ଗଳଆଳତୀ ଓ ଅବକାଶ ବଢିବାପରେ ମହାଜନ ସେବକ ଖଟଶେଯ ଉପରେ ବିଜେ କରିଥିବା ସାତମୂର୍ତ୍ତି ପ୍ରତିମା ମଧ୍ୟରୁ ଲକ୍ଷ୍ମୀ, ସରସ୍ୱତୀଙ୍କୁ ଖଟଶେଯ ଘରକୁ ଓ ଅନ୍ୟ ପାଞ୍ଚମୂର୍ତ୍ତିଙ୍କୁ ଦକ୍ଷିଣି ଘରକୁ ନେଇଥାନ୍ତି। ପରେ ତାଟି ଫିଟେ। କୋଠସୁଆଁସିଅମାନେ ତାଟି ଖଟସବୁ ବାହାରକୁ ବାହାର କରିଦିଅନ୍ତି। ସେତେବେଳକୁ ପ୍ରାୟତଃ ଅମାବାସ୍ୟାର ପ୍ରାତଃ କାଳ ହୋଇଥାଏ। ଭିତର ପାଣି ପଡିଲେ, ଅଣସର ନୀତି ସମାପ୍ତ ହୁଏ, ପରେ ସେବକମାନେ ଓ ସର୍ବସାଧାରଣ ଦର୍ଶନ କରିଥାନ୍ତି। ଏହାକୁ ନବଯୌବନ ଦର୍ଶନ କହନ୍ତି।



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ- ୭୨୦୫୧୦୦୮୩୯

# ହୃଦୟବିଦାରକ ଦୃଶ୍ୟ

ଆମ ଦେଶରେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ସବୁଠାରୁ ଅଧିକ। ଯୁଦ୍ଧ ଏବଂ ରୋଗରେ ଯେତେ ମୃତ୍ୟୁ ହୁଏନାହିଁ ତା'ଠାରୁ ଢେର ବେଶି ଦୁର୍ଘଟଣାରେ ହୋଇଥାଏ। ପ୍ରତି ବର୍ଷ ପାଖାପାଖି ଦେଢ ଲକ୍ଷ ଲୋକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥାନ୍ତି। ଏହାର ଅର୍ଥ ହେଲା ପ୍ରତିଦିନ ଚାରିଶହ ବାଇଶି ଲୋକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥାନ୍ତି। ହିସାବ କଲେ ଜଣାପଡେ ଯେ ପ୍ରତି ଘଣ୍ଟା ରେ ୧୮ ଜଣ ଲୋକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥାନ୍ତି। ଟ୍ରେନ୍, ବସ୍ କିମ୍ବା କାର୍ରେ ଆମେ ଯେତେବେଳେ ଯିବା ଆସିବା କରିଥାଉ ସବୁବେଳେ ଦୁର୍ଘଟଣା ଠାରୁ ଭଗବାନ ଆମକୁ ବଞ୍ଚାନ୍ତୁ ବୋଲି କହି ଭଗବାନଙ୍କ ପାଖରେ ପ୍ରାର୍ଥନା କରିଥାଉ।

ବାଲେଶ୍ୱର ନିକଟରେ ହୋଇଥିବା ଭୟାଭୟ ଟ୍ରେନ ଦୁର୍ଘଟଣା ପ୍ରକୃତରେ ଆମକୁ ଭୟଭୀତ କରି ଦେଇଛି। ନିଜର ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା ପୂର୍ବରୁ ମୃତ୍ୟୁବରଣ କରିବା ପରି ଏକ ଦୁଃଖଦ ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ଦୁଇଟି ଯାତ୍ରୀବାହୀ ଦ୍ରୁତ ଗାମୀ ଟ୍ରେନ୍ ସହିତ ଗୋଟିଏ ମାଲଗାଡି ଏହି ଦୁର୍ଘଟଣାରେ ଜଡିତ। ତିନୋଟି ଗାଡି ପରସ୍ପର ସହିତ ଧକ୍କା କରି ଭୟଙ୍କର ଦୁର୍ଘଟଣାକୁ ଘଟାଇଛନ୍ତି। ଗାଡିଗୁଡିକର ଡବା ଗୁଡିକ ମାଚିସ ଡବା ପରି ଏଇଠି ସେଇଠି ପଡିଛି। ଦେଖିଲେ ଜାଣି ହେଉନାହିଁ କେଉଁ ଟ୍ରେନର କେଉଁ ବଗି। ଏହି ଦୁର୍ଘଟଣାରେ ତିନିଶହ ପାଖାପାଖି ଲୋକ ମୃତ୍ୟୁବରଣ କରିଛନ୍ତି ଏବଂ ହଜାରେ ପାଖାପାଖି ଲୋକ ମଧ୍ୟ ଆହତ ହୋଇଛନ୍ତି। ଏଇ ଦୁର୍ଘଟଣାରେ ଯେଉଁ ଲୋକମାନେ ଉପସ୍ଥିତ ଥିଲେ ବା ଯେଉଁମାନେ ଅଙ୍ଗେ ନିଭେଇଛନ୍ତି ସେମାନେ ବଞ୍ଚିଥିବା ଯାଏଁ ଏହି ମର୍ମନ୍ତୁଦ ଦୁର୍ଘଟଣା କୁ କେବେ ହେଲେ ଭୂଲିପାରିବେ ନାହିଁ। ଯଦି ଓ ଏହି ଦୁର୍ଘଟଣାରୁ ବଞ୍ଚି ଯାଇଥିବାରୁ ସେମାନେ ନିଜକୁ ଭାଗ୍ୟବାନ ମନେ କରୁଥିବେ ତଥାପି ସେମାନେ ସେଠାରେ ଦେଖିଥିବା ଦୃଶ୍ୟ ଓ ଅନୁଭବ କରିଥିବା ଅନୁଭୂତିକୁ କେବେହେଲେ ଭୂଲିପାରିବେ ନାହିଁ। ଏହି ଦୁର୍ଘଟଣା ଦୁଃସ୍ୱପ୍ନ ପରି ଜୀବନ ସାରା ସେମାନଙ୍କୁ ପ୍ରଭାବିତ କରିବ। ନିଜ ସହ ଯାତ୍ରୀଙ୍କ ମୃତଦେହ, ରକ୍ତାକ୍ତ ଶରୀର ଓ ଯନ୍ତ୍ରଣାରେ କରୁଥିବା ଆର୍ତ୍ତନାଦ କ'ଣ କେବେ ହେଲେ ସେମାନେ ଭୂଲିପାରିବେ ?

ଏହି ଘଟଣା ପରେ ମନରେ ପ୍ରଶ୍ନ ଜାଗେ କାହିଁକି ଏମିତି ହେଲା ଏବଂ ଏଥି ପାଇଁ ଦାୟୀ କିଏ। ଶହ ଶହ ଜୀବନ ସହିତ କାହିଁକି ନିୟତି ଏହି ନିର୍ମମ ଖେଳରଚିଲା। ଜୁନ୍ ଦୁଇ ତାରିଖ ସମସ୍ତ ଭାରତୀୟଙ୍କ ପାଇଁ ଏକ ଦୁଃଖର ସମୟ ନେଇ ଆସିଲା। ଏଇ ଟ୍ରେନରେ ଯେଉଁ ଯାତ୍ରୀମାନେ ଜୀବନର ଶେଷ ଯାତ୍ରା କରିଥିଲେ ସେମାନଙ୍କ ପରିବାରର ଲୋକମାନେ ଓ ଆତ୍ମୀୟମାନେ କେମିତି ବିଶ୍ୱାସ କରିବେ ଯେ ସେମାନଙ୍କର ନିଜ ଲୋକଟି ଆଉ ଏହି ଦୁନିଆରେ ରହିନାହିଁ।

ସିଏ ଆଉ କେବେ ନିଜର ଘରକୁ ଫେରିବ ନାହିଁ। ମୃତଦେହ ଭିତରୁ ନିଜ ପରିବାର ର ସଦସ୍ୟଙ୍କୁ ଚିହ୍ନଟ କରିବାର କାମ ମଧ୍ୟ ହୃଦୟ ବିଦାରକ। ସକାଳ ପରେ ସନ୍ଧ୍ୟା ଓ ସନ୍ଧ୍ୟା ପରେ ରାତି, ରାତିରୁ ପୁଣି ସକାଳ ବିତିଯାଉଛି। ଏମିତି ଦିନ ଦିନ ବିତିଯିବା ପରେ ଆଜିର ଘଟଣାଟି ଦିନେ ଇତିହାସ ହୋଇ ରହିଯିବ କିନ୍ତୁ ଏହାପରେ କ'ଣ ଏମିତି କା ଦୁର୍ଘଟଣା ଆଉ କେବେ ଘଟିବନିତ। ଆମକୁ ଆମର ପ୍ରିୟ ମଣିଷଙ୍କୁ ଏମିତି ଏକ ଅବସ୍ଥାରେ ହଜାଇବାକୁ ପଡିବନିତ ? ଏହି ଦୁର୍ଘଟଣାରେ ଶିକାର ହୋଇଥିବା ମଣିଷଙ୍କର ପ୍ରିୟଜନଙ୍କ ଲୁହଝରା ଆଖିକୁ ଦେଖିଲେ ଉଦାସ ଲାଗୁଛି। ଭାରତର ଆଜିଯାଏଁ ଘଟିଥିବା ଟ୍ରେନ ଦୁର୍ଘଟଣାମାନଙ୍କ ଭିତରେ ସବୁଠାରୁ ଭୟାଭୟ ହେଉଛି ୧୯୮୧ରେ ବିହାରରେ ହୋଇଥିବା ଟ୍ରେନ୍ ଦୁର୍ଘଟଣା। ସେଥିରେ ଆଠ ଶହ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ସେହି ଦୁର୍ଘଟଣାରେ ଟ୍ରେନକୁ ରେଳଲାଇନ ସହିତ ବାତ୍ୟା ପବନ ଉଡାଇ ନେଇଥିଲା ଏବଂ ଏଥିରେ ଥିବା ସମସ୍ତ ଯାତ୍ରୀ ପ୍ରାଣ ହରାଇଥିଲେ।

ବର୍ତ୍ତମାନର ଏହି ଘଟଣା ସମଗ୍ର ବିଶ୍ୱକୁ ଶୋକାତୁର କରିଦେଇଛି। ଭାରତ ର ଏହି ବିପଦର ଘଡିରେ ବିଭିନ୍ନ ଦେଶ ସମବେଦନା ଜଣାଇଛନ୍ତି। ଲୋକମାନେ ସ୍ୱଇଚ୍ଛାରେ ରକ୍ତଦାନ କରିବା ପାଇଁ ଆଗେଇ ଆସିଛନ୍ତି। ଏନ୍ଡିଆର୍ଏଫ୍, ଓଡ୍ରାଫ୍ଟ, ଅଗ୍ନିଶମ, ପାରାମେଡିକାଲ, ଡକ୍ଟର ଏବଂ ଆର୍ମୀ ମଧ୍ୟ ରେସ୍କ୍ୟୁ ଅପରେସନରେ ଭାଗ ନେଇଛନ୍ତି। ଏୟାର ଫୋର୍ସ ର ଏମ ଆଇ - ୧୭ ରେସକ୍ୟୁ ଅପରେସନ ଲାଗିଥିଲେ। ଭାରତୀୟ ରେଳ ମନ୍ତ୍ରୀ ଏହି ଟ୍ରେନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାର ବର୍ଗଙ୍କୁ ୧୦ ଲକ୍ଷ ଟଙ୍କା ର ଆର୍ଥିକ ରାଶି ପ୍ରଦାନ କରିବା ଘୋଷଣା କରିଛନ୍ତି ଏବଂ ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାରଙ୍କୁ ଦୁଇ ଲକ୍ଷ ଟଙ୍କା ଦେବାପାଇଁ ଘୋଷଣା କରିଛନ୍ତି ତା ସହିତ ଆହତ ହୋଇଥିବା ବ୍ୟକ୍ତିଙ୍କୁ ୫୦୦୦୦ ଟଙ୍କାର ଅନୁକମ୍ପା ରାଶି ଦେବାପାଇଁ ମଧ୍ୟ ଘୋଷଣା କରାଯାଇଛି। ଏହି ସମସ୍ତ ସତ୍ତ୍ୱେ ଆମ ପ୍ରଶାସନ ଓ ସରକାରଙ୍କୁ ଦୁର୍ଘଟଣାକୁ କିପରି ଏଡେଇ ଦିଆଯିବ ସେଥିପାଇଁ ତତ୍ପର ହେବାକୁ ପଡିବ।



ବାଣୀପୁତ୍ର ହିମାଂଶୁ ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

# ବନମାଳୀ ପଣ୍ଡାରୁ ବନମାଳୀ ବ୍ରହ୍ମଚାରୀ

ଆଜି ଜୁନ୍ ୬ ତାରିଖ। ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୩୪ ତମ ପୁଣ୍ୟତିଥି। ଏହି ମହାର୍ଘ୍ୟ ଦିବସରେ ସେ ଭାରି ମନେ ପଡୁଛନ୍ତି। ଏକାଧାରରେ ସେ ଥିଲେ ପ୍ରବୀଣ ଶିକ୍ଷାବିତ୍, ଅପ୍ରତିଦ୍ୱନ୍ଦ୍ୱୀ ସଂଗଠକ, ସୁସାହିତ୍ୟିକ, ନିଖିଳ ଉତ୍କଳର ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଂଗଠନ ସମ୍ପାଦକ ତଥା ସଭାପତି ଓ ସର୍ବୋପରି ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି। ଜନ୍ମ ନେଇଥିଲେ ୧୯୦୫ ମସିହା ନଭେମ୍ବର ୧୮ ତାରିଖରେ ଓ ଛାଡିଗଲେ ୧୯୮୯ ମସିହା ଜୁନ୍ ୬ ତାରିଖରେ। ହେଲେ ଦୀର୍ଘ ୮୪ ବର୍ଷର ସଂଗ୍ରାମୀ ଜୀବନ ଭିତରେ ଅନେକ ଆଲୋକଶିଖା ଏବେବି ଜାଜ୍ଜ୍ୱଲ୍ୟମାନ। ତାଙ୍କ ସ୍ମୃତିକୁ ଉଜ୍ଜିବୀତ କରି ରଖିବା ଏହି ଆଲେଖ୍ୟର ଉଦ୍ଦେଶ୍ୟ।

ଏହି ମହାନ ସଂଗ୍ରାମୀ ଓ ଶିକ୍ଷକ ନେତା କେନ୍ଦ୍ରାପଡା ଜିଲ୍ଲା ଦୋହଳି ଗ୍ରାମରେ ଏକ ଗରିବ ବ୍ରାହ୍ମଣ ପରିବାରରେ ପିତା ଶ୍ରୀଚରଣ ପଣ୍ଡା ଓ ମାତା ଶାରୀ ଦେବୀଙ୍କ କୋଳମଣ୍ଡନ କରି ଜନ୍ମଗ୍ରହଣ କରିଥିଲେ। ପିଲା ଦିନର ନାମ ଥିଲା ବନମାଳୀ ପଣ୍ଡା। ବିବାହର ଅଳ୍ପ ବର୍ଷ ପରେ ତାଙ୍କର ଧର୍ମପତ୍ନୀଙ୍କର ଦେହାନ୍ତ ହୋଇଥିଲା। ପରିବାର ଓ ଆତ୍ମୀୟସ୍ୱଜନଙ୍କ ଚାପ ସତ୍ତ୍ୱେ ସେ ଦ୍ୱିତୀୟ ବିବାହ କରିନଥିଲେ ଏବଂ ଆଜୀବନ ବ୍ରହ୍ମଚାରୀର ଜୀବନ କାଟିବା ପାଇଁ ଦୃଢ ସଂକଳ୍ପ ନେଇଥିଲେ। ଏହି ଘଟଣା ପରେ ସେ ବନମାଳୀ ବ୍ରହ୍ମଚାରୀ ନାମରେ ସୁପରିଚିତ ହୋଇଥିଲେ। ଶିକ୍ଷକ ଭାବେ ନିଜର କର୍ମମୟ ଜୀବନ ବାଙ୍କୀ ବରପଦା ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ କରି ସେତେବେଳେ ଶିକ୍ଷକ ଜାତିର ଦୁରବସ୍ଥା, ପରିଚାଳନା କମିଟିଗୁଡିକର ଅକଥନୀୟ ନିର୍ଯାତନା ଓ ବିଭାଗୀୟ ଉଦାସୀନତାକୁ ମର୍ମେ ମର୍ମେ ଅନୁଭବ କରି କିଛି ଦିନ ପରେ ଚାକିରିରୁ ଅବ୍ୟାହତି ନେଇ ଶିକ୍ଷକ ଜାତିର ସୁରକ୍ଷା ପାଇଁ ନେତୃତ୍ୱ ନେବାକୁ ଅଣ୍ଟା ଭିଡି ବାହାରିଥିଲେ। ସେଇ ସ୍ୱପ୍ନକୁ ସାକାର କରିବା ପାଇଁ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଂଗଠନ ସମ୍ପାଦକ ଦାୟିତ୍ୱ ୧୯୫୭ ମସିହାରୁ ୧୯୭୫ ମସିହା ଓ ପରେ ମୃତ୍ୟୁ ପର୍ଯ୍ୟନ୍ତ ଏହି ସଂଗଠନର ସଭାପତି ପଦରେ ରହି ସେ ନିଜର ପାରଦର୍ଶିତା ଓ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ। କଟକର ଝାଞ୍ଜିରମଙ୍ଗଳାଠାରେ ସ୍ଥାପିତ ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟାଳୟ ତାଙ୍କ ସ୍ୱପ୍ନର ଫଳଶ୍ରୁତି ଥିଲା କହିଲେ ଭୁଲ୍ ହେବନାହିଁ। ଯାହାକୁ ଏବର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା ଏହାକୁ ଏକ ନୂଆ ରୂପ ଦେବାରେ ସକ୍ଷମ ହୋଇଛନ୍ତି।



୩୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

୧୯୬୦ ଓ ୧୯୭୦ ଦଶକର କଥା ସେତେବେଳେ ବେସରକାରୀ ଶିକ୍ଷାନୁଷ୍ଠାନ ଚାକିରି ତାଳଗଛର ଛାଇ ସଦୃଶ ଥିଲା। ସକାଳେ ଥିବା ଚାକିରି ସଞ୍ଜ ବେଳକୁ ନଥିଲା। ଶିକ୍ଷକମାନଙ୍କ ପାଇଁ କୌଣସି ଚାକିରି ସର୍ତ୍ତାବଳୀ ନଥିଲା। ଏଭଳି ପରିସ୍ଥିତିରୁ ଶିକ୍ଷକମାନଙ୍କୁ ଉଦ୍ଧାର କରିବା ପାଇଁ ବନମାଳୀ ବ୍ରହ୍ମଚାରୀ, ଅଧ୍ୟାପକ ଅବନୀ ବରାଳ ଓ କୈଳାସ ମହାପାତ୍ରଙ୍କ ଆହ୍ୱାନରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ, ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ ଓ କଲେଜ ଶିକ୍ଷକ ସଂଘକୁ ନେଇ ୨୭.୭.୧୯୬୯ ମସିହାରେ ଖ୍ରୀଷ୍ଟ କଲେଜ ପରିସରରେ ମିଳିତ ଶିକ୍ଷକ କାର୍ଯ୍ୟାନୁଷ୍ଠାନ କମିଟି ଗଠିତ ହେଲା। ପରେ ୧୯୭୧ ମସିହା ପବିତ୍ର ଗୁରୁଦିବସ ଦିନ ଭୁବନେଶ୍ୱର ଭଞ୍ଜ କଳାମଣ୍ଡପ ଠାରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଗଠନ ହେଲା। ଏହାର ସଭାପତି ଭାବେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ଓ ସାଧାରଣ ସମ୍ପାଦକ ଭାବେ ଅଧ୍ୟାପକ ଅବନୀ ବରାଳ ନିର୍ବାଚିତ ହୋଇଥିଲେ। ଏମାନଙ୍କୁ ସହଯୋଗ କରିଥିଲେ ରାଜ କିଶୋର ପଟ୍ଟନାୟକ, ରାଜ କିଶୋର ଭୁଜବଳ, ଅନନ୍ତ କର, ଭଗବାନ ଦାସ, ଅର୍ଜୁନ ଦାଶ, ଶରତ ମହାପାତ୍ର, ଅଧ୍ୟାପକ ଭଗବାନ ଜେନା, ଅଧ୍ୟାପକ ଗୟାଧର ରାଉତ, ଗୌରହରି ଶତପଥୀ, ଗନ୍ଧର୍ବ ଚରଣ ଲେଙ୍କା(ସମସ୍ତେ ଦିବଂଗତ) ଓ ଭୋଳାନାଥ ରାଉତ, ଅଜୟ ସାମଲ, ଦୁର୍ଯ୍ୟୋଧନ ପରିଡା ଏବଂ ତାଙ୍କ ପଛକୁ ବିବେକାନନ୍ଦ ଦାଶ, କିଶୋର ପଣ୍ଡା ପୀତବାସ ବେହୁରିଆ, ରଘୁନାଥ ସାହୁ, ସଙ୍କର୍ଷଣ ସ୍ୱାଇଁ ଦାଶରଥି ନାୟକ, ସାରଦା ପ୍ରସନ୍ନ ମହାପାତ୍ର, ବିଜୟ ବିଶ୍ୱାଳ, ନିକୁଞ୍ଜ କିଶୋର ମହାନ୍ତି, ସାରଦା ପ୍ରସନ୍ନ ସିଂହ, ଈଶ୍ୱର ଚନ୍ଦ୍ର ନନ୍ଦ, କୈଳାସ ଦାସ, ନାରାୟଣ ନାୟକ, ଅକ୍ଷୟ ଦାସ, ପ୍ରଫୁଲ୍ଲ ମହାପାତ୍ର, ମହେଶ ଚୌଧୁରୀ ଓ ଆହୁରି ଅନେକ। ଏମାନଙ୍କ ସାହାଯ୍ୟ ଓ ସହଯୋଗରେ ଶିକ୍ଷକ ମହାସଂଘ କେବଳ ରାଜ୍ୟରେ ନୁହେଁ ସାରା ଦେଶରେ ଏକ ସଂଗ୍ରାମୀ ଜୀବନ୍ତ ଗଣ ଅନୁଷ୍ଠାନରେ ପରିଣତ ହୋଇଥିଲା।

ଓଡିଶାର ଶିକ୍ଷକ ସମାଜ ଦୁଃଖରେ ନରୁହନ୍ତୁ, ସେମାନଙ୍କ ସମସ୍ୟାର ସମାଧାନ ହେଉ ସେଥିପାଇଁ ସ୍ୱର୍ଗତ ବନମାଳୀ ସର୍ବଦା ଚେଷ୍ଟିତ ଥିଲେ। ଏଥିପାଇଁ ଶିକ୍ଷକ ମହାସଂଘର ଡାକରାରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଉତ୍କଳ ସଂଘର ଯୋଗଦାନ ସବୁବେଳେ ଆଗରେ ଥିଲା। ଏହା ପଛରେ ଥିଲା ବନମାଳୀ ବ୍ରହ୍ମଚାରୀଙ୍କ ଅଦମ୍ୟ ସାହାସ ଓ ସକରାତ୍ମକ ଦୂରଦୃଷ୍ଟିର ପ୍ରଭାବ। ୧୯୬୯, ୧୯୭୪, ୧୯୮୪, ୧୯୮୯ ମସିହାର ଆନ୍ଦୋଳନ ତାର ଗୋଟିଏ ଗୋଟିଏ ଉଦାହରଣ। ଏହି ସବୁ ଆନ୍ଦୋଳନର ଫଳ ସ୍ୱରୂପ ଶିକ୍ଷକ ସମାଜ ପାଇଥିବା ସୁବିଧା ସୁଯୋଗ ତାଲିକା ବେଶ୍ ଦୀର୍ଘ। ଏହା ଭିତରେ ରହିଛି ପ୍ରଥମ ଶିକ୍ଷା ଆଇନ, ଚାକିରି ଭର୍ତ୍ତି, ଚାକିରି ନିରାପତ୍ତା, ଅବସରକାଳୀନ ସୁବିଧା ଓ ୟୁଜିସି ବେତନ ସଂଶୋଧନ। ଏସବୁ ଭିତରେ ୧୯୭୪ ମସିହାରେ ଶିକ୍ଷକ ସମାଜକୁ ପ୍ରତ୍ୟକ୍ଷ ଅନୁଦାନ ଦେବା ହେଉଛି ଶିକ୍ଷକ ମହାସଂଘର ସର୍ବଶ୍ରେଷ୍ଠ ଅବଦାନ। ଏଥିରେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ଅବଦାନ କୌଣସି ଗୁଣରେ କମ୍ ନ ଥିଲା।

ସଂଗ୍ରାମୀ ଜୀବନ ଭିତରେ ମଧ୍ୟ ସମାଜ ସେବାକୁ ସେ ମଧ୍ୟ ସମାନ ଗୁରୁତ୍ୱ ଦେଉଥିଲେ। ଦାନପୁର ପଞ୍ଚାୟତର ସରପଞ୍ଚ ଭାବେ ପ୍ରାୟ ୨୦ ବର୍ଷ କାର୍ଯ୍ୟ କରି ଅନେକ ଜନକଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଇ ଜନସାଧାରଣଙ୍କର ପ୍ରଶଂସାଭାଜନ ହେବା ସହ ନିଜର ମୁରବୀ ପଣିଆ ଜାହିର କରିବାରେ ସଫଳ ହୋଇପାରିଥିଲେ। ଏପରିକି ୧୯୪୨ ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇ ଜଣେ ସଚ୍ଚା ଦେଶପ୍ରେମୀ ଭାବେ ନିଜକୁ ପ୍ରତିଷ୍ଠା କରାଇ ନିଜର ତ୍ୟାଗ ଓ ତିତିକ୍ଷା ପ୍ରଦର୍ଶନ କରିଥିଲେ। ଏସବୁ ଭିତରେ ଜଡିତ ରହି ମଧ୍ୟ ସେ ସାହିତ୍ୟ ସାଧନାରୁ ଦୂରେଇ ଯାଇନଥିଲେ। ଶିଶୁ ସାହିତ୍ୟ କ୍ଷେତ୍ରରେ ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସେ ନିଜପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିଯାଇଛନ୍ତି। 'ହୁକେ ହୋ' ପୁସ୍ତକ ପାଇଁ ସେ ରାଷ୍ଟ୍ରପତି ପୁରସ୍କାର ଓ 'ବନର ମନକଥା' ପାଇଁ ରାଜ୍ୟ ପୁରସ୍କାର ପାଇବା ତାଙ୍କ ସୃଜନଶୀଳତାର ସ୍ୱୀକୃତି କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିସହିତ ନିଜର ଅଙ୍ଗେ ନିଭେଇଥିବା ଘଟଣା ସମୂହକୁ ନେଇ ନିଜର ଆତ୍ମ ଜୀବନ ଜଣେ ଶିକ୍ଷକର ନିଜକଥା ୧୯୭୩ ମସିହାରେ ପ୍ରକାଶ କରିଥିଲେ। ଯାହାର ତୃତୀୟ ସଂସ୍କରଣ ମଧ୍ୟ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ପ୍ରକାଶ କରାଯାଇଛି। ସେହିପରି ସାମଗ୍ରିକ ଭାବେ ଶିକ୍ଷକ ଜାତି ଓ ସମାଜ ପାଇଁ ତାଙ୍କର କଲ୍ୟାଣକାରୀ କାର୍ଯ୍ୟକୁ ଗୁରୁତ୍ୱ ଦେଇ ୧୯୭୮ ମସିହା ନଭେମ୍ବର ୧୮ ତାରିଖ ତାଙ୍କ ଜନ୍ମଦିନ ଅବସରରେ 'ନୀଳଶୈଳ' ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଦ୍ୱାରା ତାଙ୍କୁ 'ଶିକ୍ଷକ ଗୌରବ' ଉପାଧିରେ ଭୂଷିତ କରାଯାଇଥିଲା।

ଅଖ୍ୟାତ ପଲ୍ଲୀର ବନମାଳୀ ପଣ୍ଡାରୁ ବନମାଳୀ ବ୍ରହ୍ମଚାରୀ ହେବା ଓ ପରେ 'ଶିକ୍ଷକ ଗୌରବ' ସମ୍ମାନରେ ସମ୍ମାନିତ ହେବା ତାଙ୍କର ମହନୀୟତାର ଏକ ଜ୍ୱଳନ୍ତ ନିଦର୍ଶନ। ତାଙ୍କରି ଆଦର୍ଶ ପ୍ରତି ଶିକ୍ଷକ ସମାଜ ଅନୁପ୍ରାଣିତ ହେଲେ ଓ ତାଙ୍କର ସ୍ମୃତିକୁ ନିଜ ଅନ୍ତରରେ ଉଜ୍ଜିବୀତ କରି ରଖିପାରିଲେ ତାହା ହିଁ ହେବ ସ୍ୱର୍ଗତ ବନମାଳୀ ବ୍ରହ୍ମଚାରୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ତାଙ୍କ ସ୍ଥୂଳ ଶରୀର ଆମ ପାଖରେ ନଥିଲେ ବି ସୂକ୍ଷ୍ମ ଶରୀରରେ ସେ ଶିକ୍ଷକ ସମାଜ ପାଇଁ ସଦା ବିଦ୍ୟମାନ ହୋଇ ରହିଛନ୍ତି। ଏ ବିଶ୍ୱାସ ଶିକ୍ଷକ ସମାଜର ରହିବା ଉଚିତ୍।



# ଆମ କଳାହାଣ୍ଡି







## ପୁଣି ପାଣିପମ୍ପରୁ ତାର ଚୋରି

# ଜଳ ଯୋଗାଣ ଠପ୍, ପାଣି ପାଇଁ ଲୋକେ ହନ୍ତସନ୍ତ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ପୁଣି ଧର୍ମଗଡ଼ ବ୍ଲକ ବେହେରା ଗ୍ରାମ ସ୍ଥିତ ଜଳ ଯୋଗାଣ ପାଣିପମ୍ପରୁ ଚୋରି ହୋଇଥିବା ଜଣାପଡିଛି। ଲାଗିଥିବା ଯନ୍ତ୍ରାଂଶ ଓ ବିଦ୍ୟୁତ ତାର ସହ ଅନ୍ୟାନ୍ୟ ସାମଗ୍ରୀକୁ ଗତ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଭାଙ୍ଗିରୁଜି ଦେବା ସହ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ତେବେ ଏଭଳି ଘଟଣା ଇତିପୂର୍ବରୁ ବାରମ୍ବାର ହୋଇ ଆସୁଥିବା ବେଳେ ପୋଲିସ ନିରବ ସାଜିବାକୁ ନେଇ ଅଞ୍ଚଳବାସୀ ପୋଲିସର ଦକ୍ଷତା ଉପରେ ସମାଲୋଚନା କରୁଥିବା ଜଣାପଡିଛି। ଲଗାତାର ଏହି ଘଟଣା ସହ ୫-୬ଥର ପାଣିପମ୍ପରୁ ଚୋରି ହେବା ପଛରେ ନିହାତି ଭାବେ ଏକ ରାକେଟ ଗ୍ୟାଙ୍ଗ୍ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଅନ୍ୟପଟେ ପୋଲିସ ନିଷ୍କ୍ରିୟ ରହିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଏଭଳି କାର୍ଯ୍ୟ କରୁଥିବା ବୁଦ୍ଧିଜୀବୀମାନେ ମତ ପ୍ରକାଶ କରନ୍ତି। ବର୍ତ୍ତମାନ ଚୋରି ଯୋଗୁ ଗାଁରେ ଜଳ ଯୋଗାଣ ଠପ ପଡିଥିବା ବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମପ୍ରବାହ ଦୈନଦିନ ବଢି ଚାଲିଥିବା ବେଳେ ଏପଟେ ଜଳ ଯୋଗାଣ ବନ୍ଦ ଲୋକଙ୍କ ପାଇଁ ଏବେ ଚିନ୍ତାର ବିଷୟ ପାଲଟିଛି। ଅନ୍ୟପଟେ ବାରମ୍ବାର ଚୋରିହେବା ପଛରେ ସମ୍ପୃକ୍ତି ଦୁର୍ବୃତ୍ତଙ୍କୁ ପୋଲିସ ଚିହ୍ନଟ କରିବାକୁ ସାଧାରଣରେ ଦାବି ହେଉଥିବା ବେଳେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତୁରନ୍ତ ତାର ବିକଳ୍ପ ବ୍ୟବସ୍ଥା କରି ଶୀଘ୍ର ଜଳ ଯୋଗାଣ କରିବାକୁ ସ୍ଥାନୀୟ ଲୋକଙ୍କ ଦାବି ହେଉଛି। ଅନ୍ୟପକ୍ଷରେ ପୂର୍ବରୁ ବେହେରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ କୋକସରା ଥାନାରେ ଏହି ଘଟଣାକୁ ନେଇ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ନେଇ ସରପଞ୍ଚ ସମେତ ନାଏବ ସରପଞ୍ଚ, ୱାର୍ଡ ସଭ୍ୟସଭ୍ୟା କ୍ଷୁବ୍ଧ ପ୍ରକାଶ କରିଛନ୍ତି। ଜିଲ୍ଲା ଆରକ୍ଷୀ ଅଧିକାରୀ ଘଟଣାକୁ ଦୃଷ୍ଟି ଦେଇ ତୁରନ୍ତ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ସହ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ବଜ୍ରପାତରେ ଦୁଇ ମୃତ

ମ.ରାମପୁର/କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ଆଜି କଳାହାଣ୍ଡି ଜିଲ୍ଲା ଏମ୍.ରାମପୁର ଥାନା ଅନ୍ତର୍ଗତ କୁଶୁରଲା ଗାଁ ର ୬୦ ବର୍ଷୀୟ ବୃଦ୍ଧଙ୍କ ବଜ୍ରପାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ଜଣକ ହେଲେ କୁଶୁରଲା ଗାଁ କଲୋନୀ ପଡ଼ାର ମହୀ ଚନ୍ଦ୍ର ନାଗ ବୋଲି ଜଣାପଡିଛି। ପ୍ରାପ୍ତ ସୂଚନା ମତେ ମହୀଚନ୍ଦ୍ର ଅପରାହ୍ନରେ ନିଜ ଚାଷ ଜମିରୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। ପରେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନସ୍‌କୁ ଫୋନ କରିଥିଲେ। ତାଙ୍କୁ ପ୍ରଥମେ ଆମ୍ବୁଲାନ୍ସରେ ମ.ରାମପୁର ଡାକ୍ତରଖାନାକୁ ନେଇ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ଜୋରାଡବରା ପଞ୍ଚାୟତ କୁଶୁର୍ଲା ଗ୍ରାମରେ ରବିବାର ବଜ୍ରପାତ ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ମଚିନ୍ଦ୍ର ନାଗ (୫୯)। ମିଳିଥିବା ସୂଚନା ମୁତାବକ, ଅପରାହ୍ନରେ ମଚିନ୍ଦ୍ର ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିଲେ। ଘଡ଼ଘଡି ସହ ବର୍ଷା ହେବାରୁ ସେ ଏକ ଗଛମୂଳେ ଠିଆ ହୋଇଥିଲେ। ସେତିକିବେଳେ ବଜ୍ରପାତ ଘଟିଥିଲା। ଖବର ପାଇ ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ମ.ରାମପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ମ.ରାମପୁର ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସଚିନ୍ଦ୍ର ପଧାନ ପ୍ରକାଶ କରିଛନ୍ତି।

## ଅବସର କର୍ମଚାରୀ ସଂଘ ପକ୍ଷରୁ ଭୂମିପୂଜନ

ନର୍ଲା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ନର୍ଲା ନୂତନ ମିଶନ ଶକ୍ତି ଗୃହ ନିକଟରେ ଅବସର କର୍ମଚାରୀ ସଂଘ ପକ୍ଷରୁ ଗୃହ ନିର୍ମାଣ ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦାନ କରି ଭୂମିପୂଜନ କରିଥିବାବେଳେ ଅବସର କର୍ମଚାରୀ ସଂଘର ସଭାପତି ବଦ୍ରି ପ୍ରସାଦ ମିଶ୍ର, ସମ୍ପାଦକ କଲ୍ୟାଣ ସାହୁ, କୋଷାଧକ୍ଷ ପୂର୍ଣ୍ଣ ସାହୁ, ଉପଦେଷ୍ଟା ରାମଚନ୍ଦ୍ର ପରିଡ଼ା, ଦିଲୀପ ଗହୀର, ପର୍ଶୁରାମ ଗୌଡ଼, ଗିରିଧାରୀ ଗୌଡ଼, ପଦ୍ମଲୋଚନ ଭୋଇ, ପ୍ରମୋଦ ପରିଡ଼ା, କ୍ଷୀରୋଧ ପାତ୍ର, ସରୋଜ ଚାନ୍ଦ, ଖୁସିରାମ ସାହୁ, ମଧୁସୂଦନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## କଲେଜର ନୂତନ ପରିଚାଳନା ସଭାପତି ମନୋନୀତ



ନର୍ଲା, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ କଳାହାଣ୍ଡି ଜିଲ୍ଲାର ୧୪ ଗୋଟି ମହାବିଦ୍ୟାଳୟଗୁଡ଼ିକରେ ନୂତନ ପରିଚାଳନା କମିଟିର ସଭାପତି ପଦ ମନୋନୀତ କରାଯାଇଛି। ନର୍ଲା ପଞ୍ଚାୟତ ଡିଗ୍ରୀ କଲେଜରେ ନୂତନ ପରିଚାଳନା ସଭାପତି ରୂପେ ବଲବସପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କ୍ଷୀରସିନ୍ଧୁ ସାହୁଙ୍କ ନାମ ଉପସ୍ଥାପନ ହୋଇଛି। ଏଥିପାଇଁ ନର୍ଲା ପଞ୍ଚାୟତ ଡିଗ୍ରୀ କଲେଜ ପକ୍ଷରୁ ଅଧ୍ୟକ୍ଷ ଓ ଅଧ୍ୟାପକ କର୍ମଚାରୀମାନେ ଶ୍ରୀ ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନର୍ଲା ପଞ୍ଚାୟତ ଡିଗ୍ରୀ କଲେଜର ଅନେକ ସମସ୍ୟାର ସମାଧାନ ଦିଗରେ ନୂତନ ପରିଚାଳନା ସଭାପତି କିପରି ଶୃଙ୍ଖଳିତ ଭାବେ କଲେଜଟିକୁ ପରିଚାଳିତ କରିବେ ତାହା ଦେଖିବାକୁ ବାକି ରହିଲା ବୋଲି ଜନସାଧାରଣରେ ଆଲୋଚନା ହେଉଛି। ଏଠାରେ ଶିକ୍ଷାଦାନ କରୁଥିବା ଅନେକ ଅଧ୍ୟାପକ ଓ ଅଧ୍ୟାପିକା ଦୂରଦୂରାନ୍ତରୁ ଆସି ଶିକ୍ଷାଦାନ କରିଥାନ୍ତି। ଏହା ପୂର୍ବରୁ ମହାବିଦ୍ୟାଳୟ ଅଧ୍ୟକ୍ଷ ବାରମ୍ବାର ଅଧ୍ୟାପକ ସମୂହଙ୍କୁ ନର୍ଲାଠାରେ ରହି କାର୍ଯ୍ୟକ୍ଷେତ୍ରରେ ଯୋଗଦାନ କରିବାକୁ ଜଣାଇ ଆସୁଥିବା ବେଳେ କୌଣସି ଅଧ୍ୟାପକ ଏଥିରେ ସମ୍ମତି ଜଣାଇନଥିବା ଯୋଗୁଁ ନୂତନ ପରିଚାଳନା ସଭାପତି ଏହା ଉପରେ କିପରି ସମାଧାନ ଓ ପଦକ୍ଷେପ ଗ୍ରହଣ କରିବେ ବୋଲି ବୁଦ୍ଧିଜୀବୀମାନେ ଆଶା ଆଶଙ୍କାରେ ରହିଛନ୍ତି।

## ଫିଟୁନି ସମାଧାନର ବାଟ, ସରକାରୀ କାର୍ଯ୍ୟାଳୟରେ କାମ ଠପ୍



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଆଜିକୁ ପାଞ୍ଚ ଦିନ ହେଲା ସାରା ରାଜ୍ୟର ବରିଷ୍ଠ ଓ କନିଷ୍ଠ ଅମଲାମାନେ ସେମାନଙ୍କ ଏକମାତ୍ର ଦାବି 'ମିଶନ୍ ଗ୍ରେଡ୍ ପେ ୪୨୦୦'କୁ ନେଇ କାମବନ୍ଦ ଆନ୍ଦୋଳନରେ ବସିଛନ୍ତି। ଗୋଟାଏ ପଟେ ଅମଲାମାନଙ୍କ ଧର୍ମଘଟ ତ ଅନ୍ୟ ପଟରେ ରାଜ୍ୟରେ ନାହିଁ ନ ଥିବା ଅଭୂତପୂର୍ବ ବାହାନଗାର ରେଳ ଦୁର୍ଘଟଣା। ରାଜ୍ୟର ସମସ୍ତ ଶାସନ କଳ ଏବେ ଭୟଙ୍କର ରେଳ ଦୁର୍ଘଟଣାକୁ ସାମ୍ନା କରିବାରେ ବ୍ୟସ୍ତ। ଚିକିତ୍ସା କିମ୍ବା ରକ୍ତ ଅବା ଅନ୍ୟ କୌଣସି ପ୍ରକାରେ ଯେପରି କେହି ଅସୁବିଧାରେ ନ ପଡନ୍ତି ସେଥିପାଇଁ ରାଜ୍ୟ ପ୍ରଶାସନ ବ୍ୟସ୍ତ। ତେଣୁ ଅମଲାମାନଙ୍କ ଦାବି ପ୍ରତି ଦୃଷ୍ଟି ଦେଇ ପାରୁନାହାନ୍ତି ସରକାର। ଏକଥା ମଧ୍ୟ ହୃଦୟଙ୍ଗମ କରିଛନ୍ତି ଅମଲାମାନେ। ତଥାପି ଅବ୍ୟାହତ ରହିଛି ଏମାନଙ୍କ କାମ ବନ୍ଦ ଆନ୍ଦୋଳନ। କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ସବ୍ ଡିଭିଜନର ସମସ୍ତ ଅମଲମାନେ ଓ ଜିଲ୍ଲାର ଅନ୍ୟ ୧୨ଟି ବ୍ଲକ୍‌ର ଅମଲାମାନେ ସେମାନଙ୍କ ନିଜ କାର୍ଯ୍ୟାଳୟ ସାମ୍ନାର ଧାରଣାରେ ବସି ରହିଥିଲାବେଳେ ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚର ସଦସ୍ୟମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି। ଅନ୍ୟ ଏକ ସୂଚନା ଅନୁସାରେ ୪ ତାରିଖ ରବିବାର ଦିନ ରାଜ୍ୟସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଭୁବନେଶ୍ୱରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଏହି ଆନ୍ଦୋଳନକୁ ଚଳାଇ ରଖିବା ପାଇଁ ସିଦ୍ଧାନ୍ତ ନିଆ ଯାଇଛି। ତେବେ ଏହି ଭଳି ଏକ ଧର୍ମ ଘଟ ଯଦି ଆହୁରି ଲମ୍ବା ଦିନ ଯାଏଁ ଲାଗି ରହିବ ତାହେଲେ ସାଧାରଣ ଜନତା ନାହିଁ ନ ଥିବା ଦୁଃଖ ସାମ୍ନା କରିବାକୁ ବାଧ୍ୟ ହେବେ। ତେଣୁ ସରକାର ଅମଲାମାନଙ୍କ ଦାବିକୁ ଉପଯୁକ୍ତ ଭାବେ ବିଚାରକରି ଉଚିତ୍ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## ଜାପାନରେ ଲୋକକଳା ପ୍ରଦର୍ଶନ କରି ଭବାନୀପାଟଣାକୁ ଫେରିଲେ ଲୋକନୃତ୍ୟ ଦଳ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଜାପାନ ଆମ୍ବାସୀ ଓ ଆଇସିଆର୍ ପକ୍ଷରୁ ଜାପାନଠାରେ ଅନୁଷ୍ଠିତ ହୋଇଥିବା ଜି-୨୦ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ଲୋକନୃତ୍ୟ ଦଳ ସେମାନଙ୍କ ଅଭୂତପୂର୍ବ କଳା ପ୍ରଦର୍ଶନ କରିବା ସହ ବିପୁଳ ଖ୍ୟାତି ସାଉଁଟି ୪ତାରିଖ ରବିବାର ଦିନ ଭବାନୀପାଟଣାକୁ ଫେରି ଆସିଛନ୍ତି। କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାଠାରେ ଥିବା ମହାବୀର ସାଂସ୍କୃତିକ ଅନୁଷ୍ଠାନର ଏଗାର ଜଣ କଳାକାର ଏହି ଦଳରେ ଜାପାନ ଗସ୍ତ କରିଥିଲେ। ଗତ ୪ତାରିଖ ଦିନ ଫେରିଥିବା ଏହି ଦଳକୁ କେସିଙ୍ଗା ରେଳ ଷ୍ଟେସନ୍‌ଠାରେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଜୟନ୍ତ କୁମାର ବେହେରା, କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ର, ସମ୍ପାଦକ ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କଳାକାରମାନେ ଭବାନୀପାଟଣା ଫେରିବା ବାଟରେ ଉକ୍ରେଲା ଏବଂ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭବାନୀପାଟଣା ପହଞ୍ଚିଲା ପରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପରିସରରେ କଳାକାର ମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସଭାପତି ଜୟନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ, ଉପସଭାପତି ଶାନ୍ତନୁ ବେହେରା, ଘୁମୁରାଗୁରୁ ସୁରୁ ବାରିକ ତଥା ଅନ୍ୟାନ୍ୟ ବହୁ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଜପାନଠାରେ ଉଚ୍ଚ କୋଟିର କଳା ପ୍ରଦର୍ଶନ କରି ଦର୍ଶକମାନଙ୍କ ମନ ଜିଣିଥିବା କଳାକାରମାନଙ୍କ ମଧ୍ୟରେ ଅନୁଷ୍ଠାନର ପ୍ରଦୀପ ସିଂହ, ବିଷ୍ଣୁ ପ୍ରଧାନ, ସୁଶାନ୍ତ ସିଂହ, କ୍ଷୀରସିନ୍ଧୁ ନାଏକ, ଟିଙ୍କୁ ମାଝୀ, ଧୀରେନ୍ଦ୍ର ପୋଢ, ନିହାରିକା ନାୟକ, ଆଶ୍ୱାସନା ପଟ୍ଟନାୟକ, ଶତାବ୍ଦୀ ନାଏକ, ପାୟଲ ବେହେରା ରହିଥିବା ବେଳେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସଞ୍ଜୟ କୁମାର ଲିଆସିନିଂ ଅଧିକାରୀ ଭାବେ ଦଳରେ ଯାତ୍ରା କରିଥିଲେ।

## ପଚାସଢ଼ା ଖାଦ୍ୟ ଖାଇ ବଳଦର ମୃତ୍ୟୁ

## ବାରମ୍ବାର ଗୁହାରୀ ପରେ ଆସିଲେନି ଡାକ୍ତର



କେସିଙ୍ଗା, (ଭାସ୍କର ନ୍ୟୁଜ୍): କେସିଙ୍ଗା ବ୍ଲକ କଶ୍ରୁପଡ଼ା ଗ୍ରାମରେ ସଢ଼ା ଖାଦ୍ୟ ଖାଇ ଏକ ବଳଦର ମୃତ୍ୟୁ ଘଟିଛି। ସୂଚନା ମୁତାବକ କଶ୍ରୁପଡ଼ା ଗ୍ରାମର ୱାର୍ଡ ନଂ- ୦୫ ରେ ବାସ କରୁଥିବା ସରୋଜ ନାଗ ନାମକ ବ୍ୟକ୍ତି ଦୀର୍ଘ ବର୍ଷ ହେବ ୧୫୦୦୦ ଟଙ୍କାରେ ଏକ ବଳଦ କିଣି ନିଜ ଚାଷ ଜମିରେ କାର୍ଯ୍ୟ କରୁଥିଲେ। ହେଲେ ଗତ ବୁଧବାର ଦିନ ଉକ୍ତ ବଳଦଟି ବିଲକୁ ଖାଦ୍ୟ ଅନ୍ୱେଷଣରେ ଯାଇଥିବାବେଳେ କିଛି ସଢା ଖାଦ୍ୟ ଖାଇଥିଲା। ଫଳରେ ଉକ୍ତ ବଳଦଟି ଗତ ଗୁରବାର ଭୋର୍ ସକାଳୁ ଅସୁସ୍ଥ ହୋଇପଡ଼ିଥିଲା। ଉକ୍ତ ବିଷୟରେ ବଳଦ ମାଲିକ ଜାଣିପାରି ତୁରନ୍ତ ଚିକିତ୍ସା ନିମନ୍ତେ ସକାଳ ୬ ଟାରୁ କଶ୍ରୁପଡ଼ା ସରକାରୀ ପଶୁ ଚିକିତ୍ସାଳୟର ଡାକ୍ତର ଏଲ୍‌ଆଇ କପିଳଦେବ ମହଲାଙ୍କୁ ଫୋନ୍ କରି ସମସ୍ତ କଥା ଜଣାଇଥିଲେ। ହେଲେ ଡାକ୍ତର ମହାଶୟ ମୁଁ ଅନ୍ୟ କାମରେ ବ୍ୟସ୍ତ ଅଛି ବୋଲି କହିଥିଲେ। ସମୟ ବିତି ଦିନ ୧୧ ଟା ହେଲା ଫଳରେ ବଳଦଟି ଆହୁରି ଅଧିକ ଅସୁସ୍ଥ ହୋଇପଡ଼ିଲା। ବଳଦ ମାଲିକ ଡରିଯାଇ ପୁଣି ୧୨ଟା ବେଳେ ଡାକ୍ତରଙ୍କୁ ଫୋନ୍ କରି ଆସିବା ପାଇଁ ଗୁହାରୀ କଲେ, କିନ୍ତୁ ଡାକ୍ତର ମହାଶୟ ସିଧା ସିଧା ଖର୍ଚ୍ଚ କଲେ ଯିବି କହିଲେ। ଫଳରେ ବଳଦ ମାଲିକ ଆପଣ ଆସନ୍ତୁ ଏବଂ ମୋ ବଳଦ ବଞ୍ଚାନ୍ତୁ ବୋଲି କହିଲେ। ସମୟ ବିତି ସନ୍ଧ୍ୟା ହେବାକୁ ବସିଲା କିନ୍ତୁ ଡାକ୍ତର ଆସିଲେ ନାହିଁ କି ଫୋନ୍ ମଧ୍ୟ ଉଠାଇଲେ ନାହିଁ। ଫଳରେ ସନ୍ଧ୍ୟା ସମୟରେ ନିରୀହ ବଳଦଟି ଛାଟିପିଟି ହୋଇ ଜୀବନ ହାରିଲା। ଉକ୍ତ ବଳଦଟି ସରୋଜ ନାଗଙ୍କ ଏକ ପରିବାର ସଦସ୍ୟ ଭଳି ଥିବା ବେଳେ ପରିଶ୍ରମ କରି ସରୋଜଙ୍କ ପରିବାରର ପେଟ ପୋଷିଥିବା ସରୋଜ କହିଛନ୍ତି। ଫଳରେ ପଶୁ ବିଭାଗ ପ୍ରଶାସନର ଅବହେଳାକୁ ନେଇ ସରୋଜ ସମସ୍ତ ବୃତ୍ତାନ୍ତକୁ ଲିଖିତ ଆକାରରେ ନେଇ କେସିଙ୍ଗା ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ବିଷୟକୁ ନେଇ କଶ୍ରୁପଡ଼ା ପଶୁ ଚିକିତ୍ସାଳୟର ଏଲ୍‌ଆଇ କପିଳଦେବ ମହଲାଙ୍କୁ ପଚାରିବାରୁ ମୁଁ ଅନ୍ୟ କାମରେ ବ୍ୟସ୍ତଥିଲି ଏବଂ ମୁଁ ତାଙ୍କୁ ଖର୍ଚ୍ଚବର୍ଚ୍ଚ ଅର୍ଥ ସରକାରୀ ଔଷଧରେ କାମ ନ କଲେ ଚିକିତ୍ସା ପାଇଁ ହେବାକୁ ଥିବା ଅନ୍ୟ ଔଷଧର ଟଙ୍କା ବ୍ୟବସ୍ଥା କରିବା ପାଇଁ କହିଥିଲି ବୋଲି କହିଛନ୍ତି। ବର୍ତ୍ତମାନ କଶ୍ରୁପଡ଼ା ଗ୍ରାମବାସୀ ସରକାରୀ ପଶୁ ଚିକିତ୍ସାଳୟରେ ଅନେକ ଦିନ ହେଲା ପ୍ରାୟ ବନ୍ଦ୍ ରହୁଛି ବୋଲି ଅଭିଯୋଗ ଆଣିବା ପରେ ଉକ୍ତ ବିଷୟକୁ ନେଇ କେସିଙ୍ଗା ମୁଖ୍ୟ ପଶୁବିଭାଗ ବିଭିଓ ପରମାନନ୍ଦ ନାୟକଙ୍କୁ ପଚାରିବାରୁ ବ୍ଲକ୍‌ରେ ଏଲ୍‌ଆଇ ଯେତିକି ରହିବା କଥା ସେତିକି ନାହାନ୍ତି ତେଣୁ ଆମେ ଗୋଟିଏ ଏଲ୍‌ଆଇଙ୍କୁ ଦୁଇଟି ଅଞ୍ଚଳରେ ନିଯୁକ୍ତି ଦେଇଛୁ ତେଣୁ ଦୁଇଟି ସବୁଦିନ ଚିକିତ୍ସାଳୟ ଖୋଲିବା ସମ୍ଭବ ହେଇ ପାରୁନାହିଁ ବୋଲି କହିଛନ୍ତି। ବର୍ତମାନ ବଳଦ ମାଲିକ ସରୋଜ ନାଗ ପ୍ରଶାସନ ପକ୍ଷରୁ ଉକ୍ତ ଡାକ୍ତରଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି କରିଛନ୍ତି।

## ଧର୍ମଗଡ଼ରେ ହେବ ସ୍ପୋର୍ଟ କମ୍ପ୍ଲେକ୍ସ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କିଛିଦିନ ତଳେ କଳାହାଣ୍ଡି ଗସ୍ତରେ '୫-ଟି' ସଚିବ ଆସି ଇତିମଧ୍ୟରେ ଫେରି ଯାଇଛନ୍ତି। ଏହି ଗସ୍ତ ବେଳେ ଧର୍ମଗଡ଼କୁ '୫-ଟି' ସଚିବ ଆସିଥିବାବେଳେ ସ୍ଥାନୀୟ ନେତୃବୃନ୍ଦ ସଚିବଙ୍କ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧର୍ମଗଡ଼ ଠାରେ ବହୁ ସୁବିଧା ବିଶିଷ୍ଟ ଆଧୁନିକ ସ୍ପୋର୍ଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଦାବି କରିଥିଲେ। ଅଞ୍ଚଳର କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଜନସାଧାରଣଙ୍କ ତରଫରୁ ଇନ୍ଦ୍ରାବତୀ କଲୋନୀ ପଛ ପଟେ ଥିବା ପରିତ୍ୟକ୍ତ ବିସ୍ତୃତ ଅଞ୍ଚଳରେ ଏକ ସ୍ୱତନ୍ତ୍ର ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୫ଟି ସଚିବଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହି ଦାବି ଆଜି ସଫଳ ହେବାକୁ ଥିବାବେଳେ ସ୍ଥାନ ଚୟନ ପାଇଁ ପ୍ରଥମ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ଆଶା, ଖୁବ୍ କମ୍ ଦିନରେ ୫ଟି ଜରିଆରେ ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପାଇଁ ଏକ ବହୁ ସୁବିଧା ବିଶିଷ୍ଟ ଅତ୍ୟାଧୁନିକ ସ୍ପୋର୍ଟସ କମ୍ପ୍ଲେକ୍ସ ଉପହାର ମିଳିବା ସମ୍ଭାବନା ସଞ୍ଚାର ହୋଇଛି। ଧର୍ମଗଡ଼ କ୍ରୀଡାବିତ୍ ସମୂହ ଓ କ୍ରୀଡ଼ାପ୍ରେମୀ ଜନସାଧାରଣଙ୍କ ଦାବି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓ ୫ଟି ସଚିବ ଶ୍ରୀ ଭି.କାର୍ତ୍ତିକେୟ ପାଣ୍ଡିଆନ କରିବାକୁ ଯାଉଥିବା ନେଇ ଅଞ୍ଚଳବାସୀ ଅଶେଷ ଧନ୍ୟବାଦ ପ୍ରଦାନ କରିବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବାଆଦି ଠାକୁରଙ୍କ ବାର୍ଷିକ ତେଲ ହଳଦୀ ଯାତ୍ରା



କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ସର୍ଗିଗୁଡ଼ାଠାରେ ରବିବାର ବାଆଦି ଠାକୁରଙ୍କ ବାର୍ଷିକ ତେଲ ହଳଦି ଯାତ୍ର ପାରମ୍ପାରିକ ରିତିନୀତି ଅନୁସାରେ ପାଳିତ ହୋଇଛି। ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ଦେବା ଦେବୀଙ୍କ ସ୍ଥାନ ସ୍ୱତନ୍ତ୍ର ରହିଥିବାବେଳେ ପୁରୁଷା ପୁରୁଷାରୁ ଧାରି ଏହି ଯାତ୍ରାକୁ ଅଞ୍ଚଳବାସୀ ବିଭିନ୍ନ ଅଭାବ ଅନାଟନରେ ମଧ୍ୟ ବଜାୟ ରଖିଛନ୍ତି। ଅଞ୍ଚଳର ବରିଷ୍ଠ ବ୍ୟକ୍ତିମାନଙ୍କ କହିବା ଅନୁସାରେ ପୂର୍ବରୁ ବୈଶାଖ ମାସ ତୃତୀୟା ଆରମ୍ଭଠାରୁ ୧୨ଟି ରବିବାର ଗଲାପରେ ଏହି ତେଲ ହଳଦି ଯାତ୍ରା ସମ୍ପାପନ କରାଯାଉଥିଲା। କାଳକ୍ରମେ ଏହା ବୈଶାଖ ମାସ ତୃତୀୟାଠାରୁ ସପ୍ତମ ରବିବାରରେ ଏହି ତେଲ ହଳଦି ଯାତ୍ରା ସମ୍ପାପନ କରାଯାଉଛି। ଏଠାରେ ବାଆଦି ଠାକୁର ମୁଖ୍ୟ ଦେବାତା ଭାବେ ପୂଜା ପାଉଥିବାବେଳେ ଠାକୁରାଣି, ମାଟି ଦେବତା ଓ ବାରଭାଇ ଭିମସେନ୍‌ଙ୍କୁ ପର୍ଜାର୍ଚ୍ଚନା କରାଯାଇଥାଏ। ଏହି ଯାତ୍ରା ପାଳନ କଲେ ଚାଷ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଭଲ ବର୍ଷା ହେବା ସହିତ ଆଗାମୀ ଋତୁରେ ଭଲ ଚାଷ ଓ ଅଞ୍ଚଳର ସମସ୍ତେ ସୁଖ ଶାନ୍ତିରେ ରହିବେ ବୋଲି ବିଶ୍ୱାସ ରହିଛି। ପ୍ରତି ବର୍ଷ ଏହି ତେଲ ହଳଦି ଯାତ୍ରାଟି ମହା ସମାରୋହରେ ପାଳିତ ହୋଉଥିବାବେଳେ ଚଳିତ ବର୍ଷ ମଧ୍ୟ ରୀତିନୀତି ଅନୁସାରେ ପାଳିତ ହୋଇଛି। ଏହି ଯାତ୍ରାରେ କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଆମପାଣି ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ ପ୍ରମୁଖ ସାମିଲ ହୋଇ ବାଆଦୀ ଠାକୁରଙ୍କଠାରେ ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରି ପୂଜାର୍ଚ୍ଚନା କରିଥିଲେ। ପୁଝାରୀ ଦେବ ପୁଝାରୀ, ବଳଭଦ୍ର ପୁଝାରୀ, ଅଭିରାମ ପୁଝାରୀ, ଗୋବର୍ଦ୍ଧନ ପୁଝାରୀ, ପାରେ ପୁଝାରୀ, ପିତମ ପୁଝାରୀ, ଶିରା ଚନ୍ଦ୍ରମଣି ଭାଟି ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। କମିଟିର ସଭାପତି ଧନବଳ ମାଝୀ, ସମ୍ପାଦକ ପ୍ରଫୁଲ୍ଲ ନାଏକ, କୋଷାଧ୍ୟକ୍ଷ ଶିବ ମାଝୀ, ୱାର୍ଡ ସଭ୍ୟ ଦୁର୍ଯ୍ୟନ ବାଗ, ଡମ୍ବରୁ ଧଙ୍ଗଡାମାଝୀ, ଭୋଦେବ ନାଏକ, ପରିକ୍ଷିତ ବେଶ୍ରା, ସହଦେବ ମାଝୀ, ତୁଲାରାମ ମାଝୀ, ମକୁନ୍ଦ ବାଣୁଆ ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।

## ରାଶିଫଳ

**ମଙ୍ଗଳବାର, ୦୬ ଜୁନ୍ ୨୦୨୩**



**ମେଷ:** ଆଜି ଅତ୍ୟଧିକ କୌଣସି ବିଷୟକୁ ନେଇ ଆଲୋଚନା କରନ୍ତୁ ନାହିଁ। ଆକସ୍ମିକ ଧନ ଲାଭ ହୋଇପାରେ। ବନ୍ଧୁମାନେ ସନ୍ଧ୍ୟା ସମୟରେ କୌଣସି ଯୋଜନା କରି ପାରନ୍ତି। କାମ କାର୍ଯ୍ୟରେ ସଫଳ ନ ହେବା କାରଣରୁ ମନ ଅଶାନ୍ତି ରହିବ। ପରିବାରର ସୁଖମୟ ରହିବ। ଶତ୍ରୁଙ୍କୁ ହାନି ପହଞ୍ଚାଇବାକୁ ଚେଷ୍ଟା କରି ପାରନ୍ତି।



**ବୃଷ:** କୌଣସି ମହିଳା ସହ ସାକ୍ଷାତ ହୋଇପାରେ। ଯାହା ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ। କୋର୍ଟ କଚେରୀ ମାମଲା ଆଗକୁ ବଢିବ ନାହିଁ। କାମର ଚିନ୍ତା ଆପଣଙ୍କ ମୁଣ୍ଡରେ ରହିବ। ଯେଉଁ କାରଣରୁ ପରିବାର ଓ ବନ୍ଧୁମାନଙ୍କ ପାଇଁ ସମୟ ବାହାର କରି ପାରିବେ ନାହିଁ। ଦାମ୍ପତ୍ୟ ଜୀବନରେ ସୁଖମୟ ପରିସ୍ଥିତି ରହିବ।



**ମିଥୁନ:** ସ୍ଥାୟୀ ସମ୍ପତ୍ତିରୁ ଲାଭଦାୟକ ରହିବ। କାରୋବାରରେ ବୃଦ୍ଧି ହେବ। ରୋଜଗାରରେ ବୃଦ୍ଧି ହେବ। ପାର୍ଟନର ସହଯୋଗ ମିଳିବ। ଅଟକିଥିବା କାର୍ଯ୍ୟ ପୁରା ହେବ। ଆପଣଙ୍କ ଆଦର ସମ୍ମାନ ହେବ। ଆଜି ଆପଣ ରୋମାଞ୍ଚକ କାର୍ଯ୍ୟ କରିବେ। ଅଧିକ ଟଙ୍କା ଖର୍ଚ୍ଚ କରନ୍ତୁ ନାହିଁ।



**କର୍କଟ:** ପ୍ରେମୀ ପ୍ରେମିକାଙ୍କ ସମ୍ପର୍କରେ ବିବାଦ ଆସିପାରେ। ଯାତ୍ରା ପାଇଁ ସମୟ ଉପଯୁକ୍ତ ନୁହେଁ। ବ୍ୟାପାର କିମ୍ବା ଚାକିରିରେ ଯେତିକି ପରିଶ୍ରମ କରିବେ ସେଥିରେ ସେତିକି ଲାଭ ମିଳିବ। ଜୀବନର ଭରପୁର ଲାଭ ଉଠାନ୍ତୁ। ବନ୍ଧୁର ସାହାର୍ଯ୍ୟ ନିଅନ୍ତୁ। ଯୋଗ କରିବା ଦ୍ୱାରା ଆଧାତ୍ମିକ, ମାନସିକ ଓ ଶାରୀରିକ ରୂପରେ ସୁସ୍ଥ ରଖି ଆପଣଙ୍କ ହୃଦୟ ଓ ମସ୍ତିଷ୍କକୁ ଭଲ ରଖିବେ।



**ସିଂହ:** କାର୍ଯ୍ୟ କ୍ଷତ୍ରରେ ନୂଆ ଦାୟିତ୍ୱ ମିଳିପାରେ। ସାମାଜିକ କାର୍ଯ୍ୟ କଳାପରେ ଜଡିତ ରହିବେ। କୌଣସି ମହିଳା ମିତ୍ରର ସହଯୋଗ କରି ପାରନ୍ତି। ମାତା ପିତାଙ୍କ ସହ ନିଜର ଖୁସିକୁ ଶେୟାର କରନ୍ତୁ। ସ୍ୱାସ୍ଥ୍ୟ କମଜୋର ରହିବ। କାମରେ ରୁଚି ବଢିବ ନାହିଁ। ବାଣୀରେ ସଂଯମତା ରଖନ୍ତୁ। ପାରବାରିକ ସହଯୋଗ ମିଳିବ। ଦୁର୍ଘଟଣାରେ ଶାରୀରିକ ହାନି ହୋଇପାରେ।



**କନ୍ୟା:** ସମାଜ ସେବା କାର୍ଯ୍ୟରେ କାମ କରିବା ପାଇଁ ପ୍ରେରଣା ମିଳିବ। ମାନ ସମ୍ମାନ ମିଳିବ। ପୂର୍ବରୁ କରିଥିବା ପରିଶ୍ରମର ଫଳ ଆଜି ମିଳିବ। ବ୍ୟବସାୟରେ ପରିସ୍ଥିତି ଅନୁକୂଳ ରହିବ। ଭାଗ୍ୟର ସାଥ ମିଳିବ। ନିଜକୁ ନେଇ ଦୁଖୀ ରହିବା ଦ୍ୱାରା କିଛି ବି ହାସଲ ହେବ ନାହିଁ। ପରିବାର ସହିତ ବାଦ ବିବାଦ କରନ୍ତୁ ନାହିଁ। ବ୍ୟାପାରରେ କିଛି ହାନିର ଯୋଗ ଅଛି।



**ତୁଳା:** ମିତ୍ରଙ୍କ ଠାରୁ ସହଯୋଗ ମିଳିବ ନାହିଁ। ଶତ୍ରୁ ପକ୍ଷ ଦବି ରହିବେ। ନ ପଢି କୌଣସି ବି କାଗଜପତ୍ର ଉପରେ ହସ୍ତାକ୍ଷର କରନ୍ତୁ ନାହିଁ। ଘରେ ଚିନ୍ତାର ପରିବେଶ ରହିବ। ଶାରିରୀ ସମସ୍ୟା ରହିପାରେ। ଖରାପ ସମୟ ଅଛି। ଖର୍ଚ୍ଚ ଉପରେ କାବୁ ରଖିବାକୁ ଚେଷ୍ଟା କରନ୍ତୁ।



**ବିଛା:** ପରିବାର ସହିତ ସମୟ ବ୍ୟତୀତ କରିବାର ଅବସର ମିଳିବ। ବୟସ୍କ ଲୋକମାନଙ୍କ ପ୍ରେମ ଓ ଆଶୀର୍ବାଦ ମିଳିବ। କୌଣସି ପ୍ରଭାବଶାଳି ବ୍ୟକ୍ତିଙ୍କ ମାର୍ଗଦର୍ଶନ ଓ ସହଯୋଗ ପ୍ରାପ୍ତ ହେବ। ବୁଦ୍ଧିମାନର ସହ ନିବେଶ କରନ୍ତୁ। ସନ୍ତାନ ତରଫରୁ ଶୁଭ ସମାଚାର ମିଳିବ। ନିବେଶ ଇତ୍ୟାଦିରେ ଲାଭ ମିଳିବ। ପ୍ରାପ୍ତ ହୋଇଥିବା ଟଙ୍କା ଆପଣଙ୍କ ଆଶା ଅନୁସାରେ ହେବ ନାହିଁ। ପ୍ରେମରେ ମାମଲାରେ କିଛି ପରିବର୍ତ୍ତନ ନଜର ଆସି ପାରେ।



**ଧନୁ:** କାର୍ଯ୍ୟ କ୍ଷତ୍ରରେ ଆସୁଥିବା ସମସ୍ତ ବାଧା ଦୂର ହେବ। ପତ୍ନୀ ଓ ପିଲାଙ୍କ ସହିତ ସମସ୍ତ ସମସ୍ୟା ବିଷୟରେ କଥାବାର୍ତ୍ତା କରନ୍ତୁ। ଚାକିରିରେ ଅଧିକାରୀ ବର୍ଗଙ୍କ ଅପେକ୍ଷା କରିବେ। ପୁରୁଣା ରୋଗରୁ ମୁକ୍ତି ପାଇ ପାରିବେ। କୁ ସଂଗତିରୁ ଦୂରେଇ ରୁହନ୍ତୁ। ଫାଲତୁ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ଭଲ ଜିନିଷକୁ ହିଁ ଗ୍ରହଣ କରନ୍ତୁ। କରଜ ନିଅନ୍ତୁ ନାହିଁ। କୌଣସି ବିବାଦରେ ବିଜୟ ମିଳିବ।



**ମକର:** ଡୁବି ଯାଇ ଥିବା ଟଙ୍କା ମିଳିବାର କମ ସମ୍ଭାବନା ଅଛି। ଭାଗ୍ୟର ସାଥ ମିଳିବ ନାହିଁ। କାହା ସାହିତ ବି ଝଗଡା କରନ୍ତୁ ନାହିଁ। କିନ୍ତୁ ଶତ୍ରୁ ପରାସ୍ତ ହେବେ। ନୂଆ କାର୍ଯ୍ୟ ମିଳିବ। ଭରପୁର ପ୍ରୟାସ ଦ୍ୱାରା ନିଶ୍ଚିତ ରୂପରେ ସଫଳ ହେବେ। ବ୍ୟାପାର ଆପଣ କୌଣସି ଭୁଲ ନିଷ୍ପତି ନେବା ଦ୍ୱାରା ଆପଣଙ୍କୁ ଆର୍ଥିକ କ୍ଷତି ହୋଇପାରେ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟର ଚିନ୍ତା ରହିବ। ସବୁଦିନ ବ୍ୟାୟମ କରନ୍ତୁ।



**କୁମ୍ଭ:** କଳା ଓ ସାହିତ୍ୟ କ୍ଷେତ୍ରରେ ରୁଚି ରଖିବେ। ବ୍ୟାପାରରେ ନୂଆ ଯୋଜନା ଦ୍ୱାରା ବ୍ୟାପାର କରିବେ। ମିତ୍ରଙ୍କଠାରୁ କିମ୍ବା ଭାଇ ଭଉଣୀଙ୍କଠାରୁ ସହଯୋଗ ମିଳିପାରେ। ଯଦି ଆପଣଙ୍କ ଯୋଜନା ବାହାର ବୁଲିବାର ହୋଇଥାଏ ତେବ ତାହା ବିଫଳ ହୋଇଯିବ। ନିଜର ଆୟ ଉପରେ ଧ୍ୟାନ ଦିଅନ୍ତୁ। ଉତ୍ସାହରେ ବୃଦ୍ଧି ଆସିପାରେ। ପାରିବାରିକ ସୁଖ ଶାନ୍ତି ମିଳିବ। ଆରାମ ଓ ମନୋରଞ୍ଜନ ଉପରେ ବ୍ୟୟ କରିବେ।



**ମୀନ:** ନିଜର ମାତା ପିତାଙ୍କୁ ଖୁସି କରିବାରେ ସଫଳ ହେବେ। ଜୀବନସାଥିଙ୍କ ସହିତ ଆରାମଦାୟକ ସାମୀ ବିତାଇବେ। ଘର ଓ ବାହାରରେ ପ୍ରସନ୍ନତା କା ୱାତାୱରଣ ରହିବ। କୌଣସି ବି କାର୍ଯ୍ୟ କରିବା ପୂର୍ବରୁ ତାହା ବିଷୟରେ ବୁଝି ନିଅନ୍ତୁ। ଆବଶ୍ୟକ ଜିନିଷ ହଜି ପାରେ। ଚିନ୍ତାରେ ରହିବେ। ପାରିବ ବ୍ୟବପାରରେ ଲାଭ ମିଳିବ। ବାହାର କାମରେ ସଫଳତା ମିଳିପାରେ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୋଣାର୍କ, (ଭାସ୍କର ନ୍ୟୁଜ): କୋଣାର୍କ ଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ, ଜଗନ୍ନାଥ ଷ୍ଟ୍ରଷ୍ଟ ବୋର୍ଡ ରାଜାରାମ ମଠ ପକ୍ଷରୁ ଆୟୋଜିତ ଏହି ସମାରୋହରେ ପତ୍ୟୁଷରୁ ଶ୍ରୀଜୀୟୁମାନଙ୍କୁ ଗୋଟି ପହଣ୍ଡିରେ ସ୍ନାନବେଦୀକୁ ନିଆ ଯାଇଥିଲା ପାରମ୍ପରିକ ରୀତିନୀତି ଅନୁଯାୟୀ ମହାପ୍ରଭୁଙ୍କୁ ସ୍ନାନବେଦୀରେ ପୁଜାକ ସ୍ନାନ କରାଇ ହାତୀ ବେଶ କରାଇଥିଲେ। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶରେ ମହାପ୍ରଭୁଙ୍କର ଏହି ସ୍ନାନ ଯାତ୍ରା ସମାପନ ହୋଇଥିଲା। ସନ୍ଧ୍ୟାରେ ଓଡ଼ିଆ ସରକାରଙ୍କର ସଂସ୍କୃତି ବିଭାଗ ସହାୟତାରେ ଭକ୍ତି ତରଙ୍ଗ ଭଜନଧାରା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ମ୍ୟାନେଜିଂଗ ଟ୍ରଷ୍ଟି ଅମରେଶ୍ୱର ନାୟକ, କୋଣାର୍କ ସାମ୍ବାଦିକ ସଙ୍ଘ ସମ୍ପାଦକ ମନୋରଞ୍ଜନ ପଣ୍ଡା, କଣ୍ଠଶିଳ୍ପୀ ଜୟଦେବ ମିଶ୍ର ଓ ଟ୍ରଷ୍ଟ ବୋର୍ଡର ସଭ୍ୟମାନେ ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ୧ ମିନିଟ ନିରବ ପ୍ରାର୍ଥନା ଓ ଆହତମାନଙ୍କର ଆସୁ ଚିକିତ୍ସା କାମନା କରାଯିବା ପରେ ଭଜନ ପରିବେଷଣ କରାଯାଇଥିଲା। ରାତି ୯ ଘଣ୍ଟିକା ସମୟରେ ଶ୍ରୀଜୀୟୁମାନଙ୍କୁ ଗୋଟି ପହଣ୍ଡିରେ ଅଣସର ଘରକୁ ନିଆ ଯାଇଥିଲା କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡର କାର୍ଯ୍ୟ ନିର୍ବାହୀ ନିରଞ୍ଜନ ବାରିକ ପରିଚାଳନା କରିଥିଲେ।

# ଖର୍ଚ୍ଚ ହେଲା ୩ ଲକ୍ଷ ହେଲେ ଅଙ୍ଗନୱାଡ଼ିକୁ ମିଳିନି ଜଳ କି ବିଜୁଳି



ଚମ୍ପୁଆ, (ଭାସ୍କର ନ୍ୟୁଜ୍): ଅଙ୍ଗନୱାଡିରେ ବିଦ୍ୟୁତିକରଣ ଓ ଜଳ ଯୋଗାଣ ନାଁ'ରେ ଖର୍ଚ୍ଚ ହେଲା ୩ ଲକ୍ଷ କିନ୍ତୁ ନା ବିଜୁଳି ଜଳିଲା ନାଁ ପାଣି ମିଳିଲା। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ରିମୁଳି ଗ୍ରାମ ପଞ୍ଚାୟତର ରିମୁଳି(ଖ) ୨ ଅଙ୍ଗନବାଡି କେନ୍ଦ୍ରରେ। ଆରଟିଆଇରୁ ମିଳିଥିବା ତଥ୍ୟ ଅନୁସାରେ ରିମୁଳି ପଞ୍ଚାୟତ ଅଫିସ ନିକଟରେ ଥିବା ରିମୁଳି (ଖ)୨ ଅଙ୍ଗନବାଡ଼ି କେନ୍ଦ୍ରରେ ରିମୁଳି ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ପଞ୍ଚଦଶ ଅର୍ଥ କମିଶନ ପାଣ୍ଠିର ୨୦୨୧-୨୨ ଆର୍ଥିକ ବର୍ଷର ଅନୁଦାନରେ ୫୦,୦୦୦ ଟଙ୍କା ଅଙ୍ଗନବାଡ଼ି କେନ୍ଦ୍ର ରିମୁଳିଠାରେ ଜଳ ଯୋଗାଣ ଏବଂ ବିଦ୍ୟୁତିକରଣ ପାଇଁ ଖର୍ଚ୍ଚ କରାଯାଇଥିବା ବେଳେ ଏହି କାର୍ଯ୍ୟ ତା ୦୩.୦୧.୨୦୨୨ ରିଖରେ ସମ୍ପୂର୍ଣ୍ଣ ହୋଇଥିଲା। ତେବେ ପୁଣି ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ତରଫରୁ ୫ ତମ ଏସ୍ଏଫ୍ସି ପାଣ୍ଠିର ୨୦୨୧-୨୨ ବର୍ଷର ଆର୍ଥିକ ଅନୁଦାନରେ ରିମୁଳି ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଅଙ୍ଗନୱାଡ଼ି କେନ୍ଦ୍ରର ଶୌଚାଳୟ ଓ ଜଳ ଯୋଗାଣ ପାଇଁ ୨,୫୦,୦୦୦ ଟଙ୍କା ଯୋଗାଇ ଦିଆଯାଇଥିବା ବେଳେ ଏହି କାର୍ଯ୍ୟ ତା ୧୮.୦୪.୨୦୨୨ ରିଖରେ ସମ୍ପୂର୍ଣ୍ଣ ହୋଇ ସାରିଥିବା ସୂଚନା ହସ୍ତଗତ ହୋଇଛି। ତେବେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏହି ଅଙ୍ଗନୱାଡି କେନ୍ଦ୍ରକୁ ନାଁ ବିଜୁଳି ସଂଯୋଗ ହୋଇ ପାରି ନ ଥିବାରୁ ନା ବିଜୁଳୀ ଜଳି ପାରୁଛି ନା ଜଳ ଯୋଗାଣ ହୋଇ ପାରୁଛି। ସରକାରୀ ତହବିଲରୁ ସର୍ବମୋଟ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଜଳ ଯୋଗାଣ ସମ୍ଭବ ହୋଇ ପାରି ନ ଥିବା ବେଳେ ବିଜୁଳି ସଂଯୋଗ ଅଭାବରୁ ଅଙ୍ଗନୱାଡ଼ି କେନ୍ଦ୍ର ଛାତରେ ବିଜୁଳୀ ପଙ୍ଖା ଓହଳି ରହିଥିବା ବେଳେ କାନ୍ଥରେ ବିଜୁଳୀ ବତୀ ବିନା ବିଜୁଳୀରେ ଲାଗି ରହିଛି। ଅଙ୍ଗନୱାଡି ଆସୁଥିବା କୁନିକୁନି ପିଲାମାନଙ୍କୁ ପାଣି ଯୋଗାଇ ଦେବା ସହିତ ସେମାନଙ୍କୁ ଗରମ ଦାଉରୁ ରକ୍ଷା କରିବା ଉଦ୍ଦେଶ୍ୟରେ ଖର୍ଚ୍ଚ କରାଯାଇଥିବା ୩ ଲକ୍ଷ ଟଙ୍କାର କୌଣସି ସୁଫଳ ଅଙ୍ଗନୱାଡ଼ି କେନ୍ଦ୍ରର ଛୋଟ ପିଲାମାନେ ପାଇ ପାରୁ ନ ଥିବାରୁ ଏହାକୁ ନେଇ ଅଭିଭାବକ ମହଲାରେ ଅସନ୍ତୋଷ ଦେଖା ଦେଇଛି। ଏହି ଅଙ୍ଗନୱାଡି କେନ୍ଦ୍ରର ଚଟାଣରେ ଲଗାଯାଇଥିବା ଟାଇଲସଗୁଡିକରୁ ଅଧିକାଂଶ ଭାଙ୍ଗି ଯାଇଥିବା ଯୋଗୁଁ ଅତି ନିମ୍ନମାନର ଟାଇଲସ ଏଥିରେ ବ୍ୟବହାର କରାଯାଇଥିବା ଅଭିଯୋଗ ହେଉଛି। ତେବେ ଚମ୍ପୁଆ ସିଡ଼ିପିଓ ସୀତା ମୁର୍ମୁଙ୍କୁ ଅଙ୍ଗନୱାଡିର ବିଦ୍ୟୁତ୍ ସଂଯୋଗ ବିଷୟରେ ଯୋଗାଯୋଗ କରିବାରୁ ସେ କେନ୍ଦୁଝର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଅଙ୍ଗନବାଡିରେ ବିଦ୍ୟୁତ୍ ସଂଯୋଗ ପାଇଁ ଆବଶ୍ୟକ ପାଣ୍ଠି ପାଇଁ ଚିଠି ଲେଖିଛନ୍ତି ପାଣ୍ଠି ମିଳିବା ପରେ ଅଙ୍ଗନବାଡିରେ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି କହିଛନ୍ତି। ତେବେ ବିଭିନ୍ନ ସରକାରୀ କାର୍ଯ୍ୟାଳୟମାନଙ୍କ ମଧ୍ୟରେ ସମନ୍ୱୟର ଅଭାବରୁ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁ ନ ଥିବା ବେଳେ ସରକାରୀ ଧନର ଅପବ୍ୟୟ ହିଁ ସାର ହେଉଛି।

## ପୌରପାଳିକା ଶୋଇଛି ଚିରନିଦ୍ରାରେ

# ଭେଣ୍ଡିଂ ଜୋନ୍ ବଣ୍ଟନରେ ବିଳମ୍ବ କାହିଁକି ?




ରାଜଗାଙ୍ଗପୁର, (ଭାସ୍କର ନ୍ୟୁଜ୍): ଗତ କିଛି ଦିନ ତଳେ ପୌରପାଳିକା ପକ୍ଷରୁ ରାଜଗାଙ୍ଗପୁର ସହର ସ୍ଥିତ ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତା କଡ଼ରେ ଥିବା ଉଠା ଦୋକାନ ଯୋଗୁ ଉକ୍ତ ମାର୍ଗରେ ଉପୁଜୁଥିବା ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ରାସ୍ତା କଡ଼ରେ ଥିବା ଦୋକାନୀମାନଙ୍କ ପାଇଁ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇ ଉଠା ଦୋକାନୀକୁ ଦିଆ ଯବାକୁ ସ୍ଥିରକୃତ ହୋଇଥିଲା। ଏମିତିକି ପୌରପାଳିକା ତରଫରୁ ଭେଣ୍ଡିଙ୍ଗ ଜୋନ୍ ନିର୍ମାଣ ଆରମ୍ଭ ହୋଇ ଦୋକାନ ଗୃହ ନିର୍ମାଣ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ମଧ୍ୟ ହୋଇଥିଲା। କିନ୍ତୁ ବର୍ତ୍ତମାନ ଦୋକାନ ଗୃହଗୁଡିକରେ ପୌରପାଳିକା ତରଫରୁ ତାଲା ଲଗାଯାଇ ରଖାଯାଇଛି। ହେଲେ କୌଣସି ଉଠା ଦୋକାନୀକୁ ଦିଆଯାଉ ନାହିଁ। ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଏହା ଭିତରେ କଣ ରହିଛି ରହସ୍ୟ ଏବଂ କାହିଁକି ପୌରପାଳିକା ଚିର ନିଦ୍ରାରେ ସୋଇଛି ତାହା ନେଇ ପ୍ରଶ୍ନ ଉଙ୍କି ମାରୁଛି। ରାଜଗାଙ୍ଗପୁର ବସ୍‌ଷ୍ଟାଣ୍ଡ ରାସ୍ତା କଡ଼ରେ ଥିବା ଉଠା ଦୋକାନୀଙ୍କ ଯୋଗୁ ଉପୁଜୁଥିବା ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ପୂର୍ତ୍ତବିଭାଗ ଜମିକୁ ଅଧି ଗ୍ରହଣ କରି ଉକ୍ତ ଜାଗାରେ ଭେଣ୍ଡିଂ ଜୋନ୍ ଜରିଆରେ ୪୨ଟି ଦୋକାନ ଗୃହ ନିର୍ମାଣ କରାଯାଇଥିଲା। ଯାହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି ହେଲେ ଉଠା ଦୋକାନୀଙ୍କୁ ଦିଆଯାଉ ନାହିଁ। ଯାହା ଫଳରେ ପୁରୁଣା ପାଠର ଆଲୋଚନା ପରି ଉଠା ଦୋକାନୀମାନେ ରାସ୍ତାକଡ଼ରେ ନିଜର ଦୋକାନ ଲଗାଉଥିବା ବେଳେ ଏହି ରାସ୍ତାଟି ଜନଗହଳି ପୂର୍ଣ୍ଣ ସ୍ଥାନ ହୋଇଥିବାରୁ ବର୍ତ୍ତମାନ ପୂର୍ବରୁ ଅଧିକ ମାତ୍ରରେ ଟ୍ରାଫିକ ସମସ୍ୟା ଦେଖା ଦେଉଛି। ଏହା ପରେ ଭି ପୌରପାଳିକା ଚିର ନିଦ୍ରାରେ। ଏହା ସହ ଏହା ଭିତରେ ଦୁର୍ନୀତି ଜଡିତ ଗୂଢ଼ ରହସ୍ୟ ରହିଥିବା ନେଇ ଚର୍ଚ୍ଚା ଚାଲୁଥିବା ବେଳେ ଦେଖିବାକୁ ବାକିରହିଲା ପୌରପାଳିକାର ନିଦ୍ରା କେବେ ଭାଙ୍ଗୁଛି।

## ମାଲକାନଗିରିକୁ ରାଜ୍ୟସ୍ତରୀୟ ପ୍ରକୃତିମିତ୍ର ପୁରସ୍କାର

ମାଲକାନଗିରି, (ଭାସ୍କର ନ୍ୟୁଜ୍): ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ଓ ପ୍ରକୃତିମିତ୍ର ପୁରସ୍କାର ବିତରଣ ଉତ୍ସବ ଭୁବନେଶ୍ୱର ଲୋକସଭା ଭବନ ସ୍ଥିତ ରାଜ୍ୟ କନଭେନ୍ସନ୍ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମାନ୍ୟବର ମନ୍ତ୍ରୀପ୍ରଦୀପ କୁମାର ଅମାତ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ୨୦୨୨-୨୩ ବର୍ଷରେ ରାଜ୍ୟରେ ପରିବେଶର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ କାର୍ଯ୍ୟ କରିଆସୁଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଗୁଡ଼ିକ ମୁଖ୍ୟଅତିଥି ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ମାଲକାନଗିରି ସମ୍ବାଦ ସାହିତ୍ୟ ଘର ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ପ୍ରଚାର ପ୍ରସାର ସହ ଜିଲ୍ଲାରେ ପରିବେଶର ସୁରକ୍ଷା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରି ବିଗତ ବର୍ଷ ଗୁଡ଼ିକରେ ବିଦ୍ୟାଳୟ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ବନ ବିଭାଗର ମିଳିତ ସହଯୋଗରେ ବୃକ୍ଷରୋପଣ ଓ ଏହାର ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବାଦ ସାହିତ୍ୟ ଘରର ପ୍ରାକ୍ତନ ସଭାପତି ତଥା ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟାପକ ଡଃ ରଞ୍ଜନ କୁମାର ସ୍ୱାଇଁ ଭୁବନେଶ୍ୱର ଠାରେ ମୁଖ୍ୟଅତିଥିଙ୍କ ଠାରୁ ପୁରସ୍କାର ରାଶି ଓ ମାନପତ୍ର ଗ୍ରହଣ କରି ମାଲକାନଗିରି ଜିଲ୍ଲାର ଗୌରବ ବୃଦ୍ଧି କରିଥିବାରୁ ସମ୍ବାଦ ସାହିତ୍ୟ ଘର ଓ ଜିଲ୍ଲା ବାସୀଙ୍କ ତରଫରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଉଛି। ଆଗାମୀ ଦିନରେ ପରିବେଶର ସୁରକ୍ଷା ପାଇଁ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ ଏପରି କାର୍ଯ୍ୟକ୍ରମ କରାଯିବାକୁ ଲକ୍ଷ୍ୟ ସ୍ଥିର କରାଯାଇଛି।

# ବିଶ୍ୱ ପରିବେଶ ଦିବସ ଅବସରରେ ସାଇକେଲ ରାଲି



ଚିକିଟୀ, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲା ଅନ୍ତର୍ଗତ ଚିକିଟୀ ପୌର ପରିଷଦରେ ବିଶ୍ୱ ପରିବେଶ ଦିବସ ଅବସରରେ ଏକ ସାଇକେଲ ରାଲି ବାହାର କରି ପରିବେଶ ପ୍ରଦୂଷଣ, ପ୍ରାକୃତିକ ଉପାଦାନ ଅବକ୍ଷୟ ବିଷୟରେ ସ୍ଲୋଗାନ ଦେଇ ରାଲି ବାହାର କରାଯାଇଥିଲା। ଏହି ରାଲିର ମଙ୍ଗ ଧରିଥିଲେ ସ୍ଥାନୀୟ ତହସିଲଦାର ବିଶ୍ୱରଂଜନ କଅଁର ପ୍ରଥମେ ଏହି ରାଲି ଚିକିଟୀଗଡ଼ର ଚିତ୍ରକାର ସାହି ଛକରୁ ବାହାରି ସମଗ୍ର ଚିକିଟି ଗଡର ଗଳି କନ୍ଦି ବୁଲିବା ସହ ବ୍ୟବସାୟିକ ପେଣ୍ଠସ୍ଥଳୀ, ଧାନଘର ଛକ ଆଦି ପରିକ୍ରମା କରିଥିଲେ। କହିବାକୁ ଗଲେ ଆଜିର ବିଜ୍ଞାନ ଯୁଗରେ ମାନବ ଜୀବନକୁ ସରଳି କରଣ କରିବା ବାହାନାରେ ଅନେକ ପ୍ରାକୃତିକ ସମ୍ପଦକୁ ନଷ୍ଟ କରିବାକୁ ପଛନ୍ତି ନାହିଁ। ସେହିପରି ବିଭିନ୍ନ ଆଳ ଦେଖାଇ ଜଙ୍ଗଲ କାଟିବା। ଖାଦ୍ୟ ସାମଗ୍ରୀକୁ ବିଷାକ୍ତ ପାଲିଥିନରେ ନେବା ଆଣିବା କରି ଅଦରକାରୀ ହେବା ପରେ ରାସ୍ତା ଘାଟରେ ଫପାଡି ଏକ ପ୍ରକାର ବାୟୁ ପ୍ରଦୂଷଣ ଘଟାଇବା ଏବଂ ଚାଷଜମିରେ ପଲିଥିନ ପକାଇ ଉର୍ବରତା କମାଇବା ଆଦି କାରଣ ହେତୁ ମାନବ ସମାଜ ଏକ ବିରାଟ ସ୍ୱାସ୍ଥ୍ୟଗତ କ୍ଷତି ସହିବାରେ ଲାଗିଛି। ଅତଦ ବ୍ୟତୀତ ଖାଦ୍ୟ ସାମଗ୍ରୀ ନେବା ଆଣିବା ପଲିଥିନ ବାହାରେ ଫୋପାଡିବା ହେତୁ ଗାଈ, ଗୋରୁ ଖାଇ ମଧ୍ୟ ପ୍ରାଣ ହରାଉଥିବା ମଧ୍ୟ ଦେଖିବାକୁ ମିଳୁଛି। ସେହିପରି ଅଞ୍ଚଳରେ ପୂର୍ବେ ଅନେକ ଘଞ୍ଚ ଜଙ୍ଗଲ ଥିଲା ଯାହାକି ପରିବେଶର ଆଦ୍ରତା ଓ ପ୍ରାକୃତିକ ଭାରସାମ୍ୟ, ଅତ୍ୟଧିକ ଗରମ ବାୟୁକୁ ରୋକିଥିବା ବେଳେ ଜଙ୍ଗଲଗୁଡିକ ବ୍ରତମାନ ରକ୍ଷଣାବେକ୍ଷଣ ଅଭାବ, ଚୋରା କାଠ ମାଫିଆମାନଙ୍କ ଦ୍ୱାର ସରିବାକୁ ଲାଗିଛି ଯାହା କି ଆଗାମୀ ଦିନରେ ଜୀବ ଜଗତ ବିଲୀନ ହେଇଯିବ ବୋଲି ମଧ୍ୟ ପ୍ରକାଶ ପାଉଛି। ଜୀବନ ବଞ୍ଚିବାକୁ ହେଲେ ପ୍ରକୃତିକୁ ରକ୍ଷା କରିବା ଦରକାର ବୋଲି ତହସିଲଦାର ବିଶ୍ୱରଂଜନ କଂହର ପ୍ରକାଶ କରିଥିଲେ। ଏହି ରାଲି ମାଧ୍ୟମରେ ପରିବେଶ ପ୍ରଦୂଷଣକୁ ବନ୍ଦ କରାଯାଇ ପାରିବ ବୋଲି ବିଶିଷ୍ଟ ଶିକ୍ଷାବିତ ରଞ୍ଜନ ବ୍ରହ୍ମା ପ୍ରକାଶ କରିଛନ୍ତି। ଏହି ରାଲିରେ ଅଞ୍ଚଳର ସମସ୍ତ ଯୁବ ପ୍ରତିଭା ଯୋଗ ଦେଇଥିଲେ।

## ଗାୟକ ବ୍ୟାସ ଲକ୍ଷ୍ମୀଧରଙ୍କ ଜୟନ୍ତୀ ଉତ୍ସବ ପ୍ରସ୍ତୁତି ବୈଠକ



କୋଣାର୍କ, (ଭାସ୍କର ନ୍ୟୁଜ୍): ଉତ୍କଳୀୟ ଶାସ୍ତ୍ରୀୟ ନାଟକ ପାଲା ଜଗତର ପ୍ରଚଣ୍ଡ ପ୍ରତିଭା 'ଗାୟକ ଶିରୋମଣି ତଥା ଗାୟକ ବ୍ୟାସ ପୂଜ୍ୟ ଗୁରୁଦେବ ଲକ୍ଷ୍ମୀଧର ଦାଶଙ୍କ ଜୟନ୍ତୀ ଉତ୍ସବ ଗାୟକ ବ୍ୟାସ ପୂଜ୍ୟ ପୂଜା ପରିଷଦ ଆନୁକୁଲ୍ୟରେ ଆସନ୍ତା ଜୁନ ମାସ ୨୦ ତାରିଖ ପବିତ୍ର ଶ୍ରୀଗୁଣ୍ଡିଚା ଦିନ ଗୁରୁଙ୍କର ଜନ୍ମ ତିଥି ଅବସରରେ କୋଣାର୍କ ନିକଟସ୍ଥ ବିଶ୍ୱଶାନ୍ତି ସେବାଶ୍ରମ ପରିସରରେ ପାଳିତ ହେବା ପାଇଁ ନିଷ୍ପତି ହୋଇଛି ବୋଲି , ପୂଜ୍ୟପୂଜା ପରିଷଦର ସଂପାଦକ ଗାୟକ ମଙ୍ଗରାଜ ବିଶ୍ୱାଳ ଜଣାଇଛନ୍ତି। ଗତ ଜୁନ ମାସ ୪ ତାରିଖ ପବିତ୍ର ସ୍ନାନ ପୂର୍ଣ୍ଣମା ଦିନ ଗାୟକ ବ୍ୟାସ ପୂଜ୍ୟପୂଜା ପରିଷଦର ଉପଦେଷ୍ଟା ଗାୟକ ବାଚସ୍ପତି ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ପରିଷଦର ସଭାପତି ଗାୟକ ଲମ୍ବୋଦର ବେହେରା, ହରିହର ଜେନା, ବେଣୁଧର ବେହେରା, ହିମାଂଶୁ କୁମାର ବରାଳ, ଅନାଦି ଚରଣ ପ୍ରଧାନ, ତ୍ରିଲୋଚନ ନାୟକ, ପବିତ୍ର ମୋହନ ବାରିକ, ପ୍ରସନ୍ନ କୁମାର ବସ୍ତିଆ, ପ୍ରକାଶ ଚନ୍ଦ୍ର ପାଗଳ, ରାମଚନ୍ଦ୍ର ପଣ୍ଡା, ସୁଶାନ୍ତ କୁମାର ସାହୁ, ଅମରଜିତ୍ ମହାନ୍ତି, ଲକ୍ଷ୍ମୀପ୍ରିୟା ଦାଶ, ନନ୍ଦକିଶୋର ସେନାପତି, ବସନ୍ତକୁମାର ମଙ୍ଗରାଜ, ସଂଘମିତ୍ରା ବରାଳ, ବାଉରୀବନ୍ଧୁ ସାହୁ, ଜମେଶ୍ୱର ରାଉତ, ବିଶ୍ୱଜିତ୍ ପଣ୍ଡା, ବିମଳ ପ୍ରସାଦ ଦାଶ, ଭିକାରୀ ପୁଝାରୀ, କେଶବ ରଥ, ନୀଳକଣ୍ଠ ମହାନ୍ତି ପ୍ରମୁଖ ଯୋଗଦାନ କରି ଉତ୍ସବକୁ ମହା ସମାରୋହରେ ପାଳନ କରିବା ପାଇଁ ମତ ଉପସ୍ଥାପନ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଶିବପ୍ରସାଦ ଦାସ, ପୂର୍ଣ୍ଣଚନ୍ଦ୍ର ବାରିକ, ରବୀନ୍ଦ୍ର ବାରିକ, ପ୍ରକାଶ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବାହାନାଗା ଟ୍ରେନ୍ ଦୁର୍ଘଟଣା

# ମୃତକଙ୍କ ସ୍ମୃତି ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ବାହାନଗାଠାରେ ଗତ ଶୁକ୍ରବାରରେ ହୋଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ସମଗ୍ର ଦେଶରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଦୁର୍ଘଟଣାରେ ପ୍ରାଣ ହରାଇ ଥିବା ମୃତକଙ୍କ ଆତ୍ମର ସଦଗତି ଓ ଆହତଙ୍କ ଆସୁ ଆରୋଗ୍ୟ କାମନା ସମଗ୍ର ଦେଶରେ କ୍ୟାଣ୍ଡଲ ଶୋଭା ଯାତ୍ରା କରା ଯିବା ସହ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଠାରେ ମଧ ବାହନଗା ଟ୍ରେନ ଦୁର୍ଘଟଣାରେ ମୃତାହତଙ୍କ ସ୍ମୃତି ତଥା ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଏକ କ୍ୟାଣ୍ଡେଲ ରାଲି ଅନୁଷ୍ଠିତ ହୋଇଥିଲା। ଏହି ରାଲି ଖାତିଗୁଡ଼ା ସ୍ଥିତ ମାଉସୀମା ମନ୍ଦିର ନିକଟରୁ ବାହାରି ଫଟାଗୁଡା ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାରେ ଅକ୍ଷୟ ମହାନ୍ତି, ସୁରେନ୍ଦ୍ରନାଥ ରାଉତ, ଶିବ ରାମ ସାହୁ, ସୁଧୀ ଭାଇ, କିଶାନ ମହାନ୍ତି, ହେମନ୍ତ ରାଉତ, ସୁଶାନ୍ତ ରାଉତ, ଦୀପକ ବିଶ୍ୱାଳ, ଆଶିଷ ଟାକ୍ରି, ରାଜେଶ ବାଘଙ୍କ ସମେତ ବହୁ ସଂଖ୍ୟକ ଲୋକେ ଯୋଗ ଦେଇଥିଲେ। ସେହିଭଳି ଖାତିଗୁଡା ଜେଏଲ୍‌ସି ଚର୍ଚ୍ଚ ପକ୍ଷରୁ ସୁଧୀର ସୁନା, ରେଭ କିଶୋର କୁମାର ଛତ୍ରିଆ, ଗୋପନ ନାୟକ, ତପନ ନାୟକ, ଦୀପନ ସୁନା, ଲକ୍ଷ୍ମଣ ସୁନା, ଜୟଦାନ ଖୁରା, ସୁମନ୍ତ ଖୁରା, କୁମାରୀ ଖରା, ରଶ୍ମି ନାୟକ, ରେଣୁବାଳା ଖୁରା, ସୁରମା ସୁନା, ରଞ୍ଜିତ ଖରାଙ୍କ ସମେତ ଶତାଧିକ ଲୋକେ ଅନ୍ୟ ଏକ କ୍ୟାଣ୍ଡେଲ ସଭାଯାତ୍ରା ଚର୍ଚ୍ଚଠାରୁ ବାହାରି ଖାତିଗୁଡା ଥାନା ପର୍ଯ୍ୟନ୍ତ ଯାଇଥିଲା। ବାହାନଗାଠାରେ ହୋଇଥିବା ଏଭଳି ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ୨୮୮ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଚାଲି ଯାଇଥିବା ସହଜରେ ଗ୍ରହଣ କରି ହେଉ ନଥିବା ବେଳେ ମୃତାହତଙ୍କ ଅମର ଆତ୍ମାର ସଦଗତି କାମନା ସହ ଆହତଙ୍କ ଆରୋଗ୍ୟ କାମନା କରି ସମସ୍ତେ ନୀରବ ପାର୍ଥନା କରିଛନ୍ତି।

# କୋଣାର୍କରେ ସ୍ନାନ ପୂର୍ଣ୍ଣିମା ଓ ଭଜନ ସମାରୋହ


କୋଣାର୍କ, (ଭାସ୍କର ନ୍ୟୁଜ): କୋଣାର୍କ ଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ, ଜଗନ୍ନାଥ ଷ୍ଟ୍ରଷ୍ଟ ବୋର୍ଡ ରାଜାରାମ ମଠ ପକ୍ଷରୁ ଆୟୋଜିତ ଏହି ସମାରୋହରେ ପତ୍ୟୁଷରୁ ଶ୍ରୀଜୀୟୁମାନଙ୍କୁ ଗୋଟି ପହଣ୍ଡିରେ ସ୍ନାନବେଦୀକୁ ନିଆ ଯାଇଥିଲା ପାରମ୍ପରିକ ରୀତିନୀତି ଅନୁଯାୟୀ ମହାପ୍ରଭୁଙ୍କୁ ସ୍ନାନବେଦୀରେ ପୁଜାକ ସ୍ନାନ କରାଇ ହାତୀ ବେଶ କରାଇଥିଲେ। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶରେ ମହାପ୍ରଭୁଙ୍କର ଏହି ସ୍ନାନ ଯାତ୍ରା ସମାପନ ହୋଇଥିଲା। ସନ୍ଧ୍ୟାରେ ଓଡ଼ିଆ ସରକାରଙ୍କର ସଂସ୍କୃତି ବିଭାଗ ସହାୟତାରେ ଭକ୍ତି ତରଙ୍ଗ ଭଜନଧାରା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ମ୍ୟାନେଜିଂଗ ଟ୍ରଷ୍ଟି ଅମରେଶ୍ୱର ନାୟକ, କୋଣାର୍କ ସାମ୍ବାଦିକ ସଙ୍ଘ ସମ୍ପାଦକ ମନୋରଞ୍ଜନ ପଣ୍ଡା, କଣ୍ଠଶିଳ୍ପୀ ଜୟଦେବ ମିଶ୍ର ଓ ଟ୍ରଷ୍ଟ ବୋର୍ଡର ସଭ୍ୟମାନେ ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ୧ ମିନିଟ ନିରବ ପ୍ରାର୍ଥନା ଓ ଆହତମାନଙ୍କର ଆସୁ ଚିକିତ୍ସା କାମନା କରାଯିବା ପରେ ଭଜନ ପରିବେଷଣ କରାଯାଇଥିଲା। ରାତି ୯ ଘଣ୍ଟିକା ସମୟରେ ଶ୍ରୀଜୀୟୁମାନଙ୍କୁ ଗୋଟି ପହଣ୍ଡିରେ ଅଣସର ଘରକୁ ନିଆ ଯାଇଥିଲା କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡର କାର୍ଯ୍ୟ ନିର୍ବାହୀ ନିରଞ୍ଜନ ବାରିକ ପରିଚାଳନା କରିଥିଲେ।


# ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଦଳ ପକ୍ଷରୁ ୧୨ ଦଫା ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାର ନେତୃତ୍ୱ ନେଇଥିଲେ ଜିଲ୍ଲାର ଜେନେରାଲ ସେକ୍ରେଟାରୀ ଜେନା ସୁବାସ ଚନ୍ଦ୍ର ରାଓ ଓ ଏମ୍ ଜଗନ୍ନାଥ ରାଓ ସହ ସହ କର୍ମୀମାନେ ଯୋଗ ଦାନ କରିଥିଲେ। ସେମାନଙ୍କ ମୁଖ୍ୟ ଦାବିଗୁଡିକ ହେଲା ଘର ହୀନ ଲୋକଙ୍କୁ ଘର ଡିହ ପ୍ରଦାନ, ବାର୍ଦ୍ଧକ୍ୟ ଓ ବିଧବା ଭତା ୫୫ ବର୍ଷ ପରେ ୫୦୦୦ ଟଙ୍କା ପ୍ରଦାନ କରିବା, ବିପିଏଲ୍ ଓ ଅନ୍ତୋଦୟ କାର୍ଡ ଧାରୀମାନଙ୍କୁ ୩୫ କେଜି ଚାଉଳ ପ୍ରଦାନ କରିବା, ଅର୍କମ୍ପନ୍ୟ ଭତା ୧୦,୦୦୦ ପ୍ରଦାନ କରିବା, ଘର ଘରକୁ ଯାଇ ଚାଉଳ, ଭତା ବଣ୍ଟନ କରିବା, ଗରିବ ଲୋକକୁ ଜମି ଆଦିବାସୀମାନଙ୍କୁ ଜଙ୍ଗଲ ଜମି ପ୍ରଦାନ କରାଯାଉ। ସେହିଭଳି ଅନେକ ଦାବି ନେଇ ବିକ୍ଷୋବ ପ୍ରଦର୍ଶନ କରିଥିଲେ। ପରେ ରାଷ୍ଟ୍ରପତି ଉଦେଶରେ ଲିଖିତ ଅଭିଯୋଗ ଜିଲ୍ଲାପାଳ ଜରୀଆରେ ଦେଇଥିଲେ।

# 'ପ୍ରାକୃତିକ ସମ୍ପଦକୁ ବିକ୍ରି କରିବା ବନ୍ଦ କର'




ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ଦେଶର ପ୍ରାକୃତିକ ସମ୍ପଦକୁ ଯେଉଁ ପ୍ରକାର ଭାବେ କର୍ପୋରେଟ ହାଉସକୁ ବିକ୍ରି ଚାଲିଛି ଆଉ ଅଳ୍ପ ଦିନରେ ଏହି ସମ୍ପତ୍ତି ଶେଷ ହୋଇଯିବ, ଯାହାର ପରିଣାମ ସ୍ୱରୂପ ସମସ୍ତ ଦେଶବାସୀ ଭୋଗିବେ ବୋଲି ଆଜି ବିଶ୍ୱ ପରିବେଶ ଦିବସରେ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ସ୍ଥାନୀୟ ମେଡିକାଲ ଛକଠାରେ ଆୟୋଜିତ ସଭାରେ ମତ ପ୍ରକାଶ ପାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୋଟାଏ ପରେ ଗୋଟାଏ ଖଣି ନିଲାମ କରି ଚାଲିଛନ୍ତି। ଯେଉଁଠି ଲୁହାଖଣି, କୋଇଲା ଖଣି, ବକସାଇଟ ଖଣି, କ୍ରୋମ, ଚୂନପଥର ରହିଛି ସେ ସବୁକୁ ଘରୋଇ କମ୍ପାନୀ ହାତରେ ଟେକିଦେବାକୁ ନିଲାମ ହେଉଛି। ଏସବୁ ପ୍ରାକୃତିକ ସମ୍ପଦ ରହିଥିବା ଭୁଗର୍ଭ ଉପରେ ସବୁଜ ଜଙ୍ଗଲ ରହିଛି। ସରକାର ରାଜସ୍ୱ ବୃଦ୍ଧି ପାଇଁ ଅବିଚାରିତ ଭାବରେ ଖଣି ନିଲାମ କରି ଚାଲିଛି। ଟଙ୍କାଏ ରାଜସ୍ୱ ପାଇଁ ଏକ ହଜାର ଟଙ୍କାର ପ୍ରାକୃତିକ ସମ୍ପଦ ଲୁଟ୍ ହେଉଛି। ଯାହାଫଳରେ ଆସନ୍ତା ୩୦ ବର୍ଷ ମଧ୍ୟରେ ରାଜ୍ୟର ଅମୂଲ୍ୟ ସମ୍ପଦଗୁଡିକୁ ଖାଲି କରିଦିଆଯିବ। ପରେ ରାଜ୍ୟବାସୀ ସମ୍ବଳହୀନ ହୋଇପଡ଼ିବେ। ଏହି ସମ୍ବଳ ଗୁଡ଼ିକରୁ ଜୀବିକା ପାଉଥିବା ତଥା ସାମାଜିକ ଓ ଆର୍ଥିକ ସୁରକ୍ଷା ପାଉଥିବା ଲକ୍ଷଲକ୍ଷ ଆଦିବାସୀ ଓ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କ ଜୀବନ ବିପର୍ଯ୍ୟସ୍ତ ହେବ ଓ ଭବିଷ୍ୟତ ପିଢ଼ି ପ୍ରତି ଅନ୍ୟାୟ ହେବ। ଜଳ, ଜମି, ଜଙ୍ଗଲ, ଖଣି ସହ ପ୍ରକୃତିର ସୁରକ୍ଷା ହିଁ ପୃଥିବୀର ସୁରକ୍ଷା। ବିକାଶ ନାମରେ ବିନାଶ ଗ୍ରହଣୀୟ ନୁହଁ। ଏଣୁ ସରକାର ବିକାଶନୀତିରେ ପରିବର୍ତ୍ତନ କରି ପ୍ରକୃତି ଅନୁକୂଳ ନୀତି କରିବା ପାଇଁ ଆଜି ମାନବ ଅଧିକାର ସୁରକ୍ଷା ମଞ୍ଚ ଦାବି କରିଛି। ଏତଦ୍‌ସହ ଜଙ୍ଗଲ ସଂରକ୍ଷଣ ଅଧିନିୟମ, ୨୦୨୨କୁ ପ୍ରତ୍ୟାହାର, ଅବିଚାରିତ ଖଣି ନିଲାମ ବନ୍ଦ କରିବା, ଜଙ୍ଗଲ ଉପରେ ଆଦିବାସୀ ଓ ପାରମ୍ପରିକ ଅଧିବାସୀଙ୍କ ଅଧିକାର ଦାବି ମଧ୍ୟ ଉପସ୍ଥାପନ କରାଯାଇଛି। ଆଜିର ଏହି ପଥପ୍ରାନ୍ତ ସଭାପରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ମାଧ୍ୟମରେ ମାନ୍ୟବର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ପୃଥକପୃଥକ ଭାବେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ମଞ୍ଚ ଆବାହକ ଅବନୀ ଗୟା, ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ସୁବାଷ ଚନ୍ଦ୍ର ମିଶ୍ର, ବଂଶୀଧର ଭୂୟାଁ, ମାଗୁଣି ନାହାକ, ଓମ ଲଫିଙ୍ଗ କ୍ଲବ୍‌ର ଦେବରାଜ ଦାଶ, ଏସ୍.ଶାମ୍ବାଶିବ ରାଓ, ହୃଷିକେଶ ପାତ୍ର, ସୁରେନ୍ଦ୍ର ନାଥ ପଣ୍ଡା, ରାମଚନ୍ଦ୍ର ସାହାଣୀ, କବିରାଜ ସାହୁ, ବିରେନ କୁମାର ବେହେରା, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଜଟେଶ୍ୱର ସାବତ, ପ୍ର. ଡମ୍ବୁରୁଧର ସାହୁ, ପ୍ରଶାନ୍ତ କୁମାର ପଣ୍ଡା, ତାରିଣୀ ପାତ୍ର, ବୃନ୍ଦାବନ ପରିଡା, ଟୁନୁ ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ରାଶିଫଳ

**ମଙ୍ଗଳବାର, ୦୬ ଜୁନ୍ ୨୦୨୩**



**ମେଷ:** ଆଜି ଅତ୍ୟଧିକ କୌଣସି ବିଷୟକୁ ନେଇ ଆଲୋଚନା କରନ୍ତୁ ନାହିଁ। ଆକସ୍ମିକ ଧନ ଲାଭ ହୋଇପାରେ। ବନ୍ଧୁମାନେ ସନ୍ଧ୍ୟା ସମୟରେ କୌଣସି ଯୋଜନା କରି ପାରନ୍ତି। କାମ କାର୍ଯ୍ୟରେ ସଫଳ ନ ହେବା କାରଣରୁ ମନ ଅଶାନ୍ତି ରହିବ। ପରିବାରରେ ସୁଖମୟ ରହିବ। ଶତ୍ରୁଙ୍କୁ ହାନି ପହଞ୍ଚାଇବାକୁ ଚେଷ୍ଟା କରି ପାରନ୍ତି।



**ବୃଷ:** କୌଣସି ମହିଳା ସହ ସାକ୍ଷାତ ହୋଇପାରେ। ଯାହା ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ। କୋର୍ଟ କଚେରୀ ମାମଲା ଆଗକୁ ବଢିବ ନାହିଁ। କାମର ଚିନ୍ତା ଆପଣଙ୍କ ମୁଣ୍ଡରେ ରହିବ। ଯେଉଁ କାରଣରୁ ପରିବାର ଓ ବନ୍ଧୁମାନଙ୍କ ପାଇଁ ସମୟ ବାହାର କରି ପାରିବେ ନାହିଁ। ଦାମ୍ପତ୍ୟ ଜୀବନରେ ସୁଖମୟ ପରିସ୍ଥିତି ରହିବ।



**ମିଥୁନ:** ସ୍ଥାୟୀ ସମ୍ପତ୍ତିରୁ ଲାଭଦାୟକ ରହିବ। କାରୋବାରରେ ବୃଦ୍ଧି ହେବ। ରୋଜଗାରରେ ବୃଦ୍ଧି ହେବ। ପାର୍ଟନରର ସହଯୋଗ ମିଳିବ। ଅଟକିଥିବା କାର୍ଯ୍ୟ ପୁରା ହେବ। ଆପଣଙ୍କ ଆଦର ସମ୍ମାନ ହେବ। ଆଜି ଆପଣ ରୋମାଞ୍ଚକ କାର୍ଯ୍ୟ କରିବେ। ଅଧିକ ଟଙ୍କା ଖର୍ଚ୍ଚ କରନ୍ତୁ ନାହିଁ।



**କର୍କଟ:** ପ୍ରେମୀ ପ୍ରେମିକାଙ୍କ ସମ୍ପର୍କରେ ବିବାଦ ଆସିପାରେ। ଯାତ୍ରା ପାଇଁ ସମୟ ଉପଯୁକ୍ତ ନୁହେଁ। ବ୍ୟାପାର କିମ୍ବା ଚାକିରିରେ ଯେତିକି ପରିଶ୍ରମ କରିବେ ସେଥିରେ ସେତିକି ଲାଭ ମିଳିବ। ଜୀବନର ଭରପୁର ଲାଭ ଉଠାନ୍ତୁ। ବନ୍ଧୁର ସାହାର୍ଯ୍ୟ ନିଅନ୍ତୁ। ଯୋଗ କରିବା ଦ୍ୱାରା ଆଧାତ୍ମିକ, ମାନସିକ ଓ ଶାରୀରିକ ରୂପରେ ସୁସ୍ଥ ରଖି ଆପଣଙ୍କ ହୃଦୟ ଓ ମସ୍ତିଷ୍କକୁ ଭଲ ରଖିବେ।



**ସିଂହ:** କାର୍ଯ୍ୟ କ୍ଷତ୍ରରେ ନୂଆ ଦାୟିତ୍ୱ ମିଳିପାରେ। ସାମାଜିକ କାର୍ଯ୍ୟ କଳାପରେ ଜଡିତ ରହିବେ। କୌଣସି ମହିଳା ମିତ୍ରର ସହଯୋଗ କରି ପାରନ୍ତି। ମାତା ପିତାଙ୍କ ସହ ନିଜର ଖୁସିକୁ ଶେୟାର କରନ୍ତୁ। ସ୍ୱାସ୍ଥ୍ୟ କମଜୋର ରହିବ। କାମରେ ରୁଚି ବଢିବ ନାହିଁ। ବାଣୀରେ ସଂଯମତା ରଖନ୍ତୁ। ପାରବାରିକ ସହଯୋଗ ମିଳିବ। ଦୁର୍ଘଟଣାରେ ଶାରୀରିକ ହାନି ହୋଇପାରେ।



**କନ୍ୟା:** ସମାଜ ସେବା କାର୍ଯ୍ୟରେ କାମ କରିବା ପାଇଁ ପ୍ରେରଣା ମିଳିବ। ମାନ ସମ୍ମାନ ମିଳିବ। ପୂର୍ବରୁ କରିଥିବା ପରିଶ୍ରମର ଫଳ ଆଜି ମିଳିବ। ବ୍ୟବସାୟରେ ପରିସ୍ଥିତି ଅନୁକୂଳ ରହିବ। ଭାଗ୍ୟର ସାଥ ମିଳିବ। ନିଜକୁ ନେଇ ଦୁଖୀ ରହିବା ଦ୍ୱାରା କିଛି ବି ହାସଲ ହେବ ନାହିଁ। ପରିବାର ସହିତ ବାଦ ବିବାଦ କରନ୍ତୁ ନାହିଁ। ବ୍ୟାପାରରେ କିଛି ହାନିର ଯୋଗ ଅଛି।



**ତୁଳା:** ମିତ୍ରଙ୍କ ଠାରୁ ସହଯୋଗ ମିଳିବ ନାହିଁ। ଶତ୍ରୁ ପକ୍ଷ ଦବି ରହିବେ। ନ ପଢି କୌଣସି ବି କାଗଜପତ୍ର ଉପରେ ହସ୍ତାକ୍ଷର କରନ୍ତୁ ନାହିଁ। ଘରେ ଚିନ୍ତାର ପରିବେଶ ରହିବ। ଶାରିରୀ ସମସ୍ୟା ରହିପାରେ। ଖରାପ ସମୟ ଅଛି। ଖର୍ଚ୍ଚ ଉପରେ କାବୁ ରଖିବାକୁ ଚେଷ୍ଟା କରନ୍ତୁ।



**ବିଛା:** ପରିବାର ସହିତ ସମୟ ବ୍ୟତୀତ କରିବାର ଅବସର ମିଳିବ। ବୟସ୍କ ଲୋକମାନଙ୍କ ପ୍ରେମ ଓ ଆଶୀର୍ବାଦ ମିଳିବ। କୌଣସି ପ୍ରଭାବଶାଳି ବ୍ୟକ୍ତିଙ୍କ ମାର୍ଗଦର୍ଶନ ଓ ସହଯୋଗ ପ୍ରାପ୍ତ ହେବ। ବୁଦ୍ଧିମାନର ସହ ନିବେଶ କରନ୍ତୁ। ସନ୍ତାନ ତରଫରୁ ଶୁଭ ସମାଚାର ମିଳିବ। ନିବେଶ ଇତ୍ୟାଦିରେ ଲାଭ ମିଳିବ। ପ୍ରାପ୍ତ ହୋଇଥିବା ଟଙ୍କା ଆପଣଙ୍କ ଆଶା ଅନୁସାରେ ହେବ ନାହିଁ। ପ୍ରେମରେ ମାମଲାରେ କିଛି ପରିବର୍ତ୍ତନ ନଜର ଆସି ପାରେ।



**ଧନୁ:** କାର୍ଯ୍ୟ କ୍ଷତ୍ରରେ ଆସୁଥିବା ସମସ୍ତ ବାଧା ଦୂର ହେବ। ପତ୍ନୀ ଓ ପିଲାଙ୍କ ସହିତ ସମସ୍ତ ସମସ୍ୟା ବିଷୟରେ କଥାବାର୍ତ୍ତା କରନ୍ତୁ। ଚାକିରିରେ ଅଧିକାରୀ ବର୍ଗଙ୍କ ଅପେକ୍ଷା କରିବେ। ପୁରୁଣା ରୋଗରୁ ମୁକ୍ତି ପାଇ ପାରିବେ। କୁ ସଂଗତିରୁ ଦୂରେଇ ରୁହନ୍ତୁ। ଫାଲତୁ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ଭଲ ଜିନିଷକୁ ହିଁ ଗ୍ରହଣ କରନ୍ତୁ। କରଜ ନିଅନ୍ତୁ ନାହିଁ। କୌଣସି ବିବାଦରେ ବିଜୟ ମିଳିବ।



**ମକର:** ଡୁବି ଯାଇ ଥିବା ଟଙ୍କା ମିଳିବାର କମ ସମ୍ଭାବନା ଅଛି। ଭାଗ୍ୟର ସାଥ ମିଳିବ ନାହିଁ। କାହା ସାହିତ ବି ଝଗଡା କରନ୍ତୁ ନାହିଁ। କିନ୍ତୁ ଶତ୍ରୁ ପରାସ୍ତ ହେବେ। ନୂଆ କାର୍ଯ୍ୟ ମିଳିବ। ଭରପୁର ପ୍ରୟାସ ଦ୍ୱାରା ନିଶ୍ଚିତ ରୂପରେ ସଫଳ ହେବେ। ବ୍ୟାପାର ଆପଣ କୌଣସି ଭୁଲ ନିଷ୍ପତି ନେବା ଦ୍ୱାରା ଆପଣଙ୍କୁ ଆର୍ଥିକ କ୍ଷତି ହୋଇପାରେ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟର ଚିନ୍ତା ରହିବ। ସବୁଦିନ ବ୍ୟାୟମ କରନ୍ତୁ।



**କୁମ୍ଭ:** କଳା ଓ ସାହିତ୍ୟ କ୍ଷେତ୍ରରେ ରୁଚି ରଖିବେ। ବ୍ୟାପାରରେ ନୂଆ ଯୋଜନା ଦ୍ୱାରା ବ୍ୟାପାର କରିବେ। ମିତ୍ରଙ୍କଠାରୁ କିମ୍ବା ଭାଇ ଭଉଣୀଙ୍କଠାରୁ ସହଯୋଗ ମିଳିପାରେ। ଯଦି ଆପଣଙ୍କ ଯୋଜନା ବାହାର ବୁଲିବାର ହୋଇଥାଏ ତେବ ତାହା ବିଫଳ ହୋଇଯିବ। ନିଜର ଆୟ ଉପରେ ଧ୍ୟାନ ଦିଅନ୍ତୁ। ଉତ୍ସାହରେ ବୃଦ୍ଧି ଆସିପାରେ। ପାରିବାରିକ ସୁଖ ଶାନ୍ତି ମିଳିବ। ଆରାମ ଓ ମନୋରଞ୍ଜନ ଉପରେ ବ୍ୟୟ କରିବେ।



**ମୀନ:** ନିଜର ମାତା ପିତାଙ୍କୁ ଖୁସି କରିବାରେ ସଫଳ ହେବେ। ଜୀବନସାଥିଙ୍କ ସହିତ ଆରାମଦାୟକ ସାମୀ ବିତାଇବେ। ଘର ଓ ବାହାରରେ ପ୍ରସନ୍ନତା କା ୱାତାୱରଣ ରହିବ। କୌଣସି ବି କାର୍ଯ୍ୟ କରିବା ପୂର୍ବରୁ ତାହା ବିଷୟରେ ବୁଝି ନିଅନ୍ତୁ। ଆବଶ୍ୟକ ଜିନିଷ ହଜି ପାରେ। ଚିନ୍ତାରେ ରହିବେ। ପାରିବ ବ୍ୟବପାରରେ ଲାଭ ମିଳିବ। ବାହାର କାମରେ ସଫଳତା ମିଳିପାରେ।



ଶ୍ରୀ ଜ୍ୟୋତିଷ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

# ରାଜ୍ୟ ଖବର



ନିମାପଡା (ଭାସ୍କର ନ୍ୟୁଜ) : ଆଜି ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ନିମାପଡା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପରିବେଶ ଦିବସ ପାଳନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ନିମାପଡା କୋର୍ଟ ପରିସରରେ ଲିଗାଲ ଏଡ ତରଫରୁ ବିଶ୍ୱପରିବେଶ ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଦୌରାଜଜ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଦିବସରେ ମୁନସିଫ ସୁରକ୍ଷିତ ମିଶ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ମିଳନ ତାଣ୍ଡିଙ୍କ ସହିତ ଆଇନଜୀବୀ ପ୍ରତାପ ପଣ୍ଡା, ବାମନ ଚରଣ ନାୟକ, ପ୍ରଶାନ୍ତ ରାଉତରାୟ, ଗୋବିନ୍ଦ ଚନ୍ଦ୍ର ନାୟକ, ଗଙ୍ଗାଧର ନାୟକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ବିଶ୍ୱପରିବେଶ ଦିବସର ତାତ୍ପର୍ଯ୍ୟ ସଂପର୍କରେ ଅତିରିକ୍ତ ଜିଲ୍ଲା ଦୌରାଜଜ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ବୃକ୍ଷ ମନୁଷ୍ୟର ହିତରେ କିପରି ଲାଗିପାରୁଛି, ଗଛଟିଏ ଲଗାଇଲେ ସୁସ୍ଥ ପରିବେଶ ସୃଷ୍ଟି ହେବା ସହ ବୃକ୍ଷ ଅନେକ ରୋଗ ନିରାକରଣ ମଧ୍ୟ କରିପାରିବ ବୋଲି କହିଥିଲେ ।

## ଡ଼ିଏମ୍ ଫଣ୍ଡର ହୋଇ ପାରିଲା ନାହିଁ ସଠିକ୍ ବିନିଯୋଗ



ତାଳଚେର, (ଭାସ୍କର ନ୍ୟୁଜ୍) : ଦୀର୍ଘବର୍ଷପରେ ବହୁ ପୁରାତନ ତାଳଚେର ଅଞ୍ଚଳରେ ରହିଥିବା ସିଂହ ଦ୍ୱାରା ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରାୟ ୪କୋଟି ୫୦ଲକ୍ଷ ଟଙ୍କା ବିନିମୟରେ ଏହାର ଉନ୍ନତିକରଣକୁ ନେଇ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡ଼ିଥିବା ବେଳେ ଆଜି ସେହି କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଥିବା ବେଳେ ଛମାସ ନପୁରୁଣୁ କେଉଁ ଠାରେ ସୋ ଲାଇଟ୍ ଭାଙ୍ଗି ଖସିପଡ଼ିଥିବା ବେଳେ ଆଉ କେଉଁଠି ଘାସ ଗାଲିଚା ଛାରଖାର ହୋଇଯାଇଛି । ଅନୁଗୋଳ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ତାଳଚେର ପୌରପରିଷଦର ୧ନମ୍ବର ୱାର୍ଡ଼ ଓଡ଼ିଶା ପ୍ରସିଦ୍ଧ ଐତିହାସିକ ବହୁ ପୁରାତନ ସିଂହଦ୍ୱାରା ଓ ଜଗନ୍ନାଥ ମନ୍ଦିରଠାରୁ ଅର୍ଜୁନକଟା ପୋଖରୀ ପର୍ଯ୍ୟନ୍ତ ଏକ ମାଷ୍ଟରପ୍ଲାନ କରି ଏହାର ସୌନ୍ଦର୍ଯ୍ୟକରଣ ପାଇଁ ଅଣ୍ଟା ଭିଡ଼ିଥିଲେ । ଜିଲ୍ଲା ଖଣିଜପାଣ୍ଠି ପ୍ରାୟ ୪କୋଟି ୫୦ଲକ୍ଷଟଙ୍କା ବ୍ୟୟରେ ସିଂହଦ୍ୱାରର ରଙ୍ଗ, ରାସ୍ତାର ଦୁଇପାର୍ଶ୍ୱରେ ଆଲୋକୀକରଣ ତାଳଚେର ଆଇ ଲୋଭ ୟୁ ଷ୍ଟିକର, ଫେଭରବ୍ଲକ, ଘାସ ଗାଲିଚା, ସୋ ୱାଟର୍ ସ୍ପ୍ରେ, ସୌନ୍ଦର୍ଯ୍ୟ ବୃକ୍ଷ, ପରିସ୍ରାଗାର, ସମ୍ମୁଖରେ ରହିଥିବା ଗେଟର ରଙ୍ଗ ଦର୍ଶକ ବସିବା ପାଇଁ ଷ୍ଟିଲ ବେଞ୍ଚ ଇତ୍ୟାଦି ନିର୍ମାଣ କରାଗଲା । ମାତ୍ର ଏବେ ସୌନ୍ଦର୍ଯ୍ୟ ଗଛ, ଘାସଗାଲିଚା ନଷ୍ଟ ହୋଇଯାଇଥିବା ବେଳେ ସିଂହଦ୍ୱାରୁ ରଙ୍ଗ ଛାଡ଼ିବାକୁ ବସିଲାଣି । ସେହିଭଳି ସୌନ୍ଦର୍ଯ୍ୟ ଲାଇଟ୍ କେଉଁଠାରେ ତଳେ ଖସି ପଡ଼ିଥିବା ବେଳେ ଅସାରାଏ ବର୍ଷାର ହେଲେ ସେହି ଏକାମାତ୍ର ସିଂହଦ୍ୱାର ସମ୍ମୁଖ ରାସ୍ତାଟିରେ ପାଣିଜମି ଏକ ରକମର ବିଚ୍ଛିନ୍ନାଞ୍ଚଳ ଭାବେ ପରିଗଣିତ ହୋଇଥାଏ । ଫଳରେ ଦର୍ଶକମାନେ ଏହି କାରଣରୁ ଏଠାରୁ ମୁହଁ ଫେରାଇବା ଆରମ୍ଭ କରିଛନ୍ତି । ଏହି କାରୁକାର୍ଯ୍ୟ ନିର୍ମାଣ କରାଯିବା ପରେ ପ୍ରଶାସନ, ରାଜନେତା ମାନେ ଆସି ଏହାର ଶୁଭଉଦ୍‌ଘାଟନ କରି ବାହାବାହା ନେଇଥିବା ବେଳେ ବର୍ତ୍ତମାନ ଯେ, କାହିଁକି ନବନିର୍ମିତ ଏହି ଆଇଲଭ୍ ୟୁ ତାଳଚେର ପାଖକୁ ଆସି ଏହାକୁ ଦୃଷ୍ଟି ଦେଉନଥବବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ 'କମ୍ପାନୀ କା ମାଲ ଦରିଆମେ ଡ଼ାଲ' ଅର୍ଥରେ ତାଳଚେର ଜନସାଧାରଣଙ୍କର ବିକାଶ କ୍ଷେତ୍ରରେ ଗଚ୍ଛିତ ଡ଼ିଏମ ପଣ୍ଡକୁ ବିନିଯୋଗ କରିବା ପୂର୍ବରୁ ପ୍ରଶାସନ ଭାବିବାର ଆବଶ୍ୟକତା ସହ ସ୍ଥାନୀୟ ସିନିଅର୍ ସିଟିଜେନ ମାନଙ୍କ ଉପଦେଶ ନେଇ ପଲ୍ଲୀସଭା ମାଧ୍ୟମରେ ଯଦି ଏହା କରାଯାଇଥାନ୍ତା ତେବେ ଏହି ଅର୍ଥ ଆଜି ପାଣିରେ ପଡ଼ି ନାହାନ୍ତି ବୋଲି ଚର୍ଚ୍ଚା ହେଉଛି । ତେବେ ଜିଲ୍ଲାପାଳ ଏଥିପାଇଁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ଓ ଆଗାମୀ ଦିନରେ ତାଳଚେର ବିକାଶ ଭୂଳକ କାର୍ଯ୍ୟରେ ପଲ୍ଲୀସଭା କରାଇ ନିର୍ମାଣ କାର୍ଯ୍ୟ କରାଯିବାକୁ ଦାବି ହେଉଛି ।

## ଜୁଆ ଖେଳକୁ ନେଇ ଗଣ୍ଡଗୋଳ, ୨ ଗୁରୁତର

ଟାଙ୍ଗୀ, (ଭାସ୍କର ନ୍ୟୁଜ୍) : ଜୁଆ ଖେଳରେ ହାରଜିତ୍‌କୁ ନେଇ ଗଣ୍ଡଗୋଳ ଘଟି ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ ରାତିରେ ଜୁଆ ଖେଳକୁ କେନ୍ଦ୍ର କରି କଟୁରୀ ଦ୍ୱାରା ଆକ୍ରମଣରେ ଦୁଇ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ କୁହୁଡି ଫାଣ୍ଡି ପୋଲିସ୍ ଉଦ୍ଧାର କରି ଟାଙ୍ଗୀ ଡାକ୍ତରଖାନାରେ ଭର୍ତ୍ତି କରିଛି। ଗୁରୁତର ଦ୍ୱୟ ହେଲେ ଟାଙ୍ଗୀ ଥାନା ଅଧିନସ୍ଥ କୟଥପଲ୍ଲୀ ଗ୍ରାମର ବିଜୁ ବରାଳ ଓ ରାଜୀବ ମଙ୍ଗରାଜ । ଏହି ଘଟଣାରେ ଟାଙ୍ଗୀ ପୋଲିସ ପକ୍ଷରୁ ୪ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି । ଗତକାଲି ବିଳମ୍ବିତ ରାତ୍ରରେ ଟାଙ୍ଗୀ ଥାନା ନିକଟସ୍ଥ କୟଥପଲ୍ଲୀ ଗ୍ରାମର ଏକ ପଥର ଖଣି ନିକଟରେ ସ୍ଥାନୀୟ ଯୁବକଙ୍କ ସହ ଅନ୍ୟ ଗାଁର କିଛି ଯୁବକ ଜୁଆ (ପଶାଖେଳ) ଖେଳୁଥିଲେ। ଏଥିରେ ହାରଜିତ୍‌କୁ କେନ୍ଦ୍ର କରି ୨ ଗୋଷ୍ଠୀର ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଏହା ହଣାହଣି ପର୍ଯ୍ୟନ୍ତ କଥା ଗଲା । ଖବର ପାଇ କୁହୁଡି ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ଜେନା ଘଟଣା ସ୍ଥଳରେ ପହଞ୍ଚି ୨ ଗୁରୁତର ଆହତଙ୍କୁ ଉଦ୍ଧାର କରି ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡିଛି।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କଲେ ସାଂସଦ ଓ ବିଧାୟକ




କଣିହାଁ, (ଭାସ୍କର ନ୍ୟୁଜ) : ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ୮ନଂ ଜୋନ୍‌ର ରେଙ୍ଗାଳି, ଦଲକ ଓ ତାଳପଦା ପଞ୍ଚାୟତକୁ ସୋମବାର ଦିନ ସାଂସଦ ମହେଶ ସାହୁ, ପାଲଲହଡ଼ା ବିଧାୟକ ମୁକେଶ ପାଳଙ୍କ ସହିତ ଅନ୍ୟାନ୍ୟ ନିର୍ବାଚିତ ପ୍ରତିନିଧି ଗସ୍ତ କରିଥିଲେ। ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହିତ କିପରି ସମାଧାନ ହୋଇପାରିବ ତାହାକୁ ନେଇ ଆଲୋଚନା କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ୩ଟି ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶୁଭ ଉଦଘାଟନ କରିଥିଲେ। ଦଲକ ଓ ତାଳପଦା ପଞ୍ଚାୟତର ମିଶନ ଶକ୍ତି ଗୃହ ସହିତ ଦଲକ ଆଶ୍ରମ ବିଦ୍ୟାଳୟ ନୂତନ ଶ୍ରେଣୀ କକ୍ଷ, ଟିଂଟିରିମା ଗ୍ରାମ ହରିଜନ ସାହି ଗୋଷ୍ଠୀ କେନ୍ଦ୍ର, କଣ୍ଟାପାଳ ହାଇସ୍କୁଲର ନୂତନ ଶ୍ରେଣୀ ଗୃହ, ତାଳପଦା ଉପ୍ରା ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କକ୍ଷ, ବିଭିନ୍ନ ସରକାରୀ ଯୋଜନାରେ ନିର୍ମିତକୁ ନେଇ ଶୁଭ ଉଦଘାଟନ କରିଥିଲେ। ଉଦ୍‌ଘାଟିତ କାର୍ଯ୍ୟକ୍ରମ ଢେଙ୍କାନାଳ ସାଂସଦ, ପାଲଲହଡ଼ା ବିଧାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମୀତା ସେଠୀ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ ସହିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ପ୍ରମୁଖ ନିର୍ବାଚିତ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ରେଙ୍ଗାଳି ପଞ୍ଚାୟତରେ କାର୍ଯ୍ୟକ୍ରମକୁ ନେଇ କଲ୍ୟାଣ ମଣ୍ଡପର ମୁଖ୍ୟ ଫାଟକ ସହିତ, ପବିତ୍ର ମୋହନ ଡିଗ୍ରୀ କଲେଜର ଏକ ନୂତନ ଶ୍ରେଣୀ ଗୃହ ଉଦଘାଟନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାଂସଦ ଯୋଗଦାନ କରିନଥିବା ବେଳେ ତାଙ୍କ ପ୍ରତିନିଧି ନିର୍ମଳ ସାହୁଙ୍କ ସମେତ ଏନଟିପିସିର ବିଭାଗୀୟ ଅଧିକାରୀ ଜୀତେନ୍ଦ୍ର କୁମାର ରଫିକୁଲ୍ ଇସଲ୍ମ ଯୋଗ ଦେଇଥିଲେ। ଏହା ବାଦ୍ ସମସ୍ତ କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି କୈଳାସ ସାହୁ, କାର୍ଯ୍ୟକର୍ତ୍ତା ସଭାପତି ସୁନିଲ୍ କୁମାର୍ ପ୍ରଧାନ, ସମ୍ପାଦକ ପଣ୍ଡା, ଜୟନ୍ତ ପ୍ରଧାନ ଗଗନ ରାଉତ, ସୁବାସ ମହାନ୍ତି,ଶଶିଶେଖର ସିଂ, ଜିତେନ୍ଦ୍ର ବିଶ୍ୱାଳ, ବାବୁଲା ପ୍ରଧାନ ଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତାମାନେ ତଥା ସମର୍ଥକ ସାମିଲ ହୋଇଥିଲେ।

## ଟ୍ରାକ୍ଟର ଓଲଟି ନାବାଳକ ଚାଳକ ଗୁରୁତର

ଡେଲାଙ୍ଗ,(ଭାସ୍କର ନ୍ୟୁଜ): ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଗୁଆଳିପଡ଼ା ପଞ୍ଚାୟତ ଅଧୀନ ବୋଲକଣା ଗ୍ରାମ ପଞ୍ଚାୟତ ପୋଖରୀ ଖନନ କାର୍ଯ୍ୟରେ ନିୟୋଜିତ ଗୋଟିଏ ଟ୍ରାକ୍ଟର ଘଟଣା ସ୍ଥଳରେ ଓଲଟି ପଡିବାରୁ ଜନୈକ ନାବାଳକ ଟ୍ରାକ୍ଟର ଚାଳକ ଗୁରୁତର ଭାବେ ଆହତ ହୋଇ ଏବେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗୁଆଳିପଡ଼ା ପଞ୍ଚାୟତ ଅଧୀନ ବୋଲକଣା ଗ୍ରାମ ପଞ୍ଚାୟତ ପୋଖରୀ ଖନନ କାର୍ଯ୍ୟରେ ଗୋଟିଏ ଜେସିବି ମେସିନ୍ ସମେତ ୧୫ରୁ ଅଧିକ ଟ୍ରାକ୍ଟର ମାଟି ବୋହିବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ।ତେବେ ହଠାତ୍ ତହସିଲଦାର ଘଟଣା ସ୍ଥଳକୁ ଆସୁଛନ୍ତି ବୋଲି କେହିଜଣେ ମିଛରେ ହାଲ୍ଲା କରିବାରୁ ଏହି ପୋଖରୀ ଖନନ କାର୍ଯ୍ୟରେ ନିୟୋଜିତ ଟ୍ରାକ୍ଟର ଚାଳକମାନେ ହଡବଡେଇ ଯାଇଥିଲେ। ସେହି ସମୟରେ ବୋଲକଣା ଗ୍ରାମର ନାବାଳକ ଟ୍ରାକ୍ଟର ଚାଳକ ରଞ୍ଜିତ ପରିଡ଼ା(୧୭)ଖୁବ୍ ଜୋରରେ ଟ୍ରାକ୍ଟର ଚଳାଇ ଘଟଣା ସ୍ଥଳରୁ ଚମ୍ପଟ ମାରିବାକୁ ଉଦ୍ୟମ କରିବାବେଳେ ଏହା ଓଲଟି ପଡ଼ିବା ଯୋଗୁଁ ରଞ୍ଜିତ ଦୂରକୁ ଛିଟିକି ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ।ତାଙ୍କ ନାକ ଓ କାନରୁ ପ୍ରଚୁର ରକ୍ତସ୍ରାବ ହେବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ରଞ୍ଜିତଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।ସେଠାରେ ଅବସ୍ଥାରେ କୌଣସି ସୁଧାର ନ ଆସିବାରୁ ସମ୍ପ୍ରତି ପରିବାରଲୋକେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।ଅନ୍ୟପକ୍ଷରେ ଉପଯୁକ୍ତ ଲାଇସେନ୍ସ ନ ଥାଇ କିଭଳି ଜଣେ ନାବାଳକ ଟ୍ରାକ୍ଟର ଚଳାଉଥିଲେ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ନାବାଳିକା ନିର୍ଯାତନା ମାମଲାରେ ୩ ଗିରଫ

ମାଲକାନଗିରି,(ଭାସ୍କର ନ୍ୟୁଜ୍) : ନାବାଳିକା ନିର୍ଯାତନା ମାମଲାରେ ମାଲକାନଗିରି ଜିଲ୍ଲା କୁଡୁମୁଳୁଗୁମା ଫାଣ୍ଡି ପୁଲିସ ଗୋଟିଏ ପରିବାରର ୩ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଗୁଣ୍ଡୁରିଗୁଡ଼ା ମା' ପାରା ପାଙ୍ଗି, ବଡ଼ପୁଅ ନରସିଂହ ଓ ସାନପୁଅ ଲିକୁ। ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ଅଜିତ ସିଂ ବରିହା କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଜୈନିକ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଗୁଣ୍ଡୁରିଗୁଡ଼ାର ଶ୍ରୀକାନ୍ତ ପାଙ୍ଗିଙ୍କୁ ଗତ ଏପ୍ରିଲ୍ ୨୦ ତାରିଖରେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି କାର୍ଯ୍ୟରେ ଶ୍ରୀକାନ୍ତଙ୍କୁ ସହଯୋଗ କରିବା ଅଭିଯୋଗରେ ତାଙ୍କ ମା', ବଡ଼ଭାଇ ଓ ସାନଭାଇଙ୍କୁ ପୁଲିସ ବର୍ତ୍ତମାନ ଗିରଫ କରି କୋର୍ଟ ଚାଲାଣ କରିଛି।

## ବଟି ମାଗିବାକୁ କେନ୍ଦ୍ର କରି ଦୋକାନୀକୁ ଆକ୍ରମଣ

**ଥାନାରେ ମାମଲା**

ନିମାପଡା (ଭାସ୍କର ନ୍ୟୁଜ) : ନିମାପଡା ବଟି ମାଗିବାକୁ କେନ୍ଦ୍ର କରି ଦୋକାନୀ ଓ ଯୁବକ ସହିତ ଗଣ୍ଡଗୋଳ ଘଟି ଦୋକାନୀ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି । ଅଭିଯୋଗ ଆଧାରରେ ପୋଲିସ ଗୁରୁତର ଦଫାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଛି । ମିଳିଥିବା ସୂଚନା ଅନୁଯାୟୀ ରଟିଲୋ ଗ୍ରାମର ରାଜେଶ ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ରଟିଲୋ ଗ୍ରାମର ଲୁଲୁ ପ୍ରଧାନ ନାମକ ଯୁବକ ଅନେକ ସମୟରେ ଦୋକାନରେ ପହଞ୍ଚି ଗଣ୍ଡଗୋଳ ସୃଷ୍ଟି କରେ । ଗତ ରବିବାର ରାତ୍ର ୧୦ଟାରେ ଦୋକାନରେ ପହଞ୍ଚି ଗ୍ରାହକମାନଙ୍କୁ ଧମକ ଚମକ ଦେବା ସହ ବଟି ମାଗିଥିଲା ଓ ବାଇକ ଚାବି ଛଡାଇବାରୁ ଦୋକାନରେ ଥିବା ରାଜେଶଙ୍କ ଭାଇ ରାକେଶ ସାହୁ ପ୍ରତିବାଦ କରିଥିଲେ । ଅଭିଯୁକ୍ତ ରାଗରେ ଗାଳିଗୁଲଜ କରି ବିଅର ବୋତଲ ଭାଙ୍ଗି ରାକେଶଙ୍କୁ ମରଣାନ୍ତକ ଆକ୍ରମଣ କରି ବିଭିନ୍ନ ଧମକ ଦେଇ ପଳାଇଥିଲା । ରାକେଶ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡିଥିବା ବେଳେ ଗ୍ରାମର କିଛି ବ୍ୟକ୍ତି ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ଏ ସଂପର୍କରେ ପୋଲିସ ମାମଲା ରୁଜୁ କରି ସଂପୃକ୍ତ ଅଭିଯୁକ୍ତ ଲୁଲୁ ପ୍ରଧାନଙ୍କୁ ଗିରଫ କରିବା ପାଇଁ ଚଢଉ ଜାରି ରଖିଛି ।

## ଚୋରା ବାଲି ଚାଲାଣ ଘଟଣାର ପୃଥକ ପୃଥକ ମାମଲା ରୁଜୁ

ଧାମନଗର, (ଭାସ୍କର ନ୍ୟୁଜ୍) : ଧାମନଗର ତହସିଲ ଅଞ୍ଚଳର ବିଭିନ୍ନ ନଦୀର ବାଲିଘାଟ ଦୀର୍ଘ ଦିନ ହେବ ନିଲାମ ହେଉ ନଥିବାରୁ ବାଲି ଚୋରା ଚାଲାଣ ବଢ଼ିବାରେ ଚାଲିଛି। ଫଳରେ ତହସିଲର କେତେକ କର୍ମଚାରୀମାନେ ମାଲେ ମାଲ ହେଉଛନ୍ତି। ଏପରି ଘଟଣା ନେଇ ଧାମନଗର ଥାନାରେ ପୃଥକ ପୃଥକ ମାମଲା ରୁଜୁ ହୋଇଛି । ଘଟଣାରୁ ପ୍ରକାଶ ଯେ ରବିବାର ଦିନ ଶୋଧ ଆରଆଇ ଚୁଲବୁଲ ସିଂ ଏକ ବାଲି ଗାଡିକୁ ଅଟକାଇ ଥିଲେ। ମାତ୍ର ବାଲି ଗାଡ଼ି ସେଠାରୁ ପଳେଇ ଯାଇ ଥିଲା। ପରେ କଲେଜ ରୋଡରେ ଆରଆଇକୁ ବାଲି ଗାଡି ବାଲା ମାଡ ମାରି ଥିବା ଥାନାରେ ଅଭିଯୋଗ କରିଥିଲେ । ଅପର ପକ୍ଷେ ଆରଆଇ ବିଭିନ୍ନ ସମୟରେ ଗାଡି ବାଲାଙ୍କ ଠାରୁ ଧମକାଇ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଛି । ପ୍ରକାଶ ଥାଉକି ଚୁଡ଼ାକୁଟି ଗ୍ରାମର ଜଗନ୍ନାଥ ପାଡିଙ୍କ ପୁତ୍ର ବିଶ୍ୱଜିତ ପାଢ଼ୀ ୪୦୭ ଗାଡ଼ି ନେଇ ଆସୁଥିବା ବେଳେ ଆରଆଇ ଚୁଲବୁଲ ସିଂ ବିଶ୍ୱଜିତଙ୍କ ଠାରୁ ଧମକାଇ ୯ ହଜାର ଟଙ୍କା ଛଡାଇ ନେଇ ଥିବା ବେଳେ ଏକ ସୁନା ଚେନମଧ୍ୟ ଛଡାଇ ନେଇ ଥିଲେ ବୋଲି ବିଶ୍ୱଜିତିର ବାପା ଧାମନଗର ଥାନାରେ ଅଭି ଯୋଗ କରିବା ପରେ ପୋଲିସ କେଶ ନମ୍ବର ୨୮୦/୨୩ ମାମଲା ରୁଜୁ କରିଥିବା ବେଳେ ଅପର ପକ୍ଷେ ଆରଆଇଙ୍କ ଅଭିଯୋଗ କ୍ରମେ ବିଶ୍ୱଜିତିଙ୍କ ବିରୋଧରେ କେଶ ନମ୍ବର ୨୭୯/୨୩ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରୀ ରହିଛି।

## ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ସମିତିସଭ୍ୟଙ୍କ ବିଡିଓଙ୍କୁ ଦାବିପତ୍ର



ତିହିଡ଼ି, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲା ତିହିଡ଼ି ବ୍ଲକର ନିର୍ବାଚିତ ସମିତିସଭ୍ୟମାନେ ସେମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବାକୁ ଦିଆଯିନାହିଁ। ସେମାନଙ୍କର ନ୍ୟାଯ୍ୟ ଅଧିକାରରୁ ବଂଚିତ କରାଯାଉଛି। ପଞ୍ଚାୟତ ସମିତି ବୈଠକରେ ସମିତିସଭ୍ୟମାନଙ୍କୁ ଯଥୋଚିତ ସମ୍ମାନ ଦିଆଯାଉନାହିଁ। ଯେଉଁଥିପାଇଁ ବ୍ଲକର କେତେକ ସମିତିସଭ୍ୟ ସେମାନଙ୍କ ଅଧିକାରରୁ ବଂଚିତ କରାନଯିବା ନେଇ ସୋମବାର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବ୍ଲକର ଅଧ୍ୟକ୍ଷା ଅବନ୍ତୀ ଦାସ, ଉପାଧ୍ୟକ୍ଷା ଶୁଭଦ୍ରା ଶତପଥି, ବରିଷ୍ଠ ସମିତିସଭ୍ୟ ଚିନ୍ତାମଣି ଦାସ, ଜୀବନଜ୍ୟୋତି ପଲାଇ, ପ୍ରିୟବନ୍ଧୁ ମାଝୀ, ଜୟପ୍ରକାଶ ମଲ୍ଲିକ, ସଂଘମିତ୍ରା ମୋହିନୀ, ଦାମୋଦର ଧଳ, କୈଳାସ ମାଝୀ, ମାମିନା ମଲିକ, ସସ୍ମିତା ବେହେରା, ମଧୁସ୍ମିତା ରାଉତ, ମଧୁସ୍ମିତା ନାୟକ, ଭକ୍ତହରି ମଲିକ, ସମିତିସଭ୍ୟ ପ୍ରତିନିଧି ସୂର୍ଯ୍ୟନାରାୟଣ ଭୋଇ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ଅନୁଯାୟୀ ଜିଲା ଗ୍ରାମ ଉନ୍ନୟନ ସଂସ୍ଥାର ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ନିଜ ନିଜ କ୍ଷମତା ଅନୁଯାୟୀ ସମାଜ ମଙ୍ଗଳ ସେବାରେ ନିୟୋଜିତ ହେବା କଥା। ମାତ୍ର ପଞ୍ଚାୟତ ସମିତି ଗୃହରେ ସମସ୍ତ ନିମନ୍ତ୍ରିତ ସଭ୍ୟମାନେ ସେମାନଙ୍କର କାର୍ଯ୍ୟବିଧିରେ କାର୍ଯ୍ୟ କରୁଥିବା ବେଳେ ପଞ୍ଚାୟତ ସମିତି ଗୃହରେ ସରପଞ୍ଚମାନେ ସେମାନେ ନିଜର ବ୍ୟବସ୍ଥାକୁ ଅତିକ୍ରମଣ ପୂର୍ବକ ସମିତିର ସ୍ଥାୟୀ ସଭ୍ୟସଭ୍ୟାମାନଙ୍କୁ ନ୍ୟାଯ୍ୟ ଅଧିକାରରୁ ବଂଚିତ କରୁଛନ୍ତି। ତେବେ ପଞ୍ଚାୟତ ସମିତିର ଅଧ୍ୟକ୍ଷା, ଉପଧ୍ୟକ୍ଷା ଓ ସଭ୍ୟସଭ୍ୟାମାନଙ୍କର ସରକାରୀ ବ୍ୟବସ୍ଥା ଅନୁଯାଇ କାର୍ଯ୍ୟ କରିବାର ସମୁଚିତ ପରିବେଶ ସୃଷ୍ଟି କରିବା, ପଞ୍ଚାୟତ ସମିତିର ଉନ୍ନୟନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଆର୍ଥିକ ଅନୁଦାନକୁ ସମିତିର ସଭ୍ୟ ସଭ୍ୟାମାନେ ନିରଂକୁଶ ଉପଯୋଗ କରାଇବା ନିମନ୍ତେ ସୁଯୋଗ ସୃଷ୍ଟି କରିବା, ସମିତିର ସାମଗ୍ରିକ ବିକାଶରେ ସମିତିସଭ୍ୟ ଓ ସଭ୍ୟାମାନଙ୍କୁ ନ୍ୟାୟୋଚିତ ସମ୍ମାନ ପ୍ରଦର୍ଶନ କରିବା, ସମିତି କାର୍ଯ୍ୟାଳୟ ପରିସର ମଧ୍ୟରେ ସଭ୍ୟ ସଭ୍ୟାମାନଙ୍କୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବା ପାଇଁ ପରିବେଶ ସୃଷ୍ଟି କରିବା, ସମିତିର କର୍ମଚାରୀମାନେ ସମିତିସଭ୍ୟା, ସଭ୍ୟମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା, ସମିତିର ଉନ୍ନୟନ କାର୍ଯ୍ୟକୁ ସରପଞ୍ଚମାନେ ନିଜ କ୍ଷମତାକୁ ଅତିକ୍ରମଣ କରି ମାତ୍ରାଧିକ ହସ୍ତକ୍ଷେପକୁ ସଂପୂର୍ଣ୍ଣ ପ୍ରତିହତ କରିବା, ସରପଞ୍ଚମାନେ ସମିତି କାର୍ଯ୍ୟାଳୟକୁ ନିଜ ପଞ୍ଚାୟତ କାର୍ଯ୍ୟାଳୟ ଭାବରେ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରିବା ଇତ୍ୟାଦି ୭ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓଙ୍କୁ ସମିତିସଭ୍ୟ ଓ ସଭ୍ୟାମାନେ ପ୍ରଦାନ କରିଥିଲେ। ଦାବିପତ୍ର ପାଇବା ପରେ ବିଡିଓ ଜ୍ୟୋତିର୍ମୟ କର ଦାବି ଗୁଡ଼ିକ ଉପରେ ଧ୍ୟାନ ଦେବା ସହ ଖୁବ୍ ଶୀଘ୍ର ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ଡକାଇ ଏକ ବୈଠକ କରି ପଦକ୍ଷେପ ନେବେ ବୋଲି କହିଥିଲେ।

## ଜୁଆ ଆଡ୍ଡା ଉପରେ ଚଢ଼ଉ , ୪ କୋର୍ଟ ଚାଲାଣ



ବାଲିପାଟଣା (ଭାସ୍କର ନ୍ୟୁଜ୍): ଗତକାଲି ବିଳମ୍ବିତ ରାତିରେ ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯିବା ମାମଲାରେ ଆଜି ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ବାଲିପାଟଣା ଥାନା ଅନ୍ତର୍ଗତ ସିରିପାରି ଠାରେ ଜୁଆ ଖେଳ ହେଉଥିବା ଖବର ପାଇ ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତିଙ୍କ ନିର୍ଦ୍ଦେଶ ରେ ସବ୍ ଇନ୍ସପେକ୍ଟର ରାକେଶ ସାମଲ, ଏଏସ୍ଆଇ କିଶୋର କୁମାର ପାଢ଼ୀ, ସିଏଏସ୍ଆଇ ମଞ୍ଜୁଲତା ପାଇକରାୟ, ସିଏଏସ୍ଆଇ ତାଲିବ୍ ଅବ୍‌ଦୁଲ୍ ଖାଁ , ଥାନା ପିସିଆର୍ ଏବଂ ଫୋର୍ସକୁ ନେଇ ଉକ୍ତ ଜୁଆ ଆଡ୍ଡା ଉପରେ ଚଢ଼ଉ କରିଥିଲେ। ଏହି ଚଡାଉରେ ଚାରି ଜଣ ଜୁଆଡ଼ି ଗଞ୍ଜାମ ଜିଲ୍ଲା କୁମାର ବାରି ର ସୁଶାନ୍ତ ପ୍ରଧାନ (୩୩), ନିମାପଡ଼ା ର ଅମୂଲ୍ୟ ଚନ୍ଦ୍ର ପ୍ରଧାନ (୪୦) , ଖିରୋଦ ଚନ୍ଦ୍ର ଜେନା (୫୧) ଏବଂ ଜୟସେନ ଭୋଇ (୪୨) ଙ୍କୁ ଗିରଫ୍ କରାଯାଇ ଥିବା ବେଳେ ତାଙ୍କ ଠାରୁ ନଗଦ ୧୩ ହଜାର ୪୦୦ ଟଙ୍କା, ଦୁଇ ମୋବାଇଲ୍ ଏବଂ ଅନ୍ୟାନ୍ୟ ଜୁଆ ଖେଳ ସାମଗ୍ରୀ ଜବତ କରାଯାଇଛି। ଆଜି ସେମାନଙ୍କ ବିରୋଧରେ କେଶ୍ ନମ୍ବର ୧୯୯/୨୩ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଓମ୍‌ପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି।

## ସାଲେପୁରରେ ବଢ଼ି ଚାଲିଛି ବେପରୁଆ ଗାଡ଼ିଚାଳନା

ସାଲେପୁର (ଭାସ୍କର ନ୍ୟୁଜ୍) : ସାଲେପୁରରେ ଜନବସତି ବୃଦ୍ଧି ପାଇବା ସହିତ ଗାଡ଼ି ମଟର ସଂଖ୍ୟା ମଧ୍ୟ ବଢ଼ିବଢ଼ି ଚାଲିଛି । ୨ ଚକିଆ ୪ ଚକିଆ ଯାନ ସହ ବସ, ଟ୍ରକ୍, ଟ୍ରାକ୍ଟର, ହାଇୱା ସଂଖ୍ୟା ମଧ୍ୟ ବଢ଼ିବଢ଼ି ଚାଲିଛି । ଗାଡ଼ି ଚଳାଉଥିବା ଗାଡ଼ି ଚାଳକମାନଙ୍କର ବେପରୁଆ ଗାଡ଼ିଚାଳନା ଯୋଗୁ ପ୍ରତ୍ୟେହ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି । ସାଲେପୁରରେ ଗାଡ଼ି ଚଳାଉଥିବା ଅଧିକାଂଶ ଚାଳକଙ୍କର ଡ୍ରାଇଭିଂ ଲାଇସେନ୍ସ ନଥିବା ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି । ଦୁଇ ଚକିଆ ଗାଡ଼ି ଚଳାଇବା ପାଇଁ ବୟସ ହୋଇ ନ ଥିବା ପିଲାମାନେ ଦୁଇ ଚକିଆ ଗାଡ଼ି ଦ୍ରୁତଗତିରେ ଚଳାଇ ଯାଉଛନ୍ତି । ଦୁଇ ଚକିଆ ଚାରିଚକିଆ ଗାଡ଼ି ଚାଳକମାନେ ଗାଡ଼ି ଚଳାଇବା ସମୟରେ ମୋବାଇଲରେ କଥାବାର୍ତ୍ତା ହେଉଥିବାରୁ ଦୁର୍ଘଟଣାର ମୁଖ୍ୟ କାରଣ ହୋଇଛି । ରାଜ୍ୟ ସରକାର ବିନା ଲାଇସେନ୍ସରେ ଗାଡ଼ି ଚଳାଉଥିବା ଚାଳକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶନାମା ଜାରୀ କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ । ଯଦି ଚେକିଂ ହୁଅନ୍ତା ତେବେ ଦୁର୍ଘଟଣା ହ୍ରାସ ପାଆନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏକାଧିକ ଯୁବକ ସେମାନଙ୍କ ବାଇକ୍‌ରେ ବିକଟାଳ ଶବ୍ଦ କରୁଥିବା ସାଇଲେନସର ଲଗାଇ ଦ୍ରୁତ ଗତିରେ ସହର ମଧ୍ୟରେ ଗାଡ଼ି ଚାଳନା କରୁଛନ୍ତି । ପ୍ରଶାସନ ସବୁ ଦେଖି ନୀରବ ରହୁଥିବାରୁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସନ୍ଧ୍ୟାପରେ ସାଲେପୁର ସହର ଉପକଣ୍ଠ ମାଛୁଆଡି ତାରିଣୀ ଛକରୁ କେନ୍ଦ୍ରାପଡ଼ା କେନାଲ ବନ୍ଧକୁ ଯାଇଥିବା ରାସ୍ତାରେ ଏକାଧିକ ଯୁବକ ଦ୍ରୁତଗତିରେ ବାଇକ୍ ଚାଳନା କରୁଛନ୍ତି । ସନ୍ଧ୍ୟା ସମୟରେ ଏହି ରାସ୍ତାରେ ବରିଷ୍ଠ ବୟସ୍କ ବ୍ୟକ୍ତିମାନେ ସାନ୍ଧ୍ୟ ଭ୍ରମଣ ପାଇଁ ଯାଇଥାନ୍ତି । ବେପରୁଆ ଗାଡ଼ିଚାଳକଙ୍କୁ ଭୟକରି ସେମାନେ ସାନ୍ଧ୍ୟ ଭ୍ରମଣରୁ ବଞ୍ଚିତ ହେଉଛନ୍ତି । ଦ୍ରୁତଗତି ମହା ବିପତ୍ତିକୁ ପ୍ରଶାସନ ଏଠାରେ ଅଣଦେଖା କରୁଥିବା ଚର୍ଚ୍ଚା ହେଉଛି । ସ୍ଥାନୀୟ ପୋଲିସ ପ୍ରଶାସନ ବେପରୁଆ ଗାଡ଼ି ଚାଳକଙ୍କ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି ।

## ସଲ୍ୟୁସନ ଟୁ ପ୍ଲାଷ୍ଟିକ ପଲ୍ୟୁସନ : ସାତ ଜଣଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୃଥିବୀ ପୃଷ୍ଠକୁ ମଣିଷ ରହିବା ଯୋଗ୍ୟ କରିବାକୁ ହେଲେ ପ୍ରକୃତି ଏବଂ ପରିବେଶକୁ ସୁରକ୍ଷିତ ରଖିବାକୁ ପଡିବ। ଆମ ପରିବେଶ ଜୀବଜଗତକୁ ବଞ୍ଚାଇ ରଖିବା ପାଇଁ ପାଣି, ପବନ, ଖାଦ୍ୟ ଭଳି ଅନେକ ଜରୁରୀ ତତ୍ତ୍ୱ ଉପଲବ୍ଧ କରାଇଥାଏ। ଆଜି ବିଶ୍ୱ ପରିବେଶ ଦିବସ ପ୍ରତିବର୍ଷ ଜୁନ ମାସ ପାଞ୍ଚ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି। ଏହା ଜାତିସଙ୍ଘ ପକ୍ଷରୁ ପ୍ରଥମେ ଆମେରିକା ପାଳନ କରାଯାଇଥିଲା। ସେତେବେଳେ ଥିମ ଥିଲା କେବଳ ଗୋଟିଏ ପୃଥିବି. ଚଳିତ ବର୍ଷ ଥିମ ରହିଛି 'ସଲ୍ୟୁସନ ଟୁ ପ୍ଲାଷ୍ଟିକି ପଲ୍ୟୁସନ'। କିନ୍ତୁ ଏକାଧିକ ମନୁଷ୍ୟ କୃତ କାରଣ ପାଇଁ ଆମ ପରିବେଶ ପ୍ରଦୂଷିତ ତଥା ନଷ୍ଟ ହେବାରେ ଲାଗିଛି। ଜଳବାୟୁ ବିଗିଡ଼ିବା ସହ ବିଶ୍ୱତାପନ ବଢୁଛି ସାମୁଦ୍ରିକ ପରିବେଶ ମଧ୍ୟ ନଷ୍ଟ ହେଉଛି। ମୁଖ୍ୟ ଅତିଥି ଭାବେ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ବକ୍ତା ସ୍ୱାଧୀନ କୁମାର ନାୟକ, ସମ୍ମାନୀତ ଅତିଥି ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ପୁରୀ ବନଖଣ୍ଡ ଅଧିକାରୀ ପି. ରାମସ୍ୱାମୀ, ଏକ ନମ୍ବର ଜୋନ ଜିଲ୍ଲାପରିଷଦ ସରସ୍ୱତୀ ସ୍ୱାଇଁ ଉପସ୍ଥିତ ଥିବା ବେଳେ ସଭା ପରିଚାଳନା କରିଥିଲେ ପରିବେଶବିତି ଶୋଭାକାର ବେହେରା। ପରିବେଶ ସୁରକ୍ଷା ରଖିବା ସହିତ ପ୍ଲାଷ୍ଟିକି ବର୍ଜନ ଓ ବୃକ୍ଷସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ପରିବେଶ ଦିବସ ରେ ପରିବେଶ ପାଇଁ ସବୁ ବେଳେ ଚେଷ୍ଟିତ ଥିବା ପୁରୀ ଜିଲ୍ଲାର ସାତ ଜଣ ପ୍ରକୃତି ବନ୍ଧୁ ମଧ୍ୟରେ ଅସ୍ତରଙ୍ଗରୁ ବିଜୟ କୁମାର ଭଟ୍ଟ, ଗୋପ ଅଞ୍ଚଳ ସୁବାସ ଚନ୍ଦ୍ର ପ୍ରଧାନ, କାକଟପୁର ଅଞ୍ଚଳ ରବୀନ୍ଦ୍ର ନାଥ ସ୍ୱାଇଁ, କୃଷ୍ଣପ୍ରସାଦ ଅଂଚଳ କାଶୀନାଥ ନାୟକ, ନିମାପଡା ଅଞ୍ଚଳ ସୋମନାଥ ଦାସ, ପୁରୀ ସଦର ଅଂଚଳର ବଦ୍ରି ମିଶ୍ର ଓ ସତ୍ୟବାଦୀରୁ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ଉତ୍ତମ କୁମାର ଗଡ଼ନାୟକ, ରେଞ୍ଜର ବେଣୁଧର ବେହେରା, ଚନ୍ଦ୍ରଶେଖର ସାହୁ, ଆର. ସି. ଯାନୀ, ବନପାଳ ବିରଜା ମହାପାତ୍ର, ସବୀର ସାହୁଙ୍କ ସହ ସ୍ଥାନୀୟ ଅଞ୍ଚଳ ବାସୀ ଉପସ୍ଥିତ ଥିଲେ।

## ବୋଲଗଡରେ ଦେବସ୍ନାନ ପୂର୍ଣ୍ଣିମା



ବୋଲଗଡ, (ଭାସ୍କର): ଜଗତର ନାଥ ଜଗନ୍ନାଥଙ୍କର ଆଜି ହେଉଛି ସ୍ନାନ ପୂର୍ଣ୍ଣିମା ପର୍ବ। ଏହି ଅବସରରେ ବୋଲଗଡ ଜଗନ୍ନାଥଙ୍କ ମନ୍ଦିରରେ ନୀତି ପୂର୍ବକ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଠାକୁର ଓ ସୁଭଦ୍ରା ମାଙ୍କୁ ମନ୍ଦିର ଭିତରୁ ସ୍ନାନ ମଣ୍ଡପକୁ ଆଗମନ। ମଣ୍ଡପରେ ମହା ସ୍ନାନ, ପୂଜା ପାଠ ଆଦି କରଯାଇଥିଲା। ଆଜି ମହାଦେବ ସ୍ନାନ ପୂର୍ଣ୍ଣିମାରେ ବୋଲଗଡ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ସ୍ନାନ ମଣ୍ଡପରେ ଅପୂର୍ବ ଦର୍ଶନ ଲାଭ କରିଥିଲେ। ଅପରାହ୍ନରେ ନୀତି କାର୍ଯ୍ୟ ସମାପନ ପରେ ଅଣସର ପ୍ରବେଶ କରିଥିଲେ। ଅଣସର ଗୃହରେ ଜ୍ୱରରେ ୧୮ ଦିନ ପୀଡ଼ିତ ରହି ମହାପ୍ରଭୁ ସୁସ୍ଥ ହେବା ପରେ ମହାରଥ ଯାତ୍ରାରେ ଦର୍ଶନ ପାଇବେ। ଅନୁରୂପ ଭାବେ ବୋଲଗଡ ବ୍ଲକ ଅଞ୍ଚଳର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ନୀତି କାନ୍ତି ପୂର୍ବକ ଅନୁଷ୍ଠିତ ହୋଇଯାଇଛି।

## ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର



ଯାଜପୁର (ଭାସ୍କର ନ୍ୟୁଜ୍) : ସୋମବାର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ମିଳିତ ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାର ସମସ୍ତ ଅଧିକାରୀମାନେ ସହୃଦୟତାର ସହ ଅଭିଯୋଗ ଗୁଡିକର ସମାଧାନ ଦିଗରେ ଜନ ଶୁଣାଣି ଶିବିର ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚକ୍ରବର୍ତ୍ତୀ ସିଂହ ରାଠୋର ଅଭିଯୋଗ ଶୁଣାଣିରେ ଅଧ୍ୟକ୍ଷତା କରି ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ଆଜିର ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡଃ ଦିବ୍ୟଲୋଚନ ମହାନ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅଶୋକ କୁମାର ବେଉରିଆ, ବିଡିଓ, ଯାଜପୁର ସୌରଭ ଚକ୍ରବର୍ତ୍ତୀ, ତହସିଲଦାର, ଯାଜପୁର ଜ୍ୟୋତିକାନ୍ତ ଭୁଜବଳ, ଅତିରିକ୍ତ ତହସିଲଦାର, ଯାଜପୁର ପ୍ରଗତିକା ବଳ, ମଞ୍ଚାସୀନ ଥିବାବେଳେ ଡେପୁଟି କଲେକ୍ଟର, ଅଭିଯୋଗ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ରବିନ୍ଦ୍ର ନାଥ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ରଂଜନ କୁମାର ଗିରି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଯାଜପୁର ୟୁ.କେ. ତ୍ରିପାଠୀ, ଅଧିକ୍ଷଣ ଯନ୍ତ୍ରୀ, ଜଳସେଚନ, ଜାରକା ଖଣ୍ଡ କାମଦେବ ଦାସ, ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସାଧିକାରୀ ଡା. ଗଗନ ଚରଣ ନାୟକ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଇଂ. ସୁଶାନ୍ତ କୁମାର ଘଡାଇ, ଅଧିକ୍ଷଣ ଯନ୍ତ୍ରୀ ଜଳସେଚନ, ଯାଜପୁର ଖଣ୍ଡ ଶରତ ଚନ୍ଦ୍ର ଘଡାଇ, ଅଧିକ୍ଷଣ ଯନ୍ତ୍ରୀ, ନର୍ଦ୍ଦମା ଖଣ୍ଡ, ଯାଜପୁର ଇଂ ଦିଲିପ ନନ୍ଦନ ମହାପାତ୍ର, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ଖଣ୍ଡ-୨ ପ୍ରଦ୍ୟୁମ୍ନ କୁମାର ସେଠୀ, ନିର୍ବାହୀ ଯନ୍ତ୍ରୀ, ଗ୍ରାମ ନିର୍ବାଣ ଖଣ୍ଡ-୧ ଜ୍ଞାନ ରଂଜନ ନାୟକ, ଅବକାରୀ ଅଧିକ୍ଷକ ଅମରେନ୍ଦ୍ର କୁମାର ଜେନା, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଯାଜପୁର ପ୍ରମୋଦ କୁମାର ରାଉତ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ନାରାୟଣ ପାତ୍ର, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସେକ୍ ସଲାଉଦ୍ଦିନ ଖାଁ ପ୍ରମୁଖ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଅଭିଯୋଗ ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ। ଆଜିର ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୧୪୫ ଗୋଟି ଅଭିଯୋଗ ପଂଜିକୃତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୨୪ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୫ଟି ସମୂହ ଅଭିଯୋଗ ଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ୨୪ଗୋଟି ଅଭିଯୋଗ ଥିବାବେଳେ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥୀକ ସହାୟତା ପ୍ରଦାନ ଜନିତ ୪୪ଗୋଟି ଅଭିଯୋଗ ଥିଲା।

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ: ଜୁନ ୧୨ରେ ହେବନି ବିରୋଧୀଙ୍କ ମହା ବୈଠକ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ବିରୋଧରେ ରଣନୀତି ପ୍ରସ୍ତୁତ କରିବା ଏହି ବୈଠକ ଡକା ଯାଇଥିଲା। ପାଟନାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଅଧିକାଂଶ ବିରୋଧୀ ଦଳଗୁଡ଼ିକ ଯୋଗ ଦେବାର ସମ୍ଭାବନା ଥିଲା। ତେବେ ଶେଷ ମୁହୂର୍ତ୍ତରେ ଏହି ବୈଠକ ସ୍ଥଗିତ ହୋଇଯାଇଛି। ଏ ସମ୍ପର୍କରେ ବିରୋଧୀଙ୍କୁ ଏକାଠି କରିବାକୁ ଚେଷ୍ଟା କରୁଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୂଚନା ଦେଇଛନ୍ତି। ଏଥିସହ ବୈଠକ ସ୍ଥଗିତ ହେବା ପଛରେ କଂଗ୍ରେସ ରହିଥିବା ସେ କହିଛନ୍ତି। ପାଟନାରେ ସେ କହିଛନ୍ତି ଯେ "ସବୁ ଦଳର ମୁଖ୍ୟଙ୍କ ସହ କଥା ହୋଇ ବୈଠକର ନୂଆ ତାରିଖ ଘୋଷଣା କରାଯିବ। ଆମେ ପ୍ରଥମେ ଜୁନ ୧୨ ତାରିଖରେ ବୈଠକ କରିବାକୁ ନିଷ୍ପତ୍ତି ନେଇଥିଲୁ। କିନ୍ତୁ କଂଗ୍ରେସ ଓ ଆଉ ଗୋଟିଏ ଦଳ ଏହି ତାରିଖ ଉପଯୁକ୍ତ ହେଉ ନଥିବା ମୋତେ ଜଣାଇଥିଲେ। ତେଣୁ ମୁଁ ବୈଠକକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି।

### ବିଶ୍ୱ ପରିବେଶ ଦିବସରେ ବାଘେଲଙ୍କ ବାର୍ତ୍ତା

## ନିଜ ଆଖପାଖରେ ଚାରା ରୋପଣ କରନ୍ତୁ



ରାୟପୁର : ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ତାଙ୍କ ବାସଭବନରେ ଅଁଳା ଚାରା ରୋପଣ କରିଛନ୍ତି। ଏହି ଅବସରରେ ସେ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି ଯେ ସେମାନଙ୍କ ଘରେ ଏବଂ ଆଖପାଖରେ ଚାରା ରୋପଣ କରନ୍ତୁ ଏବଂ ଉଭିଦକୁ ବଞ୍ଚାଇ ରଖିବାର ଦାୟିତ୍ୱ ନିଅନ୍ତୁ। ଶ୍ରୀ ବାଘେଲ କହିଛନ୍ତି ଯେ ଆଗାମୀ ମୌସୁମୀରେ ଅଧିକରୁ ଅଧିକ ଗଛ ଲଗାନ୍ତୁ ଏବଂ ଆପଣଙ୍କ ଗାଁ, କ୍ଷେତ ଏବଂ ଜଙ୍ଗଲକୁ ସବୁଜ କରନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରଦୀପ ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁବ୍ରତ ସାହୁ, ଜଙ୍ଗଲର ମୁଖ୍ୟ ସଂରକ୍ଷଣକାରୀ ତଥା ଜଙ୍ଗଲ ବିଭାଗର ମୁଖ୍ୟ ଶ୍ରୀ ଭି. ଶ୍ରୀନିବାସ ରାଓ ଏହି ଅବସରରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ଉଦ୍ୟମ କରୁଛନ୍ତି। ରାଜ୍ୟ ସରକାରଙ୍କ ଗୋଧନ ନ୍ୟାୟ ଯୋଜନାର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ପରିବେଶର ସଂରକ୍ଷଣ ଏବଂ ପ୍ରୋତ୍ସାହନ। ସୁରଜୀ ଗାଁଓ ଯୋଜନା, ମୁଖ୍ୟମନ୍ତ୍ରୀ ବୃକ୍ଷରୋପଣ ପ୍ରୋତ୍ସାହନ ଯୋଜନା, ବୃକ୍ଷ ସଂପଦା ଯୋଜନା, କୃଷ୍ଣ କୁଞ୍ଜ ଯୋଜନା, ନଦୀ କୂଳ ବୃକ୍ଷରୋପଣ, ଫଳ ବୃକ୍ଷରୋପଣ ଭଳି ଯୋଜନା ମାଧ୍ୟମରେ ରାଜ୍ୟ ସରକାର ଏହାର ପରିବେଶରେ ଉନ୍ନତି ଆଣିବା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି।

## ବିଆର୍‌ଏସ୍‌କୁ ପ୍ରଚାର ପ୍ରସାର ପାଇଁ କେସିଆର୍‌ଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଜନା ରହିଛି



ହାଇଦ୍ରାବାଦ: ଗତବର୍ଷ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆରଏସ)ର ମୁଖ୍ୟ କେସିଆର ଘୋଷଣା କରିଥିଲେ ଯେ ଯେ ଦଳ ପାଖରେ ୧୦୦୦ କୋଟି ଟଙ୍କା ସମ୍ପତ୍ତି ରହିଛି। ପରବର୍ତ୍ତୀ ସମୟରେ ଜାତୀୟ ରାଜନୀତିରେ ପ୍ରବେଶ କରିବା ଉଦ୍ଦେଶ୍ୟରେ କେସିଆର ଟିଆରଏସକୁ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ରେ ରୂପାନ୍ତର କରିଥିଲା। ଟିଆର୍‌ଏସ୍‌କୁ ବିଆର୍‌ଏସ୍‌ରେ ରୂପାନ୍ତର କରିବା ପରେ, କେସିଆର୍ ଅନ୍ୟ ରାଜ୍ୟ ଉପରେ ଧ୍ୟାନ କେନ୍ଦ୍ରୀଭୂତ କଲେ। ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଓଡିଶା ଏବଂ ଗୁଜୁରାଟର କିଛି ଉଲ୍ଲେଖନୀୟ ବ୍ୟକ୍ତି ବିଆର୍‌ଏସରେ ଯୋଗ ଦେଇଥିବାବେଳେ ଏହି ରାଜ୍ୟଗୁଡ଼ିକରେ କୌଣସି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବିକାଶ ହୋଇପାରିନାହିଁ। ତେବେ ବିଆର୍‌ଏସ୍ ଭିତରେ ଥିବା ଅନ୍ତର୍ନିହିତ ବ୍ୟକ୍ତିମାନେ ମତ ଦେଇଛନ୍ତି ଯେ ଦଳ ପାଇଁ କେସିଆର୍‌ଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଜନା ରହିଛି, ବିଶେଷ କରି ଏହାର ନେତାମାନଙ୍କୁ ତାଲିମ ଦେବା କ୍ଷେତ୍ରରେ। ଏହାକୁ ସୁଗମ କରିବା ପାଇଁ ବିଆରଏସ ହାଇଦ୍ରାବାଦର କୋକାପେଟରେ ଏକ ପାର୍ଟି କାର୍ଯ୍ୟାଳୟ (ମୁଖ୍ୟାଳୟ) ନିର୍ମାଣ କରିବ। ଏହି ୧୫ ମହଲା କୋଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ବିଆର୍‌ଏସ ପାର୍ଟିର ସେଣ୍ଟର ଫର ଏକ୍ସଲେନ୍ସ ଏବଂ ଏଚ୍‌ଆରଡି ଭାବରେ ଜଣାଶୁଣା ହେବ ଏବଂ ଏକ ବିସ୍ତୃତ ଡିଜିଟାଲ ଲାଇବ୍ରେରୀ ସହିତ ଆଧୁନିକ ସୁବିଧା ଉପଲବ୍ଧ ହେବ। ଏଥିସହ ବିଭିନ୍ନ ରାଜ୍ୟର ନେତାମାନେ ନିଜ ନିଜ ଅଞ୍ଚଳ ପାଇଁ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ବ୍ୟାପକ ପ୍ରଶିକ୍ଷଣ ଗ୍ରହଣ କରିବେ। ଏକାସାଙ୍ଗରେ ଏହି ମୁଖ୍ୟାଳୟ ଏକ ବିଳାସପୂର୍ଣ୍ଣ ପ୍ରତିଷ୍ଠାନ ହେବ। ଦେଶର ଅନ୍ୟ କୌଣସି ରାଜନୈତିକ ଦଳର କାର୍ଯ୍ୟାଳୟ ଏତେ ବଡ଼ ସ୍ଥାନ ଅଧିକାର କରିନାହିଁ। ଯଦି ବିରୋଧୀ ଦଳ ଏକ ସାଧାରଣ ପ୍ଲାଟଫର୍ମରେ ଏକାଠି ହୁଅନ୍ତି ତେବେ ସାଧାରଣ ନିର୍ବାଚନର ଖର୍ଚ୍ଚ ବହନ କରିବାକୁ କେସିଆର ପୂର୍ବରୁ ଇଚ୍ଛା ପ୍ରକାଶ କରିସାରିଛନ୍ତି।

### ସବୁ ଜୋନରେ ସିଗ୍‌ନାଲ ବ୍ୟବସ୍ଥାର ହେବ ଯାଞ୍ଚ

ନୂଆଦିଲ୍ଲୀ: ଓଡ଼ିଶାର ବାଲେଶ୍ୱର ଜିଲ୍ଲା ବାହାନଗାରେ ଭୟଙ୍କର ଟ୍ରେନ ଦୁର୍ଘଟଣା ଯୋଗୁ ୨୭୫ ଜଣଙ୍କ ଜୀବନ ଯିବା ପରେ ରେଳବାଇ ବୋର୍ଡ ଆକ୍ସନ ମୋଡକୁ ଆସିଛି। ବୋର୍ଡ ପକ୍ଷରୁ ସମସ୍ତ ଭାରତୀୟ ରେଳବାଇର ସମସ୍ତ ୧୯ଟି ଯାକ ଜୋନରେ ସୁରକ୍ଷା ଅଭିଯାନ ତୁରନ୍ତ ଆରମ୍ଭ କରିବାକୁ କୁହାଯାଇଛି। ଏହି ଅଭିଯାନ ବେଳେ ସିଗ୍‌ନାଲ ବ୍ୟବସ୍ଥାର ସୁପର ଚେକ୍‌କୁ ଗୁରୁତ୍ୱ ଦିଆଯିବ। ସୁରକ୍ଷା ଅଭିଯାନ ସମୟରେ କେଉଁ ଜୋନରେ ଅନିୟମିତତା ରହିଛି ଓ ଦକ୍ଷତାର ସହ କାମ ହେଉନି, ସେ ସବୁ ତଥ୍ୟ ଜୁନ ୧୪ ସୁଦ୍ଧା ବୋର୍ଡ ନିକଟରେ ଦାଖଲ କରିବାକୁ କୁହାଯାଇଛି। ରେଳବାଇ ବୋର୍ଡର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ତେଜ ପ୍ରକାଶ ଅଗ୍ରୱାଲ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସବୁ ଜୋନକୁ ଚିଠି ଲେଖିଛନ୍ତି। ଏଥିରେ ସେ କହିଛନ୍ତି ଯେ ଷ୍ଟେସନ ଅଧୀନରେ ଥିବା ସମସ୍ତ ପ୍ରକାରର ସିଗ୍‌ନାଲ ସରଞ୍ଜାମକୁ ଭଲ ଭାବେ ଯାଞ୍ଚ କର।

### ସୁସ୍ଥ ପରିବେଶ ନେଇ ଉତ୍ତରାଖଣ୍ଡ ସର୍ବୋତ୍ତମ ପ୍ରଚେଷ୍ଟା ଜାରି ରଖିଛି: ଧାମି



ଡେରାଡୁନ୍: ବିଶ୍ୱ ପରିବେଶ ଦିବସ ଅବସରରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଡେରାଡୁନ୍‌ରେ ଏକ ବୃକ୍ଷରୋପଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଉତ୍ତରାଖଣ୍ଡ ନିର୍ମଳ ବାୟୁ ଓ ଜଳ ସାରା ଦେଶକୁ ଯୋଗାଉଛି। ସାମ୍ବାଦିକଙ୍କ ସହ କଥା ହେବାବେଳେ ଧାମି କହିଛନ୍ତି ଯେ ସୁସ୍ଥ ଓ ସ୍ୱଚ୍ଛ ପରିବେଶ ଦିଗରେ ଉତ୍ତରାଖଣ୍ଡ ସାରା ଦେଶକୁ ସ୍ୱଚ୍ଛ ବାୟୁ ଓ ଜଳ ଯୋଗାଇ ଆସୁଛି। ସେହିପରି ସୁସ୍ଥ ପରିବେଶ ନେଇ ଉତ୍ତରାଖଣ୍ଡ ତା'ର ସର୍ବୋତ୍ତମ ପ୍ରଚେଷ୍ଟା ଜାରି ରଖିଛି ବୋଲି ସେ କହିଛନ୍ତି।

### ମଣିପୁରରେ ହାହାକାର

## ଏଟିଏମ୍‌ରେ ଟଙ୍କା ନାହିଁ, ପେଟ୍ରୋଲ ଲିଟର ୨୦୦



ନୂଆଦିଲ୍ଲୀ : ମଣିପୁରରେ ଆଦିବାସୀ ଓ ଅଣଆଦିବାସୀଙ୍କ ମଧ୍ୟରେ ସଂଘର୍ଷକୁ ନେଇ ଏବେ ବି ମଣିପୁର ଅଶାନ୍ତ ରହିଛି। ସଂଘର୍ଷ ଥମିଥିଲେ ମଧ୍ୟ ଏହାର ପ୍ରଭାବ ମଣିପୁରବାସୀଙ୍କ ଉପରେ ପଡିଛି। ଶାରୀରିକ ତାଡନାକୁ ବଳି ଯାଇଛି ଆର୍ଥୀକ କଷ୍ଟ। ସବୁଠି ହାହାକାର ଛାଇହୋଇ ଯାଇଛି। ସ୍ଥିତିକୁ ନିୟନ୍ତ୍ରଣ ମଧ୍ୟକୁ ନେବା ପାଇଁ ସେନା ପକ୍ଷରୁ ୨ନମ୍ବର ଜାତୀୟ ରାଜପଥକୁ ବନ୍ଦ କରିଦେବା ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀ ଧରି ଆସୁଥିବା ଟ୍ରକ୍‌ଗୁଡିକ ଇମ୍ଫାଲ ଭିତରକୁ ପ୍ରବେଶ କରିପାରୁ ନାହାନ୍ତି। ଫଳରେ ଖାଦ୍ୟ ସାମଗ୍ରୀର ଅଭାବ ସହ ଜୀବନ ରକ୍ଷାକାରୀ ଔଷଧର ଦାମ ବୃଦ୍ଧି ପାଇଛି। ଚାଉଳ ଠାରୁ ଆରମ୍ଭ କରି ସମସ୍ତ ସାମଗ୍ରୀର ଦାମ ଦୁଇଗୁଣ ବଢ଼ିଯାଇଛି। ପେଟ୍ରୋଲ ଲିଟର ୨୦୦ଟଙ୍କା ଛୁଇଁଛି। ମିଥି ଓ କୁକି ସଂପ୍ରଦାୟ ମଧ୍ୟରେ ଲାଗିରହିଥିବା ଏହି ସଂଘର୍ଷ ଯୋଗୁଁ ଇମ୍ଫାଲବାସୀଙ୍କୁ ବହୁ ମୂଲ୍ୟ ଦେବାକୁ ପଡିଛି। ଉଭୟ ସଂପ୍ରଦାୟ ବାସସ୍ଥାନ ହରାଇ ଏବେ ଶରଣାର୍ଥୀ କ୍ୟାମ୍ପରେ ରହିଛନ୍ତି। ସହରର ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଲାଗୁ ହୋଇଥିବାରୁ ପରିସ୍ଥିତି ଜଟିଳ ହୋଇଛି। ପୂର୍ବରୁ ଚାଉଳ କିଲୋ ୩୦ଟଙ୍କାରେ ମିଳୁଥିବା ବେଳେ ଏବେ ୭୦ଟଙ୍କା ହୋଇଛି। ସେହିପରି ଆଳୁ କିଲୋ ପିଛା ୧୫ ଟଙ୍କାରୁ ୪୦ଟଙ୍କା, ରିଫାଇନି ୨୨୦ରୁ ୨୮୦ଟଙ୍କାରେ ବିକ୍ରି ହେଉଛି। ସେହିପରି ଅଧିକାଂଶ ପେଟ୍ରୋଲ ପମ୍ପରେ ତାଲା ଝୁଲୁଛି। ଯେଉଁ କେତେକ ବି ଖୋଲା ରହିଛି ଲୋକେ ତେଲ ପାଇଁ ଲମ୍ବା ଲାଇନ୍ ଲଗାଉଥିବା ଦେଖିବାକୁ ମିଳିଛି। ଏଟିଏମ୍‌ଗୁଡିକ ଖାଲି ହୋଇଯାଇଛି ଫଳରେ ଲୋକେ ଟଙ୍କା ପାଇଁ ନାକେଦମ୍ ହେଉଛନ୍ତି। ଇଣ୍ଟରନେଟ୍ ସେବା ବନ୍ଦ ରହିଥିବାରୁ ଅନ୍‌ଲାଇନ୍ ପେମେଣ୍ଟ ହୋଇପାରୁ ନାହିଁ। ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଗତ ୩ଦିନ ତଳେ କେନ୍ଦ୍ର ଗୃହ ମନ୍ତ୍ରୀ ୩ଦିନିଆ ମଣିପୁର ଗସ୍ତ କରି ସାଧାରଣ ଲୋକେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେ ନେଇ ଦୃଷ୍ଟି ଦେବାକୁ କହିଥିଲେ ମଧ୍ୟ ପରିସ୍ଥିତି ଏବେ ଭିନ୍ନ ରୂପ ଧାରଣ କରିଛି।

## ଜନ୍ମଦିନରେ ଯୋଗୀଙ୍କ ନିକଟକୁ ଛୁଟିଲା ଶୁଭେଚ୍ଛାର ସୁଅ

ଲକ୍ଷ୍ନୌ: ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଜନ୍ମଦିନ ଥିଲା ସୋମବାର। ଦେଶର ଅନେକ ବରିଷ୍ଠ ନେତା ସିଏମ ଯୋଗୀଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଛନ୍ତି। ଲୋକସଭା ବାଚସ୍ପତି ତଥା ବିଜେପି ସାଂସଦ ଓମ ବିର୍ଲା, କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀ, ରାଜନାଥ ସିଂ ଏବଂ ନିତିନ ଗଡକରୀ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଓମ୍ ବିର୍ଲା ଲେଖିଛନ୍ତି, 'ଉତ୍ତରପ୍ରଦେଶର ସଫଳ ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଆଦିତ୍ୟନାଥ ଜୀଙ୍କୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା। କେନ୍ଦ୍ର ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, 'ଉତ୍ତରପ୍ରଦେଶର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜୀଙ୍କୁ ଜନ୍ମଦିନର ଶୁଭେଚ୍ଛା। ସେ ଉତ୍ତରପ୍ରଦେଶକୁ ଏକ ବିକଶିତ ରାଜ୍ୟ କରିବା ପାଇଁ ସମ୍ପୂର୍ଣ୍ଣ ଉତ୍ସାହ ଓ ଉତ୍ସର୍ଗୀକୃତ କାର୍ଯ୍ୟ କରୁଛନ୍ତି। ସେ ଦୀର୍ଘାୟୁ ହୁଅନ୍ତୁ। ନିତିନ ଗଡକରୀ ଲେଖିଛନ୍ତି, 'ଉତ୍ତରପ୍ରଦେଶର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜୀଙ୍କୁ ଜନ୍ମଦିନର ଶୁଭେଚ୍ଛା। ଆପଣ ସୁସ୍ଥ ରୁହନ୍ତୁ ଏବଂ ଦୀର୍ଘାୟୁ ହୁଅନ୍ତୁ, ଭଗବାନ ଆପଣଙ୍କୁ ଆଶୀର୍ବାଦ କରନ୍ତୁ। କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀ କହିଛନ୍ତି, 'ଉତ୍ତର ଭାରତର ଅଭିବୃଦ୍ଧି ଇଞ୍ଜିନ୍ ଭାବରେ ଉତ୍ତରପ୍ରଦେଶ ପ୍ରତିଷ୍ଠା କରିବାକୁ ପ୍ରତିଶ୍ରୁତିବଦ୍ଧ, ରାଜ୍ୟର ଲୋକପ୍ରିୟ ସିଏମ୍ ଯୋଗୀ ଆଦିତ୍ୟନାଥ ଜୀଙ୍କୁ ଜନ୍ମଦିନର ଶୁଭେଚ୍ଛା। ଆପଣଙ୍କ ନେତୃତ୍ୱରେ ରାଜ୍ୟର ନିରନ୍ତର ବିକାଶ ତଥା ଜନ କଲ୍ୟାଣ କାର୍ଯ୍ୟ ହେଉ ଏବଂ



ମୁଁ ଆପଣଙ୍କର ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରୁଛି। କିରନ ରିଜିଜୁ କହିଛନ୍ତି, 'ଉତ୍ତରପ୍ରଦେଶର ପ୍ରେରଣାଦାୟୀ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆପଣଙ୍କର ଚମତ୍କାର ଉଦ୍ୟମ ରାଜ୍ୟ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମୂଳଦୁଆ ପକାଇଛି। ଭଗବାନ ଆପଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ଦେଇ ଆଶୀର୍ବାଦ କରନ୍ତୁ।

# ବାଣିଜ୍ୟ




ନୂଆଦିଲ୍ଲୀ: ଆଦାନୀ ଗ୍ରୁପ୍ ଏହାର ବକେୟା ୨.୬୫ ବିଲିୟନ ଡଲାର୍ ଋଣକୁ ତତ୍କାଳ ପରିଶୋଧ କରିସାରିଛି। ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ଗ୍ରୁପ୍ ପ୍ରିପେମେଣ୍ଟ ପ୍ରୋଗ୍ରାମ ଅଧୀନରେ ଋଣ ପରିଶୋଧ କରିସାରିଛି। ଯାହାଫଳରେ ଏହା ନିବେଶକଙ୍କ ବିଶ୍ୱାସ ଜିତିବାରେ ସାହାଯ୍ୟ କରିପାରିବ। ଏହାର ବିବୃତ୍ତିରେ ଆଦାନୀ ଗ୍ରୁପ୍ କହିଛି ଯେ ଏହା ୨.୧୫ ବିଲିୟନ ଡ଼ଲାରର ଋଣ ପରିଶୋଧ କରିଛି ଯାହା ସେୟାର ପ୍ରତିଶ୍ରୁତି ଦେଇ ନିଆଯାଇଛି। ଏହା ବ୍ୟତୀତ ଅମ୍ବୁଜା ସିମେଣ୍ଟ ଅଧିଗ୍ରହଣ ପାଇଁ ଗୋଷ୍ଠୀ ନେଇଥିବା ୫୦୦ ମିଲିୟନ ଡଲାରର ଋଣ ମଧ୍ୟ ପରିଶୋଧ କରାଯାଇଛି। ଜୁନ୍ ୫ରେ ଜାରି ହୋଇଥିବା ଏକ କ୍ରେଡିଟ୍ ନୋଟରେ ଆଦାନୀ ଗୋଷ୍ଠୀ କହିଛି ଯେ ଗ୍ରୁପ୍ ୨.୧୫ ବିଲିୟନ ଡ଼ଲାର୍ ଋଣର ସମ୍ପୂର୍ଣ୍ଣ ପ୍ରିପେମେଣ୍ଟ କରିଛି, ଯାହା ଗ୍ରୁପ୍ ତାଲିକାଭୁକ୍ତ କମ୍ପାନୀଗୁଡିକର ଅଂଶଧନକୁ ବନ୍ଧକ ଭାବରେ ରଖି ନିଆଯାଇଛି। କ୍ରେଡିଟ୍ ଅପଡେଟ୍‌ରେ ଗ୍ରୁପ୍ ସୂଚନା ଦେଇଛି ଯେ ଚାରୋଟି ତାଲିକାଭୁକ୍ତ ଗୋଷ୍ଠୀର ଅଂଶଧନକୁ ଜିକ୍ୟୁଜି ପାର୍ଟନରଙ୍କୁ ୧.୮୭ ବିଲିୟନ ଡଲାରରେ ବିକ୍ରୟ ପ୍ରକ୍ରିୟା ଶେଷ ହୋଇଛି।

## ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



- ୨୫୦୦ରୁ ଅଧିକ ଚାରା ରୋପଣ
- ହର୍ବାଲ୍ ଓ ମସଲା ଉଦ୍ୟାନ ଉଦ୍‌ଘାଟିତ
- ସ୍କୁଲ ପିଲାଙ୍କୁ ୬୫୦ ଫଳ ଧାରଣକାରୀ ଚାରା ବଣ୍ଟନ

କଳିଙ୍ଗନଗର(ଭାସ୍କର ନ୍ୟୁଜ୍): ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ସୃଷ୍ଟି କରିବା ପ୍ରତିବଦ୍ଧତାକୁ ଦୋହରାଇବା ସହ ଜାତିସଂଘ ପକ୍ଷରୁ ଘୋଷଣା କରାଯାଇଥିବା 'ବିଟ୍ ଦି ପ୍ଲାଷ୍ଟିକ୍' ବିଷୟବସ୍ତୁ ଅନୁସାରେ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ ସୋମବାର ଯାଜପୁର ଜିଲ୍ଲାର କଳିଙ୍ଗନଗର କାରଖାନା ପରିସରରେ ବହୁସଂଖ୍ୟକ ବୃକ୍ଷରୋପଣ ସହ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ପରିବେଶ ଦିବସ ପାଳନ ଅଂଶ ସ୍ୱରୂପ କାରଖାନା ପରିସରରେ ବିଭିନ୍ନ ସ୍ଥାନରେ ୨୫୦୦ରୁ ଅଧିକ ଚାରା ରୋପଣ କରାଯାଇଛି। ବହୁସଂଖ୍ୟକ ବୃକ୍ଷରୋପଣ ବ୍ୟତୀତ ପରିବେଶ ଦୀର୍ଘସ୍ଥାୟିତ୍ୱ ଉପରେ ସଚେତନତା ସୃଷ୍ଟି କରିବା ଲାଗି ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଏବଂ କର୍ମଚାରୀମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଲୋଗାନ ଓ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥି ସହିତ ନିକଟସ୍ଥ ଗୋଷ୍ଠୀ ସଦସ୍ୟଙ୍କ ମଧ୍ୟରେ ୬୫୦ ଫଳ ଧାରଣକାରୀ ଚାରା ବଂଟନ କରାଯିବା ସହ କାରଖାନା ପରିସର ଓ ଆଖପାଖ ଅଂଚଳରେ ପ୍ଲାଷ୍ଟିକ୍ ସଫେଇରଏକ ଅଭିଯାନ ଆୟୋଜନ କରାଯାଇଥିଲା। ଏହି ଅବସରରେ କଳିଙ୍ଗନଗର ଟ୍ରେନିଂ ସେଂଟର ପ୍ଲଟ୍-୨ରେ ଟିଏସ୍‌କେର ଉପସଭାପତି (ଅପରେସନ୍ସ) ରାଜୀବ କୁମାର ଏକ 'ହର୍ବାଲ୍ ଓ ମସଲା ଉଦ୍ୟାନ'କୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଟିଏସ୍‌କେର ମୁଖ୍ୟ (ମେକାନିକାଲ୍ ମେଟେଂନାନ୍ସ) ଶଙ୍କର ବିଶ୍ୱାସ, ମୁଖ୍ୟ (ଇଲେକ୍ଟ୍ରିକାଲ୍ ମେଟେଂନାନ୍ସ) ଅଜିତ କର, ମୁଖ୍ୟ-ଇଲେକ୍ଟ୍ରିକାଲ୍ ମେଟେଂନାନ୍ସ (ସିଏସ୍‌ଆଇ ଓ ଆର୍‌ଏମ୍‌ଏଚ୍) ପଙ୍କଜ ଭୁରେ, ମୁଖ୍ୟ-ୟୁଟିଲିଟିଜ୍ ଆଣ୍ଡ ପାୱାର ସିଷ୍ଟମ୍‌ସ ପଦୀପ ଚକ୍ରବର୍ତ୍ତୀ, ସିକ୍ୟୁରିଟିବିଭାଗର ମୁଖ୍ୟ ପ୍ରକାଶ ସଂଜୟ ଓ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଉଦ୍ୟାନରେ ରହିଛି ୧୨୦ ପ୍ରକାରର ହର୍ବାଲ ଓ ୧୪ ପ୍ରକାରର ମସଲା ଉଭିଦ। ଟ୍ରେନିଂ ସେଂଟର ଅଡିଟୋରିୟମ୍‌ରେ ଆୟୋଜିତ ଏକ ମେଗା କାର୍ଯ୍ୟକ୍ରମ ସହ ପରିବେଶ ଦିବସ ଉତ୍ସବ ପାଳନର ସମାପନ ହୋଇଥିଲା ଯେଉଁଠାରେ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ସ୍ୱରୂପ ସାର୍ଟିଫିକେଟ ଓ ଉପହାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ପରିବେଶ ସୁରକ୍ଷା ପ୍ରତି ଉଲ୍ଲେଖନୀୟ ସମର୍ପଣ ଭାବ ପ୍ରଦର୍ଶନ କରିଥିବା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଚଳିତ ଇଓଆର୍‌ଏସ୍‌ରେ ମିନ୍ତ୍ରାରେ ଉବର୍-କୁଲ୍ ଫିଚର୍‌ର ବ୍ୟବହାର କରିପାରିବେ ଗ୍ରାହକ

ନୂଆଦିଲ୍ଲୀ: ୬୦୦୦ରୁ ଅଧିକ ପ୍ରତିଷ୍ଠିତ ଘରୋଇ, ଆନ୍ତର୍ଜାତୀୟ ଓ ଡି୨ସି ବ୍ରାଣ୍ଡଗୁଡିକରୁ ୨୦ ଲକ୍ଷରୁ ଅଧିକ ଫ୍ୟାଶନ, ବିୟୁଟି ଓ ଲାଇଫ୍‌ଷ୍ଟାଇଲ୍ ପ୍ରଡକ୍ଟ ସହିତ ମିନ୍ତ୍ରା ଇଓଆର୍‌ଏସ୍‌ର ୧୮ତମ ସଂସ୍କରଣ ବର୍ତ୍ତମାନ ଲାଇଭ୍ ରହିଛି। ଗ୍ରାହକମାନଙ୍କୁ ଏକ ଆକର୍ଷଣୀୟ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ପାଇଁ ନିଜର ପ୍ରୟାସରେ ମିନ୍ତ୍ରା ପକ୍ଷରୁ ଇଓଆର୍‌ଏସ୍ ୧୮ ସମୟରେ ପ୍ରତ୍ୟେକ ଫ୍ୟାଶନିଷ୍ଟାଙ୍କ ସ୍ୱପ୍ନ ଯେପରି ପୂରଣ ହେବ ତାହା ସୁନିଶ୍ଚିତ କରାଯାଉଛି। ଏଠାରେ ମିନ୍ତ୍ରାର ୫ଟି ଆକର୍ଷଣୀୟ ଫିଚର ସମ୍ପର୍କରେ ଉଲ୍ଲେଖ କରାଯାଇଛି ଯାହାକୁ ଗ୍ରାହକମାନେ ଇଓଆର୍‌ଏସ୍ ସମୟରେ ସପିଙ୍ଗ କରିବା ବେଳେ ନିଶ୍ଚିତ ଭାବେ ଦେଖିବା ଓ ବ୍ୟବହାର କରିବା ଉଚିତ୍। ସପର୍‌ମାନଙ୍କ ଏଣ୍ଡ୍-ଟୁ-ଏଣ୍ଡ ସପିଙ୍ଗ ଯାତ୍ରାକୁ ଉନ୍ନତ କରିବା ପାଇଁ ଆରମ୍ଭ କରାଯାଇଥିବା ମିନ୍ତ୍ରାର ଓପନ-ଏଣ୍ଡେଡ୍ ଫିଚର, ସାଇଜ୍ ଓ ଷ୍ଟାଇଲ ଏକ୍ସଚେ ଆପଣଙ୍କୁ ଆପ୍‌ରୁ ବିଦ୍ୟମାନ ଉତ୍ପାଦର ସାଇଜ୍ ଏକ୍ସଚେ କରିବା କିମ୍ବା ଏକ ସମ୍ପୂର୍ଣ୍ଣ ନୂଆ ଉତ୍ପାଦ ଚୟନ କରିବାକୁ ଦେଇଥାଏ, ସପର୍‌ଙ୍କୁ ବାଧାମୁକ୍ତ ରିଟର୍ଣ୍ଣ ଓ ଏକ୍ସଚେ ଅନୁଭୂତି ଦେଇଥାଏ। ଭର୍ଣ୍ଣାକୁଲାର ସର୍ଚ୍ଚ- ଏହି ଗ୍ରାହକ-କୈନ୍ଦ୍ରିକ ଫିଚର ଉପଭୋକ୍ତାଙ୍କୁ ନିଜର ଆଂଚଳିକ ତଥା ଦେଶୀ ଭାଷାରେ ସପିଙ୍ଗ କରିବାକୁ ଅନୁମତି ଦେଇଥାଏ, ଯାହା ସେମାନଙ୍କ ପାଇଁ ପ୍ଲାଟ୍‌ଫର୍ମରେ ଆବିଷ୍କାର ଓ ସପିଙ୍ଗର ସହଜତାକୁ ସକ୍ଷମ କରିଥାଏ। ମିନ୍ତ୍ରା ପ୍ଲାଟ୍‌ଫର୍ମରେ ଏହି ଏଆଇ-ପରିଚାଳିତ ପର୍ସନାଲ ଷ୍ଟାଇଲିଙ୍ଗ ଆସିଷ୍ଟାଂଟ୍ 'ମାଇଁ ଷ୍ଟାଇଲିଷ୍ଟ' ଆମର ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ସପେବୁଲ୍ ଲୁକ୍‌ର ପରାମର୍ଶ ଦେଇଥାଏ। 'ମାଇଁ ଷ୍ଟାଇଲିଷ୍ଟ' ସହିତ ଉପଭୋକ୍ତାମାନେ ନିଜ ପସନ୍ଦର ପୋଷାକଗୁଡିକର ସ୍ନାପ୍‌ସଟ୍ କ୍ୟାପ୍‌ଚର କରିପାରିବେ ଓ ପିକ୍‌ଚର ଅପ୍‌ଲୋଡ୍ କରିପାରିବେ। ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର କରି ଏହି ଫିଚର ଅପ୍‌ଲୋଡ୍ କରାଯାଇଥିବା ପୋଷାକଗୁଡିକୁ କର୍ଣ୍ଣରଷ୍ଟୋନ୍ ଭାବେ ଉପଯୋଗ କରି ଉପଭୋକ୍ତାଙ୍କୁ ନିଜର ପୋଷାକଗୁଡିକୁ କିଭଳି ଷ୍ଟାଇଲ୍ କିମ୍ବା କମ୍ପ୍ଲିମେଂଟ୍ କରିବେ ତାହାର ପରାମର୍ଶ ପ୍ରଦାନ କରିଥାଏ। ମିନ୍ତ୍ରାର ଅଭିନବ ମାଇଁଫ୍ୟାଶନଜିପିଟି ଫିଚର ସପର୍‌ମାନଙ୍କୁ ଏକ ପ୍ରାକୃତିକ ଭାଷାରେ ନିଜର ପ୍ରଶ୍ନ ଟାଇପ୍ କରିବାକୁ ଅନୁମତି ଦେଇଥାଏ, ଯେଉଁଭଳି ସେମାନେ ଜଣେ ସେଲ୍‌ସ ଆସିଷ୍ଟାଂଟ୍ ସହ କଥା ହୋଇଥା'ି। ଏମ୍-ଏକ୍ସପ୍ରେସ୍- ମିନ୍ତ୍ରାର ସ୍ୱିଡ୍ ପ୍ରସ୍ତାବ ଦେଶବ୍ୟାପୀ ଗ୍ରାହକଙ୍କ ପାଇଁ ଉତ୍ପାଦଗୁଡିକର ୨୪-୪୮ ଘଂଟାର ଡେଲିଭରିର ପ୍ରତିଶ୍ରୁତି ଦେଉଛି।

### ଫ୍ଲିପକାର୍ଟର ବହୁ ପ୍ରତୀକ୍ଷିତ 'ବିଗ୍ ଏଣ୍ଡ ଅଫ୍ ସିଜନ ସେଲ' ଆରମ୍ଭ

ନୂଆଦିଲ୍ଲୀ: ଭାରତର ନିଜସ୍ୱ ଇ-କମର୍ସ ମାର୍କେଟପ୍ଲେସ ଫ୍ଲିପକାର୍ଟ, ଏହାର ବହୁ ପ୍ରତୀକ୍ଷିତ 'ବିଗ ଏଣ୍ଡ ଅଫ ସିଜନ ସେଲ'କାର୍ଯ୍ୟକ୍ରମର ଘୋଷଣା କରିଛି । ଏହା ସାରା ଭାରତର ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଇଁ ଫ୍ୟାସନ, ବିୟୁଟି ଏବଂ ଲାଇଫଷ୍ଟାଇଲ ଉତ୍ପାଦଗୁଡ଼ିକର ଏକ ବିସ୍ତୃତ ରେ ଆଣିବା ଲାଗି ୨୦୦,୦୦୦ ସେଲର ଏବଂ ୧୦,୦୦୦ରୁ ଅଧିକ ବ୍ରାଣ୍ଡକୁ ଏକତ୍ର ନେଇଆସିଛି । ୧ ଜୁନ ୨୦୨୩ରୁ ଆରମ୍ଭ ହେଉଥିବା ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଇମେଜ ସର୍ଚ୍ଚ, ଭିଡିଓ କାଟାଲଗ, ଭର୍ଚୁଆଲ ଟ୍ରାଏ-ଅନ, ଭିଡିଓ କମର୍ସ ଏବଂ ଟପ ଫିଲ୍ଟର ଭଳି ଟେକ୍ନୋଲୋଜି ହସ୍ତକ୍ଷେପ ସହିତ ଗ୍ରାହକଙ୍କୁ ଏକ ଭିନ୍ନ ଧରଣର ସପିଂ ଅନୁଭୂତି ଯୋଗାଇଦେବ । ଅଧିକ୍‌ନ୍ତୁ, ଫ୍ଲିପକାର୍ଟ ଏହାର ଡିଜିଟାଲ ପ୍ରଥମ ବ୍ରାଣ୍ଡଗୁଡ଼ିକରେ ଅଧିକ ଆଗ୍ରହ ଦେଖୁଛି । ଫ୍ଲିପକାର୍ଟ ସ୍ପ୍ରିଙ୍ଗ ସମର ସିଜନରେ କେବଳ ଲକ୍ଷ ଲକ୍ଷ ଅର୍ଡର ହାସଲ କରିବା ସହିତ ଅନଲାଇନରେ ଫ୍ୟାସନରେ ବୃଦ୍ଧି ପରିଲକ୍ଷିତ ହୋଇଛି, ଯାହା ଫ୍ୟାସନ ପାଇଁ ବଢୁଥିବା ଚାହିଦାକୁ ସୂଚାଉଛି ।

## ଆମ ପୃଥିବୀକୁ ଏକ ସ୍ୱଚ୍ଛ ଏବଂ ସୁସ୍ଥ ସ୍ଥାନ ରୂପେ ଗଢ଼ିବା ପାଇଁ ଆହ୍ୱାନ



ରାଉରକେଲା (ଭାସ୍କର ନ୍ୟୁଜ୍): ମହାରତ୍ନ କମ୍ପାନୀ ସେଲ ଅଧିନସ୍ଥ ରାଉରକେଲା ଇସ୍ପାତ କାରଖାନା ସାରା ବିଶ୍ୱ ସହିତ ଜୁନ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନରେ ସାମିଲ ହୋଇଥିଲା। ଏହି ଅବସରରେ ଆରଏସପି ସାମୂହିକଙ୍କୁ ଶୁଭେଚ୍ଛା ଜଣାଇ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଆହ୍ୱାନ ଦେଇ କହିଛନ୍ତି ଯେ ଆଜି ଆମେ ପରିବେଶର ଯତ୍ନ ନେଲେ, ଏହା ଆସନ୍ତାକାଲି ଆମ ସମସ୍ତଙ୍କ ପାଇଁ ଖୁସିର ପ୍ରତିଶୃତି ଆଣିଦେବ। ଆମ ଧରା ପୃଥିବୀ ମାତାଙ୍କୁ ଏକ ସ୍ୱଚ୍ଛ ଏବଂ ସୁସ୍ଥ ସ୍ଥାନ ରୂପେ ଗଢିବା ପାଇଁ ଆସନ୍ତୁ ଆମେ ସମସ୍ତ ମିଳିମିଶି ପ୍ରୟାସ କରିବା ବୋଲି ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଶିଳ୍ପ କୋଣାର୍କ ପରିସରରେ ଆୟୋଜିତ ଏକ ଉତ୍ସବରେ ଆରଏସପିର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏସ ଆର ସୂର୍ଯ୍ୟବଂଶୀ ପରିବେଶ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପି କେ ସାହୁ, ସାମଗ୍ରୀ ପ୍ରବନ୍ଧନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଡାକ୍ତର ବି କେ ହୋତା, ବିତ୍ତ ଓ ଲେଖା ବିଭାଗର ସିଜିଏମ ଇନ ଚାର୍ଜ, ଏ କେ ବେହୁରିଆ ଏବଂ କାରଖାନାର ବହୁ ସିଜିଏମ ତଥା ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପି କେ ସାହୁ, ଡାକ୍ତର ବି କେ ହୋତା ଓ ଶ୍ରୀ ସୋମନାଥ ତ୍ରିପାଠୀ ଉପସ୍ଥିତ ସମସ୍ତଙ୍କୁ ଓଡିଆ, ହିନ୍ଦୀ ଏବଂ ଇଂରାଜୀରେ ପରିବେଶ ସୁରକ୍ଷା ଶପଥପାଠ କରାଇଥିଲେ।

# ଖେଳ ଖବର



ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନି ଜଣେ ସ'ଳ କ୍ରିକେଟର ଓ ଅଧିନାୟକ ଭାବେ ପରିଚିତ । ମାତ୍ର ଅନ୍ୟ କ୍ରୀଡାପ୍ରତି ମଧ୍ୟ ତାଙ୍କର ଅହେତୁକ ଆଗ୍ରହ ରହିଛି । ଚଳିତ ବର୍ଷ ଆଇପିଏଲରେ ସଫଳ ହୋଇ ଚେନ୍ନାଇ ସୁପର କିଙ୍ଗସକୁ ପଞ୍ଚମ ଥର ପାଇଁ ଟାଇଟଲ ବିଜୟୀ କରାଇ ଥିବା ଧୋନି ଚଳିତ ବର୍ଷର ଜୁନିୟର ପୁରୁଷ ଏସିଆ କପ ହକି ଚାମ୍ପିଅନଶିପ ବିଜେତା ଭାରତୀୟ ଦଳର ଅଧିନାୟକ ଉତ୍ତମ ସିଂଙ୍କୁ ଧୋନି ଉତ୍ସାହିତ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ଯୋଗ୍ୟ ଯେ ନିକଟରେ ଓମାନର ସାଲହା ଠାରେ ଅନୁଷ୍ଠିତ ଜୁନିୟର ଏସିଆକପ ହକି ଫାଇନାଲରେ ପାକିସ୍ତାନକୁ ୨-୧ ଗୋଲରେ ହରାଇ ଭାରତ ଟାଇଟଲ ଜିତିଥିଲା । ସେହିପରି ଚଳିତ ବର୍ଷ ମାଲେସିୟାରେ ଅନୁଷ୍ଠିତ ସୁଲତାନ ଜୋହର କପ ଫାଇନାଲରେ ଅଷ୍ଟ୍ରେଲିଆକୁ ସୁଟ୍ ଆଉଟ ଗୋଲରେ ହରାଇ ଭାରତ ଚାମ୍ପିଅନ ହୋଇଥିଲା । ଏହି ମ୍ୟାଚରେ ଅଧିନାୟକ ଉତ୍ତମ ସିଂ ଦୁଇଥର ପେନାଲ୍ଟି ସୁଟ୍ ଆଉଟ ଗୋଲ ସ୍କୋର କରି ଥିବାରୁ ଧୋନି ତାଙ୍କୁ ପ୍ରଶଂସିତ କରିବା ସହିତ ଆଗକୁ ଆହୁରି ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ କରିଥିଲେ । ତେବେ ନିଜ ପ୍ରତିକ୍ରିୟାରେ ଭାରତୀୟ ଜୁନିୟର ହକି ଦଳ ଅଧିନାୟକ ଉତ୍ତମ ସିଂ କହିଛନ୍ତି ଯେ ଧୋନି ଜଣେ ସ'ଳ କ୍ରିକେଟର ହେଲେ ମଧ୍ୟ ସେ ଅନ୍ୟ ସମସ୍ତ କ୍ରୀଡାକୁ ଭଲ ପାଆନ୍ତି । ଏହା ସହିତ ଧୋନିଙ୍କର ମୁଁ ଜଣେ ପ୍ରଶଂସକ । ଯେ କୌଣସି ଦଳ ବିରୋଧରେ ଯେତେବଡ ସ୍କୋରକୁ ପିଛା କରିବାରେ ଧୋନିଙ୍କ ମ୍ୟାଚପ୍ଲାନ ସବୁବେଳେ ନିଆରା । ତେଣୁ କ୍ରିକେଟ ବ୍ୟତିତ ଅନ୍ୟ ସମସ୍ତ କ୍ରୀଡାରେ ପାଇଁ ମଧ୍ୟ ପ୍ରେରଣାର ଉତ୍ସ ।

## ୭ରୁ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ: ଭାରତ-ଅଷ୍ଟ୍ରେଲିଆର ଜୋରଦାର ପ୍ରସ୍ତୁତି

ଲଣ୍ଡନ: ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ମ୍ୟାଚ ବୁଧବାର ଠାରୁ ସ୍ଥାନୀୟ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ । ତେଣୁ ଭାରତ ଓ ଅଷ୍ଟ୍ରେଲିଆ ଦଳର ପ୍ରସ୍ତୁତି ଜୋରଦାର ଚାଲିଛି । ଅଷ୍ଟ୍ରେଲିଆ ପ୍ରଥମ ଥର ପାଇଁ ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଥିବା ବେଳେ ଭାରତର ଏହା ଦ୍ୱିତୀୟ ଫାଇନାଲ । ଦୁଇ ବର୍ଷ ତଳେ ଅନୁଷ୍ଠିତ ହୋଇଥିବା ପ୍ରଥମ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ମ୍ୟାଚରେ ନ୍ୟୁଜିଲାଣ୍ଡ ଠାରୁ ଭାରତ ହାରି ଥିଲା । ତେଣୁ ଚଳିତ ବର୍ଷର ଅଷ୍ଟ୍ରେଲିଆ ବିପକ୍ଷ ଏହି ସମ୍ମାନ ଜନକ ମ୍ୟାଚରେ ବିଜୟୀ ହେବା ଭାରତ ପାଇଁ ବଡ ଆହ୍ୱାନ । ନ୍ୟୁଜିଲାଣ୍ଡ ବିପକ୍ଷ ୨୦୨୧ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ମ୍ୟାଚରେ ବିରାଟ କୋହଲି ଭାରତୀୟ ଦଳର ଅଧିନାୟକ ଥିବା ବେଳେ ବର୍ତ୍ତମାନ ରୋହିତ ଶର୍ମା ଏହି ଦାୟିତ୍ୱରେ ଅଛନ୍ତି । ଏହି ଟାଇଟଲ ଜିତବା ପାଇଁ ଉଭୟ ଦଳ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛନ୍ତି । ତେଣୁ ଏଥିରେ ସଫଳ ହେବା ଦଳ ନିଶ୍ଚିତ ଫାଇଦାରେ ରହିବ । ଏହା ସହିତ



ଉଭୟ ପକ୍ଷର କେତେକ ନିର୍ଦ୍ଦିଷ୍ଟ ଖେଳାଳିଙ୍କୁ ଟାର୍ଗେଟ କରା ଯାଇଛି । ଅଷ୍ଟ୍ରେଲିଆର ପୂର୍ବତନ ସୀମିତ ଓଭର ଦଳର ଅଧିନାୟକ ଆରୋନ ଫିଞ୍ଚ କହିଛନ୍ତି ଯେ ଭାରତୀୟ ଦଳର ଦୁଇ ପ୍ରତିଷ୍ଠିତ ବ୍ୟାଟର ବିରାଟ କୋହଲି ଓ ଚେତେଶ୍ୱର ପୂଜାରା ଏହି ମ୍ୟାଚରେ ବଡ ଭୂମିକା ଗ୍ରହଣ କରିବା ସମ୍ଭାବନା ରହିଛି । କାରଣ ଉଭୟ ସଂପ୍ରତି ଭଲ ଫର୍ମରେ ଅଛନ୍ତି । ବିରାଟ କୋହଲି ପୁଣି ଫର୍ମକୁ ଫେରିବା ପରେ ବର୍ତ୍ତମାନ ଅତି ଚମତ୍କାର ବ୍ୟାଟିଂ କରି ଆସୁଛନ୍ତି । ମୁଖ୍ୟତଃ ନିକଟରେ ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ କ୍ରିକେଟରେ କୋହଲି ଦୁଇ ଶତକ ଓ ୬ ଅର୍ଦ୍ଧଶତକ ହାସଲ କରିଛନ୍ତି । ରନ ମେସିନ ଭାବେ ପରିଚିତ କୋହଲି ଅଷ୍ଟ୍ରେଲିଆ ବୋଲରଙ୍କୁ ସଠିକ ମୁକାବିଲା କରିବା ପାଇଁ ମାନସିକ ସ୍ତରରେ ଦୃଢ଼ ଅଛନ୍ତି । ସେହିପରି ଭେଟେରାନ ବ୍ୟାଟର ଚେତେଶ୍ୱର ପୂଜାରା ସଂପ୍ରତି ଇଂଲିଶ କାଉଣ୍ଟି କ୍ରିକେଟ ଚାମ୍ପିଅନଶିପରେ ସସେକ୍ସ କ୍ଲବ ପାଇଁ ଖେଳୁଛନ୍ତି । ଏହି କ୍ଲବ ପାଇଁ ସେ ଚଳିତ ସିଜିନରେ ୮ ମ୍ୟାଚ ଖେଳି ୩ ଶତକ ଓ ୧ ଅର୍ଦ୍ଧଶତକ ସହିତ ମୋଟ ୫୪୫ ରନ ସଂଗ୍ରହ କରିଛନ୍ତି । ତେଣୁ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ମ୍ୟାଚରେ କୋହଲି ଓ ପୂଜାରା ନିଜର ଫର୍ମ ଦୋହରାଇ ପାରିଲେ ଅଷ୍ଟ୍ରେଲିଆ ବୋଲର ମାନେ ବଡ ଚାଲେଞ୍ଜର ସମ୍ମୁଖୀନ ହେବେ । ତେଣୁ ଏହି ଦୁଇ ବ୍ୟାଟରଙ୍କୁ ଅଷ୍ଟ୍ରେଲିଆ ଯେତେ ଶୀଘ୍ର କବଜା କରି ପାରିଲେ ବିଜୟୀ ହେବା ସମ୍ଭାବନା ସୃଷ୍ଟି କରି ପାରିବ । କୋହଲି ଅଷ୍ଟ୍ରେଲିଆ ବିପକ୍ଷରେ ଆଜି ସୁଦ୍ଧା ୨୪ ଟେଷ୍ଟ ଖେଳି ୮ ଶତକ ଓ ୫ ଅର୍ଦ୍ଧଶତକ ସହିତ ୧୯୭୯ ରନ ଓ ପୂଜାରା ମଧ୍ୟ ଅଷ୍ଟ୍ରେଲିଆ ବିପକ୍ଷରେ ସମାନ ସଂଖ୍ୟକ ଟେଷ୍ଟ ଖେଳି ୫ ଶତକ ସହାୟତାରେ ୨୦୩୩ ରନ ସଂଗ୍ରହ କରିଛନ୍ତି । ସେହିପରି ସଂପ୍ରତି ଇଂଲିଶ କାଉଣ୍ଟି ଚାମ୍ପିଅନଶିପ ଖେଳୁଥିବା ଷ୍ଟିଭେନ ସ୍ମିଥ୍ ଓ ଅଷ୍ଟ୍ରେଲିଆ ଦଳର ଅନ୍ୟତମ ସ'ଳ ବ୍ୟାଟର ମାର୍ନସ ଲାବୁସେନେ ଭାରତୀୟ ବୋଲରଙ୍କୁ ସମସ୍ୟାରେ ପକାଇବା ଆଶଙ୍କା ରହିଛି । ତେଣୁ ଭାରତୀୟ ବୋଲର ମାନେ ଶୀଘ୍ର ସ୍ମିଥ ଓ ଲାବୁସେନେଙ୍କୁ ଆଉଟ କଲେ ବଡ ସ'ଳତା ମିଳିବ । ତେବେ ଉଭୟ ଦଳରେ ସ୍ଥିତି ଓ ଦକ୍ଷତା ବରାବର ଥିବାରୁ ଏହି ମ୍ୟାଚ ନିଶ୍ଚିତ ଉପଭୋଗ୍ୟ ଓ ସଂଘର୍ଷ ପୂର୍ଣ୍ଣ ହେବ ବୋଲି 'ିଞ୍ଚ କହିଛନ୍ତି ।

## ଆୟାର ଓ ପନ୍ତଙ୍କ ଅନୁପସ୍ଥିତିକୁ ଅନୁଭବ କରୁଛନ୍ତି ଦ୍ରାବିଡ

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ ରାହୁଲ ଦ୍ରାବିଡ କହିଛନ୍ତି ଯେ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ 'ାଇନାଲ ମ୍ୟାଚ ଜିତିବା ନିଶ୍ଚିତ ବଡ ଚାଲେଞ୍ଜ ଓ ଆହ୍ୱାନ । କାରଣ ଦୁଇ ବର୍ଷ ତଳେ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ 'ାଇନାଲ ମ୍ୟାଚ ନ୍ୟୁଜିଲାଣ୍ଡ ଠାରୁ ହାରି ଯାଇଥିଲା । ତେଣୁ ଚଳିତ ବର୍ଷ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ଭାରତ ପାଇଁ ଭିନ୍ନ ଅହ୍ୱାନ ସୃଷ୍ଟି କରିଛି । ତେବେ ଏହି ମ୍ୟାଚରେ ଆମକୁ ମିଡିଲ ଅର୍ଡର ବ୍ୟାଟିଂ ଉପରେ ବିଶେଷ ଧ୍ୟାନ ଦେବାକୁ ପଡିବ । କାରଣ ଶ୍ରେୟସ ଆୟାର ଓ ଋଷଭ ପନ୍ତଙ୍କ ଉପରେ ଦଳର ମିଡିଲ ଅର୍ଡର ବ୍ୟାଟିଂ ଅଧିକ ନିର୍ଭର ଶୀଳ ଥିଲା । ମାତ୍ର ଆହତ କାରଣ ନେଇ ଏହି ଦୁଇ ଖେଳାଳି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପରୁ ବାଦ ପଡିଛନ୍ତି । ତେଣୁ ବିରାଟ କୋହଲି, ଅଜିଙ୍କ୍ୟ ରାହାଣେ ଓ ରବିନ୍ଦ୍ର ଜାଡେଜାଙ୍କୁ ଏହି ଦାୟିତ୍ୱ ତୁଲାଇବାକୁ ପଡିବ । ଅବଶ୍ୟ ଏହି ତିନି ବ୍ୟାଟର ସବୁଠାରୁ ଅଭିଜ୍ଞ । ଯେ କୌଣସି ଦଳ ବିପକ୍ଷରେ ଲମ୍ବା ସମୟ ଧରି



ଖେଳିବାରେ ଓସ୍ତାଦ୍ । ସେହି ଦୃଷ୍ଟିରୁ ଏମାନେ ଭଲ ବ୍ୟାଟିଂ କରି ପାରିଲେ ଆମ ପାଇଁ କୌଣସି ଚିନ୍ତା ରହିବ ନାହିଁ । ପୂଜାରା ଚଳିତ ସିଜିନରେ ଇଂଲିଶ କାଉଣ୍ଟି ଖେଳୁ ଥିବାରୁ ଏହି ଅଭିଜ୍ଞତା ବିଶ୍ୱ ଟେଷ୍ଟ ଚାମ୍ପିଅନଶିପରେ ପ୍ରତି'ଳନ କରି ପାରିଲେ ଭାରତର ବ୍ୟାଟିଂ ସ୍ଥିତି ଅଧିକ ମଜଭୂତ ହୋଇ ପାରିବ । ସୂଚନା ଯୋଗ୍ୟ ଯେ ପନ୍ତ ଓ ଶ୍ରେୟସ ଆୟାରଙ୍କ ଅନୁପସ୍ଥିତିରେ ଇଶାନ କିଶାନ ଓ ସୂର୍ଯ୍ୟକୁମାର ଯାଦବଙ୍କୁ ଦଳରେ ସାମିଲ କରା ଯାଇଥିଲେ ହେଁ କୋହଲି, ରାହାଣେ ,ପୂଜାରା ଓ ରବିନ୍ଦ୍ର ଜାଡେଜାଙ୍କୁ ନେଇ ଆମେ ମିଡିଲ ଅର୍ଡର ବ୍ୟାଟିଂ ପାଇଁ ନିର୍ଭରଶୀଳ ହେବାକୁ ପଡିବ ବୋଲି କୋଚ ଦ୍ରାବିଡ କହିଛନ୍ତି ।

## ବାର୍ସେଲୋନା କ୍ଲବକୁ ପୁନଃ ଫେରିବା ପାଇଁ ମେସିଙ୍କ ଇଚ୍ଛା

ବୁଏନଆୟାର୍ସ(ଆର୍ଜେଣ୍ଟିନା): ବିଶ୍ୱକପ ବିଜୟୀ ଆର୍ଜେଣ୍ଟିନା ଫୁଟବଲ ତାରକା ଲିଓନେଲ ମେସି ନିଜର ସବୁଠାରୁ ପ୍ରିୟ କ୍ଲବ ବାର୍ସେଲୋନାକୁ ପୁନଃ ଫେରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ସୂଚନା ଯୋଗ୍ୟ ଯେ ମେସି ୧୩ ବର୍ଷ ବୟସରେ ବାର୍ସେଲୋନା ୟୁଥ୍ କ୍ଲବରେ ଯୋଗ ଦେଇଥିଲେ ମେସି । ଏହା ପରେ ସେ ବାର୍ସେଲୋନାର ସିନିୟର କ୍ଲବ ପାଇଁ ଖେଳିବା ସୁଯୋଗ ପାଇଥିଲେ । ତେବେ ବାର୍ସେଲୋନା ପାଇଁ ସର୍ବାଧିକ ମ୍ୟାଚ ଖେଳି ରେକର୍ଡ ସଂଖ୍ୟକ ଗୋଲ ସ୍କୋର କରିବାରେ ମେସି ଏକ ନିଆରା ରେକର୍ଡ ପ୍ରତିଷ୍ଠା କରିଥିଲେ । ସେ ଏହି କ୍ଲବ ପାଇଁ ୭୭୮ ମ୍ୟାଚ ଖେଳି ୬୭୨ ଗୋଲ ସ୍କୋର କରିଥଲେ ।

## ଓଡ଼ିଶା ସ୍ପିନରଙ୍କୁ ତାଲିମ ଦେବେ ରାଜୁ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଭେଙ୍କଟପତି ରାଜୁ ଓଡ଼ିଶାରେ ପହଞ୍ଚିଛନ୍ତି । ସୋମବାର ଠାରୁ ଯୁବ ସ୍ପିନର ମାନଙ୍କ ପାଇଁ ଏକ ୧୫ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିବା ବେଳେ ଗତକାଲି ରାଜୁ ଭୁବନେଶ୍ୱରରେ ପହଞ୍ଚିଥିଲେ । ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ଓସିଏ ସଦସ୍ୟ ଶିବବ୍ରତ ମଲ୍ଲିକ, ଅମିତ ବେହେରା ଭୁବନେଶ୍ୱର ବିମାନ ବନ୍ଦରରେ ରାଜୁଙ୍କୁ ସ୍ୱାଗତ କରିଥିଲେ । ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ଅନୁଷ୍ଠିତ ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମରେ ମୁଖ୍ୟ



କୋଚ୍ ଦୀନେଶ ମୋଙ୍ଗିଆଙ୍କ ଦ୍ୱାରା ମନୋନୀତ ଖେଳାଳି ମାନେ ଏଥିରେ ଅଂଶଗ୍ରହଣ କରିବେ । ଓସିଏର ସମସ୍ତ ସିନିୟର ଓ ଜୁନିୟର ଦଳର ଚୟନକର୍ତ୍ତା ଏହି ୧୫ ଦିନିଆ ଶିବିରରେ ଯୋଗ ଦେବେ । ଓଡ଼ିଶା ସ୍ପିନରଙ୍କ ସହିତ ରାଜୁଙ୍କ କାର୍ଯ୍ୟକାଳ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱାଗତ କରିଛନ୍ତି ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ ଓ ସମ୍ପାଦକ ସଞ୍ଜୟ ବେହେରା ।

## ଜୁନିୟର ବିଶ୍ୱକପ ସ୍ୱର୍ଣ୍ଣ ଜିଣିଲେ ଧନୁଷ

ନୂଆଦିଲ୍ଲୀ: ଜର୍ମାନୀର ସୁହଲ ଠାରେ ଚାଲିଥିବା ଆଇଏସଏସଏ' ଜୁନିୟର ବିଶ୍ୱକପ ସୁଟିଂ ଚାମ୍ପିଅନଶିପରେ ଭାରତ ପାଇଁ ଆଉ ଏକ ସ୍ୱର୍ଣ୍ଣ ପଦକ ଜିତିଲେ ଧନୁଷ ଶ୍ରୀକାନ୍ତ । ସୋମବାର ଅନୁଷ୍ଠିତ ପୁରୁଷ ୧୦ ମିଟର ଏୟାର ରାଇ'ଲ ଇଭେଣ୍ଟ ଫାଇନାଲରେ ଧନୁଷ ଶ୍ରୀକାନ୍ତ ୨୪ ସଟରେ ସଫଳ ହୋଇ ସର୍ବାଧିକ ୨୪୯.୪ ପଏଣ୍ଟ ସ୍କୋର କରିଥିଲେ । ସେହିପରି ସ୍ୱିଡେନର ପୋଣ୍ଟୁସ କାଲିନ ଭାରତୀୟ ସୁଟର ଧନୁଷଙ୍କ ଠାର ୧.୩ ପଏଣ୍ଟ କମ ସ୍କୋର କରି ରୌପ୍ୟ ଓ ଫ୍ରାନ୍ସର ରୋମେନ ଆର୍ଫ୍ଟ ତୃତୀୟ ସ୍ଥାନ ପ୍ରାପ୍ତ ସହିତ କାଂସ୍ୟ ପଦକ ପାଇଛନ୍ତି । ସେହିପରି ଭାରତ ସ୍କିଟ୍ ମିକ୍ସଡ ଟିମ ଇଭେଣ୍ଟରେ ପାଇଛି କାଂସ୍ୟ ପଦକ । ହରମେହର ଲାଲି ଓ ସଞ୍ଜନା ସୁଦ୍ ସ୍ୱିଡେନର ଡେଭିଡ ଜନସନ ଓ ଫେଲିସିଆ ରସଙ୍କୁ ପଛରେ ପକାଇ କାଂସ୍ୟ ପଦକ ହାସଲ କରିବାରେ ସ'ଳ ହୋଇଥିଲେ ।

## ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖିବି: କାମେରୁନ୍ ଗ୍ରିନ



ଲଣ୍ଡନ: ଅଷ୍ଟ୍ରେଲିଆ ଟେଷ୍ଟ ଦଳର ଯୁବ ଅଲରାଉଣ୍ଡର କାମେରୁନ ଗ୍ରିନ କହିଛନ୍ତି ଯେ ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ 'ାଇନାଲ ମ୍ୟାଚରେ ଆକ୍ରମଣାତ୍ମକ ବ୍ୟାଟିଂ କରିବା ଲକ୍ଷ୍ୟରେ ରହିଛି । କାରଣ ଏହି ଶୈଳୀରେ ବ୍ୟାଟିଂ କରିବାକୁ ମୁଁ ଅଧିକ ପସନ୍ଦ କରେ । ସେହିପରି ଆସନ୍ତା ୧୬ରୁ ଅନୁଷ୍ଠିତ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଆଶେସ ଟେଷ୍ଟ ସିରିଜରେ ମଧ୍ୟ ଅନୁରୂପ ବ୍ୟାଟିଂ ବଜାୟ ରଖିବା ଯୋଜନା କରିଛି । ଇଂଲଣ୍ଡ ବିପକ୍ଷ ଆଶେସ ସିରିଜ ଆମ ପାଇଁ ବଡ ଆହ୍ୱାନ ଥିଲେ ହେଁ ମୁଁ ନିଜର ନ୍ୟାଚୁରାଲ ବ୍ୟାଟିଂ ଶୈଳୀ ଠାରୁ ଦୂରେଇ ପାରିବି ନାହିଁ । ଅଲରାଉଣ୍ଡର ବେନ ଷ୍ଟୋକ୍ସ ଦଳର ଅଧିନାୟକ ହେବା ପରେ ଇଂଲଣ୍ଡ ସବୁବେଳେ ଆକ୍ରମଣାତ୍ମକ ପ୍ରଦର୍ଶନ କରି ସ'ଳ ହୋଇ ଆସୁଛି । ତେଣୁ ମୋ ଚିନ୍ତାଧାରାରେ କୌଣସି ପରିବର୍ତ୍ତନ କରିବାକୁ ଚାହେଁନା । କାରଣ ମୁଁ କେବଳ ରନ ସଂଗ୍ରହ କରିବା ଉପରେ ଧ୍ୟାନ ନ ଦେଇ ବ୍ୟାଟିଂରେ କ୍ଷିପ୍ରତା ବଜାୟ ରଖିବା ଉପରେ ଅଧିକ ଗୁରୁତ୍ୱ ଦେଇଥାଏ । ତେଣୁ ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପରେ ଭଲ ରନ ସଂଗ୍ରହ ସହିତ ବୋଲିଂ ଉପରେ ମଧ୍ୟ ଅଧିକ ନଜର ଦେବି । ଅନ୍ୟ ପକ୍ଷରେ ଇଂଲଣ୍ଡ ପରିବେଶରେ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ 'ାଇନାଲ ଓ ଆଶେସ ସିରିଜ ଡ୍ୟୁକ ବଲରେ ଅନୁଷ୍ଠିତ ହେବା ପାଇଁ ଥିବାରୁ ଏହାର 'ାଇଦା ଉଠାଇ ପାରିବା ଲକ୍ଷ୍ୟ ରଖିଛି । ସେହିପରି ଅଷ୍ଟ୍ରେଲିଆ ପିଚରେ ବୋଲରଙ୍କୁ ଅଧିକ ସ୍ୱିଙ୍ଗ୍ କରିବା ସୁଯୋଗ ମିଳିଥାଏ । କାରଣ ସେଠାକାର ପିଚର କଣ୍ଡିସନ ପେସ୍ ବୋଲରଙ୍କୁ ବିଶେଷ ସୁହାଇ ଥାଏ । । ତେଣୁ ଇଂଲଣ୍ଡ ପିଚରେ ଅନୁରୂପ ସହାୟତା ମଳିବ ବୋଲି କହିଛନ୍ତି ୨୪ ବର୍ଷୀୟ କାମେରୁନ ଗ୍ରିନ୍ ।

## ତୃତୀୟ ଓଡିଶା ନାଭାଲ ଟାଟା ତୃଣମୂଳ ସ୍ତରୀୟ ହକି ଦଳ ଚୟନ ଆରମ୍ଭ

ଛତ୍ରପୁର (ଭାସ୍କର ନ୍ୟୁଜ୍) : ତୃଣମୂଳ ସ୍ତରରେ ରହିଥିବା ହକି ପ୍ରତିଭା ମାନଙ୍କୁ ସୁଯୋଗ ଦେବା ନିମନ୍ତେ ୧୬ ବର୍ଷ ବୟସ ବାଳକ ବାଳିକା କ୍ରୀଡାବିତ୍ ମାନଙ୍କ ଚୟନ ପ୍ରକ୍ରିୟା ଛତ୍ରପୁର ହକି ଖେଳପଡିଆ ଠାରେ ସୋମବାର ଆରମ୍ଭ ହୋଇଯାଇଛି । ଭାରତୀୟ ହକି ର ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କି ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି ଏହି ଚୟନ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ତୃତୀୟ ଓଡିଶା ନାଭାଲ ଟାଟା ହକି କ୍ରିଡାବିତ୍ ଚୟନ ହେବ । ଅଧକ୍ଷତା କରି ଜିଲ୍ଲାପାଳ ନିଜ ବକ୍ତବ୍ୟରେ ଓଡିଶାରେ ଖେଳର ବିକାଶ ନିମନ୍ତେ ଓଡିଶା ସରକାରଙ୍କ ପ୍ରୟାସ ଅବିରତ ଚାଲିଛି । ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ଫଳରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ଠାରେ ହକି ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ହୋଇଛି । ଏହି କେନ୍ଦ୍ରରେ ବାଳକ ବାଳିକା ପ୍ରଶିକ୍ଷଣ ନେବାର ସୁଯୋଗ ପାଇବେ । ଓଡିଶାର ଗଞ୍ଜାମ, ଢେଙ୍କାନାଳ, ଯାଜପୁର, ନୟାଗଡ, ମୟୁରଭଞ୍ଜ, କଳାହାଣ୍ଡି, ସୁନ୍ଦରଗଡ ଓ ସମ୍ବଲପୁର ଏହିଭଳି ଆଠ ଗୋଟି ଜିଲ୍ଲାରୁ ଆସିଥିବା ୧୧ ଗୋଟି ଉଭୟ ବାଳକ ଓ ବହାଳିକା ଦଳ ଚୟନ ହେବେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ତିର୍କି ଜଣାଇଥିଲେଯେ, ଗଞ୍ଜାମ ଜିଲ୍ଲାର ଛତ୍ରପୁର ହକି ଖେଳରେ ଅନେକ ସୁନାମ ଆଣିଛି । ସେହି ଦୃଷ୍ଟିରୁ ଏହି ଛତ୍ରପୁର ପ୍ରଶିକ୍ଷଣ କେନ୍ଦ୍ର ଗ୍ରାମାଞ୍ଚଳର ହକି ଖେଳାଳି ପ୍ରତିଭା ମାନଙ୍କ ନିମନ୍ତେ ଏକ ଅପୂର୍ବ ସୁଯୋଗ ଆଣି ଦେବ । ଆଗାମୀ ୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଚୟନ ପ୍ରତିଯୋଗିତାରେ ନିଶ୍ଚିତ ରୂପେ ଭଲ ଖେଳାଳୀ ଚୟନ ହୋଇ ଓଡିଶା ପାଇଁ ଗର୍ବ ଓ ଗୌରବ ଆଣିଦେବେ । ସମ୍ମାନୀତ ଅତିଥି ଭାବେ ଓ. ଏସ୍.ସି. ଏଚ୍ ଆର୍ ର ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ କୁମାର ପାଲ୍ ଓଡିଶା ନାଭାଲ ଟାଟା ହକିର ମୁଖ୍ୟ କାର୍ଯ୍ୟ ସେଣ୍ଟର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ୍ ସେଠ୍ ଯୋଗ ଦେଇ ନିଜ ନିଜ ବକ୍ତବ୍ୟରେ ଓଡିଶାର ହକି କ୍ରୀଡା କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ଅବଦାନ ସମ୍ପର୍କରେ ଅବଗତ କରାଇ ଆଗାମୀ ପିଢୀଙ୍କୁ ନିଶ୍ଚିତ ରୂପେ ପ୍ରେରଣା ଯୋଗାଇବ ବୋଲି ଜଣାଇ ଗ୍ରାମୀଣ କ୍ରୀଡା କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ଆଗକୁ ଅତିକ୍ରାନ୍ତ କରିବ ବୋଲି ମତବ୍ୟକ୍ତ କରିଥିଲେ । କ୍ରୀଡା ଆରମ୍ଭ ପୂର୍ବରୁ ବାଲେଶ୍ୱରର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରି ସେମାନଙ୍କ ଆତ୍ମାର ସଦଗତି କାମନା କରିଥିଲେ । ଚୟନ କୋଚ୍ ଭାବେ ରାଜନ୍ ଇକ୍କା, ବରିଷ୍ଠ ଜାତୀୟ ଖେଳାଳୀ ଦୀପକ୍ ଜେ. କେର୍କେଟା, ସୁଧୀର ଇକ୍କା ଏବଂ ନାଭାଲ ଟାଟା ଗ୍ରାସ୍ ରୁଟ୍ ହକି ସଂଯୋଜକ ଶେଖର ଚନ୍ଦ୍ର ବେହେରା, ବୈଷୟିକ ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ କୋଚ୍ ପିଟର ସୋରେନ୍, ବୈଷୟିକ ନିର୍ଦ୍ଦେଶକ ତଥା ବରିଷ୍ଠ ଜାତୀୟ କ୍ରୀଡାବିତ୍ ଜି. ତେଜେଶ୍ୱର ରାଓ ଓ ଭାରପ୍ରାପ୍ତ ଜିଲ୍ଲା କ୍ରୀଡା ଅଧିକାରୀ ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲେ । ସଭାକାର୍ଯ୍ୟଟିକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ପରିଚାଳନା କରିଥିଲେ । ଖ୍ୟାତନାମା ହକି ଖେଳାଳୀ ତଥା ଗଞ୍ଜାମ ହକି ସଂଘର ସମ୍ପାଦକ ଶତ୍ରୁଘ୍ନ ନାହାକ ଏବଂ ଉପ ସଭାପତି ତଥା ଯୁବ ସାମାଜିକ କର୍ମୀ ଟି ଚନ୍ଦ୍ର ଶ୍ଵେର ରାଓ ଏବଂ ବହୁ କ୍ରୀଡା ପ୍ରତିଭାବାନ୍ ବ୍ୟକ୍ତି ଓ ସାମ୍ବାଦିକ ବନ୍ଧୁମାନେ ଉପସ୍ଥିତ ଥିଲେ ।

## ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବା ଉଚିତ:ଗାଭାସ୍କର

ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ ଅଧିନାୟକ ସୁନିଲ ଗାଭାସ୍କର କହିଛନ୍ତି ଯେ ଟେଷ୍ଟ କ୍ରିକେଟକୁ ଅଧିକ ପ୍ରତିଦ୍ୱନ୍ଦ୍ୱିତା ପୂର୍ଣ୍ଣ ଓ ଲୋକପ୍ରିୟ କରିବା ଲକ୍ଷ୍ୟ ନେଇ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ(ଆଇସିସି) ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଆୟୋଜନ କରି ଆସୁଛି । ମାତ୍ର 'ାଇନାଲ ମ୍ୟାଚ ସବୁବେଳେ କୌଣସି ଏକ ନିର୍ଦ୍ଦିଷ୍ଟ ଦେଶରେ ଆୟୋଜନ କରିବା ଅନୁଚିତ । କାରଣ



ଏହା ହେଉଛି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ । ତେଣୁ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ ଭିନ୍ନ ଦେଶରେ 'ାଇନାଲ ମ୍ୟାଚ ଆୟୋଜନ କରାଯିବା ଉଚିତ । ଇଂଲଣ୍ଡର ସାଉଥମ୍ପଟନରେ ୨୦୨୧ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଅନୁଷ୍ଠିତ ହୋଇଥିଲା । ପୁଣି ଚଳିତ ବର୍ଷ ଇଂଲଣ୍ଡର ଓଭାଲ(ଲଣ୍ଡନ) ଗ୍ରାଉଣ୍ଡରେ ଅନୁଷ୍ଠିତ ହେବାକୁ ଯାଉଛି । ଦୁଇ ବର୍ଷ ତଳେ ଇଂଲଣ୍ଡରେ ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ 'ାଇନାଲ ମ୍ୟାଚ ଅନୁଷ୍ଠିତ ହେବା ବେଳେ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା । ଚଳିତ ବର୍ଷ ମଧ୍ୟ ଅନୁରୂପ ଆଶଙ୍କାକୁ ଏଡାଇ ଦିଆ ଯାଇ ନ ପାରେ । ଏହା ଦ୍ୱାରା ଯେ କୌଣସି ଦଳ ପାଇଁ କ୍ଷତି ପହଞ୍ଚିବା ସମ୍ଭାବନା ସୃଷ୍ଟି ହୋଇ ପାରେ । ତେଣୁ 'ାଇନାଲ ମ୍ୟାଚ ଆୟୋଜନ ବେଳେ ସେହି ସମୟର ପାଣିପାଗକୁ ଆକଳନ କରି ଭିନ୍ନ ସ୍ଥାନ ଚୟନ କରିବା ଉଚିତ ହେବ ବୋଲି ଅନୁଭବ କରୁଛି ।

### ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ ବରିଷ୍ଠ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍ଏସ୍) ରାଉରକେଲା, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର୍ସ ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ସକୁ ଅନୁମତି ମିଳିବ ନାହିଁ, ଏହି ପ୍ରକାର କୌଣସି ମାନୁଆଲ ଅଫର ପାଇଲେ ତାହା ଗ୍ରହଣଯୋଗ୍ୟ ହେବନାହିଁ । **କ୍ରମିକ ନଂ, ଇ-ଟେଣ୍ଡର ନୋଟିସ୍ ନଂ ଓ କାର୍ଯ୍ୟର ବିବରଣୀ ନିମ୍ନରେ ପ୍ରଦତ୍ତ । (୧) ଟିଆର୍ଏସ୍-ଆର୍ଓୟୁ-୦୧-୨୦୨୩-୨୪,** ଇଏଲ୍ଏସ୍/ଆର୍ଓୟୁ ଠାରେ ୩ ଫେଜ୍ ଲୋକୋମୋଟିଭସ୍ର ମାଇନର ଇନ୍ସ୍ପେକସନ ଓ ମେଜର ସିଡ୍ୟୁଲ ପାଇଁ ରୁଫ୍ ମାଉଣ୍ଟେଡ **ସିଏବିଏସ୍ସି** ୟୁନିଟ୍ର ମରାମତି ଓ ମେଣ୍ଟେନାନ୍ସ । **କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ. ୪୬,୧୩,୮୩୮.୯୦ । **ଅର୍ଣ୍ଣେଷ୍ଟ ମନି :** ଟ. ୯୨,୩୦୦/- **(୨) ଟିଆର୍ଏସ୍-ଆର୍ଓୟୁ-୦୧-୨୦୨୩-୨୪,** ଇଏଲ୍ଏସ୍/ଆର୍ଓୟୁର ପୂର୍ବରୁ ଥିବା ପିୟୁ ପେଣ୍ଟିଂକୁ ପିୟୁ ପେଣ୍ଟେଡ୍ ଇଲେକ୍ଟ୍ରିକ୍ ଲୋକୋମୋଟିଭସ । **କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ. ୧୬,୮୩,୮୭୬.୦୯ । **ଅର୍ଣ୍ଣେଷ୍ଟ ମନି :** ଟ. ୩୩,୭୦୦/- । **ଇ-ଟେଣ୍ଡରର କ୍ଲୋଜିଂ ପାଇଁ ତାରିଖ ଓ ସମୟ :** ପୂର୍ବାହ୍ନ ୧୧:୦୦ଘଣ୍ଟା, ୦୩.୦୭.୨୦୨୩ ପ୍ରତି ପାଇଁ । **ୱେବ୍ସାଇଟ୍ ବିବରଣୀ ଓ ସର୍ବଶେଷ : http://www.ireps.gov.in .** ୱେବ୍ସାଇଟରେ ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଉପଲବ୍ଧ ହେବ ।
(PR-252)

## ୧୩ରୁ ୬୮ତମ ସର୍ବଭାରତୀୟ କବାଡି ଟୁର୍ଣ୍ଣାମେଣ୍ଟ : ଯୋଗଦେବେ ଜାତୀୟ ଅନ୍ତର୍ଜାତୀୟ କ୍ରୀଡାବିତ୍

ବ୍ୟାସନଗର, (ଭାସ୍କର ନ୍ୟୁଜ): ସର୍ବଭାରତୀୟ ସ୍ତରରେ କବାଡି କ୍ରୀଡା ଆୟୋଜନ ପାଇଁ ସୁନାମ ଅର୍ଜନ କରିଥିବା ଯାଜପୁର କବାଡି ଆସୋସିଏସନ (ଜେକେଏ) ଆସନ୍ତା ଜୁନ ୧୩ରୁ ୪ଦିନ ବ୍ୟାପି ଦିବାରାତ୍ର କବାଡି ପ୍ରତିଯୋଗିତା ଖଣ୍ଡିତର ସ୍ଥିତ ନିଜସ୍ୱ କବାଡି ଷ୍ଟାଡିୟମରେ ଆୟୋଜନ କରିବାକୁ ଯାଉଛି । ପୂର୍ବ ବର୍ଷ ଗୁଡିକ ଭଳି ଚଳିତ ବର୍ଷ ମଧ ରାଜ୍ୟ ଓ ରାଜ୍ୟ ବାହାରୁ ଶହଶହ ମହିଳା ପୁରୁଷ କବାଡି ପ୍ରତିଯୋଗୀମାନେ ଏଥିରେ ଅଂଶ ଗ୍ରହଣ କରିବେ । ଏମାନଙ୍କ ମଧରେ ଅଧିକାଂଶ ଜାତୀୟ ସ୍ତରର କ୍ରୀଡାବିତଭାବେ ମାନ୍ୟତା ପ୍ରାପ୍ତ । ଏଥିସହ କେତେକ ଆନ୍ତର୍ଜାତୀୟ କବାଡି ଖେଳାଳି ମଧ ନିଜନିଜର ଟିମ୍ ସହ ଖେଳିବାକୁ ଆସୁଥିବା ବିଷୟରେ ଆସୋସିଏସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଜେ.କେ.ଏ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସେଠୀ ଅଧକ୍ଷତା କରିଥିଲେ । ସମ୍ପାଦକ ରବିନ୍ଦ୍ର କୁମାର ପୃଷ୍ଟି ଆସୋସିଏସନର ବିଭିନ୍ନ ପଦକ୍ଷେପ ସହ ବିବିଧ ସୂଚନା ପ୍ରଦାନ କରିଥିଲେ । ସହ ସମ୍ପାଦକ ଅଧାପକ ସମରେନ୍ଦ୍ର ଦାଶ ଉକ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ଉପସଭାପତି ତଥା କ୍ରୀଡା ପ୍ରଶିକ୍ଷକ କୃଷ୍ଣକାନ୍ତ ପଣ୍ଡା କ୍ରୀଡା ପ୍ରତିଯୋଗିତାର ସୁପରିଚାଳନା ସମ୍ପର୍କରେ ତଥ୍ୟ ପ୍ରଦାନ କରିବା ସହ ଫ୍ଲଡ ଲାଇଟ ସାଙ୍ଗକୁ ମ୍ୟାଟ୍ରେ ହେବାକୁ ଯାଉଥିବା ଖେଳ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟତମ ସହସମ୍ପାଦକ ଅଭୟ କୁମାର ମହାନ୍ତି ଅଫିସିଆଲ ଓ କ୍ରୀଡାବିତମାନଙ୍କର ରହିବା ଖାଇବା ଓ ଯାତାୟତ ସମ୍ପର୍କରେ ହୋଇଥିବା ସୁବନ୍ଦୋବସ୍ତ ବିଷୟରେ ଆଲୋଚନା କରିଥିଲେ । ଉପସଭାପତି ସନ୍ତୋଷ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର କୁମାର ତିଆଡି, କ୍ରୀଡା ପ୍ରଶିକ୍ଷକ ଅନାଦି ସାହୁ, ଉପସଭାପତି ଅରୁଣ କୁମାର ସାହୁ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସମର୍ଥନ ଏବଂ ପ୍ରଶାସନର ସହଯୋଗ ତଥା ସ୍ଥାନୀୟ ବିଧାୟକଙ୍କ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କୋଷାଧକ୍ଷ ସତ୍ୟେନ୍ଦ୍ର ଦାଶ,




ସୁରେନ୍ଦ୍ର ନାୟକ, ସୁରେଶ ସାହୁ, ଆଲୋକ ସାହୁ, କୁନାକର ସାହୁ, ଶାନ୍ତନୁ ମଲିକ, ବନମାଳି ମଲିକ, ଚିତ୍ତ ରଂଜନ କର, ସୁବ୍ରତ କର, ଭଗବାନ ସାହୁ, ଆଦିତ୍ୟ ପଣ୍ଡା, ବିଷ୍ଣୁ ଚରଣ ପତି, ଦିଲ୍ଲିପ କୁମାର ସେଠୀ, ସରୋଜ କୁମାର ସାହୁ, ଅମୁଲ୍ୟ କୁମାର ଦାସ,ଅମିତ ସାହୁ,ପୁରସ୍ତମ ବେହେରା, ଶରତ ଚନ୍ଦ୍ର ପତି, ମନୋରଂଜନ ସାହାଣୀ ପ୍ରମୁଖ ସହଯୋଗ କରିଥିଲେ । ପବିତ୍ର ରଜସଂକ୍ରାନ୍ତି ପାଳନ ଅବସରରେ ଖଣ୍ଡିତର ମା' ଘାଟମଙ୍ଗଳାଙ୍କ ସମ୍ମୁଖରେ ପ୍ରାୟ ୬ଦଶନ୍ଧି ଧରି ଆୟୋଜିତ ହେଉଥିବା ଏହି କବାଡି ପ୍ରତିଯୋଗିତାରେ ପ୍ରତିବର୍ଷ ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ କବାଡି ଦଳ ଅଂଶ ଗ୍ରହଣ କରିଥାଆନ୍ତି । ଚଳିତ ବର୍ଷ ଅନୁଷ୍ଠାନ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ରାଜ୍ୟ ବାହାରୁ ଉଭୟ ପୁରୁଷ ଓ ମହିଳା ବିଭାଗରୁ ୩୩ଟି ଦଳ ଅଂଶଗ୍ରହଣ କରିବେ । ରାଜ୍ୟ ବାହାରୁ ପୁରୁଷ ବିଭାଗରେ ଦିଲ୍ଲୀର ଆଦର୍ଶ କ୍ଲବ ଓ ଏସଏସବି, ଗୁଜୁରାଟ, ୟୁ.ପି, ହରିଆନାର ସୋନିପଥ, ସିକନ୍ଦରାବାଦର ଏଓସି, ଲକ୍ଷ୍ନୌର ସ୍ପୋର୍ଟସ ଏକାଡେମୀ, ଫରିଦାବାଦର ୱାଇଏମ୍ସିଏ, ବିଳାସପୁର, ଛତିଶଗଡ, ଏସ୍.ଇ ରେଲୱେ, ଇଷ୍ଟର୍ଣ୍ଣ ରେଲୱେ, ପଶ୍ଚିମବଙ୍ଗର କଲକତା ପୋଲିସ ଓ ପୋଷ୍ଟାଲ କବାଡି ଟିମ୍ ଅଂଶଗ୍ରହଣ କରିବେ । ସେହିପରି ମହିଳା କବାଡିର ରାଜ୍ୟବାହାରୁ ଆସୁଥିବା ଟିମ୍ ଗୁଡିକ ମଧ୍ୟରେ ଛତିଶଗଡର ସାଇ ହଷ୍ଟେଲ, ବିଳାସପୁର, ଏସ୍ଇ ରେଲୱେ ଓ ଚନ୍ଦନ ନଗର ରହିଛନ୍ତି । ରାଜ୍ୟଭିତରୁ ପୁରୁଷ ବିଭାଗର ଟିମ୍ ଗୁଡିକ ମଧ୍ୟରେ କଟକ, ଭୁବନେଶ୍ୱରର କିଶୋର କ୍ଲବ, କିଟ୍, ଆସ୍କା, ପିପିଲି, ସମ୍ବଲପୁର, ଜଗତସିଂହପୁର ଓ ଯାଜପୁର ରହିଛନ୍ତି । ରାଜ୍ୟର ମହିଳା ଟିମ୍ ଗୁଡିକ ମଧରେ ଭୁବନେଶ୍ୱରର କିଶୋର କ୍ଲବ, କଟକ, କିଟ୍, ଆସ୍କା, ଜଗତସିଂହପୁର, ପଟିଆ ଓ ଯାଜପୁର ରହିଛନ୍ତି । ପ୍ରତିଯୋଗିତାର ଉଦ୍ଯାପନୀ ସଭାରେ ପୁରୁଷ ଚମ୍ପିଆନ ଦଳକୁ ୧ଲକ୍ଷ, ରନର୍ସଅପ୍ ଦଳକୁ ୬୦ହଜାର, ୩ୟ ୪ର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୩୦ହଜାର ଟଙ୍କା ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯିବ । ସେହିପରି ମହିଳା ଚମ୍ପିଆନଦଳକୁ ୨୦ହଜାର ରନର୍ସଅପ୍ ଦଳକୁ ୧୨ହଜାର ଏବଂ ୩ୟ ୪ର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୮ହଜାର ଲେଖାଏଁ ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯିବ । ଏହି ଟୁର୍ଣ୍ଣାମେଣ୍ଟ ଜୁନ୍ ୧୩ ସନ୍ଧ୍ୟାରେ ଉଦ୍ଘାଟିତ ହେବ ଏଥିରେ ଜିଲ୍ଲା ଓ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ସହ ସ୍ଥାନୀ ଜନପ୍ରତିନିଧିମାନେ ଅତିଥିଭାବେ ଯୋଗଦେବେ । ଉଦ୍ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡାମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସମ୍ପର୍କରେ ଅନୁଷ୍ଠାନ ପକ୍ଷରୁ ଉକ୍ତ ପ୍ରେସ୍ ମିଟ୍ରେ କୁହାଯାଇଛି ।

### ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ ବରିଷ୍ଠ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର / ଟିଆର୍ଡି/ଖଡଗପୁର-୭୨୧୩୦୧, ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଅପରାହ୍ନ ୧୫.୦୦ଘଣ୍ଟା ମଧରେ ଇ-ଟେଣ୍ଡର୍ସ ଆହ୍ୱାନ କରାଯାଉଛି ଓ ୧୫:୩୦ଘଣ୍ଟା ସମୟରେ ଖୋଲାଯିବ । **(୧) ଟେଣ୍ଡର ନୋଟିସ୍ ନଂ : ଟିଆର୍ଡି-କେଜିପି-ଡବ୍ଲ୍ୟୁ-୨୦୨୩-୨୪-୦୩ ଆର୍ଟି ତାରିଖ-୦୨.୦୬.୨୦୨୩ । କାର୍ଯ୍ୟର ବିବରଣୀ :** ଦକ୍ଷିଣ ପୂର୍ବ ରେଳପଥର ଖଡଗପୁର ଡିଭିଜନ ଅଧିନରେ ଏଲ୍ଓଏଲ୍ର ସିପ୍ଟିଂ ସହିତ ଓଏଚ୍ଇ ମଡିଫିକେସନ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ : ଟ. ୪,୩୨,୯୬,୩୩୨/- ଇଏମ୍ଡି :** ଟ. ୩,୬୬,୫୦୦/- **(୨) ଟେଣ୍ଡର ନୋଟିସ୍ ନଂ : ଟିଆର୍ଡି-କେଜିପି-ଡବ୍ଲ୍ୟୁ-୨୦୨୩-୨୪-୦୪ ଆର୍ଟି ତାରିଖ-୦୨.୦୬.୨୦୨୩ । କାର୍ଯ୍ୟର ବିବରଣୀ :** ଖଡଗପୁର ଡିଭିଜନରେ ୫୦ନମ୍ବର ୧୦କେଭିଏ ଓ ୮ନମ୍ବର ୨୫ କେଜିଏ କାପାସିଟ୍ ପାଇଁ ୨୫କେଭି/୨୦୪୦ଭି ଅକ୍ୟୁଜିଲାରି ଟ୍ରାନ୍ସଫର୍ମରର ଇନ୍ଷ୍ଟାଲେସନ, ଇରେକ୍ସନ, ଟେଷ୍ଟିଂ । **ଟେଣ୍ଡର ମୂଲ୍ୟ : ଟ. ୮୦,୦୨,୪୭୨.୨୨ ଇଏମ୍ଡି :** ଟ. ୧,୧୬,୧୦୦/- । **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ :** ପ୍ରତି ପାଇଁ ନିଲ୍ । **ଓପନିଂ ତାରିଖ :** ୨୯.୦୬.୨୦୨୩ ପ୍ରତି ପାଇଁ । **କାର୍ଯ୍ୟ ସମ୍ପୂର୍ଣ୍ଣର ଅବଧି :** ୧୨ (ବାର), ମାସ ପ୍ରତି ପାଇଁ । **ଦାଖଲର ତାରିଖ :** ୨୯.୦୬.୨୦୨୩ର ଅପରାହ୍ନ ୧୫:୦୦ ସମୟ ପର୍ଯ୍ୟନ୍ତ ପ୍ରତି ପାଇଁ । ଆଗ୍ରହୀ ବିଡର୍ସମାନେ ସମ୍ପୂର୍ଣ୍ଣ ବିବରଣୀ, ଟେଣ୍ଡରର ସ୍ପେସିଫିକେସନ ଓ ସେମାନଙ୍କର ଅନ୍ଲାଇନ୍ ବିଡ୍ସ ଦାଖଲ ପାଇଁ **ୱେବ୍ସାଇଟ୍ : www.ireps.gov.in** ଦେଖିପାରିବେ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ସକୁ ଅନୁମତି ମିଳିବ ନାହିଁ, ଏହି ପ୍ରକାର କୌଣସି ମାନୁଆଲ ଅଫର ପାଇଲେ ତାହା ଗ୍ରହଣଯୋଗ୍ୟ ହେବନାହିଁ । **ଦ୍ରଷ୍ଟବ୍ୟ :** ଆଗ୍ରହୀ ବିଡର୍ସମାନେ ସମସ୍ତ ଟେଣ୍ଡରରେ ଅଂଶ ଗ୍ରହଣ ପାଇଁ ନିୟମିତ www.ireps.gov.in ନିୟମିତ ଦେଖିପାରିବେ ।
(PR-245)



ଅଧିକାଂଶ ଲୋକଙ୍କୁ ପରଟା ଖାଇବାକୁ ଭଲ ଲାଗେ। କିନ୍ତୁ ବିଭିନ୍ନ ସାମଗ୍ରୀରେ ତିଆରି ହୋଇଥିବା ପାଟିକୁ ବହୁତ ସ୍ୱାଦ ଲାଗିଥାଏ। ଆପଣ ମକା ପରଟା ବନେଇ କେବେ ଖାଇଛନ୍ତି। ଏହା ବହୁତ ଟେଷ୍ଟି। ତେଣୁ ଥରେ ଘରେ ମକା ପରଟା ତିଆରି କରନ୍ତୁ। ଏହାକୁ ତିଆରି କରିବା ଆବଶ୍ୟକ ସାମଗ୍ରୀ ହେଲା- ଅଟା, ସିଝା ମକା, କଟା ପିଆଜ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ହେଙ୍ଗୁ, ଲୁଣ ଓ ତେଲ। ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମକାକୁ ଅଳ୍ପ ଲୁଣ ଦେଇ ସିଝାଇ ଦିଅନ୍ତୁ। ଏହାପରେ ଏକ ପାତ୍ରରେ ଅଟା, ଲୁଣ, ସାମାନ୍ୟ ତେଲ ଓ ଆବଶ୍ୟକ ପରିମାଣର ପାଣି ଦେଇ ଏହାକୁ ଭଲ ଭାବେ ଚକଟି ଦିଅନ୍ତୁ। ଚକଟି ସାରିବା ପରେ ଏହାକୁ ଗୋଳା କରି ରଖନ୍ତୁ। ଏବେ ଏକ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜ ପକାନ୍ତୁ। ପିଆଜ ଲାଲ୍ ହୋଇଗଲେ ସେଥିରେ ଲଙ୍କା ଗୁଣ୍ଡ, ହେଙ୍ଗୁ, ଲୁଣ ଓ ସିଝା ମକାକୁ ଭଲ ଭାବେ ଚକଟି ଏଥିରେ ପକାଇ କଷନ୍ତୁ। ମସଲା କଷି ହୋଇଗଲା ପରେ ଅଟା ଗୋଳାକୁ ସାମାନ୍ୟ ଚେପଟା କରି ତା' ମଧ୍ୟରେ ଏହି କଷା ହୋଇଥିବା ମସଲାକୁ ପୂର ଭଳି ଭର୍ତ୍ତି କରି ଚାରିପଟୁ ଚାପି ବନ୍ଦ କରିଦିଅନ୍ତୁ । ଏବେ ଏହାକୁ ପରଟା ବା ରୁଟି ପରି ବେଲି ଦିଅନ୍ତୁ। ଏବେ ତାୱା ଗରମ କରି ସେଥିରେ ତେଲ ଦେବା ପରେ ପରଟାକୁ ସେକନ୍ତୁ। ଦୁଇ ପାଖ ପୂରା ଗୋଲ୍‌ଡେନ୍ କଲର ହୋଇଗଲେ ପରଟା କାଢ଼ି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସୁଆଦିଆ 'ମକା ପରଟା'।

## କାର୍ତ୍ତିକ ଓ କିଆରାଙ୍କ 'ସତ୍ୟ ପ୍ରେମ କି କଥା'ର ଟ୍ରେଲର ରିଲିଜ




କାର୍ତ୍ତିକ ଆର୍ଯ୍ୟନ ଏବଂ କିଆରା ଆଡଭାନୀଙ୍କ 'ସତ୍ୟ ପ୍ରେମ କି କଥା'ର ଟ୍ରେଲର ରିଲିଜ ହୋଇଛି। ଭୁଲ ଭୁଲେୟା ପରେ 'ସତ୍ୟ ପ୍ରେମ କି କଥା' ଚଳଚ୍ଚିତ୍ର ସହ ଏହି ରୋମାଣ୍ଟିକ ଯୋଡିର ଅନସ୍କ୍ରିନ ରୋମାନ୍ସ ପୁଣିଥରେ ବଡ଼ ପରଦାରେ ନଜର ଆସିବ। 'ଶେହଜାଦା' ପରେ ବର୍ତ୍ତମାନ କାର୍ତ୍ତିକ ଆର୍ଯ୍ୟନ ତାଙ୍କର ଏହି ଫିଲ୍ମରୁ ବହୁତ ଆଶା ରଖିଛନ୍ତି। ଅନ୍ୟପକ୍ଷରେ 'ଜୁଗ୍ ଜୁଗ୍ ଜିଓ' ଏବଂ 'ଗୋବିନ୍ଦା ନାମ ମେରା' ଚଳଚ୍ଚିତ୍ର ଫ୍ଲପ୍ ହେବା ପରେ କିଆରା ଏହି ଫିଲ୍ମ ହିଟ୍ ଦେବେ ବୋଲି ଆଶା ରଖିଛନ୍ତି। 'ସତ୍ୟ ପ୍ରେମ କି କଥା'ର ଟିଜର ପୂର୍ବରୁ ରିଲିଜ ହୋଥିବା ବେଳେ ଆଜି ଏହାର ଟ୍ରେଲର ରିଲିଜ ହୋଇଛି। ଏହି ଟ୍ରେଲରଟି ୨.୩୫ ମିନିଟର ରହିଛି । ଏଥିରେ ଉଭୟେ ରୋମାଣ୍ଟିକ୍ ଅନ୍ଦାଜରେ ନଜର ଆସୁଥିବା ବେଳେ ଏଥିରେ ମେଲୋଡ୍ରାମା, କମେଡି ମଧ୍ୟ ଦୃଶ୍ୟ ରହିଛି। ଏହି ଚଳଚ୍ଚିତ୍ରରେ କାର୍ତ୍ତିକ ଆର୍ଯ୍ୟନ ଏକ ଲଭର ବୟ ଅନ୍ଦାଜରେ ନଜର ଆସୁଛନ୍ତି, ଯିଏ କି ପ୍ରକୃତ ପ୍ରେମର ସନ୍ଧାନରେ ରହିଛନ୍ତି। ଟ୍ରେଲରରେ କାର୍ତ୍ତିକ ଆର୍ଯ୍ୟନ ପୁରୁଣା ଶୈଳୀରେ କମେଡି କରୁଛନ୍ତି, ଯାହାକୁ ଆପଣ ତାଙ୍କ ଚଳଚ୍ଚିତ୍ର ପ୍ୟାର କା ପଞ୍ଚନାମା, ସୋନୁ କେ ଟିଟୁ କି ସ୍ୱିଟି, ଲୁକା ଛୁପି ଏବଂ ଭୁଲ ଭୁଲେୟା-୨ ରେ ଦେଖିଥିବେ। ସେହିପରି କିଆରା ଏକ ରାଜ ପରିବାରର ଝିଅ ହୋଇଥିବେ। ଉଭୟଙ୍କର ପ୍ରେମ ବିବାହ ହେବ ଏବଂ ପରେ ଦୁହେଁ ଭିନ୍ନ ହୋଇଯିବେ।

## 'ଜଲ୍ଲାଦ'ରୁ କ୍ୟାରିୟର ଆରମ୍ଭ କରିଥିଲେ ରମ୍ଭା



ବଲିଉଡର ସୁନ୍ଦରୀ ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ ହେଉଛନ୍ତି ରମ୍ଭା। ସେ ଅନେକ ବଲିଉଡ ଚଳଚ୍ଚିତ୍ରରେ ଅଭିନୟ କରି ଯାଦୁ ଦେଖାଇଥିଲେ। କିନ୍ତୁ ସଲମାନ ଖାନଙ୍କ ଫିଲ୍ମ 'ଜୁଡଓ୍ୱା'ରୁ ତାଙ୍କୁ ବହୁତ ଭଲ ପାଇଥିଲେ ପ୍ରଶଂସକ। ଆମେ ସେହି ରମ୍ଭାଙ୍କ ଜୀବନୀ ବିଷୟରେ ଆପଣଙ୍କୁ ଜଣାଇଦେବୁ। ରମ୍ଭା ୫ ଜୁନ୍ ୧୯୭୬ରେ ଆନ୍ଧ୍ରପ୍ରଦେଶର ବିଜୟୱାଡାଠାରେ ଜନ୍ମଗ୍ରହଣ କରିଥିଲେ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଅଭିନେତ୍ରୀଙ୍କ ପ୍ରକୃତ ନାମ ରମ୍ଭା ନୁହେଁ । ବାସ୍ତବରେ, ତାଙ୍କର ପ୍ରକୃତ ନାମ ହେଉଛି ବିଜୟଲକ୍ଷ୍ମୀ । ସେ ୧୯୯୨ରେ ଫିଲ୍ମ ଦୁନିଆରେ ଡେବ୍ୟୁ କରିଥିଲେ। ତାଙ୍କ କ୍ୟାରିଅରରେ ୧୦୦ ରୁ ଅଧିକ ସାଉଥ୍ ଫିଲ୍ମ ଏବଂ ୧୭ ଟି ବଲିଉଡ ଚଳଚ୍ଚିତ୍ରରେ କାମ କରିଛନ୍ତି। ବର୍ତ୍ତମାନ ରାମବା ଗ୍ଲାମର ଦୁନିଆରୁ ନିଜକୁ ଦୂରେଇ ରଖିଛନ୍ତି । ଆଉ ଗୋଟିଏ କଥା ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ ସେ ସିନେ ଜଗତରେ ଖୁବ୍ କମ୍ ବର୍ଷ ବୟସରେ ପାଦ ଦେଇଥିଲେ। ରମ୍ଭାଙ୍କୁ ଯେତେବେଳେ ୧୬ ବର୍ଷ ହୋଇଥିଲା ତାଙ୍କ ପ୍ରଥମ ଫିଲ୍ମ ରିଲିଜ ହୋଇଥିଲା। ରମ୍ଭାଙ୍କର ପ୍ରଥମ ଫିଲ୍ମ ଥିଲା 'ଜଲ୍ଲାଦ'। ସେ ୧୯୯୫ ରେ ବଲିଉଡ ଫିଲ୍ମ ଫିଲ୍ମ 'ଜଲ୍ଲାଦ'ରେ ପ୍ରଥମେ ଏଣ୍ଟ୍ରି କରଥିଲେ। ଏହା ସହ 'ଦାନବୀର', 'ଜଙ୍ଗ', 'କହର','ଜୁଡଓ୍ୱା', 'ସଜନା', 'ଘରଓ୍ୱାଲୀ ବାହାରଓ୍ୱାଲୀ', 'ବୃନ୍ଦାବନ', 'ମେଁ ତେରେ ପ୍ୟାର୍ ମେ ପାଗଲ୍', 'କ୍ରୋଧ', 'ବେଟି ନମ୍ବର ଓ୍ୱାନ୍', 'ଦିଲ୍ ହି ଦିଲ୍ ମେଁ', 'ପ୍ୟାର୍ ଦେଓ୍ୱିନା ହୋତା ହେ' ସହିତ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ସଲମାନଙ୍କ ବ୍ୟତୀତ ରମ୍ଭା ରଜନୀକାନ୍ତ, ଗୋବିନ୍ଦା, ଅକ୍ଷୟ କୁମାର, ଅଜୟ ଦେବଗନ୍, ମିଥୁନ ଚକ୍ରବର୍ତ୍ତୀଙ୍କ ପରି ଭେଟେରାନ୍ ଅଭିନେତାମାନଙ୍କ ସହ ମଧ୍ୟ କାମ କରିଥିଲେ। ତାଙ୍କୁ ଶେଷ ଥର ପାଇଁ ୨୦୧୧ ମସିହାରେ ମାଲାୟାଲମ୍ ଚଳଚ୍ଚିତ୍ର 'ଫିଲ୍ମଷ୍ଟାର୍'ରେ ଦେଖିବାକୁ ମିଳିଥିଲା। ରାମ୍ଭା କାନାଡାରେ ରହୁଛନ୍ତି। ଉଲ୍ଲେଖନୀୟ କଥା ହେଉଛି, ରମ୍ଭା ଚଳଚ୍ଚିତ୍ରଠାରୁ ଦୂରରେ ରହିବା ପରେ ତିରୁମାଲାରେ ୮ ଏପ୍ରିଲ ୨୦୧୦ ରେ ବ୍ୟବସାୟୀ ଇନ୍ଦ୍ର କୁମାର ପଦ୍ମନାଥନଙ୍କୁ ବିବାହ କରିଥିଲେ । ବର୍ତ୍ତମାନ ରମ୍ଭା ତାଙ୍କ ସ୍ୱାମୀ ଏବଂ ତିନି ପିଲାଙ୍କ ସହ କାନାଡାରେ ରହୁଛନ୍ତି।

## ଭିକିଙ୍କ 'ଜରା ହଟ୍‌କେ ଜରା ବଚ୍‌କେ' ଦେଖିବା ପାଇଁ କ୍ୟାଟ୍ରିନାଙ୍କ ନିବେଦନ






ଭିକି କୌଶଳ ଏବଂ ସାରା ଅଲି ଖାନଙ୍କ ଫିଲ୍ମ 'ଜରା ହଟ୍‌କେ ଜରା ବଚ୍‌କେ' ଶୁକ୍ରବାର ଦିନ ବକ୍ସଅଫିସରେ ରିଲିଜ ହୋଇଛି। ଫିଲ୍ମ ପ୍ରଥମ ଦିନରେ ୫.୪୯ କୋଟି ଟଙ୍କା ରୋଜଗାର କରିଛି । ଭିକି ପ୍ରମୋସନ ଶେଷ କରିବା ପରେ ମୁମ୍ବାଇରେ ପହଞ୍ଚିଛନ୍ତି । ଭିକିଙ୍କ ପତ୍ନୀ ତଥା ଚଳଚ୍ଚିତ୍ର ଅଭିନେତ୍ରୀ କ୍ୟାଟ୍ରିନା କୈଫ ନିଜ ଇନଷ୍ଟାଗ୍ରାମରେ 'ଜରା ହଟକେ ଜରା ବଚ୍‌କେ'ର ପୋଷ୍ଟର ସେୟାର କରି ଲୋକଙ୍କୁ ଫିଲ୍ମ ଦେଖିବା ପାଇଁ ଦର୍ଶକଙ୍କୁ ନିବେଦନ କରିଛନ୍ତି। କ୍ୟାଟ୍ରିନା ଲେଖିଛନ୍ତି ଯେ ଏହି ଚଳଚ୍ଚିତ୍ରଟି ବହୁତ ଭଲ ହୋଇଛି, ଆପଣମାନେ ଦେଖିଲେ ନିଶ୍ଚୟ ଜାଣିପାରିବେ। କ୍ୟାଟ୍ରିନା ଏତେ ଭାବବିହ୍ୱଳ ହୋଇଯାଇଛନ୍ତି ଯେ ସେ ପୋଷ୍ଟର ସେୟାର ସହ ଏକ ଗୀତ ଲେଖିଛନ୍ତି ' ତୁ ହେ ତ ମୁଝେ ଫିର ଔର୍ କାୟା ଚାହିହେ' ଚୁମ୍ବନର ଇମୋଜି ମଧ୍ୟ ସେୟାର କରିଛନ୍ତି। କହିବାକୁ ଗଲେ ଭିକି ଏବଂ କ୍ୟାଟ୍ରିନା ୯ ଡିସେମ୍ବର ୨୦୨୧ ରେ ରାଜସ୍ଥାନରେ ବିବାହ କରିଥିଲେ। ଏହି ବିବାହରେ କେବଳ ତାଙ୍କର ଘନିଷ୍ଠ ବନ୍ଧୁ ଏବଂ ପରିବାର ସଦସ୍ୟ ଜଡିତ ଥିଲେ। ଫିଲ୍ମ ଇଣ୍ଡଷ୍ଟ୍ରିର ବହୁତ କମ୍ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଉଭୟ ବିବାହ ପୂର୍ବରୁ କିଛି ଦିନ ପାଇଁ ରିଲେସନ୍‌ସିପ୍‌ରେ ଥିଲେ। ଏହି ଖବରକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହୋଇଥିଲା। ସେମାନେ ତାଙ୍କ ରିଲେସନକୁ ଅଫିସିଆଲ କରିନଥିଲେ।

## ଚିରନିଦ୍ରାରେ 'ମହାଭାରତ'ର ଶକୁନି ମାମା



ଚିରନିଦ୍ରାରେ ଲୋକପ୍ରିୟ ଭେଟେରାନ ଅଭିନେତା ସରବ୍‌ଜୀତ୍ ଗୁଫୀ ପେଣ୍ଟାଲ୍। ବାର୍ଦ୍ଧକ୍ୟଜନିତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ଏହି ୭୯ ବର୍ଷୀୟ ଅଭିନେତାଙ୍କର ମୃତ୍ୟୁ ଘଟିଛି । ସୋମବାର ସକାଳ ପ୍ରାୟ ୯ଟା ବେଳେ ଡାକ୍ତରଖାନାରେ ତାଙ୍କର ଦେହାନ୍ତ ହୋଇଛି। ସେ ମହାଭାରତରେ 'ଶକୁନି ମାମା'ର ଭୂମିକାରେ ଅଭିନୟ କରିଥିବା ପ୍ରସିଦ୍ଧିଲାଭ କରିଥିଲେ। ଗୁଫି ପେଣ୍ଟାଲ ଗତ ୧୦ ଦିନ ଧରି ଜୀବନ ଓ ମୃତ୍ୟୁ ପାଇଁ ସଂଗ୍ରାମ କରୁଥିଲେ । ମୁମ୍ବାଇର ଏକ ଡାକ୍ତରଖାନାରେ ଆଇସିୟୁରେ ଚିକିତ୍ସିତ ହେଉଥିଲେ। ତେବେ ଦୁଇ ଦିନ ହେବ ତାଙ୍କ ସ୍ୱାସ୍ଥ୍ୟରେ ଅନେକ ଉନ୍ନତି ଦେଖିବାକୁ ମିଳିଥିଲା । ଏଭଳି ପରିସ୍ଥିତିରେ ତାଙ୍କ ପରିବାର ସଦସ୍ୟ ଆଶା କରିଥିଲେ ଯେ ସେ ସୁସ୍ଥ ହେବା ପରେ ଘରକୁ ଯିବେ। କିନ୍ତୁ ସେ ଜୀବନର ଯୁଦ୍ଧରେ ହାରିଗଲେ । ତାଙ୍କର ଶେଷ ରୀତିନୀତି ଅପରାହ୍ନ ୪ଟା ସମୟରେ ଅନ୍ତିମ ସଂସ୍କାର କରାଯିବ। କହିବାକୁ ଗଲେ ଅଭିନେତ୍ରୀ ଟିନା ଘାଇ ପ୍ରଥମେ ଗୁଫିଙ୍କ ସ୍ୱାସ୍ଥ୍ୟ ବିଷୟରେ ଏକ ଅପଡେଟ୍ ଦେଇଥିଲେ । ଟିନା ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ ଗୁଫି ଜି ଅସୁବିଧାରେ ଅଛନ୍ତି, ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରନ୍ତୁ ... "ଏହା ପରେ ସୋସିଆଲ ମିଡିଆରେ ତାଙ୍କ ପାଇଁ ପ୍ରାର୍ଥନା ଆରମ୍ଭ ହୋଇଥିଲା। ଗୁଫୀ ଉଭୟ ଟେଲିଭିଜନ ଧାରାବାହିକ ଓ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। 'ବାହାଦୁର ଶାହ ଜାଫର', 'ମହାଭାରତ', 'କାନୁନ୍', 'ଓଁ ନମଃ ଶିବାୟ', 'ସିଆଇଡି', 'ସସ୍ କୋଇ ହେ', 'ଦ୍ୱାରକାଧୀଶ ଭଗବାନ ଶ୍ରୀକୃଷ୍ଣ', 'ରାଧାକୃଷ୍ଣ' ଏବଂ 'ଜୟ କନିୟା ଲାଲ୍ କି' ଆଦି ଅନେକ ଟେଲିଭିଜନ ଧାରାବାହିକରେ ସେ ଅଭିନୟ କରିଛନ୍ତି। ୧୯୭୫ ମସିହାରେ ହିନ୍ଦୀ ଚଳଚ୍ଚିତ୍ର 'ରଫୁ ଚକ୍କର'ରେ ନଜର ଆସିଥିଲେ। ଏହାପରେ 'ଦିଲ୍ଲଗି', 'ଦେଶ ପରଦେଶ' ଏବଂ 'ସୁହାଗ' ଆଦି ଚଳଚ୍ଚିତ୍ରରେ ସେ ଅଭିନୟ କଲେ।






Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

# ରାଜ୍ୟ ଖବର



କଣାସ (ଭାସ୍କର ନ୍ୟୁଜ୍) : କଣାସ ବ୍ଲକ ଅର୍ନ୍ତଗତ ସିରେଇ ଗ୍ରାମପଞ୍ଚାୟତର ତିପୁରୀ ଗ୍ରାମରେ ପ୍ରତିଷ୍ଠିତ ସ୍ୱଚ୍ଛାସେବୀ ଅନୁଷ୍ଠାନ ପିଲ୍ଲୀ ସଂସ୍କୃତି କଳାପରିଷଦ ଓ କଣାସ ଠାରେ ପ୍ରତିଷ୍ଠି ପିଏସ୍ କ୍ୟାରିୟର ଆନୁକ୍ୟଲ୍ୟରେ ଜନମଙ୍ଗଳ କ୍ଲବ ସହାୟତାରେ ଆଜି ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଜନସଚେତନତା ପାଇଁ ପିଏସ୍ କ୍ୟାରିୟର ଛାତ୍ରଛାତ୍ରୀମାନେ ପରିବେଶର ସୁରକ୍ଷା ଲାଗି ବିଭିନ୍ନ ପରିବେଶ ସଂମ୍ପର୍କିତ ଲେଖା ଥିବା ପ୍ଲାୟକାର୍ଡ ଧରି ପରିବେଶକୁ ସୁରକ୍ଷା ଦେବାପାଇଁ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ବାଲିଘାଇଛକ, କଣାସ ବଜାର, କଣାସ ବସ୍ଷ୍ଟାଣ୍ଡ, ଗୋଲାବଜାର ଦେଇ ଦୋକନ୍ଦା ମେଳନ ପଡିଆରେ ପହଞ୍ଚିଥିଲେ । ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୧୫୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏହି ଶୋଭାଯାତ୍ରରେ ସାମିଲି ହୋଇଥିଲେ। ଜନମଙ୍ଗଳ କ୍ଲବର ସୁକାନ୍ତ କିଶୋର ସାମନ୍ତରାୟ, ପଲ୍ଲିସଂସ୍କୃତି କଳାପରିଷର ସଂପାଦକ ଅପର୍ତ୍ତି ମହାପାତ୍ରକ, ଅଗ୍ନିସେବା କେନ୍ଦ୍ରର ମହେଶ୍ୱର ପରିଡା, ପିଏସ୍ କ୍ୟାରିୟର ମୁଖ୍ୟ ଶୁଭାସିଶୀ ପହା'ସିଂହ ଏହି କାର୍ଯ୍ୟକ୍ରମକୁ ପରିଚ୍ଳନା କରିଥିଲେ।



## ଗୁରୁଜାଙ୍ଗୁଲି ପଞ୍ଚାୟତବାସୀଙ୍କ ପକ୍ଷରୁ ପାଣି ଯୋଗାଣର ସୁବ୍ୟବସ୍ଥା ପାଇଁ ଦାବିପତ୍ର ପ୍ରଦାନ



ତାଳଚେର, (ଭାସ୍କର ନ୍ୟୁଜ୍) : ତାଳଚେର ବ୍ଲକ ଅନ୍ତର୍ଗତ ଗୁରୁଜାଙ୍ଗୁଲି ଗ୍ରାମପଂଚାୟତର ବିଭିନ୍ନ ଗ୍ରାମର ସାହିଗୁଡ଼ିକରେ ଉକ୍ଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଏହାର ସମାଧାନ ନିମନ୍ତେ ତାଳଚେର ବ୍ଲକର ପୂର୍ବତନ ଅଧ୍ୟକ୍ଷ ବୃନ୍ଦାବନ ବେହେରାଙ୍କ ନେତୃତ୍ୱରେ ପଂଚାୟତବାସୀ ଆଜି ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଲିଖିତ ଦାବୀପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ଅନୁସାରେ ଉକ୍ତ ଗ୍ରାମପଂଚାୟତ ଅଧିନସ୍ଥ ଗୁରୁଜାଙ୍ଗୁଲି ଗ୍ରାମର ବେହେରା ସାହି ସମେତ ଗୁରୁଜାଙ୍ଗୁଲି, ଗୋଛାୟତ ସାହି, ବ୍ରାହ୍ମଣ ସାହି, ଚଷା ସାହି, ଖୋଲୁଆ ଗ୍ରାମର ଗୋଛାୟତ ସାହି, ଜଗନ୍ନାଥପୁରର ଥର୍ମାଲ ହାଟ ନିକଟ ଦିଘି ନାଏକ ସାହିରେ ପାନୀୟ ଜଳ ସମସ୍ୟା ତୀବ୍ରତର ହୋଇଛି। ଏଠାରେ ବହୁ ଜନସାଧାରଣ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଛନ୍ତି । ଗୁରୁଜାଙ୍ଗୁଲି ପଂଚାୟତରେ ପ୍ରାୟ ୫୦୦୦ ହଜାର ଲୋକ ବସବାସ କରୁଥିବା ବେଳେ ବେହେରା ସାହିରେ ୫ଶହ ଲୋକ ବାସ କରୁଛନ୍ତି। ଉକ୍ତ ସାହିକୁ ସରକାରଙ୍କ ତରଫରୁ ଦୀର୍ଘ ୩୦ ବର୍ଷ ହେଲାଣି ପାଣି ପାଇପ ବିଛାଇ ଦିଆଯାଇଛି । କିନ୍ତୁ ବଡ ଦୁଃଖର ବିଷୟ ଯେଉଁ ପାଣି ପାଇପ ଲାଇନ ସଂଯୋଗ ହୋଇଛି ସେହି ପାଇପଗୁଡ଼ିକରେ ଆଦୌ ପାଣି ଆସୁନାହିଁ । ଯାହାଦ୍ୱାରା ସାହିର ଲୋକମାନେ ଜଳ ସଂଗ୍ରହ କରିବାରେ ବହୁତ ଅଭାବ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଲୋକେ ବାଧ ହୋଇ ଗ୍ରାମରେ ଥିବା ପୋଖରୀ ଓ କୂଅରୁ ଦୂଷିତ ପାଣି ନେଇ ବ୍ୟବହାର କରୁଛନ୍ତି । ଉକ୍ତ ପାଣି ବ୍ୟବହାର କରିବା ଦ୍ୱାରା ସେମାନେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି । ଲୋକଙ୍କ ଅଭିଯୋଗ ଅନୁସାରେ ସାହିଗୁଡ଼ିକୁ ଯେଉଁ ପାଇପ ଲାଇନ ବିଛାଯାଇଛି ସେହି ପାଇପ ଲାଇନରେ ଆଦୌ ପାଣି ଆସୁନାହିଁ ଯେତିକି ପାଣି ଆସୁଛି କିଏ ପାଉଛି ତ କିଏ ପାଉନାହିଁ । ବର୍ତ୍ତମାନ ଗ୍ରୀଷ୍ମଋତୁ ଚାଲୁଥିବାରୁ ଜଳର ଘୋର ଅଭାବ ରହିଛି । ଏଣୁ ପାଇପ ଲାଇନ ଗୁଡିକରେ କାହିଁକି ପାଣି ଆସୁନାହିଁ ତାହାର ତଦନ୍ତ କରାଯାଉ । ଏଣୁ ଜନଶୁଣାଣି ଶିବିରରେ ସ୍ଥାନୀୟ ଲୋକଙ୍କ ତରଫରୁ ପ୍ରଦତ ଦରଖାସ୍ତଟିକୁ ବିଭାଗୀୟ କର୍ତ୍ତୃପକ୍ଷ ବିଚାରକୁ ନେଇ ଉପଯୁକ୍ତ ତଦନ୍ତ କରି ଜଳ ସମସ୍ୟା ରହିଥିବା ସାହିଗୁଡ଼ିକୁ ପାଇପ ଯୋଗେ ପିଇବା ପାଣିର ସୁବ୍ୟବସ୍ଥା କରିବାକୁ ନିବେଦନ କରାଯାଇଛି । ଆଜିର ଏହି ଦାବୀପତ୍ର ପ୍ରଦାନ ସମୟରେ ତାଳଚେର ବ୍ଲକର ପୂର୍ବତନ ଅଧ୍ୟକ୍ଷ ବୃନ୍ଦାବନ ବେହେରାଙ୍କ ସମେତ ସଞ୍ଜୟ ବେହେରା, ଫକୀର ସାହୁ, ଅଙ୍କିତ ବେହେରା, ଅସିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ସୂଚନା ଅଧିକାର ଉଲଂଘନ ପ୍ରସଙ୍ଗ

## କମିଶନଙ୍କ ନିକଟରେ ଫେରାଦ ହେଲୋ ସ୍ୱେଚ୍ଛାସେବୀ ସଂଗଠନ

କଟକ,(ଭାସ୍କର ନ୍ୟୁଜ୍): ସୂଚନା ଅଧିକାର ଆଇନ ଉଲଂଘନ ପ୍ରସଙ୍ଗରେ ସ୍ୱେଚ୍ଛାସେବୀ ସଂଗଠନ ଆମ୍ବେଦକର ସ୍ମୃତି ପରିଷଦ କମିଶନଙ୍କ ନିକଟରେ ଫେରାଦ ହୋଇଛି । ଆମ୍ବେଦକର ସ୍ମୃତି ପରିଷଦର ସଭାପତି ସୁକାନ୍ତ ସେଠୀ ଏ ସମ୍ପର୍କରେ କମିଶନଙ୍କ ନିକଟରେ ପ୍ରକାଶ କରିଛନ୍ତି ଯେ ଫାଷ୍ଟ ଅପିଲ୍ କେସ୍ ନମ୍ବର ୧୮/୨୦୨୩ ସି.ଏମ୍.ସି ଚିଠି ନଂ- ୫୦୩୫, ମେମୋ ନଂ- ୫୦୩୬/ ୨୩.୦୫.୨୦୨୩ ଅର୍ଡରରେ ପ୍ରକାଶ ପାଇଥିବା ତଥ୍ୟ ସମ୍ପୂର୍ଣ୍ଣ କଳ୍ପକଳ୍ପିତ ଅଟେ । ମାମଲା ସଂଖ୍ୟା ୧୮ ଶୁଣାଣି ଦିନ ସେଲ ପି.ଆଇ.ଓ ତ୍ରିଶୁଳ ମାରାଡି, ବସ୍ତି ଉନ୍ନୟନ୍ନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥିଙ୍କ ପ୍ରତିନିଧି ବିନୟ କୁମାର ସିହ୍ନା ଏବଂ ସୁକାନ୍ତ ସେଠୀଙ୍କ ଉପସ୍ଥିତିରେ ମଗାଯାଇଥିବା ତଥ୍ୟ ସଂପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ ମୌଖିକଭାବେ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଅମୃତ ସରକାର ଅନୁମତି ଦେଇଥିବାବେଳେ ଅର୍ଡରରେ କିନ୍ତୁ ତାହା ସଂମ୍ପୂର୍ଣ୍ଣ ପରିବର୍ତନ କରାଯାଇଛି । ଏହା ବିରୁଦ୍ଧରେ ଗୁରୁତର ଅଭିଯୋଗ କରାଯାଇ ପ୍ରଥମ ଅପିଲଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରିଛନ୍ତି। ଯଦି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାନଯାଏ ତେବେ ପରିଷଦ ପକ୍ଷରୁ ଆଇନର ଆଶ୍ରୟ ନିଆଯିବ ବୋଲି କୁହାଯାଇଛି।

## ଇମର୍ତୀ ଦେବୀ ଛାତ୍ରୀଙ୍କ ରକ୍ତଦାନ

କଟକ, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ବାହାନାଗା ରେଳ ଦୁର୍ଘଟଣାରେ ପୀଡ଼ିତଙ୍କୁ ସେବା ଯୋଗାଇ ଦେବାକୁ ନୟାସଡ଼କସ୍ଥ ଇମର୍ତୀଦେବୀ ମହିଳା ମହାବିଦ୍ୟାଳୟର ଏନ୍.ଏସ୍.ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଛନ୍ଦା ପଳାଇଙ୍କ ନେତୃତ୍ୱରେ ଏସ୍.ସି.ବି ରକ୍ତଭଣ୍ଡାରରେ ଛାତ୍ରୀମାନେ ରକ୍ତଦାନ କରିଛନ୍ତି । ଏହି ଅବସରରେ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆହତମାନଙ୍କୁ ଶୁଖିଲା ଖାଦ୍ୟ, ପାଣି ବୋତଲ, ଓ.ଆର୍.ଏସ୍ ଆଦି ପ୍ରଦାନ କରାଯାଇଥିଲା । ରକ୍ତଦାନ କରିଥିବା ଛାତ୍ରୀମାନଙ୍କୁ କଲେଜ ପରିଚାଳନା କମିଟି ପକ୍ଷରୁ ସାଧୁବାଦ୍ ଦିଆଯାଇଛି ।

## ଜନ ଶିକ୍ଷଣ ସଂସ୍ଥାନ ଓ ରେସଓ୍ୱା ସହଭାଗିତାରେ ବିଶ୍ୱ ପରିବେଶ ଦିବସ




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍) : ମିଳିତ ଜାତିସଙ୍ଘର ସାଧାରଣ ସଭାରେ ଗୃହିତ ପ୍ରସ୍ତାବ ଅନୁଯାୟୀ ୧୯୭୨ମସିହାରେ ବିଶ୍ୱ ପରିବେଶ ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରିବେଶ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ତଥା ସେହି କାର୍ଯ୍ୟକୁ ଉତ୍ସାହିତ କରିବା ଏହାର ମୁଖ୍ୟ ଉଦେଶ୍ୟ ରହିଥିଲା। ପ୍ରତିବର୍ଷ ଜୁନମାସ ୫ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଉଛି। ଏହା ପ୍ରକୃତି ଓ ପରିବେଶର ସନ୍ତୁଳନ ରକ୍ଷା କରିବା ପାଇଁ ପାଳନ କରାଯାଇଥାଏ ଏବଂ ଏହା ମଧ୍ୟ ବିଶ୍ୱ ଜନସଂଖ୍ୟାକୁ ଏକ ବାର୍ତ୍ତା ଦେଇଥାଏ ଯେ ପ୍ରକୃତିର ମୂଲ୍ୟବୋଧ ଏବଂ ଏହାର ସୁରକ୍ଷା କରାଯିବା ଜରୁରୀ ଅଟେ। ମିଳିତ ଜାତିସଙ୍ଘର ପରିବେଶ କାର୍ଯ୍ୟକ୍ରମ ଦ୍ୱାରା ପରିଚାଳିତ ଏବଂ ୧୯୭୩ମସିହାରୁ ପ୍ରତିବର୍ଷ ଜୁନମାସ ୫ତାରିଖରେ ଆୟୋଜିତ ହେଉଥିବା ବିଶ୍ୱ ପରିବେଶ ଦିବସ ହେଉଛି ପରିବେଶ ସୁରକ୍ଷା ନିମନ୍ତେ ଜନସାଧାରଣଙ୍କ ପାଇଁ ସର୍ବ ବୃହତ ବିଶ୍ୱ ପ୍ଲାଟଫର୍ମ। ଏହାକୁ ବିଶ୍ୱର ଲକ୍ଷ ଲକ୍ଷ ଲୋକ ପାଳନ କରିଥାନ୍ତି। ଚଳିତବର୍ଷ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଜନ ଶିକ୍ଷଣ ସଂସ୍ଥାନ, କେନ୍ଦ୍ରାପଡା ପକ୍ଷରୁ ଗରାପୁରସ୍ଥିତ 'ରେସଓ୍ୱା' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିସରରେ ପରିବେଶ ସୁରକ୍ଷାକୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଶିଶୁ ମଙ୍ଗଳ ସମିତି ଅଧକ୍ଷା ସ୍ୱାଗତିକା ପାତ୍ର, ମୁଖ୍ୟବକ୍ତା ଭାବେ ଜନ ଶିକ୍ଷଣ ସଂସ୍ଥାନ, କେନ୍ଦ୍ରାପଡାର ନିର୍ଦ୍ଦେଶକ ଆଶିଷରଞ୍ଜନ ସାହୁ, ସମ୍ମାନୀୟ ଅତିଥି ଭାବେ ଜନ ଶିକ୍ଷଣ ସଂସ୍ଥାନର ପରିଚାଳକ ସ୍ମିତିରଞ୍ଜନ ବିଶ୍ୱାଳ, ରେସଓ୍ୱାର ନିର୍ଦ୍ଦେଶକ ସେକ ଲିୟାକତ ହୋସେନ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଏବଂ ପରିବେଶକୁ ପ୍ରଦ୍ୟୁଷଣ ମୁକ୍ତ କରିବା ପାଇଁ ମତବ୍ୟକ୍ତ କରିଥିଲେ। ରେସଓ୍ୱା ଶିଶୁ ଯତ୍ନ ଅନୁଷ୍ଠାନର ଅଧକ୍ଷ ଅମିତରଞ୍ଜନ ସାହୁ ସଭା ପରିଚାଳନା କରିଥିବା ବେଳେ ସ୍ୱାଧାର ଗୃହର ପରିଚାଳିକା ମିନତୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ନିଶୁଳ୍କ ଝୋଟ ସାମଗ୍ରୀ ତାଲିମରେ କୃତକାର୍ଯ୍ୟ ହୋଇଥିବା ରେସଓ୍ୱା ସ୍ୱାଧାରଗୃହର ଅନ୍ତେବାସୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିସହିତ ଅତିଥିମାନେ ରେସଓ୍ୱା ପରିସରରେ ବିଭିନ୍ନ ବୃକ୍ଷର ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେସଓ୍ୱାର କାଉନସିଲର ଗାୟତ୍ରୀ ଦଳାଇ, ଅନିତା ସାମଲ, ଜୟନ୍ତୀ ସୁତାରଙ୍କ ସମେତ ଜନ ଶିକ୍ଷଣ ସଂସ୍ଥାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## କଟକରେ ରଥଯାତ୍ରା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



କଟକ,(ଭାସ୍କର ନ୍ୟୁଜ୍): କଟକରେ ଚଳିତ ବର୍ଷ ରଥଯାତ୍ରା -୨୦୨୩ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ରଥଯାତ୍ରାକୁ ସରସ ,ସୁନ୍ଦର ଓ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ବୈଠକରେ ମତପ୍ରକାଶ ପାଇଥିଲା । କଟକ ସହରର ହରିପୂର-ଦୋଳମୁଣ୍ଡାଇ, ଚାନ୍ଦିନୀଚୌକ ଓ ରାଣୀହାଟ ସ୍ଥିତ ଜଗନ୍ନାଥ ମନ୍ଦିରରେ ପରମ୍ପରା ଅନୁଯାୟୀ ଶ୍ରୀଜୀଉମାନଙ୍କ ରଥଯାତ୍ରା ଅନୁଷ୍ଠିତ ହେବ । ଚଳିତବର୍ଷ ରଥଯାତ୍ରାରେ ସଂଖ୍ୟାଧିକ ଜଗନ୍ନାଥ ପ୍ରେମୀଙ୍କ ଯୋଗଦାନକୁ ଦୃଷ୍ଟିରେ ରଖି ସମସ୍ତ ଆନୁସଙ୍ଗିକ ପ୍ରସ୍ତୁତି କରିବା ସହ ଉପଯୁକ୍ତ ସମନ୍ୱୟ ରକ୍ଷାକରିବା ନିମନ୍ତେ କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଭବାନୀ ଶଙ୍କର ଚୟନୀ ଗୁରୁତ୍ୱାରୋପ କରିଛନ୍ତି । ରଥ ନିର୍ମାଣ, ନୀତି ନିର୍ଘଂଟ ପ୍ରସ୍ତୁତି, ରାସ୍ତାଘାଟର ମରାମତି,ପର୍ଯ୍ୟାପ୍ତ ପାନୀୟଜଳ ଯୋଗାଣ, ନୀରବଚ୍ଛିନ୍ନ ବିଦ୍ୟୁତସେବା, ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କୁ ପ୍ରଚଣ୍ଡ ତାତିରୁ ରକ୍ଷାକରିବା ନିମନ୍ତେ ଅଗ୍ନିଶମ ବିଭାଗ ଦ୍ୱାରା ଜଳସିଂଚନ, ଆଶୁ ଚିକିତ୍ସା ସେବା ଓ ରଥ ନିକଟରେ ଆମ୍ବୁଲାନ୍ସ ମୁତୟନ,କେବୁଲ ତାର ଅପସାରଣ, ରଥଯାତ୍ରା ସମୟରେ ସହରରେ ଦିବାରାତ୍ର ପରିମଳ ବ୍ୟବସ୍ଥା,ନାଳନର୍ଦ୍ଦମା ଗୁଡିକର ସଫେଇ ଓ ଜଳନିଷ୍କାସନ ,ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ରକ୍ଷା,ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ବ୍ୟବସ୍ଥା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ବୈଠକରେ ଯୋଗଦେଇ କଟକ ମହାନଗର ପୂଜା କମିଟିର ସାଧାରଣ ସଂପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ କହିଲେ ଯେ, ରଥଯାତ୍ରା ସମ୍ବନ୍ଧିତ ସମସ୍ତ କାର୍ଯ୍ୟକ୍ରମକୁ ସଂପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ ସମନ୍ୱୟ ରକ୍ଷାପୂର୍ବକ ଅନୁପାଳନ କରିବାର ଆବଶ୍ୟକତା ରହିଛି । ନିର୍ଦ୍ଧାରିତ ସମୟ ଅବଧି ପୂର୍ବରୁ ସମସ୍ତ ପକ୍ଷ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଥିଲେ । ରାଜ୍ୟ ନିରାମୟ ଯୋଜନାର ପରାମର୍ଶଦାତା ରନ କୁମାର ବିଶ୍ୱାଳ ବୈଠକରେ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଚଳିତ ବର୍ଷ ରଥଯାତ୍ରା ସହରରେ ଅନୁଷ୍ଠିତ ହେଉଥିବାରୁ ସମସ୍ତ ପ୍ରାକ ପ୍ରସ୍ତୁତି କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିବା ସହ ସଭାକାର୍ଯ୍ୟ ସଂଯୋଜନା କରିଥିଲେ । ବୈଠକରେ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି, କାର୍ଯ୍ୟକାରୀ ସଭାପତି ଭିକାରି ଦାସ, ହରିପୂର-ଦୋଳମୁଣ୍ଡାଇ ରଥଯାତ୍ରା ପରିଚାଳନା କମିଟିର ସମ୍ପାଦକ ଶ୍ରୀ ଲିଙ୍ଗରାଜ ହାତୀ,ରାଣୀହାଟ ରଥଯାତ୍ରା ପରିଚାଳନା କମିଟିର ସଭାପତି ବିଜୟ କୁମାର ସାହୁ,ଶ୍ରୀ ସନ୍ତୋଷ କୁମାର ରଥ, ସଭାପତି ରଥଯାତ୍ରା ପରିଚାଳନା କମିଟି ପିଠାପୁର, ଅମ୍ବିକା ପ୍ରସାଦ ସାମଲ, ସଭାପତି ଯୋବ୍ରା ରଥଯାତ୍ରା ପରିଚାଳନା କମିଟି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଉପଯୁକ୍ତ ସମନ୍ୱୟ ରକ୍ଷା ଦିଗରେ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲ୍ଲା ମୁଖ୍ୟଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ସତ୍ୟବ୍ରତ ଛୋଟରାୟ, ତେହସିଲଦାର କଟକ ସଦର ମାନସ ରନ ଭୋଇ , ଉପଜିଲ୍ଲାପାଳ କଟକ ସଦର କମଲଜିତ ଦାସ, କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ସତ୍ୟବ୍ରତ ମହାପାତ୍ର, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡିଙ୍କ ସମେତ ବିଭିନ୍ନ ପୂଜାକମିଟିର ସଭ୍ୟ ଓ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ବିଶ୍ୱ ପରିବେଶ ଦିବସ ପାଳିତ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ)÷ନେହେରୁ ଯୁବକେନ୍ଦ୍ର କଟକ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପରିବାର ଆନୁ କୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ନିଶ୍ଚିନ୍ତକୋଇଲି ଗ୍ରାମପଂଚାୟତ ଓଥକା ଗ୍ରାମରେ ଥିବା ପାଠଶାଳା ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ପରିବାରର ସଭାପତି ବଲ୍ଲଭ ଚରଣ ପଲେଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିରୂପେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶାରଦା ପ୍ରସାଦ ମିଶ୍ର, ମୁଖ୍ୟ ବକ୍ତାଭାବେ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରାକ୍ତନ ଅଧିକାରୀ ତଥା ବିଶିଷ୍ଟ ପ୍ରବାଚକ ଶରତଚନ୍ଦ୍ର ମିଶ୍ର,ସମ୍ମାନିତ ଅତିଥିଭାବେ ପାଠଶାଳାର ପରିଚାଳକ ଗୁରୁଚରଣ ବାରିକ ଯୋଗଦାନ କରି ପ୍ଲାଷ୍ଟିକ ଆବର୍ଜନା ମୁକ୍ତ ବିଶ୍ୱ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ପରିବେଶ ଦିନକୁ ଦିନ ଦୃତ ଅବକ୍ଷୟ ଘଟୁଥିବା କାରଣରୁ ପରିବେଶର ସୁରକ୍ଷା ଏକାନ୍ତ ଅପରିହାର୍ଯ୍ୟବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପରିବେଶ ସଂରକ୍ଷଣ ର ଆବଶ୍ୟକତା ଉପରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଶୁଭଶ୍ରୀ ବେହେରା, ପ୍ରକାଶ ଚନ୍ଦ୍ର କାଣ୍ଡି, ଜିଜ୍ଞାସା ପ୍ରିୟଦର୍ଶିନୀ ବାରିକ୍ଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଗ୍ରାମ ପରିକ୍ରମା କରିଥିଲା। ଅତିଥିମାନଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା। ପ୍ରାରମ୍ଭରେ ପରିବାର ସମ୍ପାଦକ ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ଓ ଶେଷରେ କବି ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ବିଷ୍ଣୁଚରଣ ବେହେରା, ଜୟନ୍ତୀ ପରିଡା ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।

## ରେଳ ଦୁର୍ଘଟଣାରେ ଆହତଙ୍କ ପାଇଁ ୨୭ ୟୁନିଟ୍ ରକ୍ତ ସଂଗ୍ରହ




ଗୋପ (ଭାସ୍କର ନ୍ୟୁଜ୍) :ବାଲେଶ୍ୱରରେ ହୋଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ଆହାତ ହୋଇଥିବା ସମସ୍ତ ଯାତ୍ରୀଙ୍କ ପାଇଁ ଏବେ ସବୁଠାରୁ ବଡ ଚ୍ୟାଲେଚ ପାଲଟିଛି ରକ୍ତଭାବ । ଏହି ରକ୍ତଭାବ ଦୂର କରିବା ପାଇଁ ସ୍ୱଇଛାରେ ରକ୍ତଦାନ କରିବାକୁ ଆଗେଇ ଆସୁଛଁି ଯୁବପିଢିମାନେ । ଆହାତମାନଙ୍କ ପାଇଁ ରକ୍ତର ଆବଶ୍ୟକତା ପଡୁଥିବାରୁ ଏବଂ ରକ୍ତ ଭଣ୍ଡାର ଗୁଡିକରେ ରକ୍ତର ଅଭାବ ଦେଖାଦେବାରୁ ଶହଶହ ଯୁବକଯୁବତୀମାନେ ରକ୍ତ ଦାନ କରୁଥିବା ଦେଖିବାକୁ ମିଳିଛି । ଏହି ଆହାତମାନଙ୍କ ଚିକିତ୍ସା ନିମନ୍ତେ ନିମାପଡା ବିଧାୟକ ସମୀର ରଂଜନ ଦାସଙ୍କ ନିର୍ଦ୍ଦେଶକ୍ରମେ କ୍ୟାପିଟାଲ ହସ୍ପିଟାଲ ରକ୍ତଭଣ୍ଡାରରେ ନିମାପଡା-ଗୋପ ନିର୍ବାଚନ ମଣ୍ଡଳୀରୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସ୍ୱେଚ୍ଛାକୃତଭାବେ ୨୭ ୟୁନିଟ ରକ୍ତ ଦାନ କରାଯାଇଛି । ଯୁବପିଢୀମାନଙ୍କ ଏହି ରକ୍ତଦାନକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି ।

## ବିଶ୍ୱ ପରିବେଶ ଦିବସରେ ଚାରାରୋପଣ

ବୋଲଗଡ (ଭାସ୍କର ନ୍ୟୁଜ) : ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ସ୍ଥିତ ଗୋପବନ୍ଧୁ କ୍ଲବର ପଛପଟ ପଡିଆ ଠାରେ ଅଗ୍ରଣୀ ସ୍ୱେଚ୍ଛସେବୀ ସଂଗଠନ ଅମୂଲ୍ୟ ଫାଉଣ୍ଡେସନ ଓ ସଂପୁର ଗ୍ରାମ୍ୟ ଯୁବ ଗୋଷ୍ଠିଙ୍କ ମିଳିତ ଭାବେ ବିଶ୍ୱ ପରିବେଶ ଦିବସ ଅବସରରେ ଚାରା ରୋପଣ ଓ ବୃକ୍ଷ ହିଁ ଜୀବନ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବାଲେଶ୍ୱର ଜିଲ୍ଲାର ବାହାନଗା ଠାରେ ମର୍ମନ୍ତୁତ ଦୁର୍ଘଟଣାରେ ଯାତ୍ରୀ ମାନଙ୍କ ଅକାଳ ବିୟୋଗ ଉଦ୍ଦେଶ୍ୟରେ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅମୂଲ୍ୟ ଫାଉଣ୍ଡେସନର ଅଧକ୍ଷ ତଥା ଆଇନଜ୍ଞୀ ମଧୁସ୍ମିତା ଲେଙ୍କା ଯୋଗ ଦେଇ ବୃକ୍ଷ ହେଉଛି ଜୀବନ ବୃକ୍ଷ ବିନା ସୃଷ୍ଟି ସମ୍ଭବ ପର ନୁହେଁ ତେଣୁ ଜଙ୍ଗଲ ସୁରକ୍ଷା କରିବା ପାଇଁ ମତବ୍ୟକ୍ତ କରି ଥିବା ବେଳେ ସମାଜସେବୀ ନିରଞ୍ଜନ ନାୟକ, ଗ୍ରାମ୍ୟ ଭଦ୍ରବ୍ୟକ୍ତି ରବୀନ୍ଦ୍ର ସାଥୁଆ ଓ ଧନେଶ୍ୱର ସ୍ୱାଇଁ ଯୋଗଦେଇ ବିଶ୍ୱ ପରିବେଶ ଦିବସରେ ସମସ୍ତ ଉପସ୍ଥିତ ଯୁବ ଗୋଷ୍ଠି ମାନଙ୍କୁ ପରିବେଶ ସୁରକ୍ଷା ପାଇଁ ସମସ୍ତେ ଚାରା ରୋପଣ କରିବା ପାଇଁ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସମାଜସେବୀ ହରପ୍ରସାଦ ମହାନ୍ତି, ପ୍ରିୟବ୍ରତ ଦାସ, ପ୍ରଶାନ୍ତ ଜେନା ,ଅଭିନାସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସୂର୍ଯକାନ୍ତ , ଚିକୁ ମହାନ୍ତି , ପବିତ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଲେଙ୍କା , ବିଭୂତି ଭୂଷଣ ଲେଙ୍କା , ଚିନୁ,ଗଣେଶ୍ୱର ସାହୁ ,ଦୀପକ ,ପ୍ରଦୀପ୍ତ କୁମାର ପରିଡ଼ା ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ।

## ରେଳ ଦୁର୍ଘଟଣାରେ ମୃତାହତଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ଡେଲାଙ୍ଗ,(ଭାସ୍କର ନ୍ୟୁଜ୍):ମୁନିନ୍ଦା ପଞ୍ଚାୟତ ଅନ୍ତର୍ଗତ ବରକେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ପଲ୍ଲୀ ମଙ୍ଗଳ ଯୁବକ ସଂଘ ଆନୁକୂଲ୍ୟରେ ବାହାନଗା ଛାତିଥରା ରେଳ ଦୁର୍ଘଟଣାରେ ମୃତାହତଙ୍କ ପାଇଁ ଏକ ସମବେଦନା ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏତଦ୍ ବ୍ୟତୀତ ଶୁକ୍ରବାର କାଳ ରାତ୍ରିରେ ବାଲେଶ୍ୱରର ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶାତାଧିକ ଯାତ୍ରୀ ତଥା ଗତ ମେ ମାସ ୨୪ରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବରକେରାର ପଞ୍ଚମ ଶ୍ରେଣୀ ଛାତ୍ରୀ ଯାଜ୍ଞସେନୀ ପରିଡାଙ୍କ ହୃଦଘାତରେ ଅକାଳ ମୃତ୍ୟୁ ପାଇଁ ମଧ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଏହି ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ଗ୍ରାମର ଆରାଧ ଠାକୁର ଭାଗବତ ବାସୁଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ମୃତ ବ୍ୟକ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।ପରେ ଏହି ରେଳ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କ ଆଶୁ ଆରୋଗ୍ୟ କାମନା ଉଦ୍ଦେଶ୍ୟରେ ଠାକୁରଙ୍କ ନିକଟରେ ସମୂହ ପ୍ରାର୍ଥନା କରାଯାଇଥିଲା ।ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ସେଠୀ,ଅବସରପ୍ରାପ୍ତ ସହକାରୀ ଶିକ୍ଷକ ତଥା ପରିବେଶ କର୍ମୀ ମିଟୁ କିଶୋର ପ୍ରଧାନ,ଶିକ୍ଷାବିତ୍ ଜଟାଧାରୀ ପରିଡ଼ା,ଦୀନବନ୍ଧୁ ପରିଡ଼ା,ସମାଜସେବୀ ପ୍ରଭାସ ଚନ୍ଦ୍ର ପରିଡା,ଶିକ୍ଷୟିତ୍ରୀ ମଞ୍ଜୁଲତା ପ୍ରଧାନ,ଶିକ୍ଷକ ବିରଞ୍ଚି ନାରାୟଣ ବରାଳ,ସୁଧୀର କୁମାର ଜେନା,ପୁରୁଷୋତ୍ତମ ନାୟକ,ବଂଶୀଧର ମହାପାତ୍ର,ୱାର୍ଡ ସଭ୍ୟ ପବିତ୍ର ମୋହନ ପରିଡା, ଚାପ୍ଲିନ ପ୍ରଧାନ,ତପନ ଭୋଇ,ମକରଧ୍ୱଜ ପ୍ରଧାନ,କାଳନ୍ଦୀ ପରିଡ଼ା,ସ୍ୱାଧୀନ ମାହୁନ୍ତ,ଲକି ମାହୁନ୍ତ,ଗ୍ରାମ୍ୟ କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ମାହୁନ୍ତ,ସମ୍ପାଦକ ବିଦ୍ୟାଧର ପ୍ରଧାନ,ୱାର୍ଡ ସଭ୍ୟା ପାର୍ବତୀ ଭୋଇ,ମହିଳା ଗୋଷ୍ଠୀ ସଂଯୋଜିକା ଅନୁସୂୟା ପରିଡ଼ା,ଶାନ୍ତନୁ ପ୍ରଧାନ,ରାଜ ପ୍ରିୟଦର୍ଶୀ ପ୍ରଧାନ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ଦିବଙ୍ଗତ ଆତ୍ମାମାନଙ୍କ ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ବ୍ୟାସନଗରରେ ବିଶ୍ୱ ପରିବେଶ ଦିବସ ପାଳିତ

ବ୍ୟାସନଗର, (ଭାସ୍କର ନ୍ୟୁଜ୍) : 'ପ୍ରକୃତି ବଂଚିଲେ ଆମେ ବଂଚିବା' ବିଶ୍ୱ ପରିବେଶ ଦିବସର ଅନୁଚିି'। ହେଉ ବୋଲି ଆଜି ସୋମବାର ପୂର୍ବାହ୍ନରେ ସ୍ଥାନୀୟ ଚୋରଦା ସ୍ଥିତ ବ୍ୟାସନଗର ବରିଷ୍ଠ ନାଗରିକ ମଂଚ କାର୍ଯ୍ୟାଳୟରେ 'ଉଦୟବଟ' ଏବଂ 'ବ୍ୟାସନଗର ବରିଷ୍ଠ ନାଗରିକ ମଂଚ' ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ସର୍ବପ୍ରଥମେ କରମଣ୍ଡଳ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ ଦୁର୍ଘଟଣାରେ ପ୍ରାଣବଳୀ ଦେଇଥିବା ଯାଜପୁରର ୦୨ ଯାତ୍ରୀଙ୍କ ସହ ସମସ୍ତ ମୃତ ଯାତ୍ରୀଙ୍କ ପାଇଁ ୦୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିବା ବେଳେ ଆହତମାନଙ୍କ ଆରୋଗ୍ୟ ପାଇଁ ପ୍ରାର୍ଥନା କରାଯାଇଥିଲା। ମଂଚର ସଂପାଦକ ଚନ୍ଦ୍ରମଣି ସାମଲଙ୍କ ଅଧ୍ୟକ୍ଷତାରେ ଏହି ଉପଲକ୍ଷେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ପରିବେଶବିତ୍ ଦୁଷ୍ମ' କୁମାର ରାଉତ ଯୋଗ ଦେଇ କହିଲେ ଯେ 'ପ୍ରକୃତି ବଂଚିଲେ ଆମେ ବଂଚିବା'। ବିଶ୍ୱର ସର୍ବବୃହତ ଜନସଂଖ୍ୟା ବିଶିଷ୍ଟ ଆମ ଦେଶରେ ପରିବେଶ ସମସ୍ୟା ଏବେ ବଡ଼ ଚ୍ୟାଲେ ସୃଷ୍ଟି କରିଥିବା ବେଳେ ପର୍ଯ୍ୟାପ୍ତ ବୃକ୍ଷରୋପଣ, ପରିବେଶ ସୁରକ୍ଷା ପାଇଁ ଆମ ଅଭ୍ୟାସରେ ପରିବର୍ତନ ଆଣିବା ସର୍ବାଗ୍ରେ ଜରୁରୀ। ସୁସ୍ଥ ଓ ନିରାମୟ ଜୀବନ ପାଇଁ ଉତମ ପରିବେଶ, ସ୍ୱଚ୍ଛ ପାଣି, ସ୍ୱଚ୍ଛ ପବନ, ସତେଜ ପନିପରିବା ଓ ଫଳମୂଳ, ଉତମ ଖାଦ୍ୟ ଖାଇବା ଉଚିତ୍। ଏଥିରେ ମୁଖ୍ୟ ବକ୍ତା ଭାବେ ସୁସାହିତ୍ୟିକ ଅଧ୍ୟାପକ ଡ଼ଃ. ଅକ୍ଷୟ କୁମାର ପଣ୍ଡା ଯୋଗ ଦେଇ ପରିବେଶର ସୁରକ୍ଷା ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ହୋଇଥିବା ବେଳେ ପଲିଥିନର ବର୍ଜନ ନିହାତି ଆବଶ୍ୟକ। ଏଥିରେ ଇଂ. କମଳଲୋଚନ ସାହୁ, ଯୋଗ ଗୁରୁ ବଟକୃଷ୍ଣ ପ୍ରଧାନ, ଲମ୍ବୋଦର ମଲ୍ଲିକ ପ୍ରମୁଖ ଯୋଗ ଦେଇ ପ୍ରକୃତିମାତାର ଉପଯୁକ୍ତ ସୁରକ୍ଷା, ପର୍ଯ୍ୟାପ୍ତ ପରିମାଣର ବୃକ୍ଷରୋପଣ, ବଚଂିଥିବା ବୃକ୍ଷରାଜିର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ କୌଣସି ଗୋଟିଏ ଅନୁଷ୍ଠାନ ନୁହେଁ ବରଂ ସମସ୍ତ ଜନସାଧାରଣଙ୍କ ଭୂମିକା ରହିଛି ବୋଲି ନିବେଦନ କରିଥିଲେ। ରାଜ୍ୟରେ କାଳକ୍ରମେ ଜଂଗଲର ପରିମାଣ ୩୩%ରୁ ଖସି ଖସି ଆସି ୨୧% ପ୍ରତିଶତରେ ପହଚିଂଥିବାରୁ ସଭାର ସଭାପତି ଶ୍ରୀ ସାମଲ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଅଧିକ ସଂଖ୍ୟକ ଅମ୍ଳଜାନ ପ୍ରଦାନକାରୀ ବୃକ୍ଷ ଯଥା: ନିମ୍ବ, ଅଶ୍ୱତ୍‌ଥ, ତୁଳସୀ ଆଦି ବୃକ୍ଷରୋପଣ କରିବାକୁ ସେ ପରାମର୍ଶ ଦେଇଥିଲେ। ବୃକ୍ଷ ଏକାଧାରାରେ ପରିବେଶ ସନ୍ତୁଳନରେ, ଖାଦ୍ୟ ଯୋଗାଇବାରେ, ଔଷଧ ତିଆରିରେ, ଗୋପାଳନ ପାଇଁ, ମୂଲ୍ୟବାନ କାଠ ଉତ୍ପାଦନ କରି ଅର୍ଥ ଉପାର୍ଜନରେ, ତାପମାତ୍ରାକୁ ସନ୍ତୁଳନ କରିବା ଆଦି ବହୁ କାର୍ଯ୍ୟରେ ସହାୟକ ହୋଇ ଚାଲିଛି। ଚାରିଆଡେ କଂକ୍ରିଟକରଣ ହେଉଥିବାରୁ, କଳ କାରଖାନାର ଧୂଳି ଧୂଆଁ, ଗାଡି ଘୋଡାର ବହୁଳ ବ୍ୟବହାର ଯୋଗୁ ଆଜି ବିଶ୍ୱର ତାପମାତ୍ରା ସାଂଘାତିକ ଭାବେ ବୃଦ୍ଧି ପାଇ ଚାଲିଥିବାରୁ ଉଦ୍‌ବେଗ ପ୍ରକାଶ କରି ପରିବେଶର ସନ୍ତୁଳନ ଉପରେ ସମସ୍ତେ ଧ୍ୟାନ ଦେବା ଉଚିତ୍। ସମସ୍ତେ ପ୍ରକୃତିକୁ ଭଲ ପାଇବା ସହ ଆଂ'ରିକତାର ସହ ଏହାର ସୁରକ୍ଷା ପାଇଁ ଯତ୍ନଶୀଳ ଉଦ୍ୟମ ନ କଲେ ମନୁଷ୍ୟ ସମାଜ ପାଇଁ ପ୍ରକୃତି ଦାରୁଣ ହୋଇପାରେ ବୋଲି ବକ୍ତାମାନେ ଆଶଙ୍କା କରିଥିଲେ। ସଭାପରେ ବୃକ୍ଷରୋପଣ କରାଯାଇଥିଲା। ଶେଷରେ ସନାତନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।